# ଧରିତ୍ରୀ DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୧/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, February 21/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 89 | ମୂଲ୍ୟ ₹୭/-





# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୧/୨୦୨୪ Bhubaneswar, Wednesday, February 21/2024





ଧରିତ୍ରୀ DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୧/୨୦୨୪ | Bhubaneswar, Wednesday, February 21/2024 | ପୃଷ୍ଠା-୧

# ଏଏପି ପ୍ରାର୍ଥୀ ଚଣ୍ଡିଗଡ଼ ମେୟର

## ସୁପ୍ରିମକୋର୍ଟରେ ପ୍ରଥମ ଥର ବାଲଟ ଗଣତି ହେଲା
## ନିର୍ବାଚନ ଅଧିକାରୀ ଅନିଲ ମସିହ ଜାଣିଶୁଣି ଜାଲିଆତି କରିଛନ୍ତି

**ନୂଆଦିଲ୍ଲୀ,୨୦।୨**

ଚଣ୍ଡିଗଡ଼ ମେୟର ନିର୍ବାଚନରେ ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ସୁପ୍ରିମକୋର୍ଟରେ ବଡ଼ ବିଜୟ ମିଳିଛି। ଏହି ନିର୍ବାଚନରେ ରିଟର୍ନିଂ ଅଫିସର ଅନିଲ ମସିହ ୮ଟି ଭୋଟକୁ ନାକଚ କରି ଭାଜପା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିଥିବାବେଳେ ସର୍ବୋଚ୍ଚ ଅଦାଲତ ଉକ୍ତ ଫଳାଫଳକୁ ପଲଟାଇଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ପରେ ଏଏପିର ମେୟର ପ୍ରାର୍ଥୀ କୁଲଦୀପ କୁମାର ନିର୍ବାଚନରେ ବିଜୟୀ ଘୋଷିତ ହୋଇଛନ୍ତି। ଏଥିସହ ସୁପ୍ରିମକୋର୍ଟ ଅଦାଲତରେ ମିଥ୍ୟା ବିବୃତି ଦେଇଥିବା ଅନିଲଙ୍କ ବିରୋଧରେ ସିଆର୍‌ପିସି ଧାରା ୩୪୦ ଅନୁସାରେ ଆପରାଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆରମ୍ଭ କରିଛନ୍ତି। ଅଦାଲତ ଅବମାନନା ପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତା' ଉପରେ କୋର୍ଟ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ଗତ ଜାନୁଆରୀ ୩୦ରେ ଚଣ୍ଡିଗଡ଼ ମହାନଗର ନିଗମ ମେୟର ନିର୍ବାଚନ


ଚଣ୍ଡିଗଡ଼ ମେୟର ହୋଇଥିବା ଏଏପି ପ୍ରାର୍ଥୀ କୁଲଦୀପ କୁମାର



ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପାର ମନୋଜ ସୋନ୍‌କରଙ୍କ ସପକ୍ଷରେ ୧୬ ଏବଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଏଏପି-କଂଗ୍ରେସର ମିଳିତ ପ୍ରାର୍ଥୀ କୁଲଦୀପ କୁମାର ୧୨ ଭୋଟ ପାଇଥିବା ଦର୍ଶାଯାଇଥିଲା। ନିର୍ବାଚନ ଅଧିକାରୀ ଅନିଲ ଭାଜପାର ମନୋଜଙ୍କୁ ବିଜୟୀ ଘୋଷଣା କରିଥିଲେ। କଂଗ୍ରେସ ଏବଂ ଏଏପିର କାଉନସିଲର ଅଧିକ ଥିବା ସତ୍ତ୍ୱେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ୮ଟି ଭୋଟ୍‌କୁ ନାକଚ କରାଯାଇଥିବା ନେଇ କୁଲଦୀପ ଅଭିଯୋଗ ଆଣି ଫଳାଫଳକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏଥିସହ ନୂଆକରି ନିର୍ବାଚନ କରାଯାଉ ବୋଲି କୁଲଦୀପ ଶୀର୍ଷ ଅଦାଲତଙ୍କୁ ନିବେଦନ କରିଥିଲେ। ଅନିଲ ସିସିଟିଭିକୁ ଅନାଇ ବାଲଟଗୁଡ଼ିକରେ ଟିକ୍ ମାରୁଥିବା ବେଳର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ନିର୍ବାଚନର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିଥିଲା। ସୋମବାର ଏହି ପ୍ରସଙ୍ଗରେ ଶୁଣାଣି ବେଳେ ସୁପ୍ରିମକୋର୍ଟ ଏହାକୁ 'ଘୋଡ଼ାବେପାର' ବୋଲି ଅଭିହିତ କରିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ବ୍ୟକ୍ତିଗତ ଭାବେ ☞ପୃଷ୍ଠା-୬

# ମିଳିମିଶି ନୂଆ ଓଡ଼ିଶା ଗଢ଼ିବା: ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଙ୍ଗାଧର ଉଠାଜଳସେଚନ ପ୍ରକଳ୍ପର ମ୍ୟାପ ଦେଖୁଛନ୍ତି।

**ବରଗଡ଼,୨୦।୨ (ପ୍ରେମାନନ୍ଦ ଖମାରୀ)**

ସାରା ରାଜ୍ୟରେ ରୂପାନ୍ତରଣ ପର୍ବ ଚାଲିଛି। ମହାପ୍ରଭୁ ଜଗନ୍ନାଥ ପ୍ରକଳ୍ପ, ସମଲେଶ୍ୱରୀ ପ୍ରକଳ୍ପ ଭକ୍ତଙ୍କ ପାଇଁ ସୁନ୍ଦର ଅନୁଭବ ଆଣିଛି। ନୃସିଂହନାଥ ପୀଠର ମଧ୍ୟ ରୂପାନ୍ତରଣ ହୋଇଛି। ଏହା ଓଡ଼ିଶାର ଗୌରବକୁ ଆହୁରି ବୃଦ୍ଧି କରିଛି। ବଡ଼ ବଡ଼ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଠିକ୍ ସମୟରେ ସରୁଛି। ହାଇସ୍କୁଲ ରୂପାନ୍ତରଣ ସଫଳ ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟର ୪କୋଟି ଲୋକଙ୍କ ପାଇଁ ଆଶୀର୍ବାଦ ହୋଇଛି। ପରିବହନ ସେବାରେ ଲକ୍ଷ୍ମୀ ବସ୍ ଯୋଜନା ଗାଁ ଲୋକଙ୍କ ଜୀବନଧାରାରେ ସାହାଯ୍ୟ କରିଛି। ଚାଷୀ, ମିଶନ ଶକ୍ତିର ମା' ଓ ଯୁବକଙ୍କ ପାଇଁ ଶୂନ ପ୍ରତିଶତ ସୁଧରେ ଋଣ ସହିତ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହା ସଭିଙ୍କ ମନରେ ନୂଆ ଆଶା ଆଣିଛି। ଓଡ଼ିଶାରେ ରୂପାନ୍ତର ଆସିଛି। ମଙ୍ଗଳବାର ବରଗଡ଼ ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିବା ସହିତ ମିଳିମିଶି ବିକାଶଧାରାକୁ ଆହୁରି ତ୍ୱରାନ୍ୱିତ କରି ନୂଆ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ମଧ୍ୟାହ୍ନ ୧୨ଟା ୨୦ମିନିଟରେ ବିଜେପୁର ବ୍ଲକ କନାପାଲି ପମ୍ପ ହାଉସ ନିକଟ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରେ ସେ ଗଙ୍ଗାଧର ଉଠାଜଳସେଚନ ପ୍ରକଳ୍ପର ପମ୍ପ ହାଉସ ପରିଦର୍ଶନ କରି ସଭାସ୍ଥଳୀକୁ ଆସି ୧୬୭୭ କୋଟି ୪୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ୧୦୬ କୋଟି ୬ଲକ୍ଷ ଟଙ୍କାରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ବରଗଡ଼ କ୍ୟାନ୍‌ସର ହସ୍ପିଟାଲ, ୨୨ କୋଟି ୭୮ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ନୃସିଂହନାଥ ପୀଠର ବିକାଶ ଓ ରୂପାନ୍ତରଣକୁ ଲୋକାର୍ପଣ କରିଥିଲେ। ଏହାସହିତ ୩୪୨ କୋଟି ୬୯ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟରେ ହୋଇଥିବା ଅନ୍ୟ ୫୯ ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨୬୩ କୋଟି ୩୩ଲକ୍ଷ ୧୮ହଜାର ଟଙ୍କା ବ୍ୟୟରେ ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ନିଜ ଅଭିଭାଷଣ ଆରମ୍ଭ କରି କହିଥିଲେ, ବରଗଡ଼ କଳା ଓ ସଂସ୍କୃତିର ଭୂମି। ଏହି ମାଟିର ବୁଣାକାର ବିଶ୍ୱରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ଆଣିବା ସହିତ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ବୁଣାକାର, କଳାକାରଙ୍କ ପେନସନ ☞ପୃଷ୍ଠା-୬

# ୨୬ ଜିଲାର ୨.୫ ଲକ୍ଷ ଚାଷୀ ପାଇବେ ଜମିପଟ୍ଟା

## ୧୦ ହଜାର ସିକିମ ରୟତ ଚାଷୀଙ୍କୁ ଜମିପଟ୍ଟା ବଣ୍ଟନ

**ଭୁବନେଶ୍ୱର,୨୦।୨(ଅନିଲ ଦାସ)**

ସିକିମ ସ୍ୱତ୍ୱ ରୟତ ଚାଷୀଙ୍କର ଦୀର୍ଘବର୍ଷର ଜମିଜମା ସମସ୍ୟାର ସମାଧାନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏକ ସ୍ୱତନ୍ତ୍ର ସମାରୋହର ପ୍ରଥମ ଦିବସରେ ୨୬ ଜିଲାର ୧୦ ହଜାର ସିକିମ ରୟତ ଚାଷୀଙ୍କୁ ଜମିପଟ୍ଟା ବଣ୍ଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନସାଧାରଣଙ୍କ ସମସ୍ୟାର ସମାଧାନ ଉପରେ ତାଙ୍କ ସରକାର ସର୍ବାଧିକ ପ୍ରାଥମିକତା ଦେଇଆସିଛି। ସିକିମ ରୟତମାନଙ୍କର ବହୁ ଦିନର ସମସ୍ୟା ଥିଲା। ଜମି ଉପରେ ଅଧିକାର ନ ଥିବାରୁ ସେମାନଙ୍କର ଆର୍ଥିକ ଓ ସାମାଜିକ ଜୀବନ ପ୍ରଭାବିତ ହେଉଥିଲା। ସରକାରଙ୍କ ବିଭିନ୍ନ କୃଷି ବିକାଶ କାର୍ଯ୍ୟକ୍ରମରେ ମଧ୍ୟ ସେମାନେ ଲାଭ ପାଇପାରୁ ନ ଥିଲେ। ସିକିମ ରୟତମାନଙ୍କ ଶହ ଶହ ବର୍ଷର ସମସ୍ୟାର ସମାଧାନକୁ ଏକ ଐତିହାସିକ ପଦକ୍ଷେପ ଭାବରେ ବର୍ଣ୍ଣନା କରି ଲୋକମାନଙ୍କର ଖୁସି ହିଁ ତାଙ୍କର ସବୁଠାରୁ ବଡ଼ ପୁରସ୍କାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନସାଧାରଣଙ୍କ ସମସ୍ୟାର ସମାଧାନ ପ୍ରତି ଏହା ତାଙ୍କ ସରକାରଙ୍କ ପ୍ରତିବଦ୍ଧତା ଓ ନିଷ୍ଠାର ପରିଚୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ କେନ୍ଦ୍ରାପଡ଼ା ଜିଲା ଗସ୍ତ ଅବସରରେ ସିକିମ ରୟତମାନେ ତାଙ୍କୁ ଭେଟି ସେମାନଙ୍କ ଅସୁବିଧା ବିଷୟରେ ଜଣାଇଥିଲେ। ୫-ଟି ଅଧ୍ୟକ୍ଷ ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ☞ପୃଷ୍ଠା-୬



ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ: ଭୁବନେଶ୍ୱର ୟୁନିଟ-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଦେବା ପାଇଁ ମଙ୍ଗଳବାର ପରୀକ୍ଷାର୍ଥୀମାନେ ଆଡ୍‌ମିଟ୍ କାର୍ଡ ଦେଖାଇ ପ୍ରବେଶ କରୁଛନ୍ତି। **(ଫଟୋ- ମନୋରଞ୍ଜନ ମିଶ୍ର)**

# ପୁରୀରୁ କୋଣାର୍କ ଗଡ଼ିବ ଟ୍ରେନ୍

## ୫ ଡାକଟିକେଟ ଉନ୍ମୋଚିତ, ୪୨ ପୋଷ୍ଟ ଅଫିସ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)**

ପୁରୀରୁ କୋଣାର୍କକୁ ଟ୍ରେନ୍ ଚଳାଚଳ କରିବ। ୩୨ କି.ମି. ଦୀର୍ଘ ରେଳଲାଇନ୍ ନିର୍ମାଣ ପାଇଁ ୪୯୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଭୁବନେଶ୍ୱରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ବୈଷ୍ଣବ କହିଛନ୍ତି, ବହୁ ପ୍ରତୀକ୍ଷିତ ଜନ ଆକାଂକ୍ଷୀ ପୁରୀ-କୋଣାର୍କ ରେଳ ଲାଇନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପକୁ ମଞ୍ଜୁର ସହ ପାଣ୍ଠି ଉପଲବ୍ଧ କରାଯାଇଛି। ଏହି ପ୍ରକଳ୍ପ ପାଇଁ ମୋଟ ୨୧୭ ଏକର ଜମି ଆବଶ୍ୟକ। ରେଳ ଲାଇନ ନିର୍ମାଣ ପାଇଁ ଜମି ପାଇବା ପରେ ଏହି ପ୍ରକଳ୍ପ ପାଇଁ କାମ ଆରମ୍ଭ ହେବ। ଜମି ଅଧିଗ୍ରହଣ କାର୍ଯ୍ୟ କ୍ଷେତ୍ରରେ ବୈଷ୍ଣବ ରାଜ୍ୟ ସରକାରଙ୍କ ସହଯୋଗ ନିମନ୍ତେ ଅନୁରୋଧ କରିଛନ୍ତି। ଏହି ପ୍ରକଳ୍ପ ଆଧ୍ୟାତ୍ମିକ, ଐତିହ୍ୟ ଏବଂ ଉପକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ବୋଲି ବୈଷ୍ଣବ କହିଛନ୍ତି। ଟ୍ରେନ ସେବା ପରି ଭିସ୍ତାଡୋମ ଏହି ଲାଇନରେ ଚାଲିବ। ଏହା କୋଣାର୍କ ସୂର୍ଯ୍ୟମନ୍ଦିରକୁ ଶ୍ରୀଜଗନ୍ନାଥ ମନ୍ଦିର ସହିତ ସଂଯୋଗ କରିବ। ଏହି ମାର୍ଗରେ ଟ୍ରେନରେ ଜଗନ୍ନାଥ ସଂସ୍କୃତିର ପ୍ରସାର କରାଯିବ। ଏହା ବ୍ୟତୀତ ଏହି ରେଳ ଲାଇନରେ ୪ରୁ ୫ ଟୁରିଷ୍ଟ ହବ୍ ନିର୍ମାଣ କରାଯିବ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସମନ୍ୱୟରେ ରେଳ ସେକ୍ସନରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପାଇଁ ଯୋଜନା ରହିଛି। ବୈଷ୍ଣବ ଆହୁରି କହିଛନ୍ତି ଯେ, ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୪୦୯ ରୋଡ୍ ଓଭରବ୍ରିଜ (ଆର୍‌ଓବି) ଏବଂ ରୋଡ ଅଣ୍ଡରବ୍ରିଜ (ଆର୍‌ୟୁବି) ନିର୍ମାଣ କରାଯାଇଛି ଏବଂ ବର୍ତ୍ତମାନ ରାଜ୍ୟରେ ୨୨୦ଟି ଆର୍‌ଓବି ଏବଂ ଆର୍‌ୟୁବିର କାର୍ଯ୍ୟ ଚାଲୁରହିଛି। ରାଜ୍ୟରେ ୫୬୦୦ କୋଟି ଟଙ୍କା ବ୍ୟୟରେ ୫୩୩୩ ଟେଲିକମ୍ ଟାୱାର ହେବାକୁ ଥିବାବେଳେ ବର୍ଷକ ମଧ୍ୟରେ ୬୮୪ଟି ଟାୱାର କାର୍ଯ୍ୟ ସରିଛି ଏବଂ ୩୧୧୨ଟିର କାର୍ଯ୍ୟ ଜାରିରହିଛି। ଅନ୍ୟପଟେ ବୈଷ୍ଣବ ଭୁବନେଶ୍ୱରରୁ ☞ପୃଷ୍ଠା-୬

# ଦେବାଶିଷ, ଶୁଭାଶିଷ, ଅଶ୍ୱିନୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଭୁବନେଶ୍ୱର,୨୦।୨(ସୁନିତ୍ ମିଶ୍ର)**

ଓଡ଼ିଶାର ୩ ରାଜ୍ୟ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ଶୁଭାଶିଷ ଖୁଣ୍ଟିଆ, ଦେବାଶିଷ ସାମନ୍ତରାୟ ଏବଂ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭା ନିର୍ବାଚନ ଲାଗି ରିଟର୍ନିଂ ଅଫିସର ଥିବା ଆଇଏଏସ୍ ଅଫିସର ଅବନୀକାନ୍ତ ପଟ୍ଟନାୟକ ସମସ୍ତ ୩ ପ୍ରାର୍ଥୀଙ୍କୁ ନିର୍ବାଚିତ ହେବା ପରର ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ରାଜ୍ୟରେ ଖାଲି ହେଉଥିବା ୩ ରାଜ୍ୟ ସଭା ଆସନ ଲାଗି ବିଜେଡି ଦେବାଶିଷ ଏବଂ ଶୁଭାଶିଷଙ୍କୁ ପ୍ରାର୍ଥୀ କରିଥିଲା। ୩ଟି ଯାକ ଆସନରେ ବିଜେଡି ଚାହିଁଥିଲେ ବିଜୟ ହାସଲ କରିପାରିଥାଆନ୍ତା। ହେଲେ ଭାଜପାକୁ ଗୋଟିଏ ଆସନ ଛାଡ଼ିବା ସହ ସମର୍ଥନ କରିବାକୁ ଘୋଷଣା ମଧ୍ୟ କରିଥିଲା। ଏହି ଆସନରେ ଭାଜପା ରେଳମନ୍ତ୍ରୀ ଅଶ୍ୱିନୀଙ୍କୁ ପ୍ରାର୍ଥୀ କରିଥିଲା। ରାଜ୍ୟ ସଭା ପାଇଁ ଖାଲି ହେଉଥିବା ଆସନ ଲାଗି ଆସନ୍ତା ୨୭ରେ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି। ହେଲେ ଓଡ଼ିଶାର ୩ଟି ଆସନ ଲାଗି ୩ ଜଣ ପ୍ରାର୍ଥୀ ନାମାଙ୍କନ ☞ପୃଷ୍ଠା-୬

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'କୃଷି ଜୀବନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।




**ଆଜିର ସମ୍ପାଦକୀୟ**

ଅଟକିଯିବ ଭବିଷ୍ୟତ

# ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହର

## ୩୫ ଡିଗ୍ରୀ ଉପରେ ୧୫ ସ୍ଥାନର ତାପମାତ୍ରା

**ଭୁବନେଶ୍ୱର,୨୦।୨ (ଅନୁରାଧା ମହାରଣା)**

ରାଜ୍ୟରେ ଶୀତ କମିଥିବାବେଳେ ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି। ଏହି କ୍ରମରେ ମଙ୍ଗଳବାର ଭୁବନେଶ୍ୱର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଏହା ପଛକୁ ବୌଦ୍ଧ ଜିଲାରେ ୩୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ଏହି ସ୍ଥାନ ସମେତ ମୋଟ ୧୫ଟି ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ଭବାନୀପାଟଣା, ଝାରସୁଗୁଡ଼ା, ପାରଳାଖେମୁଣ୍ଡିରେ ୩୫.୬, ଟିଟିଲାଗଡ଼, ନୟାଗଡ଼ ଓ ଜଗତ୍‌ସିଂହପୁରରେ ୩୫.୫, ବଲାଙ୍ଗୀରରେ ୩୫.୩, ଅନୁଗୁଳରେ ୩୫.୧, ଭଦ୍ରକ, ମାଲକାନଗିରି, ତାଳଚେର, ଚାନ୍ଦବାଲି ଓ ବାଲେଶ୍ୱରରେ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ରହିଥିଲା। କଟକରେ ୩୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି।

ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଆସନ୍ତା ୪ରୁ ୫ଦିନ ମଧ୍ୟରେ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ୨୧ ଓ ୨୨ ତାରିଖରେ ପାଗ ଶୁଖିଲା ରହିବ। ୨୩ରୁ ୨୭ ତାରିଖ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, କନ୍ଧମାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, କୋରାପୁଟ୍, ମାଲକାନଗିରି, ରାୟଗଡ଼ା, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, ନବରଙ୍ଗପୁର, କଳାହାଣ୍ଡି, ସୁବର୍ଣ୍ଣପୁର, ଖୋର୍ଦ୍ଧା, ଗଜପତି, ଗଞ୍ଜାମ, ନୟାଗଡ଼, ଢେଙ୍କାନାଳ, ସମ୍ବଲପୁର ଆଦି ଜିଲାର କେତକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ହସ ପାଇଁ ବିବାହ ପୂର୍ବରୁ ମୃତ୍ୟୁ

**ହାଇଦ୍ରାବାଦ,୨୦।୨**

ହାଇଦ୍ରାବାଦର ଜଣେ ୨୮ ବର୍ଷୀୟ ବ୍ୟକ୍ତି ବିବାହ ପୂର୍ବରୁ ନିଜ ହସକୁ ପ୍ରଭାବୀ କରିବା ପାଇଁ ଏକ ଡେଣ୍ଟାଲ କ୍ଲିନିକ୍‌କୁ ଯାଇଥିଲେ। ସେଠାରେ ଚିକିତ୍ସା ପୂର୍ବରୁ ତାଙ୍କୁ ଅତ୍ୟଧିକ ନିଶ୍ଚେତକ ଦିଆଯିବାରୁ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଲକ୍ଷ୍ମୀ ନାରାୟଣଙ୍କ ଘର ଲୋକେ ଏକ ବିବୃତିରେ ଜଣାଇଛନ୍ତି, ଗତ ୧୬ ତାରିଖରେ ସେ ଏକ 'ସ୍ମାଇଲ୍ ଡିଜାଇନିଂ ପ୍ରୋସିଡ୍ୟୁର' ପାଇଁ ଉକ୍ତ କ୍ଲିନିକ୍‌କୁ ଯାଇଥିଲେ। କିଛି ସମୟ ପରେ ଲକ୍ଷ୍ମୀ ହଠାତ୍ ଚେତାଶୂନ୍ୟ ହୋଇଯାଇଥିବା କ୍ଲିନିକ୍ ପକ୍ଷରୁ ତାଙ୍କ


ଲକ୍ଷ୍ମୀ ନାରାୟଣ

ବାପାଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ନିକଟସ୍ଥ ସେହି କ୍ଲିନିକ୍‌କୁ ଧାଇଁଥିଲେ। ସେମାନେ ସେଠାରେ ପହଞ୍ଚିବା ପରେ ଲକ୍ଷ୍ମୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଇତିମଧ୍ୟରେ ଲକ୍ଷ୍ମୀଙ୍କ ପରିବାର ପକ୍ଷରୁ ଡେଣ୍ଟାଲ କ୍ଲିନିକ୍ ବିରୋଧରେ ଆଇପିସି ଦଫା ୩୦୪-ଏ (ଅବହେଳା ଯୋଗୁ ମୃତ୍ୟୁ) ବଳରେ ଏତଲା ଦିଆଯାଇଛି। ଅତ୍ୟଧିକ ଆନାସ୍ଥେସିଆ ଦିଆଯିବାରୁ ତାଙ୍କ ମୃତ୍ୟୁ ଘଟିଥିବା ଏଫ୍‌ଆଇଆର୍‌ରେ ଉଲ୍ଲେଖ କରାଯାଇଛି। ପୋଲିସ ଉକ୍ତ କ୍ଲିନିକ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଧିକ ତଦନ୍ତ ଚଳାଇଛି।

**ଆଜିର ମନ୍ତବ୍ୟ**
"କୃଷକମାନେ ସରକାରଙ୍କ ଚାଲାକି ବୁଝିପାରି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଆମେ ସେମାନଙ୍କୁ ନ୍ୟାୟ ଦେବୁ।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଚାର୍ଯ୍ୟ ହରିହର ଦାସଙ୍କ ୫୩ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଆଚାର୍ଯ୍ୟ ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଅଙ୍କୁରା ହସ୍ପିଟାଲର ଉଦ୍‌ଘାଟନ, ସ୍ଥାନ: ବାପୁଜୀ ନଗର, ସମୟ: ସକାଳ ୯ଟା।
- ଅତିରୁଦ୍ର ମହାଯଜ୍ଞ, ସ୍ଥାନ: ବାଲିଅନ୍ତା ବେଣୁପରସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସକାଳ ୯ଟା।
- ସର୍କଲ ଲେବଲ ରାପିଡ୍ ରେସପନ୍ସ ଟିମ୍‌ର ଟ୍ରେନିଂ, ସ୍ଥାନ: ଚନ୍ଦକା, ସମୟ: ସକାଳ ୯ଟା ୩୦।
- ଶ୍ରୀମାଙ୍କ ଜୟନ୍ତୀ ଅବସରରେ ୮ମ ବାର୍ଷିକ ଜାତୀୟସ୍ତରୀୟ ବାଗ୍ମୀତା ପ୍ରତିଯୋଗିତା 'ୟୁଗ୍ମା', ସ୍ଥାନ: ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଝୁମୁକା ମିଳିତ ଆନୁକୂଲ୍ୟରେ 'ବୌଦ୍ଧିକ ବିକାଶରେ ମାତୃଭାଷା' ଆଲୋଚନାଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସ୍ଥାନ: ପୂର୍ବାହ୍ନ ୧୦ଟା।
- ବ୍ଲାକ ଈଗଲ୍ ବୁକ୍ସ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବ ଓ ମା' ତାରିଣୀ ମନ୍ଦିରର ୧୮ତମ ବାର୍ଷିକୋତ୍ସବ, ବାଲିଆପଟା ବିଜୁ ଆଦର୍ଶ କଲୋନୀ, ରସୁଲଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଅନ୍ତର୍ଜାତୀୟ ମାତୃଭାଷା ଦିବସ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୨ଟା ୩୦।
- ନାଟକ 'ସୁନା ଭାରତ', ସ୍ଥାନ: ଭୁବନେଶ୍ୱର କଳା କେନ୍ଦ୍ର, ୟୁନିଟ୍-୬, ସମୟ: ଅପରାହ୍ନ ୩ଟା।
- ୧୦ମ ପୂର୍ବାଞ୍ଚଳ ଗ୍ୟାଷ୍ଟ୍ରୋକନ୍ ୨୦୨୪, ସ୍ଥାନ: ହୋଟେଲ ମେ'ଫେୟାର, ସମୟ: ଅପରାହ୍ନ ୪ଟା।
- ସାଲିଆ ସାହି ଆଞ୍ଚଳିକ କମିଟି ପକ୍ଷରୁ ସାଧାରଣ ସଭା, ସ୍ଥାନ: ଆଦିବାସୀ ଗାଁ ଫୁଟ୍‌ବଲ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ଅପରାହ୍ନ ୪ଟା ୩୦।
- ପ୍ରିୟ ଖବରର ଦଶମ ସ୍ୱନକ୍ଷତ୍ର, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଶ୍ରୁତି, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୧୯ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ-୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ୭୪ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା ୧୫।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ ୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀଶ୍ରୀ ପତିତପାବନ ଦେବଙ୍କର ୨୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଶ୍ରୀପତିତପାବନ ମହୋତ୍ସବ, ସ୍ଥାନ: ବଳଙ୍ଗା କୋଠକୁସାଙ୍ଗସ୍ଥିତ ଶ୍ରୀସାଧୁ ଗୋସ୍ୱାମୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନ ଶିବିର, ସ୍ଥାନ ନିମାପଡ଼ା ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତ, ଦୈତାରୀ ଠାକୁରାଣୀ ପଡ଼ିଆ, ଭୋଗଶାଳଦା ପଞ୍ଚାୟତ, ନାରାୟଣୀ ଠାକୁରାଣୀ ପଡ଼ିଆ, ବଡ଼ମାଛପୁର ପଞ୍ଚାୟତ, ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ଶାନ୍ତିପୂର୍ଣ ଧାରଣା, ସ୍ଥାନ: ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଇନ୍ଦ୍ରେଶ୍ୱର ଦେବଙ୍କ ପଞ୍ଚଦିବସୀୟ ଘୃତଯଜ୍ଞ ଓ ନାମଯଜ୍ଞ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସତ୍ୟବାଦୀ, ସମୟ: ପୂର୍ବାହ୍ନ୧୦ଟା।
- ୪ ଦିନ ବ୍ୟାପି ତୁଳସୀ ମାନସ ସତସଙ୍ଗ, ସ୍ଥାନ: ବସୁକେରା ମା' ତାରିଣୀ ମନ୍ଦିର ପ୍ରାଙ୍ଗଣ, ସତ୍ୟବାଦୀ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମାଙ୍କ ୧୪୬ତମ ଜୟନ୍ତୀ ସମାରୋହ ପାଳନ, ସ୍ଥାନ: ପିପିଲିସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଗଣେଶ ମହାପ୍ରଭୁଙ୍କ ନୂତନ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା ଉତ୍ସବର ଅନ୍ତିମ ଦିବସ ଏବଂ ପୂର୍ଣ୍ଣାହୁତି, ସ୍ଥାନ: ନିମାପଡ଼ା ଗୋଲେଇ ଛକ, ସମୟ: ସନ୍ଧ୍ୟା ୬ଟା।
- ଜାଗେଶ୍ୱରୀଙ୍କ ବାର୍ଷିକୋତ୍ସବ ଓ ଯଜ୍ଞର ଅଙ୍କୁରାରୋପଣ, ସ୍ଥାନ: ସେବକ ସାହି, ସତ୍ୟବାଦୀ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ନମାଜ ପଡ଼ିଆ ଓ କିଶୋର ଖେଳପଡ଼ିଆ, ସମୟ : ପୂର୍ବାହ୍ନ ୧୦ଟା।
- ନିଆଳି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ନିଆଳି ମାଘସପ୍ତମୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ବିପ୍ଳବୀ ଛାତ୍ରନେତା ଦେବାଶିଷ ଦାସଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ହରହରି ଘାଟ ଗଡ଼ା, ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିର ନିକଟ, ସମୟ: ସକାଳ ୮ଟା।
- କଟକ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ଦେଉଳସାହି ବାସିନ୍ଦାଙ୍କ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ମା' ସ୍ୱର୍ଣ୍ଣଦେବୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା ୪୭।
- ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡା ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ହରିନାମ ଯଜ୍ଞ, ସ୍ଥାନ: ରାଧାବଲ୍ଲଭ ଦେବଙ୍କ ପୀଠ ବଡ଼ପଦର, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣ, ଗହିରଗାଡିଆ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।

## ବାଲେଶ୍ୱର

- ପଞ୍ଚାୟତ ସଚେତନତା ଶିବିର, ସ୍ଥାନ: ଜଳେଶ୍ୱର ବ୍ଲକ ବର୍ଦ୍ଧନା, ନାମ୍ପୋ, ପାଇକସିଦା, ଗଡ଼ସାଇ ବାଲିଆପାଳ, ଖାଲିନା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ବାଲେଶ୍ୱର ରିଜର୍ଭ ପୋଲିସ ଲାଇନ୍ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଆମ ଓଡ଼ିଶା ନବୀନ ଓଡିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ. ୧୫, ବାରିପଦା କଲେଜ ପଡିଆ ଓ ପୂର୍ଣ୍ଣଚନ୍ଦ୍ରପୁର ସ୍କୁଲ୍ ପଛପାର୍ଶ୍ୱ, ସମୟ: ପୂର୍ବାହ୍ନ୧୧ଟା।
- ଶ୍ରୀମା'ଙ୍କ ଜନ୍ମ ଦିବସ ପାଳନ, ସ୍ଥାନ: ବଡ଼ସାହି ବ୍ଲକ ସିଂହଟିଆ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞର ଯଜ୍ଞକର୍ମ ଓ ଆହୂତି ପ୍ରଦାନ, ସ୍ଥାନ: ସାରସକଣା ବ୍ଲକ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ 'ମୟୂରୀ', ସ୍ଥାନ:କୁଳିଅଣା ବ୍ଲକ କେଉଟୁଣୀମାରି, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ କୃଷି ମେଳା, ସ୍ଥାନ: ଉଦଳା ବିଜୁ ବାଗାନ ପଡ଼ିଆ, ନାଗପାଳ,ସମୟ: ଅପରାହ୍ନ ୨ଟା।
- ଜଗଦ୍ଧାତ୍ରୀ ଓ କୁମାର ଉତ୍ସବ କମିଟି ପକ୍ଷରୁ କ୍ୟାରମ ଏବଂ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବାରିପଦା ରଥ ପଡ଼ିଆ ଦେଉଳ ସାହି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ଉତ୍ସବ, ସ୍ଥାନ: ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଯୋଜନା ସଚେତନତା ଶିବିର, ସ୍ଥାନ: କରଞ୍ଜଆଡ଼ିଆ, ଆଦୋଳା, ନାୟକାଣିଡିହୀ ଓ ଗୋବିନ୍ଦପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ମଙ୍ଗଳପୁର ପଞ୍ଚାୟତ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଦୌଲତପୁର ପଞ୍ଚାୟତ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ବାରସର ପଞ୍ଚାୟତ, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଗୋବିନ୍ଦପୁର, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।
- ପାଲା ପରିବେଷଣ, ସ୍ଥାନ: ଭବାନୀଶଙ୍କର ମନ୍ଦିର ପରିସର, ଭୈରବପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶ୍ରୀ ଶ୍ରୀ ସଙ୍କଟ ମୋଚନ ବୀର ହନୁମାନଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: କାଉଁରୀ କଳା, ସମୟ : ସକାଳ ୭ଟା।
- କେନ୍ଦୁଝର ମହାମେଳି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ବ୍ଲକ କଣ୍ଟିଆ ପଡ଼ା ଓ ତୁରୁମୁଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ବିଶ୍ୱ ଚିନ୍ତନ ଦିବସ, ସ୍ଥାନ: ମୋଟିବନ୍ଧ ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ହାଇସ୍କୁଲସ୍ତରୀୟ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦଲିଆ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ହୀରାଖଣ୍ଡ ସାମ୍ମୁଖ୍ୟ ଆୟୋଜିତ କବିତା ପାଠୋତ୍ସବ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ପାଟଣାଗଡ଼ ବ୍ଲକ ଯୋଗିମୁଣ୍ଡା, ଶୋଲବନ୍ଧ, ମରୁଆଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- କନ୍ୟା ସନ୍ତାନ ସମାନତା କର୍ମଶାଳା, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପାଟଣାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଟିଟିଲାଗଡ଼ ବ୍ଲକର ସିହିନୀ, ମନିଗାଁ, ବିନେକେଲା, ମାରଲାଡ ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ: ବେନ୍ଦ୍ରା ହାଇସ୍କୁଲ ଖେଳ ପଡିଆ, ସମୟ: ସକାଳ: ୯।୩୦।
- ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନଅଗାଁ(ଖ) ହାଇସ୍କୁଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୨।୩୦।
- ଖପ୍ରାଖୋଲ ବ୍ଲକ ମାଟିଆଭଟା ଓ ଖପ୍ରାଖୋଲ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ବିଦ୍ୟାନଗର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୬, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ବାଟିକା ପ୍ରତିଷ୍ଠା ଦିବସ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମାତୃଭାଷା ଦିବସ ପାଳନ, ସ୍ଥାନ: ସେକ୍ଟର-୧୯ ଆମ୍ବାଗାନ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜନଭାରତ ରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁଜିକ ସର୍କଲ, ଜେଲ ରୋଡ୍, ସମୟ: ଅପରାହ୍ନ ୩ଟା ୩୦।
- ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚ, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦।

## ବରଗଡ଼

- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନଳିଆଖଣ୍ଡି(ବାନ୍ଧୁଟିକ୍ରା), ବରଗଡ଼, ସମୟ: ସକାଳ ୮ଟା।
- ଚିନିକଲକ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାରାୟଣ ପ୍ରବଚନ, ସ୍ଥାନ: କନ୍ଦାଗାଡ଼(ଗାଇସିଲେଟ୍), ସମୟ: ପୂର୍ବାହ୍ନ ୧୦ଟା।
- କୃଷକ ବିକ୍ଷୋଭ ସମାବେଶ, ସ୍ଥାନ- ସୋହେଲା ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ରାଉରକେଲା ବନଖଣ୍ଡ ପକ୍ଷରୁ ପରିକ୍ରମା କରୁଥିବା ବନାଗ୍ନି ସଚେତନତା ରଥକୁ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: କୁଆଁରମୁଣ୍ଡା ବନ ରେଞ୍ଜ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- କାର୍ତ୍ତିକ ମହାପ୍ରଭୁ ମଣ୍ଡପ ଉଦ୍‌ଘାଟନ ସମାରୋହ, ସ୍ଥାନ: ଲେଫ୍ରିପଡ଼ା ବ୍ଲକର କାଲୋବାହାଲ, ସମୟ: ପୂର୍ବାହ୍ନ ୧୦ଟା।
- ହେମଗିର କଳାମେଘା ଧନୁଯାତ୍ରା ଉଦ୍‌ଯାପନୀ ସମାରୋହ, ସ୍ଥାନ: କଳାମେଘା ଆର୍.ଆର କଲୋନୀ, ସମୟ: ସନ୍ଧ୍ୟା: ୭ଟା।

## ଦେବଗଡ଼

- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଇନଡ଼ୋର ଷ୍ଟାଡ଼ିୟମ, ସମୟ ; ପୂର୍ବାହ୍ନ ୧୦ଟା।
- ରାଜ୍ୟ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: ତିଲେଇବଣି ବ୍ଲକର ରୁକୁଡ଼ା ଗ୍ରାମପଞ୍ଚାୟତ ପାରପୋଷି, ସମୟ: ପୂର୍ବାହ୍ନ: ୧୧ଟା।

## ନୂଆପଡ଼ା

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଓ କୋନାବିରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଆଭାଷୀ ମାଧ୍ୟମରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ, ସ୍ଥାନ: ନୂଆପଡ଼ା ପୋଲିସ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ୪୦।

## ବୌଦ୍ଧ

- ହରଭଙ୍ଗା ବ୍ଲକର ହରଭଙ୍ଗା ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହରଭଙ୍ଗା ଗ୍ରାମ ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟାମାଳ ବ୍ଲକର କନ୍ଧ ସମାଜ ପକ୍ଷରୁ ଆଦିବାସୀ ନେତା ଦାମୋଦର ଭୋଇଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଦେଢେଣମାଲସ୍ଥିତ ଆଦିବାସୀ ମଞ୍ଚ, ସମୟ: ଅପରାହ୍ନ ୩ଟା।
- ବୌଦ୍ଧ ବ୍ଲକ ବାଉଁଶୁଣୀ କ୍ରିକେଟ ଲିଗ୍‌ର ପଞ୍ଚମ ଦିନ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: କଚେରୀ ପଡିଆ, ସମୟ: ପୂର୍ବାହ୍ନ ୧୦।୩୦।

## ଝାରସୁଗୁଡ଼ା

- ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସମୀକ୍ଷା ବୈଠକ, ସ୍ଥାନ: ବ୍ରଜରାଜନଗର ପୌର କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା

## ସୁବର୍ଣ୍ଣପୁର

- ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କଫେଷ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା ।
- କର୍ଲାମୁହାଣ ଠାରୁ ମରାଡୁଗୋଛା ପର୍ଯ୍ୟନ୍ତ ବନ୍ୟା ସୁରକ୍ଷା ଆଡିବନ୍ଧ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ, ସ୍ଥାନ: ତରଭା ବ୍ଲକର ବ୍ରାହ୍ମଣୀ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ ଭୂତିଆପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ, ସ୍ଥାନ: ବୀରମହାରାଜପୁର ବ୍ଲକ ମାଣିକପୁର, ସମୟ: ପୂର୍ବାହ୍ନ ୧୧ ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ମାଣିକପୁର,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ବୀରମହାରାଜପୁର ବ୍ଲକ ଘିଚାପାଲି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ଶିଖର କଳସ ସ୍ଥାପନ, ବିଗ୍ରହଙ୍କ ରତ୍ନ ସିଂହାସନ ଆରୋହଣ, ସ୍ଥାନ: ବିନିକା ପାପକ୍ଷୟ ଘାଟ, ସମୟ: ସକାଳ ୮ଟା।
- ଶ୍ରୀମାଙ୍କ ଜୟନ୍ତୀ ପାଳନ, ସ୍ଥାନ: ବିନିକା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ର, ସମୟ: ସକାଳ ୮ଟା
- ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗାମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଲଟେରି ଉଠାଣ, ସ୍ଥାନ: ଦୁର୍ଗାମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୧୦ଟା।

## କଳାହାଣ୍ଡି

- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ-୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: କେସିଙ୍ଗା ବ୍ଲକ ଶିରୋଲ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ପରିସର, ସମୟ: ଅପରାହ୍ନ-୪ଟା।
- ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ ନର୍ଲା ବ୍ଲକ ରୁପ୍ରାରୋଡ ଗାୟତ୍ରୀ ଶକ୍ତି ପୀଠ, ସମୟ: ସକାଳ ୯ଟା।
- ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ପ୍ରିମିୟର ଲିଗ, ସ୍ଥାନ: ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅଗ୍ନିଶମ ଓ ଜରୁରୀ କାଳୀନ ସେବା ସଂସ୍ଥା ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାର ୧୩ଟି ବ୍ଲକରେ ଥିବା ଦମକଳ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ରାଜ୍ୟ ଗୋଳକ ବିହାରୀ ଧଳ ଭାଷା ସମାବେଶ ଓ ଆନ୍ତର୍ଜାତୀୟ ମାତୃଭାଷା ଦିବସ, ସ୍ଥାନ: ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଅନୁଗୋଳ

- ରାଧାକୃଷ୍ଣଙ୍କ ଆସ୍ଥାନ ଓ କୋଠଘର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୋବିନ୍ଦପୁର, ପୋଡାପଡା ସମୟ: ସକାଳ ୭ଟା।
- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୮ ଟା।
- ଅବସର କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ:କୋଶଳା ରାମଚଣ୍ଡୀ ପୀଠ ଛେଣ୍ଡିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସାତକୋଶିଆ ବିସ୍ଥାପିତ ଗ୍ରାମକୁ ନେଇ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ଫଟାକାଞ୍ଜିଆ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଅନୁଗୋଳ ବ୍ଲକ ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ଟା।
- ସିଲିଂ ତାଳପଦା ପବିତ୍ରମୋହନ ସେତୁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କଣିହାଁ ବ୍ଲକ ପବିତ୍ରନଗର ସିଲିଂ ନଦୀଘାଟ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ପାଇଁ ନୋଡାଲ ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଅନୁଗୋଳ, ସମୟ: ଅପରାହ୍ନ ୪ ଟା।
- ଶିଶୁ ବିହାର ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ଅମଲାପଡା, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀମଦ ଭାଗବତ ତତ୍ତ୍ୱ ପ୍ରବଚନ, ସ୍ଥାନ: କଣିହାଁ ବ୍ଲକ ବଡତ୍ରିବିଡା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬.୩୦।
- ସାତକୋଶିଆ ନାଟ୍ୟ ମହୋତ୍ସବ, ସ୍ଥାନ: ନାଲ୍‌କୋସ୍ଥିତ ଆର୍ଯ୍ୟାବ୍ରତ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ ଟା।

## ଗଞ୍ଜାମ

- ଯୁବ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ ଭଞ୍ଜନଗର ବ୍ଲକ ଗୁଣ୍ଡିରିବାଡି, ସମୟ: ଅପରାହ୍ନ ୪ଟା ୩୦ମି.
- ଶ୍ରୀମା ଜୟନ୍ତୀ ଉତ୍ସବ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା।
- ଲେମ୍ବେଇ-ବେଲଗୁଣ୍ଠା ରାସ୍ତା ଶିଳାନ୍ୟାସ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ଗେରେଡା, ସମୟ: ମଧ୍ୟାହ୍ନ ୧୨ଟା
- ଯୁବ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ପ୍ରସାଦ ବ୍ଲକ ଗେରେଡା, ସମୟ: ଅପରାହ୍ନ ୧ ଟା।
- ଶ୍ରୀମାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଶ୍ରୀଅରବିନ୍ଦ ଦିବ୍ୟ ଚେତନା ଆଶ୍ରମ, ରେଡିଦାମୋଦରପଲ୍ଲୀ, ଆସିକା, ସମୟ: ସକାଳ ୭ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ରାମଚନ୍ଦ୍ରପୁର ଠାକୁରାଣୀ ପଡ଼ିଆ, ଖଲ୍ଲିକୋଟ, ସମୟ: ପୂର୍ବାହ୍ନ ୧୧ ଟା
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭଞ୍ଜନଗର ବ୍ଲକ ମଳାସପଦର ଶିଶ୍ୱାଞ୍ଚଳ ପଡିଆ, ସମୟ: ସକାଳ ୯ ଟା
- ସହରୀ ସଚେତନତା ଶିବିର, ସ୍ଥାନ: ଭଞ୍ଜନଗର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ ଟା
- ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡା, ସମୟ: ପୂର୍ବାହ୍ନ ୧୦ଟା
- ମାତୃଭାଷା ଦିବସ ପାଳନ, ସ୍ଥାନ: ବୁଗୁଡା ସରସତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ: ଜି. ଉଦୟଗିରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଲିଗୁଡା, ସମୟ: ପୂର୍ବାହ୍ନ ୧୧ଟା
- ଡିମ୍ବୁଲି ମହୋତ୍ସବ, ସ୍ଥାନ: ବେଲଘର, ସମୟ: ପୂର୍ବାହ୍ନ ୧୦ଟା
- ଭତ୍ତା ବଣ୍ଟନ, ସ୍ଥାନ: ଆସିକା ବ୍ଲକ ପରିସର, ସମୟ: ଅପରାହ୍ନ ୩ଟା

## ଗଜପତି

- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା୩୦ମି.।
- କିନ୍ନରମାନଙ୍କ ଦ୍ୱାରା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାଜଦାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନୂତନ କୋଠା ଉଦ୍‌ଘାଟନ, ସ୍ଥାନ: ତାଡମା, ରାୟଗଡ଼ା ବ୍ଲକ୍, ସମୟ: ସକାଳ ୮ଟା।
- ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କାମ୍ପମାଲିଗାଁ, ନାକିଟି, କେରେଡ଼ା, ପିପଲଗୁଡ଼ା, ପିତାମହଲ ଓ ମାଟିକଣା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନାଶନାଲ ମ୍ୟାନେଜମେଣ୍ଟ ଡେ' ପାଳନ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୮ଟା।
- ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁଡାରି ବ୍ଲକର ଖାରିଗୁଡା, ମଧୁବନ ଓ କଦମା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ।
- ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମରାଜୁ, ଗୁଡାରି ବ୍ଲକ୍, ସମୟ: ସକାଳ ୯ଟା।
- ବ୍ୟାଙ୍କ ମିତ୍ରଙ୍କୁ ଲ୍ୟାପଟପ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁଡାରି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦେଶୀୟ ଭାଷା ସମ୍ମିଳନୀ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଆଦିବାସୀ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସାମ୍ବାଦିକ ସଂଘର ସ୍ୱତନ୍ତ୍ର ଅଧିବେଶନ, ସ୍ଥାନ: ଟାଉନହଲ, ସମୟ ପୂର୍ବାହ୍ନ:୧୧ଟା।
- ବାଳିକା ଆତ୍ମସୁରକ୍ଷା ଶିବିର, ସ୍ଥାନ:ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସ୍ଥାନ: ପୂର୍ବାହ୍ନ ୧୧ଟା।
- ମରିଚମାଳ ଗ୍ରାମରେ ପଲ୍ଲିସଭା. ସ୍ଥାନ: ମରିଚମାଳ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- କୃଷି ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର, ସମୟ:ପୂର୍ବାହ୍ନ ୧୧ଟା ।
- ୧୧୦ ସଂକୀର୍ତ୍ତନ ମଣ୍ଡଳୀ ସମ୍ମିଳନୀ, ସ୍ଥାନ: ମାଲକାନଗିରି ବ୍ଲକ ବୀର ଲକ୍ଷ୍ମଣପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ପଡ଼ୋଶୀମାନେ ଭଲ କାମ କଲେ ମଧ୍ୟ ବିବାଦୀୟ ମନ୍ତବ୍ୟ ଦେବେ। କଳା, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ତରଫରୁ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

**ବୃଷ** ପରିବାରର କେତେକ ଅକୁହା ବିଷୟରେ ଚିନ୍ତା କରି ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଖର୍ଚ୍ଚ ବଢ଼ିବାରୁ ହାତ ସବୁବେଳେ ଖାଲି ରହିବା କାରଣରୁ ନିରୁତ୍ସାହିତ ରହିପାରନ୍ତି। ସଭାସମିତି ଓ ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପରୁ ପ୍ରଶଂସିତ ହେବେ।

**ମିଥୁନ** କର୍ମକ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବାକୁ ପଡ଼ିପାରେ। ଅଯଥା ବଡଭାଇପଣିଆ ଦେଖାଇଲେ ଭଲ ବଦଳରେ ମନ୍ଦଫଳ ଭୋଗିବାକୁ ପଡ଼ିବ। ସ୍ୱାସ୍ଥ୍ୟରେ କିଛି ବ୍ୟତିକ୍ରମର ସୂଚନା ପାଇ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଉପରୁ ଭରସା ହରାଇବା ପରେ ଆତ୍ମନିର୍ଭରଶୀଳ ହେବାକୁ ଶ୍ରେୟ ମନେକରିବେ।

**କର୍କଟ** କର୍ମବ୍ୟସ୍ତତା ମଧ୍ୟରେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହୋଇପାରନ୍ତି। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନସନ୍ ଦୂର ହେବାରେ ବନ୍ଧୁଙ୍କ ଅବଦାନ ରହିବ। ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହେତୁ ସାମୟିକ ଖୁସି ରହିପାରନ୍ତି।

**ସିଂହ** ପାରିବାରିକ କ୍ଷେତ୍ରରେ ଆବଶ୍ୟକତା ପୂରଣ ଦିଗରେ ବହୁତ ଖର୍ଚ୍ଚାନ୍ତ ହେବେ। ସଂଘର୍ଷମୂଳକ ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହୋଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ମଧ୍ୟ ଆଶଙ୍କା ଦେଖାଦେଇପାରେ।

**କନ୍ୟା** ଗୁରୁତ୍ୱପୂର୍ଣ୍ଣ କାମଟି ସକାଶେ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟ ହେବ। ବିଚଳିତ ମାନସିକତା ହେତୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବାର ଆଶଙ୍କା ରହିଛି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍ସନ ଲାଗିରହିବ। ସ୍ୱାସ୍ଥ୍ୟହାନିଜନିତ କିଛି ଦୁଃଖଦ ଖବର ପାଇ ହଠାତ୍ ଜଣେ ବନ୍ଧୁଙ୍କୁ ଦେଖିବା ପାଇଁ ମନ ଛଟପଟ ହେବ। କଳା, ସାହିତ୍ୟ, ସାମ୍ବାଦିକତା, ଆଇନ ଓ ଅଦାଲତକ୍ଷେତ୍ରରୁ ଶୁଭଫଳ ପାଇବେ। ପରିବାରରେ ପିଲାମାନଙ୍କ ବିଶୃଙ୍ଖଳିତ ଆଚରଣ ଦୁଶ୍ଚିନ୍ତାର କାରଣ ହେବ।

**ବିଛା** ବିଫଳ ମନୋରଥର ପ୍ରତିକ୍ରିୟା ସ୍ୱରୂପ ଟିକିଏ କଥାରେ ରାଗି ପାରନ୍ତି। ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ରାଜନୀତି, ସାମ୍ବାଦିକତା,ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ ଓ କଳା, ସଂଗୀତ, ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ ଏବଂ ସମସ୍ୟା ମଧ୍ୟ ସମାଧାନ ହୋଇଯିବ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମରେ ଅଣହେଳା କରିପାରିବେ ନାହିଁ। ସକାଳୁ ମନ ଭଲ ନ ଥିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ଦୂରଯାତ୍ରା କରିବାକୁ ପଡ଼ିପାରେ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପରୋକ୍ଷ ଶତ୍ରୁତା କାରଣରୁ ଗୁରୁତ୍ୱପୂର୍ଣ୍ଣ କାମଟିକୁ ସମ୍ପନ୍ନ କରିପାରିବେ ନାହିଁ।

**ମକର** ପୁରାତନ ରୋଗରେ କଷ୍ଟ ପାଇବେ। ପୂର୍ବର ତିକ୍ତ ସମ୍ପର୍କକୁ କେନ୍ଦ୍ରକରି ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି।

**କୁମ୍ଭ** ପରିବାରରେ ସୁଖ ଶାନ୍ତି ଫେରି ଆସିବା ସକାଶେ ନିଜକୁ କିଛିମାତ୍ରାରେ ସ୍ୱାର୍ଥ ତ୍ୟାଗ କରିବାକୁ ପଡ଼ିପାରେ। ପଡ଼ୋଶୀମାନେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା କଳହ କରିପାରନ୍ତି। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ ; ଯାହା କି ମୁଣ୍ଡବ୍ୟଥାର କାରଣ ହୋଇପାରେ। ଘର କଥା ଚିନ୍ତା କରି ମନରେ ଅସନ୍ତୋଷ ଭରି ରହିବ।

**ମୀନ** ସ୍ଥଗିତକାମକୁ ସମ୍ପନ୍ନ କରିବାରେ କୌଣସି ସହକର୍ମୀଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ପରିଶେଷରେ ଆପଣ ହିଁ ସଫଳତା ହାସଲ କରିବେ। ବ୍ୟବସାୟ ଓ ବାଣିଜ୍ୟକ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

ଆଜି ଫେବୃଆରୀ ୨୧ ତାରିଖ, ବିଶ୍ୱ ମାତୃଭାଷା ଦିବସ, ମାଘ ଶୁକ୍ଳପକ୍ଷର ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର, ବୈଷ୍ଣବ ସମ୍ମତ ଜୟା ଏକାଦଶୀ ରାଶି ନକ୍ଷତ୍ର-ପୁନର୍ବସୁ/କର୍କଟ, ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୬ମି. ଗତେ ଘ.୦୭.୪୭ମି. ମଧ୍ୟେ, ଘ.୧୦.୩୪ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୧୨.୦୦ ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।




## ସମ୍ବଲପୁର-ଦର୍ଶନନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ୍‌ର ଶୁଭାରମ୍ଭ



ସମ୍ବଲପୁର ଷ୍ଟେଶନରେ ସବୁଜ ପତାକା ଦେଖାଇ ଟ୍ରେନ୍‌ର ଶୁଭାରମ୍ଭ କରୁଛନ୍ତି କେନ୍ଦ୍ରମନ୍ତ୍ରୀ।

ସମ୍ବଲପୁର,୨୦।୨(ବି.ଶଙ୍କର)

ସମ୍ବଲପୁର-ଦର୍ଶନନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ୍ ମଙ୍ଗଳବାର ଶୁଭାରମ୍ଭ ହୋଇଛି। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଷ୍ଟେଶନରେ ସବୁଜ ପତାକା ଦେଖାଇ ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଅଯୋଧ୍ୟାରେ ଭକ୍ତମାନଙ୍କୁ ପ୍ରଭୁ ଶ୍ରୀରାମ ଲାଲାଙ୍କ ପ୍ରତ୍ୟକ୍ଷ ଦର୍ଶନ କରାଇବା ପାଇଁ ଭାରତୀୟ ରେଲୱେ ପକ୍ଷରୁ ଏହି ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା ହୋଇଛି। ୨୦ଟି ବଗି ବିଶିଷ୍ଟ ସମ୍ବଲପୁର-ଦର୍ଶନନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ୍ ମଙ୍ଗଳବାର ଓଡ଼ିଶାର ରାମ ଭକ୍ତଙ୍କୁ ନେଇ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛି। ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି ଅବସରରେ ଟ୍ରେନରେ ଅଯୋଧ୍ୟା ଯାତ୍ରା କରିଥିବା ରାମ ଭକ୍ତମାନଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଆସ୍ଥା ଟ୍ରେନ୍‌ର ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଯୋଧ୍ୟାରେ ରାମଲାଲାଙ୍କ ଦର୍ଶନ ପାଇଁ ବ୍ୟବସ୍ଥା

ସୂଚନାଯୋଗ୍ୟ, ଦୀର୍ଘ ୫ଶହ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ରାମନଗରୀ ଅଯୋଧ୍ୟାରେ ଶ୍ରୀରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇସାରିଛି। ଭକ୍ତମାନଙ୍କର ଦର୍ଶନ ପାଇଁ ଦେଶବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଆସ୍ଥା ଟ୍ରେନ୍‌ର ବ୍ୟବସ୍ଥା ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ବରିଷ୍ଠ ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଦାମୋଦର କର, ଡ. ପ୍ରମୋଦ କୁମାର ରଥ, ବିପିନ ଭାଟିଆ, ଶିବକୁମାର ଅଗ୍ରୱାଲ, ଫଣିଭୁଷଣ ମିଶ୍ର, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ ପ୍ରମୁଖ ସାମିଲ ଥିଲେ।

# ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର ଲୋକାର୍ପଣ କଲେ ଧର୍ମେନ୍ଦ୍ର



ସ୍କିଲ୍ ଇଣ୍ଡିଆ ସେଣ୍ଟର ଲୋକାର୍ପଣ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ସମ୍ବଲପୁର,୨୦।୨
(ଭବାନୀ ଶଙ୍କର ଭୋଇ)

ଯୁବଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଉଦ୍ୟମିତା ବିକାଶ ପରିଯୋଜନାର କଳ୍ପନା କରାଯାଇଛି। ସମ୍ପ୍ରତି ବିଶ୍ୱ ବଜାରରେ ଚାହିଦା ଥିବା ବାଣିଜ୍ୟରେ ଯୁବଶକ୍ତିର ଦକ୍ଷତା ଓ ଜ୍ଞାନ ବୃଦ୍ଧି ପାଇଁ ମଙ୍ଗଳବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ ରାଜ୍ୟର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର (ଏସ୍‌ଆଇସି) ଲୋକାର୍ପଣ କରିଛନ୍ତି।

ସମ୍ବଲପୁର ମାଝିପାଲିଠାରେ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ସମବେତ ଯୁବକମାନଙ୍କୁ ସମ୍ବୋଧିତ କରି କହିଥିଲେ, ଗଣମାଧ୍ୟମ, ମନୋରଞ୍ଜନ, ଚମଡ଼ା, ପର୍ଯ୍ୟଟନ ଓ ଆତିଥେୟତା ଓ ଆଇଟି-ଆଇଟିଇଏସ୍ ଭଳି ଅଧିକ ଚାହିଦା ଥିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ଏଠାରେ ତାଲିମ ପ୍ରଦାନ କରାଯିବ। ଫଳରେ ସେମାନଙ୍କ ଦକ୍ଷତା ବୃଦ୍ଧି ହୋଇ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇବାରେ ସକ୍ଷମ ହେବେ। ବର୍ତ୍ତମାନ ଦେଶକୁ ବିକଶିତ କରିବା ପାଇଁ କୁଶଳୀ ଓ ଦକ୍ଷ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ନୂତନ ଯୁଗ ଓ ଭବିଷ୍ୟତର ଦକ୍ଷତା ବିଶ୍ୱ ବଜାରରେ ଯଥେଷ୍ଟ ଅଧିକ ମୂଲ୍ୟରେ ଉପଲବ୍ଧ ହେଉଛି। ତେଣୁ ଯୁବଗୋଷ୍ଠୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ଉପଲବ୍ଧତାକୁ ଗଣତାନ୍ତ୍ରିକ କରି ଆଶାୟୀ ଯୁବକମାନଙ୍କ ପାଇଁ ଏକ ସମାନ ସୁଯୋଗ ସୃଷ୍ଟି କରିବା ପ୍ରଧାନମନ୍ତ୍ରୀଙ୍କ ସ୍କିଲ୍ ଇଣ୍ଡିଆ ସେଣ୍ଟରର ପରିକଳ୍ପନା। ଏହି କେନ୍ଦ୍ରରେ ସ୍ୱଳ୍ପ ମୂଲ୍ୟର ପାଠ୍ୟକ୍ରମ ଯୁବଶକ୍ତିକୁ ଅଧିକ ସଶକ୍ତ କରିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ ଭାବେ ଗଢ଼ିତୋଳିବାରେ ସହାୟକ ହେବ। ଏଠାରେ ୮ଟି ପାଠ୍ୟକ୍ରମରେ ହିତାଧିକାରୀଙ୍କୁ ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ବ୍ୟାଚରେ ୨୪୦ ହିତାଧିକାରୀଙ୍କୁ ଗ୍ରାଫିକ୍ ଡିଜାଇନର, ଷ୍ଟୋରିବୋର୍ଡ ଆର୍ଟିଷ୍ଟ ଓ ଫୁଡ୍ ଆଣ୍ଡ ବେଭରେଜ୍ ସର୍ଭିସେସ୍ ଆସୋସିଏଟ୍ ଭଳି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦିଆଯିବ। ତାଲିମ ଅବଧି ୩ମାସ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ଏହି କେନ୍ଦ୍ର ମାଧ୍ୟମରେ ବର୍ଷକ ମଧ୍ୟରେ ୧୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ତାଲିମ କେନ୍ଦ୍ର ପାଇଁ ଶିଳ୍ପ ବିଶେଷଜ୍ଞଙ୍କ ସହିତ ପାଠ୍ୟକ୍ରମ ଡିଜାଇନ କରିବାରେ ଏସ୍‌ଆଇସି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଠାରେ ତାଲିମ ପାଇବା ପରେ ଯୁବକମାନଙ୍କ ପାଇଁ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରିବା, ପ୍ରଯୁକ୍ତି ଭିତ୍ତିକ ଶିକ୍ଷଣ ଅଭିଜ୍ଞତା ହାସଲ କରିବାର ସୁଯୋଗ ସୃଷ୍ଟି କରିବ। ଏହି ଅବସରରେ ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରକୁ ଲକ୍ଷ୍ୟ କରି ଅନୁଗୋଳ, ଭଦ୍ରକ, ଢେଙ୍କାନାଳ, ତାଳଚେରରେ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଘୋଷଣା କରିଛନ୍ତି। ଏହାସହ ସେ ସୂଚନା ଦେଇ କହିଥିଲେ, ଚଳିତବର୍ଷ ପ୍ରାରମ୍ଭରେ ଓଡ଼ିଶାର ସମ୍ବଲପୁର, ଅନୁଗୋଳ ଓ ଦେବଗଡ଼ ଜିଲାରେ ଆଶାୟୀ ପ୍ରାର୍ଥୀଙ୍କୁ ଦକ୍ଷତା ପ୍ରଶିକ୍ଷଣ ଓ ସାର୍ଟିଫିକେଟ୍ ପ୍ରଦାନ କରିବା ଉଦ୍ଦେଶ୍ୟରେ ନିର୍ମିତ କୌଶଳ ରଥ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହା ମାଧ୍ୟମରେ ବିଭିନ୍ନ ପାଠ୍ୟକ୍ରମ ମଡ୍ୟୁଲରେ ୪୦୦୦ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇସାରିଛି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ଲୋକାର୍ପଣ କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ସଚିବ ଅତୁଲ କୁମାର ତିୱାରୀ, ଏନ୍‌ଏସ୍‌ଡିସି ଇଣ୍ଟରନ୍ୟାଶନାଲ୍ ସିଇଓ ତଥା ଏମ୍‌ଡି ବେଦମଣି ତିୱାରୀ ଉପସ୍ଥିତ ଥିଲେ।

- ପ୍ରତି ବ୍ୟାଚର ହିତାଧିକାରୀଙ୍କୁ ୩ମାସ ଲେଖାଏ ତାଲିମ ଦିଆଯିବ
- ବର୍ଷକ ମଧ୍ୟରେ ୧୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବା ଲକ୍ଷ୍ୟ




# ଇଡିରେ ହାଜର ହେଲେ ଅର୍ଚ୍ଚନା, ଜଗବନ୍ଧୁ

**ଭୁବନେଶ୍ୱର,୨୦।୨(ସତ୍ୟଜିତ୍ ରାଉତ):** ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଛନ୍ଦି ହୋଇଥିବା ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧ ଚାନ୍ଦ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ପୁଣି ହାଜର ହୋଇଛନ୍ତି। ଏନେଇ ଅର୍ଚ୍ଚନା ଗଣମାଧ୍ୟମକୁ କହିଛନ୍ତି, ଇଡି ଯେଉଁ ତଥ୍ୟ ମାଗିଥିଲେ ତାହା ସେ ଦେଇଛନ୍ତି। କୋର୍ଟରେ ଏନେଇ ଅଧିକ ତଥ୍ୟ ଦେବେ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ସପ୍ତାହେ ତଳେ ଅର୍ଚ୍ଚନାଙ୍କ ଦୁଇ ଦାମୀ ଗାଡ଼ି ନିଲାମ କରିବାକୁ ଇଡି ପକ୍ଷରୁ ଆବେଦନ ହୋଇଥିଲା। ଉଲ୍ଲେଖ୍ୟଯୋଗ୍ୟ, ପୂର୍ବରୁ ଖଣ୍ଡଗିରି ଏବଂ ନୟାପଲ୍ଲୀ ଥାନା ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳିଥିବାବେଳେ ଇଡି ମାମଲାରେ ଗତ ଡିସେମ୍ବର ୪ରେ ହାଇକୋର୍ଟ ଜାମିନ ଦେଇଥିଲେ। ଫଳରେ ୧୪ ମାସ ପରେ ଡିସେମ୍ବର ୧୨ରେ ଅର୍ଚ୍ଚନା ଝାରପଡ଼ା ଜେଲରୁ ବାହାରିଥିଲେ।









କର୍ମମାର୍ଗର ଭଲ ଦିଗଟି ହେଲା- ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ଯଦି ବି ହୁଏ- ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି - ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା- ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। -ଶ୍ରୀଅରବିନ୍ଦ



# ଅଟକିଯିବ ଭବିଷ୍ୟତ

ମାଟ୍ରିକ୍ ପରୀକ୍ଷାର ସଫଳତା କ୍ୟାରିୟରର ପ୍ରଥମ ପାହାଚ। ଏହା ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ପରୀକ୍ଷାକୁ ମୁକ୍ତ ଓ ଅବାଧ କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ( ବିଏସ୍‌ଇ) ଚଳିତ ବର୍ଷ ଅଧିକ ତତ୍ପର ହୋଇଛି। ବିଏସ୍‌ଇ ବା ବୋର୍ଡ ଦ୍ୱାରା ହାଇସ୍କୁଲ ସାର୍ଟିଫିକେଟ (ଏଚ୍‌ଏସ୍‌ସି), ମଧ୍ୟମା ଏବଂ ଷ୍ଟେଟ୍ ଓପନ୍ ସ୍କୁଲ ସାର୍ଟିଫିକେଟ(ଏସ୍‌ଓଏସ୍‌ସି) ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷାରେ ରାଜ୍ୟର ମୋଟ ୫,୬୨,୪୭୯ ଛାତ୍ରୀଛାତ୍ର ୩,୦୪୭ଟି ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା ପାଇଁ ସବୁଥର ଭଳି କପି ଓ ଅନ୍ୟ ବେଆଇନ କାର୍ଯ୍ୟ ରୋକିବା ଲାଗି ବିଭିନ୍ନ ସ୍ତରରେ ସ୍କ୍ୱାଡ୍ ଗଠନ ହୋଇଛି। ଏହାବ୍ୟତୀତ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଚାଳିତ କ୍ୟାମେରା ଲଗାଯାଇଛି। ପାଖାପାଖି ୬୦୦ ସମ୍ବେଦନଶୀଳ କେନ୍ଦ୍ର ଏବଂ କିଛି ନୋଡାଲ କେନ୍ଦ୍ରରେ ଏଭଳି କ୍ୟାମେରା ପରୀକ୍ଷା ପରିଚାଳନା ଉପରେ ସତର୍କଦୃଷ୍ଟି ରଖିଛି। ସରକାର ଯେତେ କ୍ୟାମେରା ଲଗାଉଛନ୍ତି ବା କଟକଣା ସୃଷ୍ଟି କରୁଛନ୍ତି ତାହାର ଚାପ ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ଏହାର ପ୍ରମାଣ ମିଳୁଛି ଆଜିର ବଲାଙ୍ଗୀରର ବିଶ୍ୱାମ୍ବ ବିଦ୍ୟାମନ୍ଦିରର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା ଘଟଣାରୁ। ଅପରପକ୍ଷରେ ପରୀକ୍ଷା ଶେଷ ହେବା ପରେ ଖାତାର ସୁରକ୍ଷା ପାଇଁ ସେଗୁଡ଼ିକୁ ବୋହିବା ଦାୟିତ୍ୱରେ ଥିବା ଗାଡ଼ିରେ ଗ୍ଲୋବାଲ ପୋଜିସନିଂ ସିଷ୍ଟମ(ଜିପିଏସ୍) ଲାଗିବ ବୋଲି ପୂର୍ବରୁ ଯାହା କୁହାଯାଇଥିଲା ତାହା କରାଯାଇନାହିଁ। ଏଥିରୁ ବୁଝାଯାଇପାରେ ଯେ, ପରୀକ୍ଷାରେ ପ୍ରବଳ ତଦାରଖ କରାଯାଉଥିବାବେଳେ ଉତ୍ତର ଲେଖାଯାଇଥିବା ଖାତାଗୁଡ଼ିକର କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ପୁରୁଣା କାଳିଆ ସ୍କ୍ୱାଡ୍ ବ୍ୟବସ୍ଥାକୁ ଛାଡ଼ିଦେଲେ ବର୍ତ୍ତମାନର ଏଆଇ କ୍ୟାମେରା ଯାଞ୍ଚ ପ୍ରକ୍ରିୟା ଗୋଟିଏ କଥା ସ୍ପଷ୍ଟ କରୁଛି ଯେ ପରୀକ୍ଷା ଗୃହରେ ଦୃଷ୍ଟି ରଖିବା ପାଇଁ ସରକାର ଆହୁରି ଅଧିକ ଖର୍ଚ୍ଚ କରୁଛନ୍ତି। ସମସ୍ତେ ଜାଣନ୍ତି ଯେ, ଏଆଇ କ୍ୟାମେରା କାନ୍ଥରୁ ଡେଇଁ କପି କରୁଥିବା ଛାତ୍ରୀଛାତ୍ରଙ୍କୁ ମାଡ଼ିବସିପାରିବ ନାହିଁ। ସେହିସବୁ ଆଧୁନିକ କ୍ୟାମେରା ମାଧ୍ୟମରେ ଭିଡିଓ ଛବିର ମାନ ବୃଦ୍ଧି ପାଇବାରେ ଏବଂ ଯଦି କେହି ଚଲାବୁଲା କରୁଥିବେ ତେବେ ଏଆଇ କ୍ୟାମେରା ସେଗୁଡ଼ିକୁ ଭଲ ଭାବେ ରେକର୍ଡ କରିପାରେ। ଏହା ବ୍ୟତୀତ ଏଆଇ କ୍ୟାମେରା କପି ଅଟକାଇପାରିବ ନାହିଁ କିମ୍ବା ଗାଡ଼ିରେ ଲାଗିଥିବା ଜିପିଏସ୍ ଅଟକିଥିବା ଯାନକୁ ଚଳାଇକରି ନେଇଯାଇପାରିବ ନାହିଁ। ଏହି ପ୍ରକାର ପ୍ରଚାର କେବଳ ଭୟ ସୃଷ୍ଟି କରିବା ଛଡ଼ା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।

> ପରୀକ୍ଷାକୁ ଜଗିବା ପାଇଁ ଯେତିକି ଅର୍ଥ , ସମୟ ଏବଂ ବୁଦ୍ଧି ଖର୍ଚ୍ଚ କରାଯାଉଛି ତାହାର କିଛି ଅଂଶ ପିଲାଙ୍କୁ ନିଷ୍ପତ୍ତି ନେବାରେ, ଦକ୍ଷତା ବୃଦ୍ଧି କରାଇବାରେ ଏବଂ ସେମାନଙ୍କର ବ୍ୟକ୍ତିଗତ ମଙ୍ଗଳ ପାଇଁ ଭଲ ସ୍ୱାସ୍ଥ୍ୟ ସୃଷ୍ଟି କରିବାରେ ବ୍ୟୟ କରାଯିବା ଦରକାର। ନଚେତ୍ ମନ୍ଦିର, ମସ୍‌ଜିଦ , ଗିର୍ଜା ଏବଂ ପୂଜାପାଠରେ ଅଟକିଯିବ ଭାରତର ଭବିଷ୍ୟତ।

ମୂଳପ୍ରଶ୍ନ ଏଆଇ କ୍ୟାମେରା କିମ୍ବା ଜିପିଏସ୍ ଉପରେ ନୁହେଁ। ସମସ୍ୟା ହେଉଛି ଭାରତୀୟ ବ୍ୟବସ୍ଥାରେ ପାଠପଢ଼ିକରି ଉତ୍ତୀର୍ଣ୍ଣ ହେଉଥିବା ପିଲା କେବଳ ଚାକିରି କରିବା ପାଇଁ ସୃଷ୍ଟି କରାଯାଉଛନ୍ତି। କୌଣସି ଜାତି ବା ଦେଶ ଲକ୍ଷାଧିକ ଚାକର ସୃଷ୍ଟିକରି ଆଗେଇପାରେ ନାହିଁ। ବୁଦ୍ଧି, କୌଶଳ ଏବଂ ଦକ୍ଷତା ଭଳି ମାନବ ଶକ୍ତିକୁ ପ୍ରୋତ୍ସାହନ ଦେବା ଦିଗରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ସହାୟକ ହେଉନାହିଁ। ବହିରେ ଲେଖାଯାଇଥିବା ପାଠ ବ୍ୟତୀତ ପିଲାଙ୍କୁ ନିଜସ୍ୱ ଚିନ୍ତାଧାରା ପ୍ରତିଫଳନ କରିବାର ସୁଯୋଗ ଦିଆଯାଉନାହିଁ। ଏପରିକି ଭବିଷ୍ୟତ ଜୀବନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଭାବେ ଯଦି ନିଷ୍ପତ୍ତି ନେବାର ଶକ୍ତିକୁ ବିବେଚିତ କରାଯାଏ, ତେବେ ସେଥିରେ ମଧ୍ୟ ଭାରତୀୟ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଶୂନ। ସେଥିପାଇଁ ମାଳମାଳ ହୋଇ ବୁଲୁଥିବା ଭାରତୀୟ ଯୁବପିଢ଼ି ଦେଶର ଭବିଷ୍ୟତ ହେବା ଦୂରର କଥା ନିଜର ଭବିଷ୍ୟତ ମଧ୍ୟ ନିର୍ଦ୍ଧାରଣ କରିପାରୁନାହାନ୍ତି। ସାଧାରଣ ପରିବାରରେ ମାତାପିତାଙ୍କ ଇଙ୍ଗିତ ପାଠପଢା ଦିଗକୁ ପିଲାମାନେ ସ୍ୱୀକାର କରିନେଉଛନ୍ତି। ଏପରିକି ଓଡ଼ିଶାର ପୂର୍ବବର୍ଷର ଟପ୍ପର ତାଲିକା ଖୋଜି ସେଥିରେ ଭଲ ସଂଖ୍ୟା ପାଇଥିବା ପିଲାଙ୍କ ସ୍ଥିତି ଆଜି ଆଖିଦୃଶିଆ ହେଉନାହିଁ। ତେଣୁ ପରୀକ୍ଷାକୁ ଜଗିବା ପାଇଁ ଯେତିକି ଅର୍ଥ , ସମୟ ଏବଂ ବୁଦ୍ଧି ଖର୍ଚ୍ଚ କରାଯାଉଛି ତାହାର କିଛି ଅଂଶ ପିଲାଙ୍କୁ ନିଷ୍ପତ୍ତି ନେବାରେ, ଦକ୍ଷତା ବୃଦ୍ଧି କରାଇବାରେ ଏବଂ ସେମାନଙ୍କର ବ୍ୟକ୍ତିଗତ ମଙ୍ଗଳ ପାଇଁ ଭଲ ସ୍ୱାସ୍ଥ୍ୟ ସୃଷ୍ଟି କରିବାରେ ବ୍ୟୟ କରାଯିବା ଦରକାର। ନଚେତ୍ ମନ୍ଦିର, ମସ୍‌ଜିଦ , ଗିର୍ଜା ଏବଂ ପୂଜାପାଠରେ ଅଟକିଯିବ ଭାରତର ଭବିଷ୍ୟତ।

# ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ବିଦ୍ୟାସାଗରଜୀଙ୍କୁ ପ୍ରଣାମ



ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ୧୦୮ ବିଦ୍ୟାସାଗରଜୀ ମହାରାଜଜୀ ଆମମାନଙ୍କୁ ଦୁଃଖସାଗରରେ ଭସାଇ ନିକଟରେ ସମାଧି ଲାଭ କରିଛନ୍ତି। ଆଚାର୍ଯ୍ୟଜୀଙ୍କ ଜୀବନ ପ୍ରଚଣ୍ଡ ପ୍ରଜ୍ଞା, ଅସୀମ ଅନୁକମ୍ପା ଓ ମାନବ ସମାଜର ଉତ୍ଥାନ ପାଇଁ ଅତୁଟ ପ୍ରତିବଦ୍ଧତାରେ ସଦାସର୍ବଦା ପରିପୂର୍ଣ୍ଣ ରହିଥିଲା। ଅନେକ ବାର ତାଙ୍କ ଆଶୀର୍ବାଦ ଲାଭ କରିବାର ସୌଭାଗ୍ୟ ମତେ ପ୍ରାପ୍ତ ହୋଇଛି। ତେଣୁ ତାଙ୍କ ତିରୋଧାନରେ ମୋର ପ୍ରଭୂତ କ୍ଷତି ହୋଇଛି ଏବଂ ମୋତେ ଆଗକୁ ଆଲୋକବର୍ତ୍ତିକା ଭଳି ପଥପ୍ରଦର୍ଶନ କରୁଥିବା ଜଣେ ପ୍ରିୟ ଗୁରୁଙ୍କୁ ହରାଇବା ପରି ମୁଁ ଅନୁଭବ କରୁଛି। ମୋ ପରି ଅସଂଖ୍ୟ ଆତ୍ମାଙ୍କ ପାଇଁ ସେ ଥିଲେ ମାର୍ଗଦର୍ଶକ। ତାଙ୍କ ସ୍ନେହ, ଉଷ୍ମତା ଓ ଆଶୀର୍ବାଦ କେବଳ ଶୁଭେଚ୍ଛା ନ ଥିଲା। ଏହା ସମସ୍ତଙ୍କୁ ପ୍ରଭୂତ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରୁଥିଲା। ଯେଉଁମାନେ ଆଚାର୍ଯ୍ୟ ଶିରୋମଣିଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନେ ଏହି ଅସୀମ ଶକ୍ତି ଓ ପ୍ରେରଣାକୁ ଅବଶ୍ୟ ଅନୁଭବ କରିଥିବେ।

ପୂଜ୍ୟ ଆଚାର୍ଯ୍ୟଜୀ ସଦାବେଳେ ଜ୍ଞାନ, ସମ୍ବେଦନା ଓ ସେବାର ତ୍ରିବେଣୀ ସଙ୍ଗମ ରୂପରେ ସମସ୍ତଙ୍କ ସ୍ମୃତିରେ ରହିଥିବେ। ପ୍ରକୃତରେ ସେ ଥିଲେ ଜଣେ ତପସ୍ୱୀ ଓ ତାଙ୍କ ଜୀବନ ଭଗବାନ ମହାବୀରଙ୍କ ଆଦର୍ଶର ଏକ ଅନୁକରଣୀୟ ଉଦାହରଣ ଥିଲା। ତାଙ୍କର ପ୍ରତିଟି କର୍ମରେ ଜୈନ ଧର୍ମର ମୂଳ ନୀତି ପ୍ରତିଫଳିତ ହେଉଥିଲା। ନିଜ ବଚନ ଓ ଜ୍ଞାନ ବିତରଣରେ ତାହା ପରିଲକ୍ଷିତ ହେଉଥିଲା। ସଂସାରର ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଜୈନ ଧର୍ମର ପ୍ରତିଟି ଜୀବଙ୍କ ପ୍ରତି ସମ୍ମାନର ପ୍ରତିଫଳନ ବୋଲି କୁହାଯାଇପାରେ। ସେ ସତ୍ୟର ଜୀବନ ବଞ୍ଚୁଥିଲେ- ଏହା ମଧ୍ୟ ଜୈନ ଧର୍ମର ଚିନ୍ତନ, କଥନ ଓ କାର୍ଯ୍ୟର ସାଧୁତାକୁ ପ୍ରମାଣିତ କରେ। ତାଙ୍କ ଜୀବନଶୈଳୀ ଥିଲା ସରଳ। ତାଙ୍କ ଭଳି ମହାନ୍ ସନ୍ଥଙ୍କ ପାଇଁ ହିଁ ଜୈନ ଧର୍ମ ଓ ଭଗବାନ ମହାବୀରଙ୍କ ଭଳି ଦିବ୍ୟାତ୍ମାଙ୍କ ପ୍ରତି ସମଗ୍ର ବିଶ୍ୱର ଶ୍ରଦ୍ଧା ଓ ସମ୍ମାନ ବୃଦ୍ଧି ପାଇଚାଲିଛି। ଜୈନବାଦ ଶୃଙ୍ଖଳାରେ ସେ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ସତ, କିନ୍ତୁ ତାହା କେବଳ ସେହି ଗୋଷ୍ଠୀ ମଧ୍ୟରେ ସୀମିତ ନ ଥିଲା, ବରଂ ତାଙ୍କ ସତ୍ୟନିଷ୍ଠ ବ୍ୟକ୍ତିତ୍ୱର ପ୍ରଭାବ ଓ ବ୍ୟାପ୍ତି ସମଗ୍ର ମାନବ ସମାଜ ଉପରେ ପଡ଼ିଥିଲା। ସବୁ ଧର୍ମ, ଆସ୍ଥା ଓ ସଂସ୍କୃତିର ଲୋକମାନେ ତାଙ୍କ ନିକଟକୁ ଆସୁଥିଲେ ଏବଂ ସେମାନଙ୍କ ମନରେ ବିଶେଷ ଭାବରେ ଯୁବଗୋଷ୍ଠୀଙ୍କ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ନିମନ୍ତେ ସେ ଅବିଶ୍ରାନ୍ତ ଭାବେ ସଦାବେଳେ ତତ୍ପର ଥିଲେ।

ଶିକ୍ଷା ଥିଲା ସନ୍ଥ ମହାରାଜଙ୍କର ସବୁଠାରୁ ପ୍ରିୟ ଏବଂ ହୃଦୟର ନିକଟତର। ବିଦ୍ୟାଧର (ତାଙ୍କର ବାଲ୍ୟକାଳର ନାମ)ଠାରୁ ବିଦ୍ୟାସାଗର ପର୍ଯ୍ୟନ୍ତ ତାଙ୍କର ଯାତ୍ରା କେବଳ ଜ୍ଞାନ ଆହରଣ ଓ ଜ୍ଞାନ ବିତରଣ ସକାଶେ ହିଁ ସମର୍ପିତ ଥିଲା। ତାଙ୍କର ଅତୁଟ ବିଶ୍ୱାସ ଥିଲା ଯେ କେବଳ ଶିକ୍ଷା ଦ୍ୱାରା ହିଁ ଏକ ଉଚିତ ଏବଂ ପ୍ରଜ୍ଞାଦୀପ୍ତ ସମାଜ ଗଠନ କରାଯାଇପାରିବ। ତେଣୁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବା ନିମନ୍ତେ ସେ ଜ୍ଞାନକୁ ସାଧନ ରୂପେ ଉପଯୋଗ କରିବା ଉପରେ ପ୍ରାଧାନ୍ୟ ଦେଉଥିଲେ। ଏହା ଦ୍ୱାରା ସେ ସମସ୍ତଙ୍କୁ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଓ ସମାଜ ପ୍ରତି ସମର୍ପିତ ଜୀବନ ବଞ୍ଚିବାକୁ ପ୍ରେରଣା ଯୋଗାଉଥିଲେ। ତାଙ୍କ ଶିକ୍ଷାରେ ସେ ସ୍ୱା-ଧ୍ୟାୟ ଓ ଆତ୍ମ-ସଚେତନତାକୁ ହିଁ ବାସ୍ତବ ପ୍ରଜ୍ଞା ପ୍ରାପ୍ତିର ମାର୍ଗ ରୂପେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଉଥିଲେ। ତେଣୁ ସେ ନିଜର ଅନୁଗାମୀମାନଙ୍କୁ ଆଜୀବନ ଜ୍ଞାନାନୁସନ୍ଧାନୀ ଏବଂ ଆଧ୍ୟାତ୍ମିକ ବିକାଶ ମାର୍ଗରେ ପଥିକ ହେବା ଲାଗି ଉପଦେଶ ଦେଉଥିଲେ।

> ଶ୍ରୀ ବିଦ୍ୟାସାଗରଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଏହା ସହିତ ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜଜୀ ଆମର ଯୁବଗୋଷ୍ଠୀଙ୍କୁ ଉପଯୁକ୍ତ ଶିକ୍ଷା ପ୍ରାପ୍ତି ନିମନ୍ତେ ପ୍ରବର୍ତ୍ତାଉଥିଲେ। ବାସ୍ତବ ଶିକ୍ଷା ଆମର ସାଂସ୍କୃତିକ ଚିନ୍ତାଧାରାରେ ନିହିତ ରହିଛି ବୋଲି ମତପୋଷଣ କରୁଥିଲେ। ଆମେ ଅତୀତର ସାଂସ୍କୃତିକ ବୈଠକ ଏବଂ ଶିକ୍ଷାଠାରୁ ଦୂରେଇ ଯାଉଥିବା ହେତୁ ଏବେ ଜଳସଙ୍କଟର ସମାଧାନ ସୂତ୍ର ଖୋଜି ପାଇବାକୁ ଅସମର୍ଥ ହୋଇଛୁ। ସାମଗ୍ରିକ ଶିକ୍ଷା ଜଣେ ବିଦ୍ୟାର୍ଥୀଙ୍କୁ କୁଶଳୀ ଓ ସୃଜନଶୀଳ କରିଥାଏ ବୋଲି ତାଙ୍କର ଦୃଢ଼ ଯୁକ୍ତି ଥିଲା। ଭାରତର ଭାଷାଭିତ୍ତିକ ବିବିଧତାକୁ ନେଇ ସେ ସଦାସର୍ବଦା ଗର୍ବ ଓ ଗୌରବ ଅନୁଭବ କରୁଥିଲେ ଏବଂ ଭାରତୀୟ ଭାଷା ଅଧ୍ୟୟନ ସକାଶେ ଯୁବବର୍ଗଙ୍କୁ ପରାମର୍ଶ ଦେଉଥିଲେ।

ପୂଜ୍ୟ ଆଚାର୍ଯ୍ୟଜୀ ସ୍ୱୟଂ ସଂସ୍କୃତ, ପ୍ରାକୃତ ଓ ହିନ୍ଦୀରେ ବ୍ୟାପକ ରଚନା କରିଛନ୍ତି। ଜଣେ ମୁନି ଭାବେ ସେ ସୁଉଚ୍ଚ ଶିଖରରେ ପହଞ୍ଚିଥିଲେ, ତଥାପି ସଦାବେଳେ ସେ ଥିଲେ ଆଭୂମ। ତାଙ୍କର ଚର୍ଚ୍ଚିତ ପୁସ୍ତକ 'ମୂକମାଟି'ରୁ ଏହା ସୁସ୍ପଷ୍ଟ। ନିଜର କାର୍ଯ୍ୟାବଳୀ ମାଧ୍ୟମରେ ସେ ଅବହେଳିତ ଲୋକମାନଙ୍କୁ ସ୍ୱର ପ୍ରଦାନ କରିବାରେ ସକ୍ଷମ ହୋଇଥିଲେ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ପୂଜ୍ୟ ଆଚାର୍ଯ୍ୟଜୀଙ୍କ ଅବଦାନ ଥିଲା ଯୁଗାନ୍ତକାରୀ ଓ ପରିବର୍ତ୍ତନକାରୀ। ସେ ଅନେକ ଲୋକହିତକର କାର୍ଯ୍ୟକ୍ରମ ସହିତ ଏକାଧାରରେ ସଂଶ୍ଳିଷ୍ଟ ଥିଲେ। ବିଶେଷକରି ଅବହେଳିତ କ୍ଷେତ୍ରର ବିକାଶ କର୍ମରେ ସେ ଓତପ୍ରୋତ ଭାବରେ ଜଡ଼ିତ ରହିଥିଲେ। ସ୍ୱାସ୍ଥ୍ୟସେବା ପ୍ରତି ତାଙ୍କର ଆଭିମୁଖ୍ୟ ଥିଲା ସାମଗ୍ରିକ। ସମନ୍ୱିତ ଶାରୀରିକ ନିରାମୟତା ସହିତ ଆଧ୍ୟାତ୍ମିକ କଲ୍ୟାଣ ଏଥିରେ ସାମିଲ ଥିଲା। ତେଣୁ ଜଣେ ବ୍ୟକ୍ତିର ସକଳ ପ୍ରକାର ଆବଶ୍ୟକତା ପୂରଣ ଦିଗରେ ସେ ପ୍ରୟାସୀ ଥିଲେ।

ଆଗାମୀ ପିଢ଼ିଙ୍କୁ ମୁଁ ବିଶେଷ ଭାବରେ ନିବେଦନ କରିବି ଯେ ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜଜୀଙ୍କ ରାଷ୍ଟ୍ର ନିର୍ମାଣ ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ବ୍ୟାପକ ମାତ୍ରାରେ ଅଧ୍ୟୟନ କରନ୍ତୁ। ସନ୍ଥଜୀ ସଦାସର୍ବଦା ନିବେଦନ କରୁଥିଲେ ଯେ ପକ୍ଷପାତପୂର୍ଣ୍ଣ ବିଚାରଧାରାଠାରୁ ଦୂରେଇ ରହିବା ଆବଶ୍ୟକ ଏବଂ ଜାତୀୟ ସ୍ୱାର୍ଥ ପାଇଁ ଧ୍ୟାନକେନ୍ଦ୍ରିତ କରିବା ଉଚିତ। ଭୋଟଦାନର ସେ ଥିଲେ ଜଣେ ଦୃଢ଼ ପ୍ରବକ୍ତା, କାରଣ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ଓ ମତପୋଷଣ କରିବାର ଏହା ହେଉଛି ସବୁଠାରୁ ବଡ଼ ସାଧନ । ଏକ ସୁସ୍ଥ ଓ ସ୍ୱଚ୍ଛ ରାଜନୈତିକ ବ୍ୟବସ୍ଥା ପାଇଁ ମଧ୍ୟ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରୁଥିଲେ। ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ ବୋଲି ତାଙ୍କର ବଳିଷ୍ଠ ମତ ଥିଲା। ଏହା କୌଣସି ଆତ୍ମସ୍ୱାର୍ଥ ପାଇଁ ନୁହେଁ ।

ସେ ବିଶ୍ୱାସୀ ଥିଲେ ଯେ ନାଗରିକମାନେ ସମାଜ ଓ ରାଷ୍ଟ୍ର ପାଇଁ ନିଷ୍ଠାବାନ ଓ ସମର୍ପିତ ରହିଲେ ରାଷ୍ଟ୍ରର ଭିତ୍ତି ସୁଦୃଢ଼ ହୋଇପାରିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ସାଧୁତା, ନିଷ୍ଠାବାନ ଓ ଆତ୍ମନିର୍ଭରଶୀଳ ହେବା ସକାଶେ ସେ ପରାମର୍ଶ ଦେଉଥିଲେ। ତାହା ଏକ ଉଚିତ, ସମ୍ବେଦନଶୀଳ ତଥା ପ୍ରଗତିଶୀଳ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଆମେ ଏବେ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଥିବା ବେଳେ ସନ୍ଥ ଶିରୋମଣି ଶ୍ରୀ ବିଦ୍ୟାସାଗରଜୀଙ୍କର ଏଭଳି ଉପଦେଶ ବିଶେଷ ଗୁରୁତ୍ୱ ବହନ କରେ।

ସାରା ବିଶ୍ୱରେ ଅଧୁନା ଯେତେବେଳେ ଜଳ ସଙ୍କଟ ଭଳି ସମସ୍ୟା ବ୍ୟାପକ ମାତ୍ରାରେ ଘଟିଚାଲିଛି, ସେତେବେଳେ ପୂଜ୍ୟ ଆଚାର୍ଯ୍ୟଜୀ ପ୍ରକୃତି ପ୍ରତି ସମ୍ବେଦନା ଅନୁକରଣୀୟ। ଆମେ ସଭିଏଁ ଯେପରି ସାମାନ୍ୟତମ କ୍ଷତି ନ ପହଞ୍ଚାଇବା ସେଥିପ୍ରତି ସଦାସର୍ବଦା ସଚେତନ ରହିବା ସେଥି ନିମନ୍ତେ ସେ ପରାମର୍ଶ ଦେଉଥିଲେ। ଆମ ଅର୍ଥନୀତିରେ କୃଷିର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରୁଥିଲେ ଏବଂ ଏଥିସହିତ କୃଷିକୁ ଆଧୁନିକ ଓ ପୋଷଣୀୟ କରିବା ନିମନ୍ତେ ପରାମର୍ଶ ଦେଉଥିଲେ। ଜେଲ୍‌ର ଅନ୍ତେବାସୀଙ୍କ ପାଇଁ ତାଙ୍କ ସଂସ୍କାର ପରାମର୍ଶ ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ।

ଆମ ଭୂମିର ସୌନ୍ଦର୍ଯ୍ୟ ଅତୁଳ୍ୟ ଏବଂ ତାହା ହଜାର ହଜାର ବର୍ଷ ଧରି ଅତୁଟ ରହିଆସିଛି। ଆମ ଭୂମି ଅସଂଖ୍ୟ ମହାପୁରୁଷଙ୍କୁ ଜନ୍ମ ଦେଇଛି, ଯେଉଁମାନେ ସମାଜକୁ ଉତ୍ତମ ରୂପେ ଗଢ଼ିବା ସହ ଆଲୋକବର୍ତ୍ତିତା ସାଜିଛନ୍ତି। ସେହିଭଳି ସନ୍ଥ ଓ ସମାଜ ସଂସ୍କାରକଙ୍କ ସୂଚୀରେ ପୂଜ୍ୟ ଆଚାର୍ଯ୍ୟଜୀ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ରୂପେ ବିଦ୍ୟମାନ। ସେ ଯାହାକିଛି କରୁଥିଲେ ତାହା କେବଳ ବର୍ତ୍ତମାନ ପାଇଁ ନୁହେଁ, ଭବିଷ୍ୟତ ପାଇଁ ମଧ୍ୟ ଅଭିପ୍ରେତ ଥିଲା। ଗତବର୍ଷ ନଭେମ୍ବର ମାସରେ ଛତିଶଗଡର ଡୋଙ୍ଗରଗଡ଼ସ୍ଥିତ ଚନ୍ଦ୍ରଗିରି ଜୈନ ମନ୍ଦିର ପରିଦର୍ଶନର ସୌଭାଗ୍ୟ ମୋତେ ମିଳିଥିଲା। ସେତେବେଳେ କିନ୍ତୁ ମୁଁ ସାମାନ୍ୟତମ ଆଭାସ ସୁଦ୍ଧା ପାଇ ନ ଥିଲି ଯେ ପୂଜ୍ୟ ଗୁରୁଜୀଙ୍କ ସହ ତାହା ଥିଲା ମୋର ଅନ୍ତିମ ସାକ୍ଷାତ୍। ସେ ମୁହୂର୍ତ୍ତ ବିଶେଷ ମହତ୍ତ୍ୱ ବହନ କରିଥିଲା। ଦୀର୍ଘ ସମୟ ଧରି ସେ ମୋ ସହ ବାର୍ତ୍ତାଳାପ କରିଥିଲେ। ରାଷ୍ଟ୍ର ନିର୍ମାଣ ପାଇଁ ମୋ ପ୍ରୟାସକୁ ଆଶୀର୍ବାଦ ଦେଉଥିଲେ। ଆମ ଦେଶର ପ୍ରଗତି ଓ ସମଗ୍ର ବିଶ୍ୱରେ ଏହା ପାଉଥିବା ସମ୍ମାନ ପାଇଁ ସେ ତାଙ୍କର ସନ୍ତୋଷ ବ୍ୟକ୍ତ କରିଥିଲେ।

ସେ ଯେଉଁସବୁ କାର୍ଯ୍ୟ କରୁଥିଲେ, ସେ କଥା କହିଲାବେଳେ ଆନନ୍ଦରେ ଗଦଗଦ ହୋଇ ଉଠୁଥିଲେ। ସେତେବେଳେ ଓ ସଦାବେଳେ ତାଙ୍କର ସେଇ ନିରୀହ ଦୃଷ୍ଟି ଓ ପ୍ରଶାନ୍ତ ସ୍ମିତହାସ୍ୟ ପ୍ରତ୍ୟେକଙ୍କ ମନରେ ଶାନ୍ତି ଓ ଉତ୍ସାହ ଭରିଦେବା ପାଇଁ ପର୍ଯ୍ୟାପ୍ତ। ତାଙ୍କ ଆଶୀର୍ବାଦ ଥିଲା ଆତ୍ମାକୁ ପ୍ରଶାନ୍ତି ପ୍ରଦାନ କରିବା ଭଳି ଅଜ୍ଞାନ ସଦୃଶ, ଯାହାକି ତାଙ୍କ ଭିତରେ ଓ ଚତୁଃପାର୍ଶ୍ୱରେ ଏକ ଦିବ୍ୟ ବାତାବରଣକୁ ପ୍ରତିପାଦିତ କରୁଥିଲା।

ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ୧୦୮ ବିଦ୍ୟାସାଗରଜୀ ମହାରାଜଜୀଙ୍କ ଅବର୍ତ୍ତମାନରେ ସୃଷ୍ଟ ଶୂନ୍ୟତା ସଭିଏଁ ଗଭୀର ଭାବେ ଅନୁଭବ କରୁଛନ୍ତି। ଯେଉଁମାନେ ତାଙ୍କୁ ଜାଣିଥିଲେ, ସେମାନେ ତାଙ୍କର ଶିକ୍ଷା ଓ ଜୀବନ ଦ୍ୱାରା ଅନୁପ୍ରାଣିତ। ଯେଉଁ ଅସଂଖ୍ୟ ଲୋକଙ୍କୁ ସେ ପ୍ରଭାବିତ କରିଥିଲେ, ସେମାନଙ୍କ ହୃଦୟରେ ସନ୍ଥ ଶିରୋମଣି ଆଚାର୍ଯ୍ୟଜୀ ସଦାସର୍ବଦା ବିରାଜମାନ ରହିଛନ୍ତି। ତାଙ୍କ ସ୍ମୃତିକୁ ସମ୍ମାନ ପ୍ରଦର୍ଶନପୂର୍ବକ, ସେ ଯେଉଁ ଆଦର୍ଶରେ ଜୀବନ ବଞ୍ଚିଥିଲେ ଓ ସମସ୍ତଙ୍କୁ ପରାମର୍ଶ ଦେଉଥିଲେ, ତାକୁ ସଭିଏଁ ଆହରଣ ପାଇଁ ସଂକଳ୍ପବଦ୍ଧ ହେବା। ତଦ୍ୱାରା କେବଳ ଏହି ମହାନ୍ ଆତ୍ମାଙ୍କ ପ୍ରତି ଆମର ଉପଯୁକ୍ତ ଓ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବନାହିଁ, ଅପରପକ୍ଷେ ଆମ ରାଷ୍ଟ୍ର ଓ ଲୋକମାନଙ୍କୁ ଆଗକୁ ଆଗେଇ ନେବା ସକାଶେ ତାଙ୍କ ଅଭିଯାନ ମଧ୍ୟ ସାକାରିତ ହୋଇପାରିବ।

# ଚେତନାର ଅମୃତ ଦିଗନ୍ତ ମା'



ବିମଳ ପ୍ରସନ୍ନ ଦାସ

୨୧ ଫେବୃଆରୀ ୧୮୭୮ - ମଧୁମୟୀ ଦିବ୍ୟଜନନୀ ଶ୍ରୀମାଙ୍କର ୧୪୬ତମ ଶୁଭ ଜନ୍ମତିଥି। ଇତିମଧ୍ୟରେ କାଳବକ୍ଷରେ ୧୪୫ ବର୍ଷ ଅତିବାହିତ ହୋଇଗଲା। ଏ ବର୍ଷ ଆମେ ମା'ଙ୍କର ୧୪୬ତମ ପବିତ୍ର ଜୟନ୍ତୀ ପାଳନ କରୁଛୁ। ଅଦ୍ଭୁତ ଦିବ୍ୟ ସଂଯୋଗ - ୧୮୭୮, ୨୧ ଫେବୃଆରୀ ଯେପରି ଥିଲା ଗୁରୁବାର, ୨୦୧୯ରେ ୨୧ ଫେବୃଆରୀ ମଧ୍ୟ ଗୁରୁବାର। ଗୁରୁବାର ଆମେ ମା' ମହାଲକ୍ଷ୍ମୀଙ୍କ ବାର ଭାବରେ ନିଷ୍ଠାର ସହ ପାଳନ କରିଥାଉ। ସେ ହିଁ ପ୍ରାଚୁର୍ଯ୍ୟ ଓ ଧନର ଆରାଧ୍ୟା ଦେବୀ। ମହାଯୋଗୀ ଶ୍ରୀଅରବିନ୍ଦ ଦିବ୍ୟଜନନୀଙ୍କର ଚାରୋଟି ମହାରୂପ ଆମ ଆଗରେ ବର୍ଣ୍ଣନା କରିଛନ୍ତି; ଯଥା ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଏବଂ ମହା ସରସ୍ୱତୀ। ମହାଯୋଗୀଙ୍କ ଦିବ୍ୟଦୃଷ୍ଟିରେ ମା' ହିଁ ସର୍ବୋତ୍ତମା ଶକ୍ତି , ସେ ହିଁ ଆଦିମାତା, ଅଦିତି। ମାନୁଷୀ ଶରୀରରେ ଆଉ ଜଣେ ପାର୍ଥିବ ଜନନୀଙ୍କ ଗର୍ଭରୁ ଜନ୍ମହେଲେ। ଯିଏ ଅନନ୍ତ କାଳ, ସେ ପୁଣି କାଳ ହାତରେ ନିଜକୁ ସମର୍ପି ଦେଇ ଜନ୍ମ-ମୃତ୍ୟୁର ଘୂର୍ଣ୍ଣନ ମଧ୍ୟରେ ଆବିର୍ଭୂତା ହେଲେ। ଅସୀମା ହେଲେ ସୀମା। ଏହି ସୀମାଭୁକ୍ତ ପୃଥିବୀକୁ ଦିବ୍ୟ ରୂପାନ୍ତର ଦେଇ ଅମରାବତୀରେ ପରିଣତ କରିବା ଲାଗି ତାଙ୍କ ମାତୃ ହୃଦୟର ଏ ଅଲୌକିକ କରୁଣା। ପରା ପ୍ରକୃତିର ଅପରା ରୂପାୟନ। ଚିନ୍ମୟୀ ଶକ୍ତିଙ୍କର ମୃଣ୍ମୟୀ ରୂପ ଧାରଣ।

ଅତିମାନସ ଶକ୍ତି, ଜ୍ୟୋତି ଓ ଚେତନାର ଅବତାର ପୁରୁଷ ଶ୍ରୀଅରବିନ୍ଦଙ୍କର ସେ ସହ-ତପସ୍ୱିନୀ - ଉତ୍ତର ସାଧିକା। ଶ୍ରୀଅରବିନ୍ଦ ତତ୍ତ୍ୱ ହେଲେ ଶ୍ରୀମା ହେଉଛନ୍ତି ସେ ତତ୍ତ୍ୱର ସରଳ, ପ୍ରାଞ୍ଜଳ ବ୍ୟାଖ୍ୟା। ଶ୍ରୀଅରବିନ୍ଦ ସାଧ ହେଲେ, ଶ୍ରୀମା ତାଙ୍କର ସାଧନା ଓ ସିଦ୍ଧି। ଶ୍ରୀଅରବିନ୍ଦ ତପଶକ୍ତି ହେଲେ, ଶ୍ରୀମା ତାଙ୍କର କ୍ରିୟା ଶକ୍ତି। ଶ୍ରୀଅରବିନ୍ଦଙ୍କୁ ଆମର ମନ, ବୁଦ୍ଧି, ବାକ୍ୟ ସ୍ପର୍ଶ କରିପାରେନା। ସେ ଆମ ପାଖେ ପାଖେ ଥିଲେ ମଧ୍ୟ ଆମେ ତାଙ୍କର ସୌର ତେଜର ପ୍ରଚଣ୍ଡତା ସହ୍ୟକରି ପାରୁନା। କିନ୍ତୁ ମା' ଆମ ଦେହକୁ ଦେହ ଲାଗିକରି ଅଛନ୍ତି। ଆମ ପ୍ରାଣ ଓ ମନକୁ ମଧ୍ୟ ଲାଗିକରି ଅଛନ୍ତି। ମା'ଟିଏ ତା'ର ପିଲାକୁ ଦେହଲଗ୍ନ କରି ରଖିଲା ଭଳି ସେ ଆମକୁ ତାଙ୍କ ଦେହକୁ ଲଗାଇ ରଖିଛନ୍ତି। ମାଆ ସୂର୍ଯ୍ୟ ତେଜକୁ ଧାରଣ କରିଛନ୍ତି। ସେ ସ୍ୱୟଂ ସବୀତୃ, ଶକ୍ତି, ସାବିତ୍ରୀ। ସେ ମଧ୍ୟ ବ୍ରହ୍ମଶକ୍ତି ଗାୟତ୍ରୀ। ସେ ହିଁ ଚେତନାର ଅମୃତ ଦିଗନ୍ତ।

ଏ ସବୁ ସତ୍ତ୍ୱେ, ସେ ସନ୍ତାନ ଲାଗି ସୁଧାମୟୀ,



ପ୍ରେମମୟୀ, କଲ୍ୟାଣମୟୀ, ଶ୍ରୀମୟୀ ଆହ୍ଲାଦିନୀ ଚନ୍ଦ୍ରମା ଭଳି। ସେ ଆମକୁ ଅତିମାନସର ସ୍ନିଗ୍ଧ ଜ୍ୟୋତ୍ସ୍ନାରେ ଆପ୍ଳୁତକରି ରଖିଛନ୍ତି। ପ୍ରଚଣ୍ଡ ମାର୍ତ୍ତଣ୍ଡର ଅମ୍ଳାନ ତେଜକୁ ସେ ନିଜ ଭିତରେ ଧାରଣ କରିଛନ୍ତି, କିନ୍ତୁ ସେ ତେଜକୁ ଆମ ପାଇଁ ଚନ୍ଦ୍ରମାର ଶାନ୍ତ ଶୀତଳ ଜ୍ୟୋତ୍ସ୍ନାରେ ରୂପାନ୍ତରିତ କରି ଅଜାଡ଼ି ଦେଇଛନ୍ତି। ମା'ଙ୍କ ବ୍ୟତିରେକେ ପ୍ରଚଣ୍ଡ ସୂର୍ଯ୍ୟପିଣ୍ଡ ସ୍ୱରୂପ ଶ୍ରୀଅରବିନ୍ଦଙ୍କ ସ୍ପର୍ଶ ଆମେ ପାଇ ନ ଥାନ୍ତୁ। ସେ ନିଜେ ଯେପରି କହିଛନ୍ତି, "ଶ୍ରୀଅରବିନ୍ଦଙ୍କ ବିନା ମୋର ସ୍ଥିତି ନାହିଁ ଏବଂ ମୋ ବିନା ତାଙ୍କର ପ୍ରକାଶ ନାହିଁ।" ପ୍ରଫେସର ମନୋଜ ଦାସଙ୍କ ଭାଷାରେ- "ତାଙ୍କ ବିନା ମୁଁ ଅସ୍ତିତ୍ୱ ସହିତ ମୋ ବିନା ସେ ଅପ୍ରକଟିତ"। ଦୁଇଟି ମହାନ୍ ଆତ୍ମାର ମହାମିଳନ; ସତେ ଯେପରି ଶ୍ୱେତପଦ୍ମ ସହ ରକ୍ତପଦ୍ମର, ପ୍ରେମ ସହ ପ୍ରଜ୍ଞାର, ଭକ୍ତି ସହ ଜ୍ଞାନର, ମହାପୁରୁଷଙ୍କ ସହ ମହା ପ୍ରକୃତିର ଏବଂ ଜୀବାତ୍ମା ସହ ପରମାତ୍ମାର। ପୃଥିବୀକୁ ଅମରାବତୀରେ ପରିଣତ କରିବା ପାଇଁ ସତେ ଯେପରି ଏହି ମୁହୂର୍ତ୍ତ ବିଧିର ବିଧାନ ଏବଂ ପୂର୍ବ ନିର୍ଦ୍ଧାରିତ।

ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାତୃଶକ୍ତିକୁ ସବୁଠାରୁ ବେଶି ପ୍ରାଧାନ୍ୟ ଦିଆଯାଇଛି। ମଣିଷ ଜୀବନରେ ଏପରି କୌଣସି ଅବସ୍ଥା ନାହିଁ ଯେଉଁଠି ମହାଶକ୍ତିର ଉପଲବ୍ଧି ନାହିଁ। ମାତ୍ର ଆମ ଚେତନାର ଅବସ୍ଥା ଏପରି ଯେ ଆମେ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ନୋହୁଁ, କିନ୍ତୁ ଭାରତର ସମୃଦ୍ଧ ଚେତନା ଇତିହାସର ନିର୍ଯ୍ୟାସ। ଦୁର୍ଭାଗ୍ୟ ଯେ ଭାରତ ବସ୍ତୁବାଦକୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିପାରୁନାହିଁ କିମ୍ବା ମାୟାବାଦକୁ ଅଗ୍ରାହ୍ୟକରି ପାରୁନାହିଁ। ତେଣୁ ବର୍ତ୍ତମାନ ମାନବ ଜାତି ଏକ ଛଳନାମୟ ମାୟା ଭିତରେ ଛନ୍ଦିହୋଇ ଯାଇଛି। ଏଇଥିପାଇଁ ସମାଜରେ ଭ୍ରଷ୍ଟାଚାର, ଦୁର୍ନୀତି ବ୍ୟାପୁଛି। ମାତ୍ର ମା' ଶ୍ରୀଅରବିନ୍ଦଙ୍କ ଅମୃତମୟ ଦୃଷ୍ଟିରେ ଏ ଅବସ୍ଥା ବେଶି ସମୟ ରହିପାରିବ ନାହିଁ। ଶ୍ରୀମାଙ୍କ ଦିବ୍ୟ ମାତୃଶକ୍ତି ଆମକୁ ଏ ପରିସ୍ଥିତିରୁ ଉତ୍ତୀର୍ଣ୍ଣ କରିନେବ। ପ୍ରକୃତ ଚେତନା କ'ଣ ତା' ମାନବ ଜାତି ଆଗରେ ଉତ୍ଥାପନ କରିବ। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମସତ୍ତାକୁ ପାଶ୍ଚାତ୍ୟ ମତାନୁଯୋଗୀ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋତ୍ତମ ସମନ୍ୱୟ ବୋଲି କହୁଛନ୍ତି। ତାହା ନିଶ୍ଚୟ ଆଂଶିକ ସତ୍ୟ। ବରଂ ଆଧ୍ୟାତ୍ମିକତାର ଦୁଇଟି ଦିଗ। ଯୋଗ ଓ ତନ୍ତ୍ରର ଏକ ପୂର୍ଣ୍ଣାଙ୍ଗ ସତ୍ୟ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ। ସୁତରାଂ ଆମର ମା'ଙ୍କ ପ୍ରତି ଶ୍ରଦ୍ଧା, ଆନ୍ତରିକତା ଓ ସମର୍ପଣ ଯେତିକି ପୂର୍ଣ୍ଣତର ହେବ, ମା'ଙ୍କର ଅଭୟ ଓ କରୁଣା ସେତିକି ଆମକୁ ଘେରି ରହିବ।

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ବାଉଁଶ ତିଆରି ଜିନିଷ ଏବେ ଲୋକମାନଙ୍କର ପସନ୍ଦ ହେଉଛି। ବାଉଁଶ ଘରଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ଗୃହ ଉପକରଣଗୁଡ଼ିକର ଏବେ ବଜାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହିକ୍ରମରେ ମୁମ୍ବାଇ ଆଇଆଇଟିର ପ୍ରଡକ୍ଟ ଡିଜାଇନ ଛାତ୍ର ଅଂକାଶ ଚତୁର୍ବେଦୀ ବାଉଁଶରେ ଏକ ହେଡ୍‌ଫୋନ ତିଆରି କରିଛନ୍ତି। ଏହାର ନାମ ବମ୍ୱାଶ। ଏହା ପରିବେଶ ଉପଯୋଗୀ ଓ ୭୦ ପ୍ରତିଶତ ସହଜରେ ମାଟିରେ ମିଶିଯାଇପାରିବ। ଏହା ମଧ୍ୟ ରିସାଇକେଲଯୋଗ୍ୟ। ଅଂକାଶଙ୍କ ବୟସ ଏବେ ୨୬। ଆଧୁନିକ ଡିଜାଇନରେ ଏହାକୁ ପାରମ୍ପରିକ ପଦ୍ଧତିରେ ନିର୍ମାଣ କରାଯାଇଛି। ବାଉଁଶ ହେଡ୍‌ଫୋନ ତିଆରି କରିବା ଲାଗି ସେ ସାଧାରଣ ହେଡ୍‌ଫୋନଗୁଡ଼ିକ ଉପରେ ଗବେଷଣା କରିଥିଲେ। ଏହି କାର୍ଯ୍ୟରେ ତାଙ୍କ ବିଭାଗୀୟ ପ୍ରାଧ୍ୟାପକଙ୍କ ସମେତ ବାଉଁଶ ଲାବ୍‌ର କର୍ମଚାରୀମାନେ ସହଯୋଗ କରିଥିଲେ। ଏହାର ପ୍ରତିକୃତି ପାଇଁ ସ୍କେଚ୍, ଡିଜାଇନ ଲାଗି ୪ ମାସ ସମୟ ଲାଗି ଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ଫେବୃଆରୀ ୧୯୭୫**

- ସର୍ବସାଧାରଣ ୱାକଫ (ସୀମା ବୃଦ୍ଧି) ଓଡ଼ିଶା ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପ୍ରଦାନ।
- ଜୁମା ମସ୍‌ଜିଦ୍ ଇଲାକାରେ ହୋଇଥିବା ଗଣ୍ଡଗୋଳ ସଂକ୍ରାନ୍ତରେ ଗିରଫ ହୋଇଥିବା ୩୦୦ ବ୍ୟକ୍ତି ଖଲାସ।
- ଭାରତକୁ କାନାଡ଼ାର ଆଣବିକ ସାମଗ୍ରୀ ପ୍ରେରଣ ବ୍ୟବସ୍ଥା ସରକାରୀ ଭାବେ ରଦ୍ଦ।

## ଚିରନ୍ତନୀ

ଜମିଦାର ପିଆଦାକୁ
ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା
ସତାରିବ ମାସେ ଖାଲି !
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | 9 | | |
| 9 | | | | | | | 7 | 2 |
| | | 2 | | | | | | |
| | 7 | 1 | | 6 | 3 | 2 | | 5 |
| | 4 | | | | 1 | | | 6 |
| | | | | | 4 | | | |
| | | | | 2 | 6 | 1 | | |
| 7 | | 6 | | 4 | 5 | | | 8 |
| | 1 | 5 | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଉପରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 3 | 8 | 4 | 6 | 9 | 5 |
| 4 | 9 | 6 | 1 | 2 | 5 | 7 | 3 | 8 |
| 3 | 8 | 5 | 9 | 7 | 6 | 1 | 2 | 4 |
| 7 | 4 | 9 | 5 | 1 | 2 | 3 | 8 | 6 |
| 2 | 3 | 8 | 4 | 6 | 9 | 5 | 7 | 1 |
| 6 | 5 | 1 | 8 | 3 | 7 | 2 | 4 | 9 |
| 5 | 6 | 3 | 2 | 9 | 8 | 4 | 1 | 7 |
| 9 | 2 | 7 | 6 | 4 | 1 | 8 | 5 | 3 |
| 8 | 1 | 4 | 7 | 5 | 3 | 9 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଗତଯୋଗ୍ୟ ପଦକ୍ଷେପ

ମହାଶୟ,

କୌଣସି ବ୍ୟକ୍ତିଙ୍କର ନିଜର ସମ୍ପୂର୍ଣ୍ଣ ଅଙ୍ଗଦାନ କରିବାର ଅଧିକାର ରହିଛି। ଏଥିପାଇଁ ମନୁଷ୍ୟ ତା'ର ଜୀବନ୍ତ ଅବସ୍ଥାରେ କୌଣସି ଏକ ସରକାରୀ ଡାକ୍ତରଖାନା ବା ସରକାରୀ ପଞ୍ଜୀକୃତ ସଂସ୍ଥା ସହ ଯୋଗାଯୋଗକରି ରଖିଥିବା ଦରକାର ଓ ନିଜ ପରିବାରବର୍ଗଙ୍କ ସହମତି ସାଙ୍ଗକୁ ସେମାନେ ସମ୍ପୂର୍ଣ୍ଣ ଅବଗତ ଥିବା ଉଚିତ। ଓଡ଼ିଶା ସରକାର ଅଙ୍ଗଦାନ ପ୍ରକ୍ରିୟାକୁ ସୁଗମ କରିବାକୁ ୨୦୧୯ରୁ ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ ପ୍ରତିଷ୍ଠା କରିଛନ୍ତି । ୨୦୨୦ରେ ଗଞ୍ଜାମ ଜିଲାର ଭଞ୍ଜନଗର ଅଞ୍ଚଳର ସୁରଜ ନାମକ ବ୍ୟକ୍ତିଙ୍କର ସଡ଼କ ଦୁର୍ଘଟଣାରେ ମସ୍ତିଷ୍କ ମୃତ ବୋଲି ଡାକ୍ତରଙ୍କ ଘୋଷଣା ପରେ ତାଙ୍କ ପରିବାର ଲୋକଙ୍କ ସହମତିରେ ଆଉ ୬ଜଣ ଲୋକଙ୍କୁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଦ୍ୱାରା ଜୀବଦାନ ଦିଆଯାଇପାରିଲା । ତେଣୁ ଓଡ଼ିଶା ସରକାର ସେହିଦିନଠାରୁ ସୁରଜ ପୁରସ୍କାର ପ୍ରଦାନ ଆରମ୍ଭ କରିଛନ୍ତି । ଏହା ଏକ ଅତି ଉଚ୍ଚକୋଟୀର ଚିନ୍ତାଧାରା ।

-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସୋନିଆ ଓ ନଡ୍ଡା


ସୋନିଆ ଗାନ୍ଧୀ


ଜେ.ପି ନଡ୍ଡା

ନୂଆଦିଲ୍ଲୀ, ୨୦।୨

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ନିର୍ଦ୍ୱନ୍ଦ୍ୱରେ ରାଜସ୍ଥାନରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଗତ ୧୪ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରେ ଖାଲି ପଡ଼ିଥିବା ଆସନ ପାଇଁ ସୋନିଆ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଆଗାମୀ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ସେ ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ୧୯୯୯ ମସିହାଠାରୁ ସୋନିଆ କ୍ରମାଗତ ଲୋକ ସଭା ଏମ୍‌ପି ଭାବେ ନିର୍ବାଚିତ ହୋଇଆସୁଥିଲେ।

ସେହିପରି ଗୁଜରାଟରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ସମେତ ଦଳର ୪ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ମହାରାଷ୍ଟ୍ରରୁ ଭାଜପାର ୩ ଜଣ, ଶିବସେନା, ଏନ୍‌ସିପି ଓ କଂଗ୍ରେସର ଜଣେ ଲେଖାଏ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଭାଜପାରୁ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ ଓ ଶିବସେନାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମିଲିନ୍ଦ ଦେଓରା ନିର୍ବାଚିତ ହୋଇଛନ୍ତି। ସେହିପରି ମଧ୍ୟପ୍ରଦେଶରେ ଭାଜପାର ୪ ଜଣ ଓ କଂଗ୍ରେସର ଜଣେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟରୁ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଏଲ୍ ମୁରୁଗାନ୍ ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଓଡିଶାରୁ ବିଜେଡିରୁ ଦୁଇଜଣ ଓ ଭାଜପାରୁ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଚ୍ଚ ସଦନକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# ପ୍ରଦୀପଙ୍କ ଭୂମିକା ଉପରେ ଆଖି

## ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀ

ବ୍ରହ୍ମପୁର, ୨୦।୨(ଅଶୋକ କୁମାର ସାହୁ)

ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଗୋପାଳପୁର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ୧୯୭୪ରୁ ଲଗାତର ୪ ଥର ଜିତିଥିଲେ। ୧୯୯୦ ଓ ୧୯୯୫ରେ ଏହି ଆସନ ଜନତା ଦଳକୁ ଯାଇଥିଲା। ୨୦୦୦ରେ ବିଜେଡି ପ୍ରାର୍ଥୀ ଏଠାରୁ ବିଜୟୀ ହୋଇଥିଲେ। ୨୦୦୪ରେ ଏହି ଆସନକୁ ପୁଣି କଂଗ୍ରେସ ଛଡ଼ାଇ ନେଇଥିଲା। ତେବେ ୨୦୦୯ରୁ ଲଗାତର ଏହି ନିର୍ବାଚନମଣ୍ଡଳୀରୁ ବିଜେଡିର ପ୍ରଦୀପ ପାଣିଗ୍ରାହୀ ଜିତି ଆସିଥିଲେ। ତାଙ୍କ ବିରୋଧରେ ବିଭିନ୍ନ ପ୍ରକାର ଅଭିଯୋଗ ଆସିବା ପରେ ଦଳ ତାଙ୍କୁ ବହିଷ୍କୃତ କରିଛି। ରୋଚକ ବିଷୟଟି ହେଲା ଯେ, ବିଜେଡି ଓ ରାଜ୍ୟ ସରକାରଙ୍କୁ ପ୍ରଦୀପ ବାରମ୍ବାର ଅପଦସ୍ଥ କରିବା ଲାଗି ଗଣମାଧ୍ୟମରେ ଅନେକ କଥା କହୁଥିବାରୁ ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀ ରାଜ୍ୟ ରାଜନୀତିରେ ଚର୍ଚ୍ଚାରେ ରହୁଛି। ଆଗାମୀ ନିର୍ବାଚନରେ ପ୍ରଦୀପଙ୍କ ଭୂମିକା ଉପରେ ଏବେଠୁ ସମସ୍ତଙ୍କ ଆଖି ରହିଲାଣି।

ଗୋପାଳପୁର ନିର୍ବାଚନମଣ୍ଡଳୀରେ ଗୋପାଳପୁର ଏନ୍‌ଏସି, ରଙ୍ଗେଇଲୁଣ୍ଡା ବ୍ଲକର ୩୨, କୁକୁଡ଼ାଖଣ୍ଡି ବ୍ଲକର ୪ ପଞ୍ଚାୟତ ଓ ବ୍ରହ୍ମପୁର ମହାନଗର ନିଗମର ୬ଟି ୱାର୍ଡ ରହିଛି। ଏଠାରେ ଭୋଟର ସଂଖ୍ୟା ୨ ଲକ୍ଷ ୨୧,୬୩୦। ନିକଟ ଅତୀତକୁ ଦେଖିଲେ, ୨୦୦୯ ନିର୍ବାଚନରେ ବିଜେଡିରୁ ପ୍ରଦୀପ ପାଣିଗ୍ରାହୀ ୩୭,୬୧୨ଖଣ୍ଡ ଭୋଟ ପାଇଥିବାବେଳେ କଂଗ୍ରେସର ତ୍ରିନାଥ ବେହେରା ୧୮,୮୫୪ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ସ୍ୱାଧୀନ ପ୍ରାର୍ଥୀ ଅନୁଜ କୁମାର ନାୟକ ତୃତୀୟ ଓ ଭାଜପାର ବିଭୂତିଭୂଷଣ ଜେନା ଚତୁର୍ଥ ସ୍ଥାନରେ ଥିଲେ। ୨୦୧୪ ନିର୍ବାଚନରେ ପ୍ରଦୀପ ୫୫,୨୬୫ ଭୋଟ ପାଇ ଜିତିଥିବାବେଳେ ଭାଜପାରୁ ବିଭୂତି ୩୫,୧୫୩ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ନିଜ ପ୍ରଭାବ ଦେଖାଇଥିଲେ। କଂଗ୍ରେସ ତୃତୀୟ ସ୍ଥାନକୁ ଖସି ଯାଇଥିଲା। ସେହିପରି ୨୦୧୯ ନିର୍ବାଚନରେ ପ୍ରଦୀପ ପୁଣି ବିଜେଡିରୁ ପ୍ରାର୍ଥୀ ହୋଇ ୬୧,୬୨୮ ଖଣ୍ଡ ଭୋଟ ପାଇଥିବାବେଳେ ଭାଜପାରୁ ବିଭୂତି ୫୮, ୯୫୫ ଭୋଟ ପାଇଥିଲେ। ଦେଖିବାକୁ ଗଲେ, ଗତ ୩ଟି ନିର୍ବାଚନରେ ଭାଜପାର ଭୋଟ ହାର ବଢ଼ିଛି। ଗତ ନିର୍ବାଚନରେ ବିଜେଡିଠାରୁ ଅତି କମ୍ ଭୋଟ ବ୍ୟବଧାନରେ ଭାଜପା ହାରିଥିବାରୁ ଚଳିତ ନିର୍ବାଚନରେ ଏହି ଆସନ ଉପରେ ଭାଜପାର ଫୋକସ ରହିଛି ବୋଲି ଦଳୀୟ ନେତୃବର୍ଗ କହୁଛନ୍ତି।


ପ୍ରଦୀପ ପାଣିଗ୍ରାହୀ


ବିଭୂତି ଭୂଷଣ ଜେନା


ବିକ୍ରମ ପଣ୍ଡା

ବର୍ତ୍ତମାନର ସ୍ଥିତି ଦେଖିଲେ ପ୍ରଦୀପ ବିଜେଡିରୁ ବହିଷ୍କୃତ ହେବା ପରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ବିଜେଡି ଗୋପାଳପୁର ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ଦାୟିତ୍ୱ ଦେଇଛି। ସେ ଏହି ଆସନରୁ ପ୍ରାର୍ଥୀ ହେବା ଦଳୀୟ ମହଲରୁ ମଧ୍ୟ ଶୁଣାଯାଉଛି। ଯଦି ବିକ୍ରମ ଏହି ଆସନରୁ ପ୍ରାର୍ଥୀ ହୁଅନ୍ତି, ତେବେ ତାଙ୍କ ପାଇଁ ଜିତିବା ସହଜ ହୋଇ ନ ପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ଦେଉଛନ୍ତି। କାରଣ ଭାଜପାରୁ ପ୍ରାର୍ଥୀ ହେବା ନେଇ ବିଭୂତିଙ୍କ ନାମ ଶୁଣାଯାଉଛି ଓ ସେ ଗତ ସାଧାରଣ ନିର୍ବାଚନରେ ବିଜେଡିକୁ କଡ଼ା ଟକ୍କର ମଧ୍ୟ ଦେଇଥିଲେ।

ସେପଟେ ବିଧାୟକ ପ୍ରଦୀପ ସୋସିଆଲ ମିଡିଆରେ ବିଜେଡି ବିରୋଧରେ ବିଷୋଦଗାର କରୁଥିବା କାହାକୁ ଅଛପା ନାହିଁ। ୩ ଥର ବିଜେଡି ଟିକେଟରେ ବିଧାୟକ ହୋଇଥିବା ପ୍ରଦୀପଙ୍କ ବ୍ୟକ୍ତିଗତ ଭୋଟ ମଧ୍ୟ ରହିଛି। ଶୁଣିବାକୁ ମିଳୁଛି, ଗତ ନିର୍ବାଚନରେ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବା ପ୍ରଦୀପ ଓ ବିଭୂତି ଯଦି ହାତ ମିଳାନ୍ତି, ତେବେ ଶାସକ ଦଳ ସକାଶେ ଏହା ଏକ ଅଗ୍ନି ପରୀକ୍ଷା ହୋଇପାରେ। ପ୍ରଦୀପଙ୍କୁ ବିଜେଡି ପକ୍ଷରୁ ଅନେକ ହଟହଟା କରାଯାଇଥିବାରୁ ସେ ପ୍ରତିଶୋଧ ନେବା ମୁଡ୍‌ରେ ଥିବା ଭଳି ମନେହେଉଛି। ଗତ କିଛି ଦିନ ତଳେ ରାଜ୍ୟ ସଭା ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଦୀପଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଭେଟିଥିବାର ଫଟୋ ଦେଖିବାକୁ ମିଳିଥିଲା। ଏଭଳି ଭେଟଘାଟକୁ ନେଇ ଚର୍ଚ୍ଚା ଚାଲିଛି ଯେ, ପ୍ରଦୀପ ଭାଜପା ଟିକେଟରୁ ନିର୍ବାଚନ ଲଢ଼ିପାରନ୍ତି। ଏଠାକାର ଆଗାମୀ ନିର୍ବାଚନ ପାଇଁ ଭାଜପାର ରଣନୀତି ସଂକ୍ରାନ୍ତ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତିଙ୍କୁ ପଚାରିବାରେ ସେ କହିଛନ୍ତି, ପୂର୍ବ ନିର୍ବାଚନରେ ଦେଖାଦେଇଥିବା ତ୍ରୁଟି ସୁଧାରିବାକୁ ଚେଷ୍ଟା କରାଯାଉଛି। ଆଗକୁ ଗୋପାଳପୁର ଓ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ଦଳ ଅଧିକ ଫୋକସ କରିବ ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ଚୟନ ହୋଇନାହିଁ। ବିକ୍ରମ ଗୋପାଳପୁର ନିର୍ବାଚନମଣ୍ଡଳୀର ସଙ୍ଗଠନ ସୁଦୃଢ଼ ପାଇଁ ଦାୟିତ୍ୱ ନେଇଥିବାରୁ ସେ ସେଠାରୁ ପ୍ରାର୍ଥୀ ହେବା ପାଇଁ ଲୋକେ ଆଶା ରଖିଛନ୍ତି। ଦୀର୍ଘ ଦିନ ହେଲା ସେଠାକାର ନିର୍ବାଚିତ ଲୋକ ପ୍ରତିନିଧି ଓ ବିରୋଧୀ ପ୍ରାର୍ଥୀମାନେ କିଭଳି ଲୋକଙ୍କ ସାଥିରେ ଥିଲେ ତାହା ଭୋଟରଙ୍କୁ ଅଛପା ନୁହେଁ। ତେଣୁ ଏଥର ବିଜେଡିରୁ ଯାହାକୁ ପ୍ରାର୍ଥୀ କରାଯିବ ସେମାନଙ୍କ ସାଥିରେ ଲୋକେ ନିଶ୍ଚିତ ରହିବେ ବୋଲି ସେ କହିଥିଲେ।

ଅନ୍ୟପଟେ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଅତୀତରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଏବର ପ୍ରସ୍ତୁତି ସେଭଳି ଆଖିଦୃଶିଆ ଦେଖିବାକୁ ମିଳୁନାହିଁ। ୨୦୦୯ରୁ କଂଗ୍ରେସର ଭୋଟ ହାର କମିବାରେ ଲାଗିଛି। ତେଣୁ ଆଗାମୀ ନିର୍ବାଚନରେ ଉତ୍ତମ ପ୍ରଦର୍ଶନ କରିବାକୁ ହେଲେ କଂଗ୍ରେସକୁ ବହୁ ସଂଘର୍ଷ କରିବାକୁ ପଡ଼ିବ। ଏ ସମ୍ପର୍କରେ କଂଗ୍ରେସ ମୁଖପାତ୍ର ପୀତବାସ ପଣ୍ଡା କହିଛନ୍ତି, ପୂର୍ବ ଗଡ଼କୁ ଅକ୍ତିଆର କରିବାକୁ କଂଗ୍ରେସ ରଣନୀତି ପ୍ରସ୍ତୁତ କରୁଛି। ସ୍ଥାନୀୟ ଲୋକଙ୍କୁ ଏହି ନିର୍ବାଚନମଣ୍ଡଳୀର ଭୋଟର ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି ସେ କହିଛନ୍ତି।

# କୋରାପୁଟ ଲୋକ ସଭା ଆସନ: କଂଗ୍ରେସରୁ ୧୨ ଇଚ୍ଛୁକ

ଭୁବନେଶ୍ୱର,୨୦।୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ କେତେ ଆସନ ନେବେ ସେନେଇ ବିଭିନ୍ନ ସଂସ୍ଥା ପକ୍ଷରୁ ସର୍ଭେ ଜାରି ରହିଛି। ଏହି ୩ ଦଳ ନିଜର ସ୍ଥିତି ଜାଣିବା ସକାଶେ ଜାତୀୟ ସ୍ତରର ସର୍ଭେ ସଂସ୍ଥାକୁ ଦାୟିତ୍ୱ ଦେଇସାରିଛନ୍ତି। ତେବେ ଆଉ କିଛି ଜାତୀୟ ଗଣମାଧ୍ୟମ ସଂସ୍ଥା ନିକଟରେ ଓଡ଼ିଶାର ୨୧ ଲୋକ ସଭା ଆସନ ମଧ୍ୟରୁ କେଉଁ ଦଳକୁ କେତୋଟି ମିଳିବ, ସେନେଇ ସର୍ଭେକରି ଫଳାଫଳ ଆକଳନ କରିଛନ୍ତି। ଭାଜପା ଗତ ଥର ଅପେକ୍ଷା ଅଧିକ ଆସନ ପାଇବାକୁ ଥିବାବେଳେ ବିଜେଡିର କିଛି ଆସନ କମିବ ବୋଲି ଅନୁମାନ କରାଯାଇଛି। କଂଗ୍ରେସ ରାଜ୍ୟରେ ଗୋଟିଏ ଆସନ ନିଜ ଦଖଲରେ ରଖିପାରେ ବୋଲି କୁହାଯାଉଛି। ତେବେ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ କେବଳ କୋରାପୁଟ ଲୋକ ସଭା ଆସନରେ ବିଜୟୀ ହୋଇଥିଲା। ଆସନ୍ତା ନିର୍ବାଚନରେ ଦଳ କୋରାପୁଟ ଲୋକ ସଭା ଆସନରେ କାହାକୁ ପ୍ରାର୍ଥୀ କରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଦଳ ଏଥର ପ୍ରଥମ କରି ପ୍ରଗମନ ଆପ୍ ଜରିଆରେ ଯେଉଁମାନେ ପ୍ରାର୍ଥୀ ହେବାକୁ ଚାହିଁବେ ସେମାନଙ୍କ ଆବେଦନ ଗ୍ରହଣ କରୁଛି। ଏଥର ଏହି ଆସନରୁ ପ୍ରଗମନ ଆପ୍ ଜରିଆରେ ୧୨ ଜଣ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିବା ଜଣାପଡ଼ିଛି।

କୋରାପୁଟ ଲୋକ ସଭା ଆସନ ପାଇଁ କଂଗ୍ରେସରେ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ଏହା ଦଳ ମଧ୍ୟରେ ରହିଥିବା ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଯଦି ଏହି ଆଶାୟୀ ପ୍ରାର୍ଥୀମାନଙ୍କୁ ଦଳ ଠିକଣା ଢଙ୍ଗରେ ବୁଝାଶୁଝା ନ କରିପାରିବ, ତେବେ ଏହି ଆସନ ମଧ୍ୟ ଏଥର କଂଗ୍ରେସ ହାତରୁ ଚାଲିଯାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କୋରାପୁଟ ଲୋକ ସଭା ଆସନ ପାଇଁ ଏମ୍‌ପି ସପ୍ତଗିରି ଉଲାକାଙ୍କ ସମେତ ପୂର୍ବତନ ସାଂସଦ ହେମା ଗମାଙ୍ଗ, ଗୁଣପୁର ଯୁବନେତା ଅବିନାଶ ଗମାଙ୍ଗ, ଜୟରାମ ପାଙ୍ଗୀଙ୍କ ଝିଅ କଳ୍ପନା ପାଙ୍ଗୀ ଏବଂ ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ଭ୍ରାଇଁ ଗୋପୀନାଥ ସାରକାଙ୍କ ସମ୍ପର୍କୀୟ ଭାଇ ରାଧାମୋହନ ସାରକା ପ୍ରମୁଖ ଚର୍ଚ୍ଚାରେ ଅଛନ୍ତି। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ମାଝି, ଅଶ୍ରି ସାଉଁତା, ଗୀତା ମାଝି, ଲାସୁ ହନ୍ତାଳ, ନରେନ୍ଦ୍ର କୁମାର ନାଏକ, ରୋଜାଲିନ୍ କହଁର ଏବଂ ଭଗବାନ ସୁକିଆ ମଧ୍ୟ କୋରାପୁଟ ଲୋକ ସଭା ଆସନ ପାଇଁ ପ୍ରଗମନ ମାଧ୍ୟମରେ ଆବେଦନ କରିଛନ୍ତି। ଏହି ଅନ୍‌ଲାଇନ ଆବେଦନରେ ସଂଖ୍ୟାଧିକ ଆଶାୟୀ ଟିକେଟ ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ବର୍ତ୍ତମାନ କଂଗ୍ରେସର କର୍ମୀ ଓ ଲୋକଙ୍କ ପସନ୍ଦର ନେତା ବାଛିବାକୁ ପ୍ରଗମନ ଆପ୍ ମାଧ୍ୟମରେ ଭୋଟିଂ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା କୁହାଯାଉଛି। ହେଲେ ଦଳର ଅନେକ ବରିଷ୍ଠ ନେତା ଏହି ଭୋଟିଂ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ତେବେ ସୋମବାର ପ୍ରଦେଶ ନିର୍ବାଚନ କମିଟି(ପିଇସି) ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆଗକୁ ସ୍କ୍ରିନିଂ କମିଟି ଏବଂ ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ବୈଠକ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜୟରାମ ପାଙ୍ଗୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସ୍ତ୍ରୀ ହେମା ଗମାଙ୍ଗ ଲୋକ ସଭା ପ୍ରାର୍ଥୀ ହେବାକୁ ଆଶାବାଦୀ ଅଛନ୍ତି। ଯଦି ଦଳର ବିଜୟୀ ପ୍ରାର୍ଥୀ ଭାବେ ବର୍ତ୍ତମାନର ଏମ୍‌ପି ସପ୍ତଗିରିଙ୍କୁ ଟିକେଟ ମିଳିଯାଏ, ଅନ୍ୟ ଆବେଦନକାରୀମାନେ କେଉଁ ପ୍ରକାର ଆଭିମୁଖ୍ୟ ରଖୁଛନ୍ତି ତାହା ଏବେ ସବୁଠୁ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

# କର୍ମୀ ସମ୍ମିଳନୀରେ ଯୋଗଦେବେ ରାଜନାଥ

ଭୁବନେଶ୍ୱର,୨୦।୨
(ସୁନିତ୍ ମିଶ୍ର)

**ଗୁରୁବାର ନବରଙ୍ଗପୁର, ବ୍ରହ୍ମପୁର, ବାରିପଦା ଗସ୍ତରେ ଆସିବେ**

**ଚଳିତ ମାସ ଶେଷ ଆଡ଼କୁ ଆସିପାରନ୍ତି ପ୍ରଧାନମନ୍ତ୍ରୀ**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେ ନବରଙ୍ଗପୁର, ବ୍ରହ୍ମପୁର ଓ ବାରିପଦା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ବ୍ରହ୍ମପୁରରେ ଆୟୋଜିତ କର୍ମୀ ସମ୍ମିଳନୀରେ ସାମିଲହୋଇ ୨୦୨୪ ନିର୍ବାଚନ ରଣନୀତି ବାବଦରେ ସମ୍ବୋଧନ କରିବେ। ଅଳ୍ପଦିନ ଭିତରେ ପୁଣି ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସି ଜଗନ୍ନାଥଙ୍କୁ ଦର୍ଶନକରି ଚଣ୍ଡିଖୋଲ ସାଧାରଣ ସଭାରେ ଭାଷଣ ଦେବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ମନମୋହନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ନୂଆଦିଲ୍ଲୀରେ ଆୟୋଜିତ ୨ ଦିନିଆ ରାଷ୍ଟ୍ରୀୟ ଅଧିବେଶନ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଅଶେଷ ଶକ୍ତି, ଉତ୍ସାହ ପ୍ରଦାନ କରିଛି। ସ୍ୱଳ୍ପ ସମୟର ଅଧିବେଶନ ସମସ୍ତଙ୍କ ଭିତରେ ଉତ୍ସାହ ଭରିଦେଇଥିଲା। ଦଳକୁ ଜିତାଇ ନରେନ୍ଦ୍ର ମୋଦିଙ୍କୁ ୩ୟ ଥର ପ୍ରଧାନମନ୍ତ୍ରୀ ଆସନରେ ଅଭିଷିକ୍ତ କରିବାକୁ ଅଧିବେଶନରେ ସମସ୍ତ କାର୍ଯ୍ୟକର୍ତ୍ତା ସଂକଳ୍ପ ନେଇଛନ୍ତି। ଏହାକୁ ତୃଣମୂଳ ଓ ବୁଥ୍‌ସ୍ତର ପର୍ଯ୍ୟନ୍ତ ନେବାକୁ ନିଷ୍ପତ୍ତି ହୋଇଛି ବୋଲି ମନମୋହନ କହିଛନ୍ତି।


ରାଜନାଥ ସିଂହ

# ଧୀରେନ ସାହୁ କେନ୍ଦ୍ରାପଡ଼ା ବିଜେଡି ଜିଲା ସଭାପତି

**ମହାକାଳପଡ଼ାର ଚିତ୍ତରଞ୍ଜନ ବିଜେଡିରୁ ନିଲମ୍ବିତ**

ଭୁବନେଶ୍ୱର,୨୦।୨(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଧୀରେନ କୁମାର ସାହୁଙ୍କୁ କେନ୍ଦ୍ରାପଡ଼ା ବିଜୁ ଜନତା ଦଳ ଜିଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ମଙ୍ଗଳବାର ବିଜେଡି ପକ୍ଷରୁ ଜାରି ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଅନ୍ୟପକ୍ଷରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଭାପତି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଚିତ୍ତରଞ୍ଜନ ଦାସଙ୍କୁ ବିଜେଡିରୁ ନିଲମ୍ବନ କରିଛନ୍ତି।

# ଛକାପଞ୍ଝାରେ କଂଗ୍ରେସ ଆଶାୟୀ ପ୍ରାର୍ଥୀ

## ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ

ଗୁଣପୁର,୨୦।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୦୯ରୁ ବିଜେଡି ପ୍ରାର୍ଥୀ ଜିତିଆସୁଛନ୍ତି। ୨୦୦୪ରେ କଂଗ୍ରେସରୁ ହେମାବତୀ ଗମାଙ୍ଗ ବିଜୟୀ ହୋଇଥିଲେ। ତେଣୁ କଂଗ୍ରେସ ଆଗାମୀ ନିର୍ବାଚନରେ ଏହି ଆସନ ଅକ୍ତିଆର କରିବା ଲାଗି କସରତ ଆରମ୍ଭ କରିଦେଇଛି। ହେଲେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଦଳୀୟ ନେତୃବୃନ୍ଦଙ୍କ ଚିନ୍ତା ବଢ଼ିଯାଇଛି।

କଂଗ୍ରେସରେ ଏବେ ଜିଲା ସଭାପତି ବିଜୟ ଗମାଙ୍ଗ, ତାଙ୍କ ପୁଅ ଅବିନାଶ ଗମାଙ୍ଗ, ଗୁଡାରି ଅଞ୍ଚଳର ଯୁବ ନେତା ସତ୍ୟଜିତ୍ ଗମାଙ୍ଗ, ଭାସ୍କର ଜାଗରେଙ୍ଗା, ଶାନ୍ତି ଜାଗରେଙ୍ଗା ଏବଂ ପଦ୍ମପୁର ବ୍ଲକ ନାଇରା ସରପଞ୍ଚ ତୁଳସା ଶବର ଆଶାୟୀ ପ୍ରାର୍ଥୀ ରହିଛନ୍ତି। ନିକଟରେ ଦଳରେ ପୁଣି ଯୋଗ ଦେଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସ୍ତ୍ରୀ ହେମା ଗମାଙ୍ଗ ମଧ୍ୟ ଟିକେଟ ପାଇଁ ଆଶାୟୀ ଅଛନ୍ତି। ଏହିପରି ୭ ଜଣ ଆଶାୟୀ ରହିଥିବାବେଳେ ଦଳ କାହାକୁ ପ୍ରାର୍ଥୀ କରିବ ତା' ଉପରେ ଭୋଟରଙ୍କ ନଜର। ଆଶାୟୀ ପ୍ରାର୍ଥୀମାନେ ଗୁଣପୁର ସହରଠାରୁ ଆରମ୍ଭ କରି ନିର୍ବାଚନମଣ୍ଡଳୀର ଅନେକ ସ୍ଥାନରେ ବଡ଼ ହୋର୍ଡିଂ ଲଗାଇଥିବା ଦେଖିବାକୁ ମିଳୁଛି।



ଦଳର ଆଶାୟୀ ପ୍ରାର୍ଥୀଙ୍କ ପକ୍ଷରୁ ଲାଗିଥିବା ହୋର୍ଡିଂ ।

ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଏକଦା କଂଗ୍ରେସର ଗଡ଼ ଥିଲା। ଅତୀତକୁ ଦେଖିଲେ ୧୯୯୦ରେ କଂଗ୍ରେସ ପ୍ରାର୍ଥୀ ଭାଗୀରଥି ଗମାଙ୍ଗଙ୍କୁ ପରାସ୍ତ କରି ଜନତା ଦଳରୁ ରାମମୂର୍ତ୍ତି ଗମାଙ୍ଗ ବିଜୟ ଲାଭ କରି କଂଗ୍ରେସ ଗଡ଼ରେ ପଶିବାରେ ସଫଳ ହୋଇଥିଲେ। ଆଉ ଏକ ଘଟଣାକ୍ରମକୁ ଦେଖିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗଙ୍କ ସ୍ତ୍ରୀ ହେମାବତୀ ଗମାଙ୍ଗ କଂଗ୍ରେସରୁ ବିଜୟଲାଭ କରି ଗୁଣପୁର ନିର୍ବାଚନମଣ୍ଡଳୀରୁ ପ୍ରଥମ ମହିଳା ବିଧାୟିକା ହୋଇଥିଲେ। ୨୦୦୯ ସାଧାରଣ ନିର୍ବାଚନରେ ବିଜେଡି-ଭାଜପା ମେଣ୍ଟ ଭାଙ୍ଗିବା ପରେ ବିଜେଡି ପକ୍ଷରୁ ରାମମୂର୍ତ୍ତି ମୁତ୍ତିକା ପ୍ରାର୍ଥୀ ହୋଇ ଗିରିଧରଙ୍କ ପୁଅ ତଥା କଂଗ୍ରେସର ଶିଶିର ଗମାଙ୍ଗଙ୍କୁ ପରାସ୍ତ କରିଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରି ରାମମୂର୍ତ୍ତି ମୁତ୍ତିକାଙ୍କ ବଦଳରେ ତ୍ରିନାଥ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଥିଲା। ତ୍ରିନାଥଙ୍କଠାରୁ କଂଗ୍ରେସ ପ୍ରାର୍ଥୀ ପୁରୁଷୋତ୍ତମ ଗମାଙ୍ଗ ହାରି ଯାଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ପୁଣି ତା'ର ପ୍ରାର୍ଥୀ ପରିବର୍ତ୍ତନ କରି ତ୍ରିନାଥଙ୍କ ବଦଳରେ ରଘୁନାଥ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଥିଲା। ସେପଟେ କଂଗ୍ରେସ ପୁଣି ପୁରୁଷୋତ୍ତମଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେଡି ପ୍ରାର୍ଥୀଙ୍କଠାରୁ ସେ ହାରିଯାଇଥିଲେ। ସୂଚନା ଦିଆଯାଇପାରେ ଯେ, ୨୦୧୯ ଡିସେମ୍ବର ୨୪ରେ ସଡ଼କ ଦୁର୍ଘଟଣାରେ ପୁରୁଷୋତ୍ତମଙ୍କ ମୃତ୍ୟୁ ଘଟିଥିଲା। କଂଗ୍ରେସର ବରିଷ୍ଠ ନେତା ଗିରିଧର ଏବଂ ତାଙ୍କ ପୁତ୍ର ଶିଶିର ଗମାଙ୍ଗ ମଧ୍ୟ ଦଳ ଛାଡ଼ିଥିଲେ। କିଛିଦିନ ପୂର୍ବରୁ ଗିରିଧରଙ୍କ ପରିବାର ପୁଣି କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଗୁଣୁପୁର ରାଜନୀତି ସରଗରମ ହୋଇଛି।

ଦେଖିବାକୁ ଗଲେ ବିଜୟ ଗମାଙ୍ଗ ଦଳର ଦୁର୍ଦ୍ଦିନରେ ମଧ୍ୟ ସେହିପରି ରହିଛନ୍ତି। ଏଣୁ ତାଙ୍କୁ କିମ୍ବା ତାଙ୍କ ପୁଅଙ୍କୁ ଟିକେଟ ମିଳିବା ନେଇ ସେ ଆଶାବାଦୀ ଅଛନ୍ତି। ସେହିପରି ଯୁବ ନେତା ସତ୍ୟଜିତ ମଧ୍ୟ ଆଶାୟୀ ଅଛନ୍ତି, କାରଣ ତାଙ୍କ ଉପରେ କୁଆଡ଼େ ଏମ୍‌ପି ସପ୍ତଗିରି ଉଲାକାଙ୍କ ଆଶୀର୍ବାଦ ରହିଛି। ହେମା ଥରେ ବିଧାୟିକା ସହ କୋରାପୁଟ ଆସନରୁ ଏମ୍‌ପି ମଧ୍ୟ ଥିଲେ। ଦଳକୁ ପୁଣି ପ୍ରତ୍ୟାବର୍ତ୍ତନ କରିବା ନେଇ ତାଙ୍କ ଉଦ୍ଦେଶ୍ୟ କ'ଣ ରହିଛି, ତାହା କାହାରିକୁ ବୁଝିବା କଷ୍ଟକର ନୁହେଁ। କଂଗ୍ରେସ ଯାହାଙ୍କୁ ଏଠାରୁ ପ୍ରାର୍ଥୀ କରିବ ତାଙ୍କୁ ସମର୍ଥନ କରିବେ ବୋଲି ସମସ୍ତ ଆଶାୟୀ ପ୍ରାର୍ଥୀ କହୁଥିବା ଶୁଣିବାକୁ ମିଳୁଛି। ବାସ୍ତବରେ ତାହା କେତେଦୂର ଆଶାୟୀଙ୍କ ଭିତରେ ହଜମ ହେବ, ଟିକେଟ ମିଳିବା ପରେ ଜଣାପଡ଼ିବ।

ଅନ୍ୟ ଏକ ଘଟଣାକ୍ରମରେ ଭାଜପା-ବିଜେଡିର ବାହାଘର କରିବା ଲାଗି ଆଶାୟୀ ପ୍ରାର୍ଥୀଙ୍କୁ କଂଗ୍ରେସ ପକ୍ଷରୁ କୁହାଯାଇଥିଲା। ଗତ ୧୩ ତାରିଖରେ ପ୍ରଥମେ ସତ୍ୟଜିତ ବିବାହ କାର୍ଯ୍ୟକ୍ରମ କରିଥିଲେ। ଏମ୍‌ପି ସପ୍ତଗିରିଙ୍କୁ ବାଦ୍ ଦେଲେ ସେଥିରେ କୌଣସି ଆଶାୟୀ ପ୍ରାର୍ଥୀ, ଏପରିକି ଜିଲା ସଭାପତି ବିଜୟ ଗମାଙ୍କ ଯୋଗ ଦେଇ ନ ଥିଲେ। ଅନୁରୂପ ଭାବେ ୧୭ ତାରିଖରେ ଅନ୍ୟ ଆଶାୟୀ ବିଜୟ ଗମାଙ୍ଗ, ତାଙ୍କ ପୁଅ ଅବିନାଶ, ଭାସ୍କର ଜାଗରେଙ୍ଗା, ଶାନ୍ତି ଜାଗରେଙ୍ଗା ମିଶି ବିବାହ କାର୍ଯ୍ୟକ୍ରମ କରିଥିଲେ। କିନ୍ତୁ ସେଥିରେ ଏମ୍‌ପି ସପ୍ତଗିରି ଉପସ୍ଥିତ ନ ଥିଲେ। ଆଶାୟୀଙ୍କ ଭିତରେ ଏଭଳି ଛକାପଞ୍ଝାକୁ ଦେଖି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି, ଗୁଣୁପୁର କଂଗ୍ରେସରେ କିଛି ଠିକ୍ ଚାଲିନାହିଁ।

# ଆଜି ନବୀନ ନିବାସ ଘେରିବ ମହିଳା କଂଗ୍ରେସ

ଭୁବନେଶ୍ୱର,୨୦।୨(ସୁନିତ୍ ମିଶ୍ର)

**ସମାବେଶରେ ଯୋଗଦେବାକୁ ଓଡ଼ିଶାରେ ଅଲକା ଲାମ୍ବା**

ରାଜ୍ୟରେ ମହିଳାମାନଙ୍କ ପ୍ରତି ବଢୁଥିବା ହିଂସା ବିରୋଧରେ ବୁଧବାର ନବୀନ ନିବାସ ଘେରିବ ବୋଲି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ସୂଚନା ଦେଇଛନ୍ତି। ସର୍ବଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ମଙ୍ଗଳବାର ସେ ଭୁବନେଶ୍ୱର ଠାରେ ପହଞ୍ଚିଛନ୍ତି। ପ୍ରଥମେ ମୀନାକ୍ଷୀ ନୂଆ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏହାପରେ ମହିଳା କଂଗ୍ରେସ ପକ୍ଷରୁ ଏକ ବିଶାଳ ସମାବେଶ କରାଯିବ ନେଇ ସ୍ଥିର ହୋଇଛି। ଏହାପରେ ସମସ୍ତ ମହିଳା କଂଗ୍ରେସ କର୍ମୀ ନବୀନ ନିବାସ ଘେରାଉ କରିବା କାର୍ଯ୍ୟକ୍ରମ ରହିଛି। ମୀନାକ୍ଷୀ ସୋମବାର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ବିଜେଡି ଶାସନରେ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ। ମହିଳାଙ୍କ ପ୍ରତି ହିଂସା ଓ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଜିର ଦିନରେ ସାରା ଦେଶରେ ମହିଳାଙ୍କ ଉପରେ ହେଉଥିବା ହିଂସାତ୍ମକ ଆଚରଣରେ ଓଡ଼ିଶା ୧ମ ସ୍ଥାନ ଅଧିକାର କରିଛି। ୨୪ ବର୍ଷର ସରକାରରେ ରାଜ୍ୟର ମହିଳାମାନେ ଚରମ ଅବହେଳାର ଶିକାର ହୋଇଛନ୍ତି ଏବଂ ଏହାର ପ୍ରତିକାର ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଉଦାସୀନ ଅଛନ୍ତି। ମହିଳାଙ୍କ ପ୍ରତି ଦୀର୍ଘ ୨୪ ବର୍ଷ ଧରି ଲଗାତର ହେଉଥିବା ଅନ୍ୟାୟ ବିରୋଧରେ ବଡ଼ ଧରଣର ଆନ୍ଦୋଳନ ହେବ। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ କେବଳ ଭୋଟ ସର୍ବସ୍ୱ ରାଜନୀତିର ଏକ ଅଂଶବିଶେଷ ଭାବେ ବିବେଚନା କରୁଥିବା ସେ ଅଭିଯୋଗ କରିଛନ୍ତି।

# ରାଜ୍ୟରେ ବଢୁଛି ଦୁର୍ନୀତି : କଂଗ୍ରେସ

ଭୁବନେଶ୍ୱର,୨୦।୨(ସୁନିତ୍ ମିଶ୍ର)

ରାଜ୍ୟରେ ଦୀର୍ଘବର୍ଷର ଶାସନ ପରେ ବର୍ତ୍ତମାନ ଓଡ଼ିଶାରେ ଓଡ଼ିଆମାନେ ନିଜ ଅସ୍ତିତ୍ୱ ଖୋଜୁଛନ୍ତି। ଓଡ଼ିଶାର ପ୍ରାକୃତିକ ସମ୍ପଦ, ମାନବ ସମ୍ବଳ ଓ ସମସ୍ତ ପୁଞ୍ଜିକୁ ଓଡ଼ିଶା ବାହାର ଲୋକଙ୍କ ହାତରେ ଟେକିଦେବାକୁ ଏ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ସରକାରୀ ଯୋଜନା ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ ହୋଇ ରହିଥିବାବେଳେ ପ୍ରଶାସନିକ ଅଧିକାରୀମାନେ ମନମୁଖି କାର୍ଯ୍ୟ ଚଳାଇଛନ୍ତି। ଫଳରେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ବୃଦ୍ଧି ପାଉଥିବାବେଳେ ରାଜ୍ୟବାସୀ ଅବହେଳାର ଶିକାର ହେଉଛନ୍ତି ବୋଲି କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ୧୦ଦଫା ସମ୍ବଳିତ ଅଭିଯୋଗପତ୍ର ଉପସ୍ଥାପନକରି ବିଜୟ ଏହା କହିଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଦେବାଶିଷ, ଶୁଭାଶିଷ,...

ଭରିଥିଲେ। ମଙ୍ଗଳବାର ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନପ୍ରତ୍ୟାହାରର ଶେଷ ସମୟ ରଖାଯାଇଥିଲା। ହେଲେ କୌଣସି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରି ନ ଥିବାବେଳେ ସମସ୍ତଙ୍କ ନାମାଙ୍କନପତ୍ର କାଏମ ରହିଛି। ଫଳରେ ଆଉ ନିର୍ବାଚନର ଆବଶ୍ୟକତା ପଡ଼ିଲା ନାହିଁ। ଏପ୍ରିଲ ୩ରେ ଓଡ଼ିଶାରୁ ଅଶ୍ୱିନୀ ବୈଷ୍ଣବ, ପ୍ରଶାନ୍ତ ନନ୍ଦ ଏବଂ ଅମର ପଟ୍ଟନାୟକଙ୍କ ରାଜ୍ୟ ସଭାରେ କାର୍ଯ୍ୟକାଳ ଶେଷ ହେଉଛି। ଏମାନଙ୍କ ମଧ୍ୟରୁ କେବଳ ଅଶ୍ୱିନୀ ପୁଣି ଥରେ ରାଜ୍ୟ ସଭା ଯିବାକୁ ସଫଳ ହୋଇଥିବା ବେଳେ ପ୍ରଶାନ୍ତ ଏବଂ ଅମରଙ୍କୁ ଆଉ ବିଜେଡି ପ୍ରାର୍ଥୀ କଲାନାହିଁ। ୨୦୧୯ରେ ମଧ୍ୟ ଅଶ୍ୱିନୀ ବିଜେଡି ସମର୍ଥନରେ ରାଜ୍ୟ ସଭା ଯାଇଥିଲେ। ଏହାପରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ରେଳ ମନ୍ତ୍ରଣାଳୟର ମନ୍ତ୍ରୀ କରାଯାଇଥିଲା।



ରାଜ୍ୟସଭା ସଦସ୍ୟ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି ଦେବାଶିଷ ସାମନ୍ତରାୟ ଏବଂ ଶୁଭାଶିଷ ଖୁଣ୍ଟିଆ।

### ଏଏପି ପ୍ରାର୍ଥୀ ଚଣ୍ଡିଗଡ଼ ...

ସମସ୍ତ ବାଲଟ ପେପରକୁ ଯାଞ୍ଚ କରିଥିଲେ। ଏଥିସହ ପୂର୍ବରୁ କୁଲଦୀପଙ୍କ ସପକ୍ଷରେ ପଡ଼ିଥିବା ୮ ବାଲଟ ପେପରକୁ ମଧ୍ୟ ତନ୍ନ ତନ୍ନ କରି ଦେଖିଥିଲେ। ସୁପ୍ରିମକୋର୍ଟ ଇତିହାସରେ ଏହା ହେଉଛି ପ୍ରଥମ ଥର ବାଲଟ ପେପର ଗଣତି।

ଖଣ୍ଡପୀଠ କହିଥିଲେ, ରିଟର୍ନିଂ ଅଫିସର ଅନିଲ ଉଦ୍ଦେଶ୍ୟମୂଳକ ଭାବେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ୮ ବାଲଟ ପେପରକୁ ବିକୃତ କରିଥିଲେ। ଅନିଲ ସୋମବାର ଅଦାଲତରେ ଶୁଣାଣି ବେଳେ ବାଲଟ୍‌ଗୁଡ଼ିକ ବିକୃତ ହୋଇଯାଇଥିବା ଦର୍ଶାଇ ତାକୁ ଖାରଜ କରିଥିବା କହିଥିଲେ। କିନ୍ତୁ ବାସ୍ତବରେ ସେଥିରୁ କୌଣସି ଗୋଟିଏ ହେଲେ ବାଲଟ୍ ବିକୃତ ହୋଇ ନ ଥିଲା। ଖଣ୍ଡପୀଠ ଆହୁରି କହିଛନ୍ତି, ପ୍ରିଜାଇଡିଂ ଅଫିସରଙ୍କ ଆଚରଣ ଦୁଇଟି ସ୍ତରରେ ନିନ୍ଦନୀୟ। ପ୍ରଥମତଃ ସେ ବେଆଇନ ଭାବେ ମେୟର ନିର୍ବାଚନର ପରିଣାମକୁ ପଲଟାଇଦେଇଛନ୍ତି। ଦ୍ୱିତୀୟରେ କୋର୍ଟ ସମ୍ମୁଖରେ ବୟାନ ରଖିବାବେଳେ ସେ ତାହା ମିଛ କହିଛନ୍ତି, ଯେଉଁଥିପାଇଁ ତାଙ୍କୁ ଉତ୍ତରଦାୟୀ କରାଯିବା ଜରୁରୀ। ଗଣତାନ୍ତ୍ରିକ ସିଦ୍ଧାନ୍ତଗୁଡ଼ିକର ସଂରକ୍ଷଣ କରିବା ହେଉଛି ଅଦାଲତଙ୍କ କର୍ତ୍ତବ୍ୟ ବୋଲି ଖଣ୍ଡପୀଠ କହିଛନ୍ତି।

ଏହି ରାୟ ଆସିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ କେଜ୍‌ରିୱାଲ କହିଛନ୍ତି, ଏହା ହେଉଛି ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ବିଜୟ। ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ଏକଜୁଟ ରହିଲେ ଭାଜପାକୁ ହରାଇପାରିବେ ବୋଲି ଏହା ସ୍ପଷ୍ଟ ସନ୍ଦେଶ। ଏଭଳି କଠିନ ସମୟରେ ଗଣତନ୍ତ୍ରକୁ ସର୍ବୋଚ୍ଚ ଅଦାଲତ ରକ୍ଷା କରିଛନ୍ତି ବୋଲି କେଜ୍‌ରିୱାଲ କହିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଚଣ୍ଡିଗଡ଼ ମେୟର ନିର୍ବାଚନରେ ସଂସ୍ଥାଗତ ଜାଲିଆତି ଗଣତନ୍ତ୍ରକୁ ଦଳିଦେବା ପାଇଁ ମୋଦି-ଶାହାଙ୍କ ଷଡ଼ଯନ୍ତ୍ରର ଏକ ନମୁନା ମାତ୍ର। ଆମ ସମ୍ବିଧାନ ଉପରେ ଏଭଳି ଆକ୍ରମଣ ବିରୋଧରେ ସମସ୍ତ ଭାରତୀୟ ଲଢ଼େଇ କରିବା ଉଚିତ ବୋଲି ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ’ରେ ଖାର୍ଗେ ଉଲ୍ଲେଖ କରିଛନ୍ତି।

### ମିଳିମିଶି ନୂଆ ଓଡ଼ିଶା ...

ବୃଦ୍ଧି ହୋଇଥିବା ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ, ଓଡ଼ିଶା ସାରାଦେଶକୁ ଖାଦ୍ୟ ଯୋଗାଉଛି। ଏଥିରେ ବରଗଡ଼ ଚାଷୀଭାଇଙ୍କ ବହୁତ ଅବଦାନ ରହିଛି। କୃଷିକ୍ଷେତ୍ରରେ ଓଡ଼ିଶାର ସୁନାମ ବଢ଼ିଛି। ବରଗଡ଼ ଜିଲାର ସୋହେଲା, ବିଜେପୁର, ବରପାଲି ଏବଂ ସୋନପୁର ଜିଲାର ଡୁଙ୍ଗୁରିପାଲିର ଚାଷୀଙ୍କ ପାଇଁ ଖୁସିର ଦିନ। ଆଜିଠାରୁ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପରୁ ଜଳ ଯୋଗାଣ ଆରମ୍ଭ ହେଲା ଏବଂ ଏହାଦ୍ୱାରା ୬୦ହଜାର ହେକ୍ଟରରୁ ଅଧିକ ଜମି ପାଣି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ବରଗଡ଼ରେ କ୍ୟାନ୍‌ସର ହସ୍ପିଟାଲ କରିବାକୁ ସେ ପୂର୍ବରୁ କଥା ଦେଇଥିଲେ ଏବଂ ତାହା ଆଜି ପୂରଣ ହୋଇଛି। ଏହି ହସ୍ପିଟାଲ ପଶ୍ଚିମ ଓଡ଼ିଶାର ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବ ଏବଂ ୫-ଟି ମାଧ୍ୟମରେ ଏହାର ମଧ୍ୟ ରୂପାନ୍ତରଣ ହେବ। ଏଥିପାଇଁ ୧୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଗଙ୍ଗାଧର ଉଠାଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସରିଛି ଏବଂ ଏହି ପ୍ରକଳ୍ପ ସର୍ବଭାରତୀୟସ୍ତରରେ ଆମକୁ ସମ୍ମାନ ଦେଇଛି ବୋଲି କହିଥିଲେ। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ କହିଥିଲେ, ବିଜେପୁର ନିର୍ବାଚନମଣ୍ଡଳୀ ଚିର ମରୁଡ଼ି ପ୍ରପୀଡ଼ିତ ଥିଲା। ଗଙ୍ଗାଧର ଉଠାଜଳସେଚନ ପ୍ରକଳ୍ପ ଚାଷୀଙ୍କ ମୁହଁରେ ହସ ଫୁଟାଇଛି ଏବଂ ବିଜେପୁରର ପ୍ରଗତି ଶିଖରରେ ପହଞ୍ଚିଥିବା ସେ କହିଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଉପନିର୍ବାଚନ ପରେ ପଦ୍ମପୁରର ବହୁ ବିକାଶ ସାଧିତ ହୋଇଥିବା କହିଥିଲେ। ଗଙ୍ଗାଧର ଉଠାଜଳସେଚନ ପ୍ରକଳ୍ପରେ ବରଗଡ଼ ନିର୍ବାଚନ ମଣ୍ଡଳୀର ୭ ପଞ୍ଚାୟତକୁ ସାମିଲ କରିବା ସହ ବରଗଡ଼ରେ ଏକ ମେଡିକାଲ କଲେଜ କରିବା ପାଇଁ ବିଧାୟକ ଦେବେଶ ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରେକର୍ଡ ସମୟରେ ବରଗଡ଼ କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ ହୋଇଛି ଏବଂ ରାଜ୍ୟର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଛି। ଫଳରେ ସମାଲୋଚନା ବନ୍ଦ କରି ମିଳିମିଶି ରାଜ୍ୟର ଏହି ବିକାଶଧାରାକୁ ଆହୁରି ଆଗେଇ ନେବାକୁ ବିଧାୟକ ଆଚାର୍ଯ୍ୟ ବିରୋଧୀଙ୍କୁ ଟାର୍ଗେଟ କରି ଆହ୍ୱାନ ଦେଇଥିଲେ। ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପରେ ୭ ପଞ୍ଚାୟତ ସାମିଲ କରିବାକୁ ବରଗଡ଼ ବିଧାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ସେ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଥିଲେ। ଏହା ସହିତ କେନ୍ଦୁପତ୍ର ତୋଳାଳିଙ୍କୁ ଟିକସ ଛାଡ଼, ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି, ମମତା ଯୋଜନା ସହାୟତା, କଳାକାର, ମଧୁବାବୁ ପେନସନ ଯୋଜନାରେ ଭତ୍ତା ବୃଦ୍ଧି ଆଦି ଉପରେ ପାଣ୍ଡିଆନ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଭଟଲି ବିଧାୟକ ସୁଶାନ୍ତ ସିଂ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟା ସୁଶୀଳା ଭୋଇ, ଜିଲାପାଳ ଆଦିତ୍ୟ ଗୋୟଲ, ମୁଖ୍ୟଯନ୍ତ୍ରୀ ଆନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜଳସମ୍ପଦ ବିଭାଗର ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣ ୧ଟା ୧୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ପଦ୍ମପୁର ସତୀଭଟା ଏୟାରଷ୍ଟ୍ରିପ୍‌କୁ ଯାଇ ସେଠାରୁ ଏୟାରକ୍ରାଫ୍ଟ ଯୋଗେ ଭୁବନେଶ୍ୱର ଫେରିଯାଇଥିଲେ।

### ୨୬ ଜିଲାର ୨.୫ ଲକ୍ଷ ...

ଆକର୍ଷଣ କରିଥିଲେ । ପରେ ମୁଖ୍ୟମନ୍ତ୍ରୀ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ଜିଲାରେ ଗ୍ରାମକଣ୍ଠ ଓ ପରମ୍ପୋକ ଜମି ସମସ୍ୟାର ମଧ୍ୟ କିଛିଦିନ ତଳେ ସମାଧାନ କରାଯାଇଥିଲା।

୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରି କହିଛନ୍ତି ଯେ ଏହି ସିକିମ ରୟତ ସମସ୍ୟା ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ୟା ହୋଇ ରହିଥିଲା। ଜିଲା ଗସ୍ତ ସମୟରେ କେନ୍ଦ୍ରାପଡ଼ା ଜିଲାରୁ ପ୍ରଥମେ ଏହି ଆବେଦନ ଆସିଥିଲା। ଖୁବ୍‌ଶୀଘ୍ର ଏହାର ସମାଧାନ କରାଗଲା। ବାକି ରହିଯାଇଥିବା ଜମିପଟ୍ଟା ପ୍ରଦାନ କାର୍ଯ୍ୟକୁ ଶୀଘ୍ର ଶେଷକରି ବଣ୍ଟନ କରିବା ପାଇଁ ଜିଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଜିଲାରେ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଗ୍ରାମକଣ୍ଠ, ପରମ୍ପୋକ ସମସ୍ୟା ରହିଥିଲା। ୨୦୦୯ରେ ଆଇନ ବଦଳାଇ ମୁଖ୍ୟମନ୍ତ୍ରୀ ତା’ର ସଂଶୋଧନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିରେ ଲୋକଙ୍କ ସେବା ପାଇଁ, ଲୋକଙ୍କୁ ସଶକ୍ତ କରିବା ପାଇଁ ଆଇନ ରହିଛି। ଲୋକଙ୍କ ହିତ ପାଇଁ ଆଇନକୁ ମଧ୍ୟ ସଂଶୋଧନ କରାଯିବ ବୋଲି ସେ କହିଛନ୍ତି।

କେନ୍ଦ୍ରାପଡ଼ାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଜଗତ୍‌ସିଂହପୁରରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, କଟକରେ ବିଧାୟକ ପ୍ରତାପ ଜେନା, ବାଲେଶ୍ୱରରେ ବିଧାୟକ ସ୍ୱରୂପ ଦାସ, ଖୋର୍ଦ୍ଧାରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଗଞ୍ଜାମରେ ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ପୁରୀରେ ରାଜ୍ୟ ଯୋଜନା ବୋର୍ଡ ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ପ୍ରମୁଖ ଆୟୋଜିତ ଜିଲାସ୍ତରୀୟ ସମାରୋହରେ ଉପସ୍ଥିତ ରହି ସିକିମ ରୟତ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସିକିମ ରୟତ ପଟ୍ଟା ବଣ୍ଟନ କରିଥିଲେ।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ଓ ଦୂରଦର୍ଶୀ ନେତୃତ୍ୱ ଯୋଗୁ ବହୁ ବର୍ଷ ଧରି ପଡ଼ିରହିଥିବା ଏହି ସିକିମ ରୟତ ସମସ୍ୟାର ସମାଧାନ ହୋଇଛି। ଏଥିରେ ଓଡ଼ିଶାର ପ୍ରାୟ ୨,୫୦,୦୦୦ ସିକିମ ରୟତ ଓ ତାଙ୍କ ଉତ୍ତରାଧିକାରୀ ଉପକୃତ ହେବେ ।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

### ପୁରୀରୁ କୋଣାର୍କ ...

ଭିଡିଓ କନଫରେନ୍ସ ମାଧ୍ୟମରେ ଓଡ଼ିଶାର କିମ୍ବଦନ୍ତୀ କବି ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ପାଞ୍ଚଟି ସ୍ମରଣୀୟ ଡାକଟିକେଟ ମଧ୍ୟ ଉନ୍ମୋଚନ କରିଥିଲେ। ସେ ପଶ୍ଚିମ ଓଡ଼ିଶାର ୭ଟି ଜିଲାରେ ୪୨ଟି ଶାଖା ପୋଷ୍ଟଅଫିସ୍ ଉଦ୍‌ଘାଟନ କରିଛନ୍ତି। ଡାକଟିକେଟ ରିଲିଜ ଏବଂ ଡାକଘର ଉଦ୍‌ଘାଟନ ସମୟରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଇଁ ନଇଁ କରି ଚାଲଇ ବୁଢ଼ୀ;**
**ହାତକେ ପାଚିଆ, ହାତକେ ବାଡ଼ି।**

ବୟସ ଅଧିକ ହୋଇଗଲେ ଶରୀରର ପୂର୍ବ ଚମକ ଓ ତେଜ କମିବାକୁ ଲାଗିଥାଏ। ଶରୀର ଦୁର୍ବଳ ହୋଇପଡ଼ିବା ସହ ସିଧା ହୋଇ ବାଟ ଚାଲିବା କଷ୍ଟକର ହୋଇପଡ଼ିଥାଏ। ଏପରି ସ୍ଥଳେ ଯିବା ଆସିବା କରିବା ନିମନ୍ତେ ତାକୁ ବାଡ଼ିର ସାହାରା ନେବାକୁ ପଡ଼ିଥାଏ। ବୟସ ଭାରରେ ନଇଁ ପଡ଼ିଥିବା ବୃଦ୍ଧା ହାତରେ ବାଡ଼ି ଓ ପାଚିଆ ଧରି ବାଟ ଚାଲୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିକିତି ତଉଲ ସାନ ବଡ଼କୁ**
**ଭାରି ହୁଏ ଯେହୁ ଯାଏ ତଳକୁ।**

ନିକିତିରେ ତଉଲିଲେ ଯେଉଁଟା ଭାରି ହୁଏ ତାହା ସବୁବେଳେ ତଳକୁ ହିଁ ଝୁଲି ରହିଥାଏ। ପରୋକ୍ଷରେ ଯାହା ପାଖରେ ଗୁଣ ଓ ପ୍ରତିଭା ଥାଏ ତା’ର ଗୁରୁତ୍ୱ ବେଶି ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ‘ରାଜ୍ୟରେ ଆଧୁନିକ ଶିଳ୍ପ ପ୍ରତିଷ୍ଠା ପାଇଁ ଅପାର ସମ୍ଭାବନା’

### ‘ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ’ ଉଦ୍‌ଯାପିତ

ଭୁବନେଶ୍ୱର, ୨୦।୨(ଅସମାପିକା ସାହୁ)

ଆଧୁନିକ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ଅପାର ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ଅନୁକୂଳ ଶିଳ୍ପ ନୀତି ଆଜି ଦେଶବିଦେଶର ନିବେଶକମାନଙ୍କୁ ବିଶେଷ ଭାବେ ଆକୃଷ୍ଟ କରୁଛି ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି। ବିଭାଗ ପକ୍ଷରୁ ଭୁବନେଶ୍ୱରର ଏକ ହୋଟେଲରେ ଚାଲିଥିବା ପ୍ରଥମ ‘ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ’ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପାଢ଼ୀ କହିଛନ୍ତି, ପାରମ୍ପରିକ ଶିଳ୍ପ ସହ ଆଇଟି ଏବଂ ଆଇଟିଇଏସ୍, ମାନୁଫାକଚରିଂ, ଲଜିଷ୍ଟିକ ଓ ସପ୍ଲାଏ ଚେନ୍ ତଥା ବିଭିନ୍ନ ସେବା କ୍ଷେତ୍ର ଲାଗି ଓଡ଼ିଶାରେ ବ୍ୟାପକ ସମ୍ଭାବନା ରହିଛି। ଏହାଛଡ଼ା ଆଗାମୀ କାଲିର ଶିଳ୍ପ ଓ ବିଭିନ୍ନ କ୍ଷେତ୍ରର ଯେଉଁ ମାନବ ସମ୍ବଳର ଆବଶ୍ୟକତା ରହିଛି ତାହା ଆଜିଠାରୁ ପ୍ରସ୍ତୁତ କରିବା ପାଇଁ ଆମ ରାଜ୍ୟ ପ୍ରସ୍ତୁତ ହେଉଛି। ଏହି ଦୁଇଦିନିଆ ସମ୍ମିଳନୀରେ ଏହିସବୁ ବିଷୟରେ ଯେଉଁ ବ୍ୟାପକ ଆଲୋଚନା ହେଲା ତାହା ଆମକୁ ଏକ ନୂଆ ମାର୍ଗଦର୍ଶନ ଦେବାରେ ସହାୟକ ହେବ।

ସମ୍ମିଳନୀର ଦ୍ୱିତୀୟ ଦିନରେ ‘ମିଶନ ଶକ୍ତି ଓଡ଼ିଶା’ ଶୀର୍ଷକରେ ଏକ ବିଶେଷ ଅଧିବେଶନ ହୋଇଥିଲା। ଏଥିରେ ମିଶନ ଶକ୍ତି ବିଭାଗର ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍ ଯୋଗଦେଇ ରାଜ୍ୟରେ ମହିଳା ସଶକ୍ତୀକରଣର ସୁଦୂରପ୍ରସାରୀ ସୁଫଳ ସମ୍ପର୍କରେ କହିଥିଲେ। ରାଜ୍ୟର ଦ୍ରୁତ ଅଭିବୃଦ୍ଧି ପଛରେ ୭୦ ଲକ୍ଷରୁ ଅଧିକ ମହିଳା ଶକ୍ତିଙ୍କ ହାତ ରହିଛି ବୋଲି ସେ ବର୍ଣ୍ଣନା କରିଥିଲେ। ଶେଷଦିନ ବିଭିନ୍ନ ବିଷୟରେ ହୋଇଥିବା ବୈଷୟିକ ଅଧିବେଶନରେ ପୂର୍ବତନ ଶିଳ୍ପ ନେତୃତ୍ୱ ତଥା ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର, ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉଷା ପାଢ଼ୀ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଲକା ମିଶ୍ର ଯୋଗ ଦେଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରମୁଖ ଶିଳ୍ପ ବ୍ୟକ୍ତିତ୍ୱ, ମାନବ ସମ୍ବଳ ଓ ଦକ୍ଷତା ବିକାଶ ବିଶେଷଜ୍ଞଙ୍କ ଯୋଗଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା। ସୂଚନାଯୋଗ୍ୟ, ରାଜ୍ୟର ଅଭିବୃଦ୍ଧି ହାରକୁ ଦୀର୍ଘସ୍ଥାୟୀ କରିବା ସହ ଯୁବପିଢ଼ିଙ୍କୁ ସୁଦକ୍ଷ କରି ଭବିଷ୍ୟତର ମାନବ ସମ୍ବଳ ଆବଶ୍ୟକତା ଲାଗି ପ୍ରସ୍ତୁତ କରିବା ପାଇଁ ଏହି ସମ୍ମିଳନୀ ହୋଇଥିଲା।


# ODISHA PUBLIC SERVICE COMMISSION

**ADVERTISEMENT No.27 of 2023-24**

**Recruitment to the posts Assistant Professors (Stage-I) in different disciplines in Group-A of Odisha Education Service (College Branch) of Government Degree Colleges under Department of Higher Education.**

**WEBSITE:- http://opsc.gov.in**

**No.D-235:**Online applications are invited from prospective candidates through proforma application form to be made available in the Website of the Commission (http: / /opsc.gov.in) for recruitment to 385 (three hundred eighty five) posts of Assistant Professors (Stage-I) in different disciplines in Group-A of Odisha Education Scrvice (College Branch) of Government Degree Colleges under Department of Higher Education in the Scale of Pay:- Cell-I of Level-10 of the pay matrix under ORSP (CT) Rules, 2019 with usual Dearness and other allowances as admissible by the Government from time to time.

**2.VACANCY POSITION:**

As per requisition filed by the Department of Higher Education, Government of Odisha, out of a total of **385(128-W)** posts, **88(30-W)** posts are for **ST** category, **63(22-W)** posts are for **SC** category, **43 (15-W)** are for **SEBC** category & **191(61-W)** are for **UR** category. Also, **15** posts are reserved for **Persons with disabilities (whose permanent disability is 40 % and more)** and **04** posts are reserved for Sports Persons.

3. **AGE:**

A candidate must not be above 45 (forty-five) years of age and under 21 (twenty-one) years of age on the last date of receiving / submission of online application **16.04.2024**, i.e. he or she must have been born not earlier than **17.04.1979** and not later than **16.04.2003.**

**4. EDUCATIONAL QUALIFICATION:**

A candidate must:-

(A) Possess a Master's Degree, with at least 55% of marks or its equivalent grade, in the concerned/ relevant/ allied subject from an Indian University or an equivalent degree from a Foreign University.

Provided that for the candidates belonging to **Scheduled Caste (SC), Scheduled Tribe(ST), Socially and Educational Backward Classes (SEBC) & Persons with Disabilities (PWD) categories**, the requirement of securing at least 55% marks shall be reduced to 50% marks or its equivalent grade.

(B) have cleared National Eligibility Test (NET) meant for appointment of Assistant Professor (Stage-I) or must have acquired a Ph.D. Degree in the concerned/ relevant/ allied subject from an Indian University or a Foreign University.

(C) The relevant/allied subject are enclosed to this advertisement as Annexure-'B'.

5. **EXAMINATION FEES:**

The candidates are exempted for payment of examination fees as per G.A. Deptt. Letter No.9897/Gen., dated 11.04.2022.

**The link for online application and submission shall be available from 12.03.2024 to 16.04.2024 [Note-16.04.2024 is the last date for submission of Registered Online Application]**

The candidates are advised to visit the Website of the Commission at **http:// opsc.gov.in for detailed information while applying for the above post.**

**CUTTACK**
**DT.19.02.2024**
**OIPR-12002/11/0152/2324**

**Sd./- Secretary**
**ODISHA PUBLIC SERVICE, COMMISSION, CUTTACK**



GOVERNMENT OF ODISHA No. B-

# OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR

**Mail ID: sepwdsbp@rediffmail.com**

**e-Procurement**

**BID IDENTIFICATION No. CCENC (R AND B)/35/2023-24**

**No. 845** **Dtd.13.02.2024**

1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in Double Cover System in ONLINE MODE for the construction of Bridge Works as detailed in the DTCN from the eligible class of contractors.
2. No. of Works : 03 Nos. (Three) (Road, Bridge & Building Works)
3. Tender Cost : Rs.10,000/-
4. Class of Contractor : "B" Class, "A" Class and "Special"
5. Date & time of available in website & receipt of Bids : From 19.02.2024 to 17.00 hours of 04.03.2024
6. Date of opening of technical Bid : 04.03.2024 at 18.00 hours
7. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in**.
8. Any corrigendum/addendum will be displayed in the website **www.tendersodisha.gov.in**.

**OIPR-34035/11/0041/2324**

**Sd./- Chief Construction Engineer**
**Northern (R&B) Circle, Sambalpur**



**GOVT. OF ODISHA** No. O-

# OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA

**Ph.: 06670-235504, E_Mail: serwbpt@yahoo.com**

**Bid Identification No.: BPT/Online-51/2023-24, Date: 16.02.2024**

**NOTICE INVITING TENDERS FOR BRIDGE WORKS IN ODISHA**

**NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of H.L. Bridge over River Ret Sargadar Pada to Khamanpada Road in the District of Kalahandi under BSY for the year 2023-24.
2. No. of Works : 01 No.
3. Location Details : Kalahandi District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 22.02.2024 11.00 A.M. | 07.03.2024 5.00 P.M. | 06.03.2024 | 11.03.2024 at 11.00 A.M. |

Further details can be seen from the website **"www.tendersorissa.gov.in"**.

**OIPR-25102/11/0069/2324**

**Sd./- Chief Construction Engineer**
**Rural Works Circle, Bhawanipatna**



# OFFICE OF THE SUPERINTENDING ENGINEER MINOR IRRIGATION DIVISION, BOUDH

**GOVERNMENT OF ODISHA e-Procurement Notice**

**Bid Identification No.20/BMID/2023-2024**

**No.A-1537:** **E-mail ID: bmidbdh@gmail.com**
**Letter No.575/ Date:16.02.2024**

01. Name of Work : Construction of New Check Dams under (MATY) Scheme 2023-24 in Boudh District.
02. Numbers of Work : 06 (Six) Nos.
03. Tender Amount : Varies from Rs.31.30 Lakhs to Rs.48.79 Lakhs
04. Class of Contractor : "C" & "B"
05. Tender Paper Cost(Online) : Rs.6,000/-
06. Period of Completion : 06 (Six) Calendar Months
07. Availability of Bid document : From 20.02.2024 at 10.00 AM to 02.03.2024 at 05.00 PM in website (www.tendersorissa.gov.in)
08. Last date & Time of receipt of Bid: 02.03.2024 at 05.00 PM through online
09. Date of Opening of Bid documents : 04.03.2024 at 11.00 AM in the Office of the SE, M.I.Division, Boudh
10. Date of Lottery if required : 07.03.2024
11. Digital Signature Certificate of Bidder : The Bidder must process compatible Digital Signature Certificate (DSC)
13. Name and Address of the OIT : Superintending Engineer, M.I.Division Boudh, At/Po-Malisahi, District:Boudh PIN-762014

Further details can be seen from the Government of Odisha Website: www.tendersorissa.gov.in.

**OIPR-32279/11/0019/2324**

**Sd./- Superintending Engineer**
**M.I.Division, Boudh**



GOVERNMENT OF ODISHA

# OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

**No.O-:**

**e Procurement Notice**

| | | | |
|---|---|---|---|
| 1. | Name of Work | : | Construction of Weir Adjacent to H.L. Bridge over Jamjuri Nallah on Kuhabaunsi to Deodhara road in the district of Bolangir for the year 2022-23. |
| 2. | No. of Work | : | 1 (One) |
| 3. | Time for Completion | : | 4 (Four) Calendar Months |
| 4. | Approximate estimated cost varies from | : | Rs.108.16 Lakhs |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | **Other details are as follow** | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W.Circle, Bolangir | BLGR-Online-50/2023-24 | 21.02.2024 at 11.00 A.M. | 06.03.2024 upto 5.00 P.M. | 04.03.2024 upto 5.00 P.M. | 07.03.2024 at 11.00 A.M. | The date will be intimated later on |

* Further details can be seen from the Website **www.tendersodisha.gov.in.**
* Any Corrigendum/Addendum will be displayed in the above e tender website only.

**OIPR-25118/11/0080/2324**

**Sd./- Chief Engineer, R.W.Circle, Bolangir**



**GOVERNMENT OF ODISHA** **email- serwsbd2003@yahoo.com**

# OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA

**e-Procurement Notice for PM-JANMAN, Batch-I, PMGSY, Road & Bridge Works**

**No.O-:**1.Name of the Work: Construction of road works under PM-JANMAN-02 Nos. Construction of Road Works under PMGSY-01 No. Construction of Road & Bridges -11 Nos. 2. Class of Contractor: "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.136.01 Lakhs to Rs.999.55 Lakhs (Approximately). 4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-62/2023-24 | 23.02.2024 at 11.00 A.M. | 14.03.2024 upto 5.00 P.M. | 13.03.2024 upto 2.00 P.M. | 15.03.2024 at 11.00 A.M. | To be intimated separately |
| Chief Construction Engineer, Rural Works Circle, Sunabeda | CCERWCSBD-Online-63/2023-24 | 22.02.2024 at 11.00 A.M. | 07.03.2024 upto 5.00 P.M. | 06.03.2024 upto 1.00 P.M. | 11.03.2024 at 11.00 A.M. | To be intimated separately |
| Chief Construction Engineer, Rural Works Circle, Sunabeda | CCERWCSBD-Online-64/2023-24 | 22.02.2024 at 11.00 A.M. | 07.03.2024 upto 5.00 P.M. | 06.03.2024 upto 2.00 P.M. | 11.03.2024 at 11.00 A.M. | To be intimated separately |

5. The details of works can be seen from the website https://www.pmgsytenders.gov.in for PM-JANMAN & PMGSY works.
6. The details of works can be seen from the website https://www.tendersodisha.gov.in for Road & Bridge Works.
7. Any Corrigendum/Addendum will be displayed in the above e-tender website.

**OIPR-25182/11/0064/2324**

**Sd./- Chief Engineer, Rural Works Circle, Sunabeda**

## ସଂକ୍ଷେପରେ

### ଏସ୍‌ପିରୁ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ଇସ୍ତଫା



**ଲକ୍ଷ୍ନୌ, ୨୦।୨:** ଉତ୍ତରପ୍ରଦେଶର ବରିଷ୍ଠ ନେତା ତଥା ରାଜ୍ୟର ପୂର୍ବତନ ମନ୍ତ୍ରୀ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ମଙ୍ଗଳବାର ସମାଜବାଦୀ ପାର୍ଟି (ଏସ୍‌ପି)ର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏହା ସହ ସେ ଉତ୍ତରପ୍ରଦେଶ ବିଧାନ ପରିଷଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଆସନ୍ତା ୨୨ ତାରିଖରେ ନୂଆଦିଲ୍ଲୀର ତାଲରୋଟରା ଷ୍ଟାଡିୟମରେ ସେ ନିଜ ନୂଆ ଦଳର ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ମୌର୍ଯ୍ୟ ଏସ୍‌ପିର ରାଷ୍ଟ୍ରୀୟ ମହାସଚିବ ପଦରୁ ଇସ୍ତଫା ଦେଇଥିଲେ। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ସହ ବୈଚାରିକ ମତଭେଦ କାରଣରୁ ସେ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି। ବର୍ତ୍ତମାନର ରାଜନୈତିକ ସ୍ଥିତିରେ ଦେଶକୁ ଇଣ୍ଡିଆ ମେଣ୍ଟର ଆବଶ୍ୟକତା ରହିଥିବା ସେ କହିଛନ୍ତି । ଉତ୍ତର ପ୍ରଦେଶର ପଛୁଆ ବର୍ଗର ଜଣେ ପୁରୁଖା ନେତା ହୋଇଥିବା ମୌର୍ଯ୍ୟ ୨୦୧୭ରୁ ୨୦୨୨ ମଧ୍ୟରେ ଯୋଗୀ ଆଦିତ୍ୟନାଥଙ୍କ ସରକାରରେ ଶ୍ରମ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୨୨ ସେ ଏସ୍‌ପିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ।

### ଅଭିନେତା ଋତୁରାଜ ସିଂଙ୍କ ପରଲୋକ



**ମୁମ୍ବାଇ,୨୦।୨:** ଟେଲିଭିଜନ ଜଗତରୁ ଆସିଛି ଏକ ଦୁଃଖଦ ଖବର। ଅଭିନେତା ଋତୁରାଜ ସିଂଙ୍କର ୫୯ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି। ଛୋଟ ପରଦାରୁ ଆରମ୍ଭ କରି ଫିଲ୍ମ ଓ ୱେବ୍ ସିରିଜରେ ନିଜ ଅଭିନୟର ଛାପ ଛାଡ଼ିଥିବା ଋତୁରାଜଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଟେଲି ଜଗତରେ ଶୋକର ଛାୟା ଖେଳିଯାଇଛି। ନିଜ ଅଭିନୟର ଯାଦୁରେ ଭିନ୍ନ ଭିନ୍ନ ଚରିତ୍ରକୁ ଜୀବନ୍ତ କରି ପାରୁଥିବାରୁ ଋତୁରାଜ ସବୁବେଳେ ଦର୍ଶକଙ୍କ ହୃଦୟରେ ରାଜୁତି କରୁଥିଲେ। ଲୋକପ୍ରିୟ ଟେଲି ସିରିଏଲ 'ଅନୁପମା'ରେ ଅଭିନୟ କରି ଋତୁରାଜ ବେଶ୍ ଲୋକପ୍ରିୟ ହୋଇପାରିଥିଲେ। 'ହିଟ୍‌ଲର ଦିଦି', 'ଶପଥ', 'ଅଦାଲତ', 'ଆହଟ', 'ଦିୟା ଔର ବାତୀ' ପରି ଲୋକପ୍ରିୟ ସିରିଏଲରେ ମଧ୍ୟ ସେ ନିଜ ଅଭିନୟର ଛାପ ଛାଡ଼ିଛନ୍ତି। ସେହିପରି 'ୟାରିୟାଁ-୨', 'ସତ୍ୟମେବ ଜୟତେ ୨', 'ଦ ମାଷ୍ଟରପିସ୍', 'ବଦ୍ରିନାଥ କି ଦୁଲହନିୟା' ପରି ବଲିଉଡ୍ ଫିଲ୍ମରେ ମଧ୍ୟ ଋତୁରାଜ ଅଭିନୟ କରିଛନ୍ତି।

# ଚାଷୀଙ୍କ ୧୭୭ ଆକାଉଣ୍ଟ ବ୍ଲକ୍

### ସୋସିଆଲ ମିଡିଆ ଉପରେ କେନ୍ଦ୍ରର ଅଙ୍କୁଶ

### ଏମ୍ଏସ୍‌ପି ପାଇଁ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ: କୃଷକ ନେତା

ନୂଆଦିଲ୍ଲୀ/ଚଣ୍ଡିଗଡ଼,୨୦।୨

ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଦାବିରେ ଚାଲିଥିବା କୃଷକ ଆନ୍ଦୋଳନ ସହ ଜଡ଼ିତ ୧୭୭ଟି ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ୱେବ୍ ଲିଙ୍କ୍‌କୁ କେନ୍ଦ୍ର ସରକାର ସାମୟିକ ଭାବେ ବ୍ଲକ୍ କରିଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁରୋଧକ୍ରମେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଗତ ୧୪ ଓ ୧୯ ତାରିଖରେ ଏହି ଆକାଉଣ୍ଟଗୁଡ଼ିକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଇଛି। ଆଇଟି ଆଇନର ଧାରା ୬୯ଏ ବଳରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଏକ୍ସ, ସ୍ନାପ୍‌ଚାଟ ଓ ଅନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମର ୧୭୭ ଆକାଉଣ୍ଟକୁ ଅସ୍ଥାୟୀ ରୂପେ ବନ୍ଦ କରାଯାଇଥିବା ସୂତ୍ରରୁ ପ୍ରକାଶ।

ଆନ୍ଦୋଳନରତ କୃଷକମାନେ କେନ୍ଦ୍ରର ସର୍ତ୍ତ ନ ମାନି ଦିଲ୍ଲୀ ସୀମାରୁ ଜାତୀୟ ରାଜଧାନୀ ଅଭିମୁଖେ ଅଗ୍ରସର ହେବାରେ ଲାଗିଛନ୍ତି। ଚାଷୀ ନେତା ସରୱନ୍ ସିଂ ପାନ୍ଧେର କହିଛନ୍ତି, କେନ୍ଦ୍ର ସରକାର ଏମ୍ଏସ୍‌ପି ସମ୍ପର୍କିତ ଆଇନ ପ୍ରଣୟନ ପାଇଁ ପାର୍ଲାମେଣ୍ଟର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଡାକନ୍ତୁ। ସରକାର କୃଷିଋଣ ଛାଡ଼ ସମେତ ମୁଖ୍ୟ ଦାବିଗୁଡ଼ିକ ମାନିନେବା ଉଚିତ। ଇତିମଧ୍ୟରେ କଂଗ୍ରେସ ମୁଖପାତ୍ର ପୱନ ଖେରା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଏମ୍ଏସ୍‌ପି ପାଇଁ ଓକିଲାତି କରିଥିଲେ। ଏବେ ସେ ପଛଘୁଞ୍ଚା ଦେଉଛନ୍ତି। କେବଳ ଏତିକି ନୁହେଁ, ଆନ୍ଦୋଳନରତ ଚାଷୀଙ୍କ ସ୍ୱରକୁ ଚପାଇଦେବା ପାଇଁ ସରକାର ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ବ୍ଲକ୍ କରିବା ଦୁର୍ଭାଗ୍ୟଜନକ। କୃଷକମାନଙ୍କୁ ଦେଶ ବିରୋଧୀ ଆଖ୍ୟା ଦିଆ ନ ଯାଉ। ସେମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିବାକୁ ଦିଆଯାଉ ବୋଲି ଖେରା କହିଛନ୍ତି।



ପଞ୍ଜାବ-ହରିୟାଣା ଶମ୍ଭୁ ସୀମାରେ କୃଷକ ଆନ୍ଦୋଳନବେଳେ ମହିଳାମାନେ ପତାକା ଧରି ସ୍ଲୋଗନ ଦେଉଛନ୍ତି।

# ମରାଠାଙ୍କୁ ୧୦% ସଂରକ୍ଷଣ

### ମହାରାଷ୍ଟ୍ର ବିଧାନସଭାରେ ବିଲ୍ ଗୃହୀତ

ମୁମ୍ବାଇ,୨୦।୨

ମରାଠା ସମ୍ପ୍ରଦାୟକୁ ଶିକ୍ଷା ଓ ସରକାରୀ ନିଯୁକ୍ତି କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ ବିଧେୟକ ମଙ୍ଗଳବାର ମହାରାଷ୍ଟ୍ର ବିଧାନସଭାରେ ସର୍ବସମ୍ମତିକ୍ରମେ ପାରିତ ହୋଇଛି।

ମରାଠା କୋଟା ବିଲ୍ ପାଇଁ ମଙ୍ଗଳବାର ମହାରାଷ୍ଟ୍ର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଗୃହରେ ମହାରାଷ୍ଟ୍ର ରାଜ୍ୟ ସାମାଜିକ ଓ ଶୈକ୍ଷିକ ପଛୁଆ ବିଧେୟକ ୨୦୨୪କୁ ଉପସ୍ଥାପନ କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟର ମୋଟ ଜନସଂଖ୍ୟାର ୨୮% ହେଉଛନ୍ତି ମରାଠା। ପୂର୍ବରୁ ବିଭିନ୍ନ ଜାତିର ପ୍ରାୟ ୫୨% ଲୋକ ସଂରକ୍ଷଣ ସୁବିଧା ପାଇଆସୁଛନ୍ତି। ସେମାନେ ହେଲେ ତଫସିଲଭୁକ୍ତ ଜାତି (ଏସ୍‌ସି) ୧୩%, ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ୭%, ଅନ୍ୟ ପଛୁଆ ବର୍ଗ (ଓବିସି) ୧୯%, ସ୍ୱତନ୍ତ୍ର ପଛୁଆ ବର୍ଗ ୨%, ବିମୁକ୍ତ ଜାତି ୩%, ନୋମାଡିକ୍ ଟ୍ରାଇବ୍ (ବି) ୨.୫%, ନୋମାଡିକ୍ ଟ୍ରାଇବ୍ (ସି) ଢଙ୍ଗର ୩.୫% ଏବଂ ନୋମାଡିକ୍ ଟ୍ରାଇବ୍ (ଡି) ବଞ୍ଜାରି ୨ ପ୍ରତିଶତ। ତେଣୁ ମରାଠାମାନଙ୍କୁ ଓବିସିରେ ସ୍ଥାନିତ କଲେ ସମାନତା ରହିବ ନାହିଁ। ମରାଠା ସଂରକ୍ଷଣ ବିଧେୟକରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଥରେ ଏହି ସଂରକ୍ଷଣ କାର୍ଯ୍ୟକାରୀ ହେଲେ ୧୦ ବର୍ଷ ପରେ ଏହାର ସମୀକ୍ଷା କରାଯାଇପାରିବ। ଉକ୍ତ ବିଲ୍‌କୁ ଉପସ୍ଥାପନ କରିବା ପରେ ମୁଖ୍ୟମନ୍ତ୍ରୀ ଶିନ୍ଦେ କହିଥିଲେ, ଦେଶର ୨୨ ରାଜ୍ୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଧାରିତ ସୀମା ସଂରକ୍ଷଣ ୫୦%କୁ ଟପିସାରିଛି। ତାମିଲନାଡୁରେ ଏହା ୬୯% ଥିବାବେଳେ ହରିୟାଣାରେ ୬୭%, ରାଜସ୍ଥାନରେ ୬୪%, ଗୁଜରାଟରେ ୫୯% ଓ ପଶ୍ଚିମବଙ୍ଗରେ ୫୫%। ମରାଠା ସମ୍ପ୍ରଦାୟକୁ ସାହାଯ୍ୟ କରିବା ପାଇଁ ସେ ଏହାର ଅବତାରଣା କରିଥିବା କହିଥିଲେ। ମରାଠା ସମ୍ପ୍ରଦାୟ ୪୦ ବର୍ଷ ଧରି ସଂରକ୍ଷଣ ସୁବିଧା ଦାବି କରି ଆସୁଛନ୍ତି। ବିଧାନସଭାରେ ବିଲ୍ ଗୃହୀତ ହେବା ପରେ ବିଧାନ ପରିଷଦରେ ମଧ୍ୟ ପାରିତ ହୋଇଥିଲା। ମରାଠା ସଂରକ୍ଷଣ ଦାବିରେ ଗତ ୧୦ ତାରିଖରୁ ଅନଶନରେ ବସିଥିବା ଆକ୍ଟିଭିଷ୍ଟ ମନୋଜ ଜରାଙ୍ଗେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପରାମର୍ଶ ଦେଇଥିଲେ।

# ଲାଞ୍ଚ ନେଇ ଧରା ପଡ଼ିବାରୁ କାନ୍ଦିଲେ

ହାଇଦ୍ରାବାଦ, ୨୦।୨

ତେଲଙ୍ଗାନାର ଜନଜାତି କଲ୍ୟାଣ ବିଭାଗରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା କେ. ଜଗା ଜ୍ୟୋତି ଲାଞ୍ଚ ନେଉଥିବାବେଳେ ଧରା ପଡ଼ିଛନ୍ତି। ଜଣେ ବ୍ୟକ୍ତିଙ୍କୁ ଆଧିକାରିକ ସ୍ତରରେ ଲାଭ ପହଞ୍ଚାଇବା ପାଇଁ ୮୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଜ୍ୟୋତିଙ୍କୁ ଧରିଛି ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି)। ଏସିବିର ସୂଚନା ଅନୁଯାୟୀ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ।ଅଭିଯୋଗ ଆଧାରରେ ଲାଞ୍ଚ ନେଉଥିବା ସମୟରେ ଜ୍ୟୋତିଙ୍କୁ ଧରିବାରେ ସଫଳ ହୋଇଥିଲା ଏସିବି। ତେବେ ଲାଞ୍ଚ ନେଇ ଧରାପଡ଼ିବା ପରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ପ୍ରଶ୍ନର ଉତ୍ତରରେ ଜ୍ୟୋତି କାନ୍ଦିବାକୁ ଲାଗିଥିଲେ। ଏସିବିର କହିବା ଅନୁଯାୟୀ ଜ୍ୟୋତି ଅନ୍ୟକୁ ଲାଭ ଦେବା ଉଦ୍ଦେଶ୍ୟରେ ଲାଞ୍ଚ ନେବା ସହ ନିଜ କାର୍ଯ୍ୟରେ ବେଇମାନି କରିଥିଲେ। ମହିଳା ଅଧିକାରୀଙ୍କ ଠାରୁ ୮୪ ହଜାର ଟଙ୍କା ଜବତ ହୋଇଥିବା ବେଳେ ତାଙ୍କୁ ଗିରଫ କରାଯାଇଛି। ବର୍ତ୍ତମାନ ସେ ପୋଲିସର ହେପାଜତରେ ଥିବାବେଳେ ବୁଧବାର ତାଙ୍କୁ ହାଇଦ୍ରାବାଦର ଏକ ବିଶେଷ ଅଦାଲତରେ ହାଜର କରାଯିବ।



କେ. ଜଗା ଜ୍ୟୋତି



ଶ୍ରୀନଗର ରେଳ ଷ୍ଟେଶନରେ ତୁଷାରପାତ ହେଉଥିବାବେଳେ ଜମ୍ମୁ-କଶ୍ମୀରର ପ୍ରଥମ ଇଲେକ୍ଟ୍ରିକ୍ ଟ୍ରେନ୍ ଚଳାଚଳକୁ ମଙ୍ଗଳବାର ଭର୍ଚୁଆଲି ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ସନ୍ଦେଶଖାଲି ମାମଲାରେ ମମତା ସରକାରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

### 'ଜଣେ ନେତା ଟଙ୍କା ପାଇଁ ସମସ୍ତଙ୍କୁ ବନ୍ଧକ ରଖିପାରିବେନି'

କୋଲକାତା, ୨୦।୨

ସନ୍ଦେଶଖାଲିର ବିଗୁଡୁଥିବା ସ୍ଥିତିକୁ ନେଇ କାଲକାଟା ହାଇକୋର୍ଟ ରାଜ୍ୟର ମମତା ବାନାର୍ଜୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ଫେରାର ଥିବା ସ୍ଥାନୀୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଶେଖ ଶାଜାହାନଙ୍କୁ ରାଜ୍ୟ ସରକାର ସୁରକ୍ଷା ଦେଉଥିବା କହି ବର୍ଷିଛନ୍ତି ହାଇକୋର୍ଟ। ରାଜ୍ୟର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ପକ୍ଷରୁ ସନ୍ଦେଶଖାଲି ଯିବା ନେଇ ହୋଇଥିବା ଅନୁରୋଧ ଉପରେ ଶୁଣାଣି କରିବା ବେଳେ କୋର୍ଟ ଏପରି କହିଛନ୍ତି। ମୁଖ୍ୟ ବିଚାରପତି ଟି.ଏସ୍ ଶିବଗଣମ୍ ଓ ଜଷ୍ଟିସ ହିରନ୍ମୟ ଭଟ୍ଟାଚାର୍ଯ୍ୟଙ୍କ ଖଣ୍ଡପୀଠ ଭାଜପା ନେତା ଶୁଭେନ୍ଦୁଙ୍କୁ ସନ୍ଦେଶଖାଲି ଯିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏନେଇ ପଶ୍ଚିମବଙ୍ଗ ସରକାର କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ସନ୍ଦେଶଖାଲିରେ ମହିଳାମାନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ଉପରେ ହାଇକୋର୍ଟ ଭଲଭାବେ ଅନୁଶୀଳନ କରିଥିବା ସହ ସେମାନଙ୍କ ଅଭିଯୋଗ ଗମ୍ଭୀର ହୋଇଥିବା ଶୁଣାଣିରେ କୁହାଯାଇଛି। ଜଣେ ନେତା କେବଳ ଟଙ୍କା ପାଇଁ ପୂରା ଅଞ୍ଚଳର ଲୋକଙ୍କୁ ବନ୍ଧକ ରଖିବା ଏକ ଅପରାଧ କହି ଏହା ଘଟାଇଥିବା ଶେଖ ଶାଜାହାନଙ୍କୁ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଅପରାଧ କରି ଫେରାର ଥିବା ନେତାଙ୍କୁ ରାଜ୍ୟ ସରକାର କିପରି ସୁରକ୍ଷା ଦେଉଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।

# ପୋଷ୍ୟ ସନ୍ତାନ ଗ୍ରହଣ ମୌଳିକ ଅଧିକାର ନୁହେଁ

### ଦିଲ୍ଲୀ ହାଇକୋର୍ଟ ରାୟ

ନୂଆଦିଲ୍ଲୀ,୨୦।୨(ପି.ଟି.)

ଜଣେ ଶିଶୁକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବାର ଅଧିକାରକୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନକୁ ଆଣି ମୌଳିକ ଅଧିକାର ବୋଲି ଦାବି କରାଯାଇପାରିବ ନାହିଁ। କେଉଁ ପିଲାକୁ ପୋଷ୍ୟ ଭାବେ ଗ୍ରହଣ କରିବେ ତାହା ଚୟନ କରିବା ଅଧିକାର ମଧ୍ୟ ଭାବୀ ମାତାପିତାଙ୍କର ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଦୁଇ କିମ୍ବା ତଦୂର୍ଦ୍ଧ୍ୱ ଶିଶୁଙ୍କ ମା'ବାପା କେବଳ ଦିବ୍ୟାଙ୍ଗ ଶିଶୁଙ୍କୁ ପୋଷ୍ୟ ରୂପେ ଗ୍ରହଣ କରିପାରିବେ ବୋଲି ଜୁଭେନାଇଲ୍ ଜଷ୍ଟିସ୍ (କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ୍ ଚିଲ୍‌ଡ୍ରେନ୍)-ସିଏଆର୍‌ଏ ଆକ୍ଟ, ୨୦୧୫ରେ ନିୟମ ରହିଛି। ଗତବର୍ଷ ସିଏଆର୍‌ଏ ପକ୍ଷରୁ ଜାରି ପୋଷ୍ୟ ନିୟମାବଳୀ, ୨୦୨୨ରେ ଷ୍ଟିୟରିଂ କମିଟି ରିସୋର୍ସ ଅଟରିଟି ମଧ୍ୟ ଏହି ବିଷୟ ଉଲ୍ଲେଖ କରିଥିଲେ। ଏହି ନିୟମକୁ ସମ୍ଭାବ୍ୟ ପୋଷ୍ୟ ମାତାପିତା (ପିଏପି)ମାନେ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ସୁବ୍ରମଣ୍ୟମ୍ ପ୍ରସାଦ ଏସମ୍ପର୍କିତ ଏକାଧିକ ଆବେଦନର ଶୁଣାଣି କରି କହିଛନ୍ତି, ଜିଲାପାଳ ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ଚୂଡ଼ାନ୍ତ ନିର୍ଦ୍ଦେଶ ନ ଦେବା ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ଶିଶୁକୁ ପୌଷ୍ୟ ରୂପେ ଗ୍ରହଣ କରିବା ପାଇଁ ଅନୁମତି ପ୍ରଦାନ କରାଯାଇପାରିବ ନାହିଁ। ଏହି ପ୍ରକ୍ରିୟା ପିଲାମାନଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ପିଏପିମାନଙ୍କ ଇଚ୍ଛା ବା ଆଗ୍ରହକୁ ଏଥିରେ ଅଗ୍ରାଧିକାର ଦିଆଯାଇପାରିବ ନାହିଁ। ସେମାନେ କାହାକୁ ପୌଷ୍ୟ ଭାବେ ଗ୍ରହଣ କରିବାକୁ ଚାହୁଁଛନ୍ତି, ସେନେଇ ଦାବି କରିପାରିବେ ନାହିଁ ବୋଲି ନିକଟରେ ଦିଲ୍ଲୀ ହାଇକୋର୍ଟ ଏକ ରାୟ ଦେଇଛନ୍ତି। ଜଷ୍ଟିସ୍ ପ୍ରସାଦ ଆହୁରି କହିଛନ୍ତି, ପୋଷ୍ୟ ଗ୍ରହଣ ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଅନେକ ନିଃସନ୍ତାନ ଦମ୍ପତି ଏବଂ ଗୋଟିଏ ପିଲାର ମାତାପିତା ଜଣେ ସ୍ୱାଭାବିକ ମାନସିକତାର ଶିଶୁକୁ ପୋଷ୍ୟ ରୂପେ ଗ୍ରହଣ କରିବା ପାଇଁ ଚାହୁଁଛନ୍ତି। ଏଥିଯୋଗୁ ଜଣେ ଭିନ୍ନକ୍ଷମ ଶିଶୁର ପୋଷ୍ୟ ଗ୍ରହଣ ସମ୍ଭାବନା କମିଯାଉଛି। ତେଣୁ ଏଭଳି ଶିଶୁଙ୍କୁ ଅଧିକରୁ ଅଧିକ ଆପଣାଯିବାକୁ ସୁନିଶ୍ଚିତ କରାଯିବା ଏହି ଆଇନର ଉଦ୍ଦେଶ୍ୟ ବୋଲି ବିଚାରପତି ପ୍ରସାଦ ସ୍ପଷ୍ଟ କରିଛନ୍ତି। ଏଥିସହ ସେ ପିଏପିମାନଙ୍କ ପିଟିଶନଗୁଡ଼ିକୁ ଖାରଜ କରିଦେଇଛନ୍ତି। ଆବେଦନକାରୀମାନେ ନ୍ୟସ୍ତସ୍ୱାର୍ଥ ସମ୍ବଳିତ ଦାବି କରୁଛନ୍ତି, ଯାହାକି ଗ୍ରହଣୀୟ ନୁହେଁ ବୋଲି ବିଚାରପତି କହିଛନ୍ତି।



## ଫୁରସତ୍

# ସ୍ଥାୟୀ ସମାଜ ପାଇଁ ଭାଷାଭିତ୍ତିକ ବିବିଧତା ଗୁରୁତ୍ୱପୂର୍ଣ୍ଣ

### ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ଅ**ନ୍ତର୍ଜାତୀୟ ମାତୃଭାଷା ଦିବସ ପ୍ରତିବର୍ଷ ଫେବୃଆରୀ ୨୧ରେ ବିଶ୍ୱବ୍ୟାପୀ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁ ଭାଷାର ପ୍ରଚାର ନିମନ୍ତେ ପାଳନ ହୋଇଥାଏ । ଏହି ଦିବସ ପାଳନ ପାଇଁ ୟୁନେସ୍କୋ ଦ୍ୱାରା ୧୯୯୯ ନଭେମ୍ବର ୧୭ରେ ଘୋଷଣା ହୋଇଥିଲା। ଏହା ପ୍ରଥମେ ମିଳିତ ଜାତିସଂଘ ସାଧାରଣ ସଭାରେ ୨୦୦୮ ମସିହା ଅନ୍ତର୍ଜାତୀୟ ଭାଷା ବର୍ଷରେ ଗୃହୀତ ହୋଇଥିଲା । ଭାଷାଭିତ୍ତିକ ତଥା ସାଂସ୍କୃତିକ ବିବିଧତା ଏବଂ ବହୁଭାଷିତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଥାଏ।

ସ୍ଥାୟୀ ସମାଜ ପାଇଁ ସାଂସ୍କୃତିକ ଏବଂ ଭାଷାଭିତ୍ତିକ ବିବିଧତାର ଗୁରୁତ୍ୱ ଉପରେ ୟୁନେସ୍କୋ ବିଶ୍ୱାସକରେ। ଶାନ୍ତି ପାଇଁ ଏହା ସଂସ୍କୃତି ଏବଂ ଭାଷାର ପାର୍ଥକ୍ୟକୁ ବଞ୍ଚାଇରଖିବା ପାଇଁ କାର୍ଯ୍ୟକରେ, ଯାହା ଅନ୍ୟମାନଙ୍କ ପ୍ରତି ସହନଶୀଳତା ଏବଂ ସମ୍ମାନ ବଢ଼ାଇଥାଏ। ୟୁନେସ୍କୋ ୱେବ୍‌ସାଇଟ ଅନୁଯାୟୀ, ବାଂଲାଦେଶର ଉଦ୍ୟମରେ ଏହି ଦିନକୁ ସ୍ୱୀକୃତି ଦିଆଯାଇଥିଲା ଏବଂ ୨୦୦୦ ମସିହାରୁ ସାରା ବିଶ୍ୱରେ ଏହା ପାଳନ କରାଯାଇଆସୁଛି। ୟୁନେସ୍କୋ ସମଗ୍ର ବିଶ୍ୱରେ ଭାଷା ଲୋପ ପାଇବାକୁ ନେଇ ଉଦ୍‌ବେଗ ପ୍ରକାଶକରି ଏହି ଦିବସ ପାଳନ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲା। ସାଧାରଣ ଜୀବନରେ ମାତୃଭାଷାର ବିକାଶ ପାଇଁ ପ୍ରତିବଦ୍ଧତା ଦେଖାଇବା ଅନ୍ତର୍ଜାତୀୟ ମାତୃଭାଷା ଦିବସର ମୂଳ ଲକ୍ଷ୍ୟ। ଅନ୍ତର୍ଜାତୀୟ ମାତୃଭାଷା ଦିବସ ପ୍ରତିବର୍ଷ ଫେବୃଆରୀ ୨୧ରେ ବିଶ୍ୱବ୍ୟାପୀ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁ ଭାଷାର ପ୍ରଚାର ନିମନ୍ତେ ପାଳିତ ହୋଇଥାଏ। ଏହି ଦିବସଟି ୧୯୫୨ରେ ସେତେବେଳର ପାକିସ୍ତାନରେ ବଙ୍ଗଳା ଭାଷାକୁ ଦୁଇଟି ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦାବି କରୁଥିବା ଢାକା ବିଶ୍ୱବିଦ୍ୟାଳୟ, ଜଗନ୍ନାଥ ବିଶ୍ୱବିଦ୍ୟାଳୟ, ଢାକା ମେଡ଼ିକାଲ କଲେଜର ଛାତ୍ରୀଛାତ୍ରମାନେ ବର୍ତ୍ତମାନର ବାଂଲାଦେଶର ରାଜଧାନୀ ଢାକାର ଉଚ୍ଚ ନ୍ୟାୟାଳୟ ନିକଟରେ ପୋଲିସ ଗୁଳିରେ ପ୍ରାଣ ହରାଇବା ସ୍ମୃତିରେ ପାଳିତ ହୋଇଥାଏ।




# ରାକୁଲଙ୍କୁ ସରପ୍ରାଇଜ୍ ଦେବେ ଜ୍ୟାକି

ମୁମ୍ବାଇ

ବୁଧବାର ବଲିଉଡ୍ ଇଣ୍ଡଷ୍ଟ୍ରିରେ ଏକ ବଡ଼ ବିବାହ ଅନୁଷ୍ଠିତ ହେବାକୁ ଯାଉଛି। ଅଭିନେତ୍ରୀ ରକୁଲ୍ ପ୍ରୀତ ସିଂ ତାଙ୍କ ପୁରୁଷ ବନ୍ଧୁ ତଥା ଚଳଚ୍ଚିତ୍ର ନିର୍ମାତା ଜ୍ୟାକି ଭଗ୍‌ନାନୀଙ୍କୁ ବିବାହ କରୁଛନ୍ତି। ଦୁହେଁ ପରସ୍ପରକୁ ଦୀର୍ଘ ସମୟ ଧରି ଡେଟ୍ କରୁଥିବାବେଳେ ବୁଧବାର ଉଭୟ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ତେବେ ବିବାହକୁ ସ୍ୱତନ୍ତ୍ର ଓ ସ୍ମରଣୀୟ କରିବା ପାଇଁ ଜ୍ୟାକି ରାକୁଲ୍‌ଙ୍କ ପାଇଁ ଏକ ସରପ୍ରାଇଜ୍ ଗିଫ୍ଟ ମଧ୍ୟ ରଖିଛନ୍ତି। ବିବାହ ଦିନ ହେଉଥିବା ବିଶେଷ ଆୟୋଜନରେ ଜ୍ୟାକି ନିଜ ସ୍ତ୍ରୀଙ୍କ ପାଇଁ ଏକ ନୂଆ ଗୀତ ଉତ୍ସର୍ଗ କରୁଛନ୍ତି, ଯାହାର ଟାଇଟେଲ୍ 'ବିନ୍ ତେରେ' ରଖାଯାଇଛି। ଏହି ଗୀତ ମାଧ୍ୟମରେ ଜ୍ୟାକି ନିଜ ପ୍ରେମ ବ୍ୟକ୍ତ କରିବା ସହ ତାଙ୍କ ଜୀବନର ଏକ ନୂତନ ଇନିଂସ ଆରମ୍ଭ କରିବେ। ଗୀତଟିକୁ ମୟୂର ପୁରୀ ଲେଖିଥିବା ବେଳେ ତନିସ୍କ ବାଗ୍‌ଚି ଏହାର ସ୍ୱର ପ୍ରଦାନ କରିଛନ୍ତି। ଏହି ଗୀତଟି ସମ୍ପୂର୍ଣ୍ଣ ଭାବେ ରକୁଲ୍ ଓ ଜ୍ୟାକିଙ୍କ ପ୍ରେମ କାହାଣୀ ଉପରେ ଉତ୍ସର୍ଗୀକୃତ ରହିଛି।

ଉଭୟ ରକୁଲ ଓ ଜ୍ୟାକିଙ୍କ ବିବାହ ନେଇ ଦୀର୍ଘ ଦିନ ଧରି ଆଲୋଚନା ଚାଲିଥିବା ବେଳେ ବୁଧବାର ଉଭୟ ବିବାହ କରିବେ। ଚଳଚ୍ଚିତ୍ର ନିର୍ମାତା ଭାବେ ଜ୍ୟାକି ଏବଂ ଅଭିନେତ୍ରୀ ଭାବେ ରକୁଲ୍ ବଲିଉଡ ଇଣ୍ଡଷ୍ଟ୍ରିରେ ବେଶ୍ ଜଣାଶୁଣା ଥିବାରୁ ଏହି ବିବାହରେ ବହୁ ତାରକା ଯୋଗ ଦେବାର ସମ୍ଭାବନା ରହିଛି। ବିଭିନ୍ନ ରିପୋର୍ଟକୁ ବିଶ୍ୱାସ କରାଗଲେ, ଏହି ବିବାହରେ ଅନନ୍ୟା ପାଣ୍ଡେ, ଅକ୍ଷୟ କୁମାର, ଆଦିତ୍ୟ ରୟ କପୁର, ବରୁଣ ଧାୱନଙ୍କ ସମେତ ଅନେକ ବଲିଉଡ ତାରକା ଯୋଗ ଦେବେ। ଏହା ବ୍ୟତୀତ ଜ୍ୟାକିଙ୍କ ପ୍ରଡକ୍ସନ୍ ହାଉସ୍ 'ପୂଜା ଏଣ୍ଟରଟେନମେଣ୍ଟ' ସହ ଜଡିତ ଥିବା ସମସ୍ତ କର୍ମଚାରୀ ମଧ୍ୟ ଏହି ଗ୍ରାଣ୍ଡ ୱେଡିଂରେ ସାମିଲ ହେବେ। ବିବାହରେ ଅତିଥିମାନଙ୍କ ସୁରକ୍ଷା ଏବଂ ଖାଦ୍ୟପେୟ ଉପରେ ବିଶେଷ ଯତ୍ନ ନିଆଯାଉଥିବା ସୂଚନା ମିଳିଛି।



**ମାତୃଭାଷାର ପ୍ରଚାର, ପ୍ରସାର ପାଇଁ ଛାତ୍ରୀଛାତ୍ର ଶପଥପାଠ କରିବେ**

ଭୁବନେଶ୍ୱର,(ଅସମାପିକା ସାହୁ): ମାତୃଭାଷାର ପ୍ରଚାର ପ୍ରସାର ପାଇଁ ପ୍ରତିବର୍ଷ ଫେବୃଆରୀ ୨୧ରେ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମାତୃଭାଷାର ପ୍ରଚାର ପ୍ରସାର ପାଇଁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଶପଥ ପାଠ କରିବେ। ଏଥିସହ ମାତୃଭାଷାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

# ମାତୃଭାଷା ଆଦ୍ୟ ପରିଚୟ

**ଆଜି ଅନ୍ତର୍ଜାତୀୟ ମାତୃଭାଷା ଦିବସ**

ଭୁବନେଶ୍ୱର,୨୦।୨
(ଶର୍ମିଷ୍ଠା ପାଣିଗ୍ରାହୀ)




କଥାରେ ଅଛି 'ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗ ନିଜ ମାତୃଭାଷା'। ମାତୃଭାଷା ମଣିଷର ଆଦ୍ୟ ପରିଚୟ, ଯାହାକୁ ପଢ଼ି, ଶିଖି ସେ ବଡ଼ ହୋଇଥାଏ। ନିଜର ମାତୃଭାଷା ପାଇଁ ବ୍ୟକ୍ତିଟିଏ ସ୍ୱତନ୍ତ୍ର ପରିଚୟ ପାଇଥାଏ। ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବାରେ ଓଡ଼ିଆ ଭାଷା ପ୍ରଥମ। ଏଥିପାଇଁ ପ୍ରତ୍ୟେକ ଓଡ଼ିଆ ଗର୍ବ କରନ୍ତି। କେତେ କାଳଜୟୀ ଉପନ୍ୟାସ, ଗଳ୍ପ ଓ କବିତା ଓଡ଼ିଆ ଭାଷାକୁ ପରିପୁଷ୍ଟ କରିଛି। ଭାଷାକୁ ନେଇ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ସବୁକିଛି ସମ୍ଭବ। ସମୟର ତାଳ ଦେଇ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ଯୁଗରେ ମାତୃଭାଷା ଆଗକୁ ବଢ଼ି ଚାଲିଛି। ସବୁ ଭାଷା ଶିଖିବା ଉଚିତ୍। ମାତ୍ର ମାତୃଭାଷାର ବ୍ୟବହାର କଲେ ତାହା କେବେ ବିଲୟ ହେବନାହିଁ ବୋଲି ଅନେକ ସମୟରେ ଭାଷାବିତ୍‌ମାନେ ମତ ଦିଅନ୍ତି। ବୁଧବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।

### ମାତୃଭାଷା ପାଇଁ ଏକ ଭଲ ସମୟ ଆସିଛି



ନିକଟରେ ୩ଦିନ ଧରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେଲା। ସେଠାରେ ଭାଷାକୁ ନେଇ ବିଭିନ୍ନ ପ୍ରକାର ଆଲୋଚନା କରାଗଲା, ଯାହା ଓଡ଼ିଆ ଭାଷାର ଗବେଷଣା ଦିଗରେ ଏକ ନୂତନ ଦିଗ ସୃଷ୍ଟି କରିଛି। ଯେଉଁ ଗବେଷଣା ପଛରେ ରହିଯାଇଛି ତାହାକୁ ଏବେ ଆଗକୁ ନେବାକୁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟିକ କ୍ଷେତ୍ରରେ ମଧ କିଭଳି ମାତୃଭାଷା ବ୍ୟବହାର କରିହେବ ତାହା ଶିଖିବାକୁ ମିଳିଛି। ନୂଆ ଶବ୍ଦାବଳୀ, ଭାଷାକୋଷ ତିଆରି ହେଉଛି। ସର୍ବୋପରି କହିବାକୁ ଗଲେ ମାତୃଭାଷା ପାଇଁ ଏକ ଭଲ ସମୟ ଆସିଛି।

- ପ୍ରଫେସର ବସନ୍ତ କୁମାର ପଣ୍ଡା, ଭାଷାବିତ୍

### ଅନ୍ୟ ଭାଷାର ଅନୁପ୍ରବେଶ ସତ୍ତ୍ୱେ ମାତୃଭାଷାକୁ ବଞ୍ଚାଇ ରଖିବାକୁ ହେବ



ଗାଁରୁ ହିଁ ଭାଷାର ଜନ୍ମ। ତେଣୁ ଗ୍ରାମର ଭାଷାକୁ ବଞ୍ଚାଇ ରଖିବାକୁ ସମସ୍ତେ ଚେଷ୍ଟା କରିବା ଦରକାର। ଆମ ଭାଷା ସବୁବେଳେ ପ୍ରତିକୂଳ ପରିସ୍ଥିତି ଦେଇ ଆଗକୁ ବଢ଼ିଛି। ଆମ ମାତୃଭାଷାରେ ଅନ୍ୟ ଭାଷାର ଅନୁପ୍ରବେଶ ପରେ ମଧ ତାହା ବିଲୟ ହୋଇନାହିଁ କି ହେବ ନାହିଁ। ନିକଟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହୋଇଥିଲା। ଆମେ ଯଦି ସକାରାତ୍ମକ ଦୃଷ୍ଟିରେ ଦେଖିବା ତା'ହେଲେ ଅନେକ ଦିଗରେ ଏହା ଏକ ସଫଳ ପ୍ରୟାସ। ସରକାରୀ ସ୍ତରରେ ଇଂଲିଶକୁ ତ ସମ୍ପୂର୍ଣ୍ଣ ବନ୍ଦ କରି ହେବନାହିଁ, ମାତ୍ର ଓଡ଼ିଆ ଭାଷାର ବହୁଳ ବ୍ୟବହାର କରିବା ଆବଶ୍ୟକ। ମାତୃଭାଷାରେ ଦୃଢ଼ ହେଲେ ପ୍ରତ୍ୟେକ ଭାରତୀୟ ଦକ୍ଷତା ହାସଲ କରିପାରିବେ।

- ସଂଘମିତ୍ରା ଭଞ୍ଜ, ଅଧ୍ୟାପିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

### ମାତୃଭାଷା ଲେଖକ ହେବାର ସୁଯୋଗ ଦିଏ



ମାତୃଭାଷା ଆମର ଅମୂଲ୍ୟ ସମ୍ପଦ। ନିଜ ମନର କଥାକୁ ସ୍ୱତଃପ୍ରବୃତ୍ତ ଭାବେ ପ୍ରକାଶ କରିବା ପାଇଁ ମାତୃଭାଷା ହିଁ ଉତ୍ସାହିତ କରେ। ମାତୃଭାଷା ପାଇଁ ଅନେକ ଲେଖକ ହେବାର ସୁଯୋଗ ପାଇଛନ୍ତି। ଏହି ମାତୃଭାଷାର ସଂରକ୍ଷଣ ଆମ ସମସ୍ତଙ୍କର ଦାୟିତ୍ୱ। ପ୍ରତ୍ୟେକେ ଏ ନେଇ ଉଦ୍ୟମ କରିବା ଦରକାର। ମାତୃଭାଷା ପାଇଁ ବର୍ତ୍ତମାନର ଯୁବପିଢ଼ି ଏକ ପ୍ରମୁଖ ମାଧ୍ୟମ। ଦୈନନ୍ଦିନ ଜୀବନରେ ମାତୃଭାଷାର ବ୍ୟବହାର କଲେ ହିଁ ଆଗାମୀ ଦିନରେ ମାତୃଭାଷା ପାଇଁ ଏକ ଅବସର ମିଳିପାରିବ।

- ଡିଲେଶ୍ୱର ରଣା, ଯୁବ କବି

### ସରକାର ଯୋଗ୍ୟ ଲୋକଙ୍କ ସହଯୋଗ ଲୋଡ଼ିବା ଉଚିତ



ବିଡ଼ମ୍ବନା ହେଉଛି ଯେ, ଆମ ମାତୃଭାଷା ଓଡ଼ିଆ ବିଶ୍ୱର ଏକ ଶ୍ରେଷ୍ଠ ଭାଷା ହୋଇଥିଲେ ମଧ ବର୍ଣ୍ଣମାଳା, ଲିପି, ଅକ୍ଷର ସଂଯୋଜନ, ବନାନ ଓ ବ୍ୟାକରଣରେ ଲୋକେ ମନଇଚ୍ଛା ଭାଷାକୁ ବ୍ୟବହାର କରୁଛନ୍ତି। ଶାସ୍ତ୍ରୀୟ ଭାଷାର ଏକ ତ୍ରୁଟିଶୂନ୍ୟ ମାନକ ରୂପ ସର୍ବତ୍ର ବ୍ୟବହୃତ ହେବା କଥା। ଯୁବପିଢ଼ିଙ୍କୁ ଏ ବିପର୍ଯ୍ୟୟ ବିଷୟରେ ସଚେତନ କରାଇବା ଆମ ସମସ୍ତଙ୍କ ଦାୟିତ୍ୱ। ଭାଷା ସମ୍ମିଳନୀ ଆକର୍ଷଣୀୟ ଓ ବିଶାଳ ଆୟୋଜନ ପ୍ରକୃତରେ ଅବିସ୍ମରଣୀୟ। ସାଧାରଣ ଜନମାନସରେ ଏହାର ବେଶ୍ ଅନୁକୂଳ ପ୍ରଭାବ ପଡ଼ିଥିବା ସହଜେ ଅନୁମେୟ। ମାତ୍ର ଓଡ଼ିଆ ଭାଷାର ଚଳନ୍ତି ସମସ୍ୟା ସବୁକୁ ଦୂର କରିବା ପାଇଁ ସରକାର ପ୍ରକୃତ ଯୋଗ୍ୟ ଲୋକଙ୍କ ସହଯୋଗ ଲୋଡ଼ିବା ଉଚିତ୍। ନଚେତ୍ ଆଗକୁ ଯିବା ପରିବର୍ତ୍ତେ ଆମେ ହୁଏତ ଶହେବର୍ଷ ପଛକୁ ଚାଲିଯିବା।

- ଡ. ପ୍ରସନ୍ନ କୁମାର ମହାନ୍ତି, ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ

### ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି ମାତୃଭାଷାର ବ୍ୟବହାର କରନ୍ତୁ



ଆମେ ଜନ୍ମ ହେବା ପରେ ମାତୃଭାଷାରେ ହିଁ କଥା କହୁ। ମାତ୍ର ଧୀରେ ଧୀରେ ମାତୃଭାଷାର ବ୍ୟବହାର କମ୍ କରିଦେଉଛୁ। ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇବା ସହ ମାତୃଭାଷାକୁ ମଧ ଅଣଦେଖା କରୁଛୁ। ଏମିତିକି ନିଜ ଭାଷା କହିଲେ ତାହା ଓଲ୍ଡ ଫ୍ୟାଶନ ବୋଲି ଭାବୁଛୁ। ମାତୃଭାଷାର ବ୍ୟବହାର ସମସ୍ତେ ଶିଖିବା ଦରକାର। ସବୁ ପ୍ଲାଟଫର୍ମରେ ଭାଷାକୁ ଆଗକୁ ନେଇ ହେବ। ଯୁବପିଢ଼ି ଏବେ ରିଲ୍ସ କରୁଛନ୍ତି, ଯେଉଁଠି ଓଡ଼ିଆ ଗୀତ ବଦଳରେ ଇଂଲିଶ ଓ ହିନ୍ଦୀ ଗୀତକୁ ପ୍ରଥମେ ପ୍ରାଧାନ୍ୟ ଦେଉଛନ୍ତି। ସାମାଜିକ ଗଣମାଧ୍ୟମ ବ୍ୟବହାର କରି ଆମେ ଓଡ଼ିଆ ଗୀତ, ଓଡ଼ିଆ କଥା ଏବଂ ସାହିତ୍ୟର ପ୍ରଚାର ପ୍ରସାର କରିବା ଦରକାର।

- ଶ୍ୱେତାଲିନା ମହାନ୍ତି, ଛାତ୍ରୀ

# ଅଣ୍ଡା ଉତ୍ପାଦନରେ ଗଞ୍ଜାମ ରାଜ୍ୟରେ ପ୍ରଥମ

ବ୍ରହ୍ମପୁର,୨୦।୨
(ଅଶୋକ କୁମାର ସାହୁ)

■ ଆମଦାନୀ କରୁଥିଲା, ଏବେ ରପ୍ତାନି କରୁଛି
■ କୁକୁଡ଼ାଙ୍କ ସ୍ୱାସ୍ଥ୍ୟ ଯତ୍ନ ନେବା ଉପରେ ଗୁରୁତ୍ୱ ଦିଆଯାଉ

ରାଜ୍ୟରେ ଅଣ୍ଡାର ଚାହିଦା ରହିଛି। ଅଣ୍ଡା ଉତ୍ପାଦନ ପାଇଁ ସରକାରୀସ୍ତରରେ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ତେଣୁ ଗଞ୍ଜାମ ଜିଲାରେ ଅଧିକ ଚାଷୀ ଅଣ୍ଡାଦିଆ କୁକୁଡ଼ା ପାଳନ ପ୍ରତି ଆଗ୍ରହୀ ଅଛନ୍ତି। ପ୍ରଚୁର ପରିମାଣରେ ଅଣ୍ଡା ଉତ୍ପାଦନ କରାଯାଉଥିବାରୁ ଏହି ଜିଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଦିନେ ଅଣ୍ଡା ଆମଦାନୀ କରୁଥିବା ଏହି ଜିଲା ଏବେ ରପ୍ତାନି କରୁଛି।

ଗଞ୍ଜାମର ଲୋକ ସଂଖ୍ୟା ତୁଳନାରେ ଜିଲାକୁ ଦୈନିକ ୨୧ ଲକ୍ଷ ଅଣ୍ଡା ଦରକାର। ୫ବର୍ଷ ତଳେ ଜିଲାରେ ୧୪ରୁ ୧୫ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଥିଲା। ତେଣୁ ଆନ୍ଧ୍ରରୁ ଅଣ୍ଡା ଆମଦାନୀ କରାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର କୁକୁଡ଼ା ପାଳନ ପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୦ଲକ୍ଷ ସବ୍‌ସିଡି ଦେଲେ। ଚଳିତବର୍ଷଠାରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରୁଛନ୍ତି। ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନାରେ ୧୦୦୦ କୁକୁଡା ପାଳନ ପାଇଁ ୩ ଲକ୍ଷ ୩୬୪୦ ସବ୍‌ସିଡି ପ୍ରଦାନ କରାଯାଉଛି। ସେହିପରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମଧ ଚାଷୀଙ୍କୁ ସଚେତନ କରାଯାଉଛି। ଜିଲାରେ ୬୩ଟି ପଲଟ୍ରି (ଅଣ୍ଡାଦିଆ କୁକୁଡା)ଫାର୍ମ ରହିଛି। ଏଥିରେ ଲକ୍ଷାଧିକ କୁକୁଡା ଅଛନ୍ତି। ଏଥିସହିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡିକୁ ପ୍ରୋତ୍ସାହନ ଦିଆଯାଉଛି। ଗତବର୍ଷ ୧୦୦୦ ଲେଖାଏ କୁକୁଡା ପାଳନ ପାଇଁ ୧୦୨ ଏସ୍‌ଏଚ୍‌ଜି ଥିବାବେଳେ ଚଳିତବର୍ଷ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୨୦୦୦ ଲେଖାଏ କୁକୁଡା ପାଳନ କରୁଥିବା ୨୧୬ ଏସ୍‌ଏଚ୍‌ଜିକୁ ସମ୍ପୃକ୍ତ କରାଯାଇଛି। ବ୍ୟକ୍ତିଗତ ଭାବେ ୫୦୦ ଅଣ୍ଡାଦିଆ କୁକୁଡା ପାଳନ କରୁଥିବା ଚାଷୀଙ୍କ ସଂଖ୍ୟା ୨୩୦ ଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୨୫୦ରେ ପହଞ୍ଚିଛି। ଅନ୍ୟପକ୍ଷରେ କୁକୁଡା ଚିଆଁ ଉତ୍ପାଦନ ପାଇଁ ଭଞ୍ଜନଗର ଓ ଆଙ୍କୁଶପୁରରେ ଦୁଇଟି ହାଚେରି ରହିଛି। ୨୦୧୯-୨୦ ପ୍ରାଣୀ ଗଣନା ପ୍ରକାରେ ଜିଲାରେ କୁକୁଡା ସଂଖ୍ୟା ୪.୯୦ ଲକ୍ଷ ରହିଥିଲା। ଏବେ କିନ୍ତୁ ଏହି ସଂଖ୍ୟା ବଢ଼ିଥିବା ଆଶା କରାଯାଉଛି। ଫଳରେ ଜିଲାରୁ ଦିନକୁ ୪୧ ଲକ୍ଷ ଅଣ୍ଡା ଉତ୍ପାଦିତ ହୋଇପାରୁଛି। ଏହା ଜିଲାର ଆବଶ୍ୟକତା ମେଣ୍ଟାଇ ବଳକା ରହୁଥିବାରୁ ରପ୍ତାନି ହୋଇପାରୁଛି। ଏ ନେଇ ଗଞ୍ଜାମ ଅଣ୍ଡାଦିଆ କୁକୁଡା ଚାଷୀ ସଂଘର ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଣ୍ଡା ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଛି। ହେଲେ କୁକୁଡାଙ୍କ ସ୍ୱାସ୍ଥ୍ୟ ପ୍ରତି ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଇପାରୁନି। ସବ୍‌ସିଡି ସୁବିଧା କରି କେବଳ କୁକୁଡା ଫାର୍ମ ସଂଖ୍ୟା ବଢ଼ାଇଲେ ହେବ ନାହିଁ, କୁକୁଡାଙ୍କ ସ୍ୱାସ୍ଥ୍ୟ ଯତ୍ନ ନେବା ଉପରେ ସରକାର ଗୁରୁତ୍ୱ ଦେବା ଦରକାର। ଗଞ୍ଜାମରେ ସରକାରଙ୍କ ତରଫରୁ କୁକୁଡାଙ୍କ ଖାଦ୍ୟ ଏବଂ ରୋଗ ନିର୍ଦ୍ଧାରଣ ପାଇଁ ଲାବ୍ ପ୍ରତିଷ୍ଠା ସହ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତ କରାଗଲେ କୁକୁଡା ଚାଷର ଅଭିବୃଦ୍ଧି ହୋଇପାରିବ। ଏ ନେଇ ଆସୋସିଏଶନ ପକ୍ଷରୁ ଅନେକ ଥର ଦାବି କରାଯାଇଛି। କୁକୁଡାଙ୍କୁ ଚିକିତ୍ସା ଯୋଗାଇଦେବା ଭଳି ରାଜ୍ୟରେ କୌଣସି ସୁବିଧା ନାହିଁ। ତେଣୁ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡୁଛି। ଏହା ଯଦି ଓଡ଼ିଶାରେ ହୋଇପାରନ୍ତା ତେବେ ଗଞ୍ଜାମ ଦକ୍ଷିଣ-ପୂର୍ବାଞ୍ଚଳ ରାଜ୍ୟଗୁଡିକ ମଧ୍ୟରେ ଅଣ୍ଡା ଉତ୍ପାଦନରେ ୧ନଂ. ହୋଇପାରନ୍ତା ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ମନୋଜ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ, ସରକାରୀ ପ୍ରୋତ୍ସାହନ ଯୋଗୁ ବହୁ ଚାଷୀ ଏହି ଚାଷରେ ନିଜକୁ ନିୟୋଜିତ କରୁଛନ୍ତି। ଏଥିସହିତ ଏସ୍‌ଏଚଜିଗୁଡିକୁ ଏହି ଚାଷ କରିବାକୁ ସାମିଲ କରାଯାଉଛି। ତେଣୁ ଗଞ୍ଜାମ ଅଣ୍ଡା ଉତ୍ପାଦନରେ ରାଜ୍ୟରେ ପ୍ରଥମ ହୋଇପାରିଛି। ଓଡ଼ିଶାରେ ଯେତେ ଅଣ୍ଡା ଉତ୍ପାଦିତ ହେଉଛି ସେଥିରେ ଗଞ୍ଜାମର ୫୦ ଭାଗ ରହିଛି। ଓଡ଼ିଶାରୁ ପ୍ରତିଦିନ ପଶ୍ଚିମବଙ୍ଗ ସହିତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକୁ ଅଣ୍ଡା ରପ୍ତାନି କରାଯାଉଛି ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି।

## ମାଟ୍ରିକ୍ ପରୀକ୍ଷା: ଏଆଇ ଧରାଇଲା ଅବ୍ୟବସ୍ଥା

କଟକ,୨୦।୨ (କାର୍ତ୍ତିକ ସାହୁ)

**ମାତୃଭାଷାରେ କପିକରି ୧୦ ପରୀକ୍ଷାର୍ଥୀ ଧରାପଡ଼ିଲେ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଆରମ୍ଭ ହୋଇଛି। ମଙ୍ଗଳବାର ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ଅସାଧୁ ଉପାୟରେ କପିକରି ୧୦ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ସେଥିମଧ୍ୟରେ ୮ ଜଣ ମାଟ୍ରିକ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟର ୨ ଜଣ ପରୀକ୍ଷାର୍ଥୀ ଅଛନ୍ତି। ଅପରପକ୍ଷରେ ବୋର୍ଡ ପକ୍ଷରୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବୈଷୟିକ ଜ୍ଞାନକୌଶଳର ଉପଯୋଗ ମାଟ୍ରିକ୍ ପରୀକ୍ଷାକୁ ଅପେକ୍ଷାକୃତ ସହଜ କରିଛି। ପ୍ରଥମଦିନରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ହୋଇଥିବା ଅବ୍ୟବସ୍ଥା ସଂକ୍ରାନ୍ତରେ ଏଆଇ ଦ୍ୱାରା ବୋର୍ଡ ମୁଖ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମ୍‌ରୁ ଜାଣିବାକୁ ମିଳିଛି। ବିଶେଷକରି ପ୍ରବେଶ ପଥରେ ଠିକ୍ ଭାବେ ଯାଞ୍ଚ ହୋଇ ନ ଥିବା ଜଣାପଡିଛି। ଆଗାମୀ ଦିନରେ କଡ଼ାକଡ଼ି ଯାଞ୍ଚ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଦ୍ୱାରା ଅସାଧୁ କାର୍ଯ୍ୟ ରୋକାଯିବା ସହ କପି କରୁଥିବାବେଳେ ଏଆଇ ସର୍ଭିଲାନ୍ସ ଦ୍ୱାରା ୩ ଜଣ ପରୀକ୍ଷାର୍ଥୀ ଧରାପଡ଼ିଥିବା ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

## ମିଶନ ଶକ୍ତି ପ୍ରଶ୍ନକୁ ନେଇ ପ୍ରତିକ୍ରିୟା

**ଯେକୌଣସି ବିଷୟରେ ରଚନା ଆସିପାରିବ: ବୋର୍ଡ କର୍ତ୍ତୃପକ୍ଷ**

**ଭୁବନେଶ୍ୱର, ୨୦।୨(ଅସମାପିକା ସାହୁ):** ରାଜ୍ୟରେ ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ଛାତ୍ରୀଛାତ୍ରମାନେ ସାହିତ୍ୟ ବିଷୟରେ ପରୀକ୍ଷା ଦେଇଛନ୍ତି। ପରୀକ୍ଷାରେ ମିଶନ ଶକ୍ତି ଉପରେ ପ୍ରଶ୍ନ ପଡ଼ିଥିଲା। ମିଶନ ଶକ୍ତି ବିଷୟରେ ରଚନା ଲେଖିବାକୁ ପ୍ରଶ୍ନପତ୍ରରେ ଉଦ୍ଦିଷ୍ଟ ଥିଲା। ୧୦ ମାର୍କର ଏହି ପ୍ରଶ୍ନ ବିଭିନ୍ନ ସେଟ୍‌ରେ ପଡ଼ିଥିବା ଦେଖାଯାଇଥିଲା। ତେବେ ସରକାରୀ ଯୋଜନା ସମ୍ପର୍କରେ ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଆସିବାକୁ ନେଇ ଶିକ୍ଷାବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେପଟେ ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି, ପରୀକ୍ଷା ପରିଚାଳନା କମିଟି ପ୍ରଶ୍ନପତ୍ର ପ୍ରସ୍ତୁତ କରିଛନ୍ତି। ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ ପ୍ରଶ୍ନପତ୍ର ପ୍ରସ୍ତୁତ ହୋଇଛି। ମିଶନଶକ୍ତି ଉପରେ ପ୍ରଶ୍ନ ଆସିବାରେ କୌଣସି ଅସୁବିଧା ନାହିଁ। ସେହିପରି ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି, ରଚନା ଯେକୌଣସି ବିଷୟରେ ଆସିପାରିବ। ସେଥିରେ କୌଣସି ଅସୁବିଧା ନାହିଁ।

# ପ୍ରଶ୍ନ ସହଜ, ଆଶଙ୍କା ଦୂର

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଥିଲା। ସହଜ ପ୍ରଶ୍ନ ପଡ଼ିଥିବାରୁ ଅଧିକାଂଶ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଭଲ ହୋଇଛି। କିନ୍ତୁ କିଛି ପରିକ୍ଷାର୍ଥୀ ପରୀକ୍ଷା ଯିବା ପୂର୍ବରୁ ଭୟରେ ରହିଥିବା କହିଛନ୍ତି। ପ୍ରଥମ ଥର ପାଇଁ ବୋର୍ଡ ପରୀକ୍ଷା ଦେବାକୁ ଆସିଥିବାରୁ ମନରେ ଡର ରହିଥିଲା। କିନ୍ତୁ ପରୀକ୍ଷା ହଲ୍‌ରେ ବସିବା ପରେ ଏବଂ ପରୀକ୍ଷା ଶେଷ ହେବା ପରେ ସେହି ଭୟ ପଳେଇ ଯାଇଥିବା ପ୍ରକାଶ କରିଛନ୍ତି।

### ପ୍ରଶ୍ନ ସହଜ ଥିଲା



ପରୀକ୍ଷାକୁ ନେଇ ମନରେ ବିଭିନ୍ନ ଆଶଙ୍କା ଥିଲା। ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ପ୍ରଶ୍ନ ସହଜ ଥିବାବେଳେ ପରୀକ୍ଷା ଭଲ ହୋଇଛି। ତେବେ କେନ୍ଦ୍ରରେ ସିସି କ୍ୟାମେରା ଲାଗିଥିବାରୁ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ହୋଇଛି।

- ସୌମ୍ୟା ଶୁଭଶ୍ରୀ ପାତ୍ର, ଆରଡ଼େଶ୍ୱର ଉଚ୍ଚ ବିଦ୍ୟାଳୟ, ଆଡ଼ିଆ, ଭଦ୍ରକ

### ପରୀକ୍ଷା କେନ୍ଦ୍ରରେ ପହଞ୍ଚି କାନ୍ଦିଥିଲି



ପ୍ରଥମ ଥର ପାଇଁ ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବାରୁ ମନରେ ବହୁତ ଭୟ ଥିଲା। ତେଣୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଲା ପରେ କାନ୍ଦିଥିଲି। କିନ୍ତୁ ପ୍ରଶ୍ନପତ୍ର ବହୁତ ସହଜ ଥିଲା। ପରୀକ୍ଷା ଭଲ ବି ହୋଇଛି। ଏବେ ମନରୁ ଭୟ ପଳେଇଗଲା। ଆଗକୁ ବି ସବୁ ବିଷୟରେ ଭଲ ହେବ ବୋଲି ଆଶା କରୁଛି।

- ଚନ୍ଦନା ମିଶ୍ର, ଅସୁରାଳୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ

### ମାତୃଭାଷାରେ ୯୫ ନମ୍ବର ରହିବ



ମାଟ୍ରିକ ପରୀକ୍ଷାର ପ୍ରଥମ ଭାଷା ଆଶାନୁରୂପ ଭଲ ସଫଳତା ଦେଇଛି। ଅବ୍‌ଜେକ୍ଟିଭ ପ୍ରଶ୍ନ ୨ଟି ଭୁଲ୍ କରିଛି। ସବ୍‌ଜେକ୍ଟିଭ ଭଲ ହୋଇଛି। ମିଶନ ଶକ୍ତି ପ୍ରସଙ୍ଗଟି କରେଣ୍ଟ ଆଫାୟାର୍ସ ହୋଇଥିବାରୁ ସେହି ରଚନାଟି ଭଲ ଭାବେ ଲେଖିଛି। ଦଶମ ଶ୍ରେଣୀ ଇତିହାସ ବହିରେ ମିଶନ ଶକ୍ତି ଉପରେ ବି ପଢ଼ିଥିଲୁ। ପ୍ରଥମ ଭାଷା ଓଡ଼ିଆ ବିଷୟରେ ପୂର୍ଣ୍ଣସଂଖ୍ୟା ୧୦୦ରୁ ୯୫ ରହିବ ବୋଲି ଆଶା ରଖିଛି।

- ଆଶୁତୋଷ ସାହୁ, ଛାତ୍ର, ରେଭେନ୍‌ଶା କଲିଜିଏଟ୍ ସ୍କୁଲ, କଟକ

### ଚାପର ବଶବର୍ତ୍ତୀ ହୋଇ ନ ଥିଲି



ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା କ୍ଷଣି ମନରେ ଖୁସି ଅନୁଭବ କରିଥିଲି। ପ୍ରଥମ ଦିନର ଓଡ଼ିଆ ପରୀକ୍ଷା ବହୁତ ଭଲ ହୋଇଛି। ମାଟ୍ରିକ ପରୀକ୍ଷା ଦେବା ସମୟରେ ମାନସିକ ଚାପ ରହିଥାଏ ବୋଲି ଶୁଣିଥିଲି। ହେଲେ ମୁଁ କୌଣସି ପ୍ରକାର ଚାପର ବଶବର୍ତ୍ତୀ ହୋଇ ନ ଥିଲି। ପୂର୍ବରୁ ଯେଭଳି ପ୍ରସ୍ତୁତି କରିଥିଲି ପ୍ରଶ୍ନପତ୍ର ପ୍ରାୟତଃ ସେମିତି ଆସିଥିଲା।

- ସବ୍ୟସାଚୀ ଦାଶ, ଦିବ୍ୟାଙ୍ଗ ଛାତ୍ର, ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର

### କଡ଼ା ସୁରକ୍ଷାରେ ପରୀକ୍ଷା ଦେଲୁ



ପ୍ରଥମ ଥର ବୋର୍ଡ ପରୀକ୍ଷା ଦେଉଥିବାରୁ ମନ ଭିତରେ ଡର ଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ଦିନ ମାତୃଭାଷା ଓଡ଼ିଆରେ ସହଜ ପ୍ରଶ୍ନ ପଡ଼ିଥିବାରୁ ଭଲ ହୋଇଛି। ପ୍ରଥମ ବିଷୟ ଭଲ ହୋଇଥିବାରୁ ଆଗକୁ ଅନ୍ୟ ବିଷୟଗୁଡ଼ିକ ମଧ ଭଲ ହେବ ବୋଲି ଆଶା କରୁଛି। ମାଟ୍ରିକ ପରୀକ୍ଷା ପାଇଁ ୬ ମାସ ତଳୁ କଠିନ ପରିଶ୍ରମ କରିଛି।

- ଶ୍ରୁତିରେଖା ଦାଶ, ସହର ଉଚ୍ଚ ବିଦ୍ୟାଳୟ, ରାଉରକେଲା

### ହଲ୍‌କୁ ଯିବା ପୂର୍ବରୁ ଡର ଥିଲା



ପ୍ରଥମଥର ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବାରୁ ହଲ୍‌କୁ ଯିବା ପୂର୍ବରୁ ଅଳ୍ପ ଡର ଥିଲା। ସକାଳ ୭ଟା ସୁଦ୍ଧା ପରୀକ୍ଷା କେନ୍ଦ୍ର ଆଗରେ ପହଞ୍ଚି ଯାଇଥିଲି। ସାହିତ୍ୟ ପରୀକ୍ଷା ଥିଲା। ପ୍ରଶ୍ନପତ୍ର ସହଜ ଲାଗିଥିଲା। ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ଆସିବ ବୋଲି ଆଶା କରୁଛି। ଦୁଇ ଦିନ ପରେ ଶୁକ୍ରବାର ଇଂଲିଶ ପରୀକ୍ଷା ଅଛି। ୨ ଦିନ ବ୍ୟବଧାନ ରହିଥିବାରୁ ପଢ଼ିବାକୁ ସମୟ ମିଳିବ।

- ଚିନ୍ମୟୀ ମହାପାତ୍ର, ବାରାକ୍ସ ହାଇସ୍କୁଲ, ଗାନ୍ଧୀନଗର(ବ୍ରହ୍ମପୁର)

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

St. Xavier's High School (CBSE)
Chandiabiranchipur, Keonjhar
WANTED
PRT- English, Science, Social Sc.
TGT- English, Social Sc., Math, Science
Special Educator & Account Asst.
Email CV within 10 days:
st.xaviers2050@gmail.com
Mob.:7873158480

WANTED
Lady Office Clerk
Free accommodation. Free fooding. Salary: Rs.10000/-.
Near Phulanakhara
7809525452

WANTED
Labour to work in Construction /Agriculture/ Factory/Hotel.
Food /accommodation given.
Hyderabad, Telengana
09752677258

ଆବଶ୍ୟକ
କଟକ, ଭୁବନେଶ୍ୱରରେ (Well & Pile) ବ୍ରିଜ କାର୍ଯ୍ୟ ପାଇଁ Experience Engineer, Supervisor, Security Incharge, Accountant, Site Incharge & Cooker ଏବଂ ଭୁବନେଶ୍ୱର ଅଫିସରେ କାର୍ଯ୍ୟ ପାଇଁ Computer Operator, Office Manager, Driver & Other Staff ଆବଶ୍ୟକ।
Ph:9937199625

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ସନ୍ଦର୍ଭ ସଂଖ୍ୟା.MCL/SBP/HQ/EE/2024/Advisor(Forest)/1718 ତାରିଖ: 19.02.2024
**ଏମ୍‌ସିଏଲ୍‌ରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (ବନ)ଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି**
ସରକାରୀ/ପିଏସ୍‌ୟୁରୁ ଅବସରପ୍ରାପ୍ତ ବ୍ୟକ୍ତିଙ୍କଠାରୁ ଚୁକ୍ତିଭିତ୍ତିରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (ବନ) ପଦବୀ ନିମନ୍ତେ ଆବେଦନ ଆହ୍ୱାନ କରାଯାଉଛି। ପ୍ରାର୍ଥୀ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ହେବା ସହ ଅତିରିକ୍ତ ପ୍ରମୁଖ ବନ ସଂରକ୍ଷକ କିମ୍ବା ତଦୂର୍ଦ୍ଧ୍ୱ ପଦବୀରେ କାର୍ଯ୍ୟ ସମ୍ପାଦନ କରିଥିବା ଏବଂ ଚୁକ୍ତି ଅବଧି ମଧ୍ୟରେ ୬୫ ବର୍ଷ ବୟସରୁ ଅଧିକ ହୋଇ ନ ଥିବା ଆବଶ୍ୟକ। ଯୋଗ୍ୟତାର ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ଅନୁଭବ/ଅଭିଜ୍ଞତା, କାର୍ଯ୍ୟ ପରିସର ସମେତ ସମ୍ପାଦନ କରିବାକୁ ଥିବା କାର୍ଯ୍ୟର ବିବରଣୀ ଏବଂ ଦରଖାସ୍ତ ଫର୍ମାଟ୍ ସମ୍ବଳିତ ସବିଶେଷ ବିବରଣୀ www.mahanadicoal.in ୱେବ୍‌ସାଇଟ୍ ଅନ୍ତର୍ଗତ Careers@mcl->Career News->Recruitment ଏବଂ ସିଆଇଏଲ୍ ୱେବ୍‌ସାଇଟ୍ www.coalindia.in ରେ ଉପଲବ୍ଧ। ଆବେଦନ ଗ୍ରହଣ କରିବାର ଅନ୍ତିମ ତାରିଖ 04.03.2024 ସନ୍ଧ୍ୟା 5.00 ଘଟିକା। ଦରଖାସ୍ତ ଫର୍ମାଟ୍ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ। ଭଲଭାବେ ପୂରଣ କରାଯାଇଥିବା ଦରଖାସ୍ତ ସହିତ ଆବଶ୍ୟକ ନଥିପତ୍ରଗୁଡ଼ିକର ସତ୍ୟାପିତ ନକଲ ପ୍ରାର୍ଥୀଙ୍କ ଦ୍ୱାରା ଉପ ମହାପ୍ରବନ୍ଧକ (Pers./EE), ମହାନଦୀ କୋଲ୍‌ଫିଲଡ୍‌ସ୍ ଲିମିଟେଡ୍, ସା/ପୋ: ଜାଗୃତି ବିହାର, ବୁର୍ଲା, ଜିଲା: ସମ୍ବଲପୁର-768020, ଓଡ଼ିଶାଙ୍କୁ କେବଳ gm-ee.mcl@coalindia.in ଇମେଲ୍ ଆଇଡିରେ ପଠାଇବାକୁ ହେବ।
ସ୍ୱା/-
ଉପ ମହାପ୍ରବନ୍ଧକ (Pers/EE)
R-5194

CITY HEALTH SOCIETY, CUTTACK
NATIONAL HEALTH MISSION, ODISHA
DEPT. OF HEALTH & FAMILY WELFARE, GOVT. OF ODISHA
WALK-IN-INTERVIEW
Adv. No. 457/CPMU/NUHM, CTC Date: 20.02.2024
Walk-in-Interview will be conducted as scheduled below for filling up the followings post under National Health Mission, City Health Society, Cuttack on contractual full time/part-time basis at UCHCs/UPHCs/UHWCs with monthly remuneration/Fees (Session wise) as noted against each.

| Sl. No. | Name of the Post | No. of Vacancies | Remuneration | Venue | Walk-in-Interview (Date & Time) |
|---|---|---|---|---|---|
| 01 | Contractual Medical Officer (Full Time) at UCHCs/UPHCs/UHWCs | 4 | Base: Rs.64,324/- per month + P.I. (as applicable) | Biju Bhawan, Choudhury Bazar, Cuttack Municipal Corporation | Date: 29.02.2024 Registration: 10.30 to 11.30 A.M. Interview: 11.30 A.M. onwards |
| | Part time specialists (Fees session wise) | | | | |
| 02 | O & G Specialist | 7 | Rs.1500/- per session | | |
| 03 | Paediatric Specialist | 5 | Rs.1500/- per session | | |
| 04 | Surgery Specialist | 7 | Rs.1500/- per session | | |
| 05 | Medicine Specialist | 9 | Rs.1500/- per session | | |
| 06 | ENT Specialist | 9 | Rs.1500/- per session | | |
| 07 | Skin N VD Specialist | 9 | Rs.1500/- per session | | |
| 08 | Orthopaedic Specialist | 9 | Rs.1500/- per session | | |
| 09 | Psychiatrist | 9 | Rs.1500/- per session | | |
| 10 | Dentist | 1 | Rs.1250/- per session | | |
| 11 | Physiotherapist | 11 | Rs.600/- per session | | Date: 01.03.2024 Registration: 10.30 to 11.30 A.M. Interview: 11.30 A.M. onwards |
| 12 | Nutritionist | 8 | Rs.600/- per session | | |
| 13 | Yoga Instructor | 11 | Rs.500/- per session | | |

The above positions are purely temporary and co-terminus with the scheme. Interested candidates can log on to www.cmcuttack.odisha.gov.in for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration and Walk-in-Interview on the date as mentioned above. Registration timing will be from 10.30 A.M. to 11.30 A.M. only on Walk-in-Interview date. No application will be received after scheduled timing of registration. The authority reserves the right to cancel any or all application without assigning any reason thereof.
Sd./- ADUPHO, Cuttack

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା/ନିୟମିତ ଆଧାରରେ**
ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଖାଲି ପଦବୀ | ବିଜ୍ଞାପନ ସଂ. |
|---|---|---|---|
| 1 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) ଚୁକ୍ତିଭିତ୍ତିକ ସମୀକରଣ ଟିଇଜିଏସ୍-VI (ଡେପୁଟି ଜେନେରାଲ୍ ମ୍ୟାନେଜର) | 01 | CRPD/SCO/ 2023-24/31 |
| 2 | ସହକାରୀ ମ୍ୟାନେଜର (ସୁରକ୍ଷା ଆନାଲିଷ୍ଟ) ନିୟମିତ ଜେଏମ୍‌ଜିଏସ୍-I | 23 | CRPD/SCO/ 2023-24/32 |
| 3 | ଡେପୁଟି ମ୍ୟାନେଜର (ସୁରକ୍ଷା ଆନାଲିଷ୍ଟ) ନିୟମିତ ଏମ୍‌ଏମ୍‌ଜିଏସ୍-II | 51 | |
| 4 | ମ୍ୟାନେଜର (ସୁରକ୍ଷା ଆନାଲିଷ୍ଟ) ନିୟମିତ ଏମ୍‌ଏମ୍‌ଜିଏସ୍-III | 03 | |
| 5 | ସହକାରୀ ଜେନେରାଲ୍ ମ୍ୟାନେଜର (ଆପ୍ଲିକେସନ୍ ସୁରକ୍ଷା) ନିୟମିତ ଏସ୍‌ଏମ୍‌ଜିଏସ୍-V | 03 | |
| 6 | କ୍ରେଡିଟ୍ ଆନାଲିଷ୍ଟ ନିୟମିତ ଏମ୍‌ଏମ୍‌ଜିଏସ୍-III | 50 | CRPD/SCO/ 2023-24/33 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ।
- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 13.02.2024 ରୁ 04.03.2024 ପର୍ଯ୍ୟନ୍ତ।**
ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ।
ସ୍ଥାନ: ମୁମ୍ବାଇ
ତାରିଖ: 13.02.2024
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୧/୨୦୨୪ Bhubaneswar, Wednesday, February 21/ 2024

## ଆଲୁରରେ ଅଭ୍ୟାସ ମ୍ୟାଚ୍ ଖେଳିଲେ ପନ୍ତ

**ନୂଆଦିଲ୍ଲୀ, ୨୦।୨:** ଆଇପିଏଲ୍ ତାରିଖ ଘୋଷଣା ହୋଇଥିବା ବେଳେ ଭାରତୀୟ ଦଳର ଉଇକେଟ କିପର ବ୍ୟାଟର ରିଷଭ ପନ୍ତ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି। ପନ୍ତ ମଙ୍ଗଳବାର ବେଙ୍ଗାଲୁରୁର ଆଲୁରରେ ଏକ ଅଭ୍ୟାସ ମ୍ୟାଚ୍ ଖେଳିଛନ୍ତି। ୨୦୨୨ରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ। ଦୀର୍ଘ ଦେଢ ବର୍ଷ ଧରି ସେ ରିହାବ୍‌ରେ ଥିବା ବେଳେ ଅଭ୍ୟାସ ମ୍ୟାଚ୍ ଖେଳିଛନ୍ତି। ଦୁର୍ଘଟଣାରେ ଆହତ ହୋଇ ୧୫ ମାସରୁ ଅଧିକ ସମୟ ଧରି କ୍ରିକେଟରୁ ଦୂରରେ ରହିଥିଲେ ମଧ ପନ୍ତଙ୍କ ଗତିଶୀଳତା ବିଶେଷ ଭାବରେ ପ୍ରଭାବିତ ହୋଇନାହିଁ। ସାଧାରଣ ଭାବରେ ବ୍ୟାଟିଂ କରିବାରେ ସମର୍ଥ ହୋଇଥିବା ବେଳେ ସେ ରନିଂ ମଧ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ପନ୍ତ ଆସନ୍ତା ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଇପାରନ୍ତି। ନ୍ୟାଶନାଲ କ୍ରିକେଟ ଏକାଡେମୀରେ ରିହାବ୍ କରୁଥିବା ପନ୍ତ ଗତମାସରେ ଲଣ୍ଡନରେ ମଧ ଚିକିତ୍ସିତ ହୋଇଥିଲେ। ବିସିସିଆଇ ପକ୍ଷରୁ ଚିକିତ୍ସାର ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍ ରିକି ପଣ୍ଟିଂ ମଧ ତାଙ୍କ ପ୍ରତ୍ୟାବର୍ତ୍ତନ ନେଇ ସୂଚନା ଦେଇଥିଲେ। ପନ୍ତ ଫେରୁଥିବା ବେଳେ ସେ କେବଳ ବ୍ୟାଟର ଭାବରେ ଯୋଗଦେବେ ବୋଲି ପଣ୍ଟିଂ କହିଥିଲେ। ଏହା ସହିତ ପନ୍ତଙ୍କୁ ଦଳ ଇମ୍ପାକ୍ଟ ପ୍ଲେୟର ଭାବରେ ମଧ ଖେଳାଇପାରେ ବୋଲି ସେ କହିଥିଲେ। ଯଦି ପନ୍ତ ଉପଲବ୍ଧ ରହିବେ ତେବେ ସେ ଅଧିନାୟକ ରହିବେ ଅନ୍ୟଥା ଡେଭିଡ୍ ୱାର୍ନରଙ୍କୁ ଅଧିନାୟକ ଦାୟିତ୍ୱ ମିଳିବା ସ୍ପଷ୍ଟ କରିଥିଲେ ପଣ୍ଟିଂ।

# ପଦକ ବିଜେତା ହକି ଖେଳାଳିଙ୍କୁ ପୁରସ୍କାର


ଅମିତ ରୋହିଦାସ



ଦୀପ୍‌ଗ୍ରେସ୍ ଏକ୍କା



ଆଜମିନା କୁଜୁର



ମାରିଆନା କୁଜୁର



ଜ୍ୟୋତି ଛତ୍ରୀ

- **ଅମିତ ରୋହିଦାସ ଓ ଦୀପ୍‌ଗ୍ରେସ୍ ଏକ୍କାଙ୍କୁ ୩,୭୫,୦୦୦ ଟଙ୍କା ଲେଖାଏ ମିଳିବ**
- **ମାରିଆନା କୁଜୁର, ଜ୍ୟୋତି ଛତ୍ରୀ ଓ ଆଜମିନା କୁଜୁରଙ୍କୁ ୧୨,୫୦,୦୦୦ ଟଙ୍କା ଲେଖାଏ**

**ଭୁବନେଶ୍ୱର, ୨୦।୨**
**(ତପନ ସ୍ୱାଇଁ)**

ରାଜ୍ୟର ହକି ଖେଳାଳିଙ୍କ ଉଲ୍ଲେଖନୀୟ ସଫଳତାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରି ଓଡ଼ିଶାର କ୍ରୀଡ଼ା ଐତିହ୍ୟକୁ ପରିଚୟ ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯିବ। ଚେନ୍ନାଇରେ ଅନୁଷ୍ଠିତ ୨୦୨୩ ପୁରୁଷ ଏସିଆନ ଚାମ୍ପିୟନଶିପ୍ ଟ୍ରଫି ଏବଂ ଝାଡ଼ଖଣ୍ଡରେ ଆୟୋଜିତ ୨୦୨୩ ମହିଳା ଏସିଆନ ଚାମ୍ପିୟନଶିପ୍ ଟ୍ରଫିରେ ଭାରତର ପ୍ରତିନିଧିତ୍ୱ କରିଥିବା ଅମିତ ରୋହିଦାସ ଓ ଦୀପ୍‌ଗ୍ରେସ୍ ଏକ୍କାଙ୍କୁ ୩,୭୫,୦୦୦ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯିବ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହେଉଛି ପ୍ରତି ଦୁଇ ବର୍ଷରେ ଆୟୋଜିତ ହେଉଥିବା ଏକ ମହାଦେଶୀୟ ପ୍ରତିଯୋଗିତା। ସେହିପରି ଓମାନର ମସ୍କଟଠାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ୫ଏସ୍ ମହିଳା ବିଶ୍ୱକପ୍ ୨୦୨୪ର ପ୍ରଥମ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ମହିଳା ହକି ଖେଳାଳି ମାରିଆନା କୁଜୁର, ଜ୍ୟୋତି ଛତ୍ରୀ ଓ ଆଜମିନା କୁଜୁରଙ୍କୁ ୧୨,୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ।

## ଦ୍ୱିତୀୟ ସନ୍ତାନର ପିତା ହେଲେ ବିରାଟ


ବିରାଟ କୋହଲି ଓ ଅନୁଷ୍କା ଶର୍ମା।

**ନୂଆଦିଲ୍ଲୀ, ୨୦।୨**

ଭାରତୀୟ କ୍ରିକେଟର ବିରାଟ କୋହଲି ଦ୍ୱିତୀୟ ଥର ପାଇଁ ପିତା ହୋଇଛନ୍ତି। ମଙ୍ଗଳବାର କୋହଲିଙ୍କ ସ୍ତ୍ରୀ ଅନୁଷ୍କା ଶର୍ମା ଏହି ସୂଚନା ଦେଇଛନ୍ତି। ଅନୁଷ୍କା ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରିଛନ୍ତି। ପରେ ବିରାଟ କୋହଲି ମଧ ସମାନ ପୋଷ୍ଟଟିକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରୁ ଶେୟାର କରିଥିଲେ। ପୂର୍ବରୁ ଉଭୟଙ୍କର ଭାମିକା ନାମ୍ନୀ ଏକ ଝିଅ ରହିଛି। ଫେବୃଆରୀ ୧୫ ତାରିଖରେ ପୁଅ ଜନ୍ମ ହୋଇଥିବା ଅନୁଷ୍କା ସ୍ପଷ୍ଟ କରିଛନ୍ତି। ସେ ଲେଖିଛନ୍ତି 'ଅତ୍ୟନ୍ତ ଖୁସିର ସହ ଆମେ ଜଣାଇବାକୁ ଚାହୁଁଛୁ କି ଫେବୃଆରୀ ୧୫ ତାରିଖରେ ଆମର ପୁତ୍ର ସନ୍ତାନ ଅକାୟ ଜନ୍ମ ନେଇଛି। ଏହି ଖୁସିର ମୁହୂର୍ତ୍ତରେ ଆପଣ ସମସ୍ତଙ୍କ ଆଶୀର୍ବାଦ କାମନା କରିବୁ। ସେହିପରି ଆମର ଗୋପନୀୟତାକୁ ସମ୍ମାନ ଜଣାଇଥିବା କାରଣରୁ ସମସ୍ତଙ୍କୁ ଧନ୍ୟବାଦ' ବୋଲି ଲେଖିଛନ୍ତି ଅନୁଷ୍କା। ଉଲ୍ଲେଖଯୋଗ୍ୟ ଯେ, ବିରାଟ କୋହଲି ପାରିବାରିକ କାରଣ ଦର୍ଶାଇ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରୁ ଓହରି ଯାଇଥିଲେ।

# ଓଡ଼ିଶାର ଇନିଂସ ପରାଜୟ

**ବଲାଙ୍ଗୀର, ୨୦।୨**
**(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଏବଂ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା କର୍ନେଲ ସି. କେ. ନାଇଡୁ ଟ୍ରଫି ମଙ୍ଗଳବାର ଶେଷ ହୋଇଛି। ଓଡିଶାକୁ ଏକ ଇନିଂସ ଓ ୧୧୬ ରନ୍‌ରେ ହରାଇ ପଞ୍ଜାବ ଦଳ ବିଜୟୀ ହୋଇଛି।

**ସି. କେ. ନାଇଡୁ ଟ୍ରଫି**


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଦୁଇ କୃତୀ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ମଙ୍ଗଳବାର ତୃତୀୟ ଦିବସରେ ଓଡ଼ିଶା ଅସମାପ୍ତ ପାଳି ୧୧/୦ରୁ ଖେଳ ଆରମ୍ଭ କରିଥିଲା। ତେବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ୧୬୧ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ମାନସ ରଞ୍ଜନ ବେହେରା ସର୍ବାଧିକ ୩୧ ରନ୍, ଓମ୍. ଟି. ମୁଣ୍ଡେ ଓ ଶାଶ୍ୱତ ମହାନ୍ତି ୨୨ ରନ୍ ଲେଖାଏ ସଂଗ୍ରହ କରିଥିଲେ। ପଞ୍ଜାବ ପକ୍ଷରୁ ଇମନ୍‌ଜୋତ ସିଂ ଚହଲ ୫, ସିମରନ୍‌ଜିତ ୪ ଓ କ୍ରିସ ଭଗତ ଗୋଟିଏ ଉଇକେଟ ନେଇଥିଲେ। ୧୬୯ ରନ୍ କରିଥିବା ପଞ୍ଜାବର ପୁଖରାଜ ମାନ ଓ ୯ଟି ଉଇକେଟ ନେଇଥିବା ବାଦଲ ବିଶ୍ୱାଳଙ୍କୁ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ୧୯ ବର୍ଷରୁ କମ ଆନ୍ତର୍ଜାତୀୟ ଖେଳାଳି ଆରାଧ ଶୁକ୍ଳା ଏବଂ ପଞ୍ଜାବର କୋଚ ତଥା ପୂର୍ବତନ ଭାରତୀୟ ଖେଳାଳି ଭି.ଆର.ଭି. ସିଂଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରି ନାରାୟଣ ପୂଝାରୀ, ସହସମ୍ପାଦକ ଶତ୍ରୁଘ୍ନ ସିଂ, ଜିଲା କ୍ରୀଡା ସଂସଦ ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ସହସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟ ଶିଶିର ବହିଦାର, ଗୌରଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ମିଶ୍ର ଓ କୋଚ ଅରୁଣ ନାଏକ ଉପସ୍ଥିତ ଥିଲେ। ପଞ୍ଜାବ ଓ ଓଡ଼ିଶା ଦଳର ସମସ୍ତ କୋଚ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ସମ୍ମାନିତ କରାଯାଇଥିଲା।

## ବର୍ଦ୍ଧମାନକୁ ହରାଇଲା କିଟ୍

**ଭୁବନେଶ୍ୱର, ୨୦।୨ (ସରୋଜ ଜେନା):** କିଟ୍ ବିଶ୍ୱ ବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ମିଳିତ ଭାବେ ଆୟୋଜନ କରାଯାଉଥିବା ବେଳେ ବର୍ଦ୍ଧମାନ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି କିଟ୍। ମଙ୍ଗଳବାର କିଟ୍ କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଦଳ ୫୩ ରନ୍‌ରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି କିଟ୍ ଦଳ ୨୫ ଓଭରରେ ୫ ଉଇକେଟ ହରାଇ ୨୨୦ ରନ୍ ସ୍କୋର କରିଥିଲା। ଏମ୍ ପ୍ରଶାନ୍ତ ୮୪ ବଲ୍ ଖେଳି ୧୫୬ ରନ୍ ସ୍କୋର କରିଥିଲେ। ବର୍ଦ୍ଧମାନ ବିଶ୍ୱ ବିଦ୍ୟାଳୟ ୨୫ ଓଭରରେ ୮ ଉଇକେଟ ହରାଇ ୧୬୭ ରନ୍ ସଂଗ୍ରହ କରି ପାରିଥିଲା। ଦିନର ଅନ୍ୟ ଏକ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୧୨ ରନ୍‌ରେ ମଗଧ ବିଶ୍ୱ ବିଦ୍ୟାଳୟକୁ ହରାଇଥିଲା।

## ଆଜି ନେଦରଲାଣ୍ଡସ୍‌କୁ ଭେଟିବ ଭାରତ

**ଭୁବନେଶ୍ୱର, ୨୦।୨**
**(ସରୋଜ ଜେନା)**

**ପ୍ରୋ ଲିଗ୍ ହକି**

ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆୟୋଜିତ ହେଉଥିବା ପୁରୁଷ ପ୍ରୋ ଲିଗ୍ ହକିରେ ବୁଧବାର ନେଦରଲାଣ୍ଡସ୍‌କୁ ଭେଟିବ ଭାରତ। ବିଶ୍ୱ ମାନ୍ୟତା ତଥା ପ୍ରୋ ଲିଗ୍ ପଏଣ୍ଟ ଟେବୁଲର ଏକ ନମ୍ବର ସ୍ଥାନରେ ଥିବା ଡଚ୍ ଦଳକୁ କଡା ଟକ୍କର ଦେବା ଲକ୍ଷ୍ୟରେ ରହିଛି ଭାରତ। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଡ୍ର ରହିଥିବା ବେଳେ ଭାରତ ଶୁଟଆଉଟ ବୋନସ ପଏଣ୍ଟ ହାସଲରେ ସମର୍ଥ ହୋଇଥିଲା। ଚଳିତ ଲିଗ୍‌ରେ ନେଦରଲାଣ୍ଡସ ୯ ମ୍ୟାଚ୍‌ରୁ ୧୮ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ୧୦ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ଭାରତ ଚଳିତ ଟୁର୍ନାମେଣ୍ଟରେ କେବଳ ଅଷ୍ଟ୍ରେଲିଆ ବିପକ୍ଷରେ ପରାଜିତ ହୋଇଥିଲା।

## ଗ୍ରାଣ୍ଡମାଷ୍ଟରଙ୍କୁ ହରାଇବାରେ ଅଶ୍ୱଥ ସର୍ବକନିଷ୍ଠ

**ସିଙ୍ଗାପୁର, ୨୦।୨ (ପି.ଟି.):** ସୁଇଜରଲାଣ୍ଡରେ ଅନୁଷ୍ଠିତ ବର୍ଗଦୋରଫର ଷ୍ଟାଡଥସ୍ ଓପନ ଚେସ୍ ପ୍ରତିଯୋଗିତାରେ ଜଣେ ୮ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ବାଳକ ପୋଲାଣ୍ଡର ଜଣେ ଚେସ୍ ଗ୍ରାଣ୍ଡମାଷ୍ଟର ଜାସେକ୍ ଷ୍ଟୋପାଙ୍କୁ ହରାଇ ଦେଇଛନ୍ତି। ଫଳରେ କ୍ଲାସିକାଲ ଚେସ୍‌ରେ ଜଣେ ଗ୍ରାଣ୍ଡମାଷ୍ଟରଙ୍କୁ ପରାସ୍ତ କରିବାରେ ସେ ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ରିପୋର୍ଟ ଅନୁସାରେ ଅଶ୍ୱଥ କୌଶିକ୍ ନାମକ ଏହି ବାଳକ ପ୍ରତିଯୋଗିତାରେ ସିଙ୍ଗାପୁରରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ



ପ୍ରତିଦ୍ୱନ୍ଦୀ ଷ୍ଟୋପାଙ୍କ ବୟସ ହେଉଛି ୩୭ବର୍ଷ। ଅର୍ଥାତ ତାଙ୍କ ବୟସ ଭାରତୀୟ ବଂଶୋଦ୍ଭବଙ୍କଠାରୁ ପାଖାପାଖି ୫ ଗୁଣା ଅଧିକ। କିଛି ସପ୍ତାହ ତଳେ ଏହି ରେକର୍ଡ ସର୍ବିୟାର ଲିଓନିଡ୍ ଇଭାନୋଭିଚ୍‌ଙ୍କ ନାମରେ ଥିଲା। ତେବେ ସେ ଅଶ୍ୱଥଙ୍କଠାରୁ ବୟସରେ ବଡ଼ ଥିଲେ। ବେଲଗ୍ରେଡ୍ ଓପନରେ ସେ ୬୦ ବର୍ଷୀୟ ବୁଲଗେରିଆନ ଗ୍ରାଣ୍ଡମାଷ୍ଟର ମିଲ୍‌କୋ ପପ୍‌ଚେଭ୍‌ଙ୍କୁ ହରାଇ ଦେଇଥିଲେ। ଇଣ୍ଟରନ୍ୟାଶନାଲ ଚେସ୍ ଫେଡେରେଶନ ଫିଡେରେ ଅଶ୍ୱଥ ବର୍ତ୍ତମାନ ବିଶ୍ୱର ୩୭,୩୩୮ ନମ୍ବର ଖେଳାଳି। ଭାରତରେ ଜନ୍ମିତ ଏହି ଚେସ ଖେଳାଳି ୨୦୧୭ରେ ସିଙ୍ଗାପୁର ଯାଇ ସେଠାରେ ବାସ କରୁଛନ୍ତି। ସିଙ୍ଗାପୋରିଆନ ଗ୍ରାଣ୍ଡମାଷ୍ଟର ତଥା ସିଙ୍ଗାପୁର ଚେସ୍ ଫେଡେରେଶନର କେଭିନ ଗୋହ୍ ଅଶ୍ୱଥଙ୍କ ଏହି ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ଅଶ୍ୱଥ ୨୦୨୨ରେ ଅନୁଷ୍ଠିତ ୮ ବର୍ଷରୁ କମ୍ ଇଷ୍ଟର୍ନ ଏସିଆ ୟୁଥ୍ ଚାମ୍ପିୟନଶିପ୍‌ରେ କ୍ଲାସିକ, ରାପିଡ୍ ଓ ବ୍ଲିଜ୍‌ରେ ଟ୍ରିପଲ ଚାମ୍ପିୟନ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ମହିଳା ଓ ପୁରୁଷ ଦଳ ନକ୍‌ଆଉଟରେ

**ବୁସାନ, ୨୦।୨ (ପି.ଟି.)**

ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଏଠାରେ ଚାଲିଥିବା ୱାର୍ଲ୍ଡ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍‌ର ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ମହିଳା ଦଳ ମଙ୍ଗଳବାର ଏହାର ଅନ୍ତିମ ଗ୍ରୁପ୍ ଗେମ୍‌ରେ ସ୍ପେନକୁ ୩-୨ରେ ହରାଇ ଦେଇଛି। କାଗଜପତ୍ରରେ ସ୍ପେନ ତୁଳନାରେ ଭାରତ ଉନ୍ନତ ଦଳ ହୋଇଥିଲେ ହେଁ ପ୍ରଥମ ଦୁଇ ସିଙ୍ଗଲ୍ସ ମ୍ୟାଚରେ ଶ୍ରୀଜା ଆକୁଲା ଓ ମନିକା ବାତ୍ରାଙ୍କ ଭଳି ଖେଳାଳି ପରାଜିତ ହୋଇଥିଲେ। ମାତ୍ର ଭାରତୀୟ ଦଳ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ ସିଙ୍ଗଲ୍ସରେ ଆହିକା ମୁଖାର୍ଜୀ ବିଜୟ ଲାଭ କରିଥିଲେ। ମନିକା ଓ ଶ୍ରୀଜା ଚମତ୍କାର ପ୍ରଦର୍ଶନ କରି ୪ର୍ଥ ଓ ୫ମ ସିଙ୍ଗଲ୍ସ ଜିତିନେଇଥିଲେ। ଗ୍ରୁପ୍-୧ରେ ଚାରୋଟି ଗେମ୍‌ରେ ୩ ବିଜୟ ସହ ଚାଇନା ପଛକୁ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତ କେବଳ ଶକ୍ତିଶାଳି ଚାଇନାଠାରୁ ଅଳ୍ପକେ ପରାସ୍ତ ହୋଇଥିଲା। ବିଶ୍ୱର ନମ୍ବର ୱାନ ଓ ନମ୍ବର ଦୁଇ ଖେଳାଳି ସନ୍ ୟିଙ୍ଗ୍‌ଶା ଓ ୱାଙ୍ଗ୍ ୟିଦିଙ୍କ ବିପକ୍ଷରେ ଯଥାକ୍ରମେ ଆହିକା ଓ ଶ୍ରୀଜାଙ୍କ ଚମକପ୍ରଦ ବିଜୟ ସତ୍ତ୍ୱେ ଭାରତ ପରାଜିତ ହୋଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା ୪୦ଟି ଦଳ ମଧ୍ୟରୁ ଭାରତ ସମେତ ୨୪ଟି ଦଳ ନକ୍‌ଆଉଟକୁ କ୍ୱାଲିଫାଏ କରିଛନ୍ତି। ଭାରତ ଯଦି କ୍ୱାର୍ଟରକୁ ଉନ୍ନୀତ ହୁଏତ ତେବେ ପ୍ୟାରିସ ଅଲିମ୍ପିକ୍ସର ଟିମ୍ ଇଭେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିପାରିବ।

# ୧୫ ସ୍ଥାନୀୟ ଖେଳାଳି ମନୋନୀତ

**ଭୁବନେଶ୍ୱର, ୨୦।୨**
**(ତପନ ସ୍ୱାଇଁ)**

**ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ**

ଭୁବନେଶ୍ୱରରେ ସ୍ଥାପିତ ଏଆଇଏଫଏଫ-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପାଇଁ ପ୍ରଥମ ବ୍ୟାଚ୍‌ରେ ୧୫ ପ୍ରତିଭା ସମ୍ପନ୍ନ ସ୍ଥାନୀୟ ଖେଳାଳି ମନୋନୀତ ହୋଇଛନ୍ତି। ଏହା ଘୋଷଣା ପାଇଁ ମଙ୍ଗଳବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଏଆଇଏଫଏଫ ବୈଷୟିକ ନିର୍ଦ୍ଦେଶକ ସୟଦ ସବିର ପାଶା, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଭାରତରେ ଫୁଟବଲର ବିକାଶ ପାଇଁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ), ଫିଫା ଓ ରାଜ୍ୟ ସରକାର ମିଳିତ ହୋଇଛନ୍ତି। ଏକାଡେମୀ ସ୍ଥାପିତ ହେବାଦ୍ୱାରା ଫୁଟବଲ ବିକାଶର ଏକ ନୂଆ ଯୁଗ ଆରମ୍ଭ ହୋଇଛି। ଯୁବ ଖେଳାଳଙ୍କ ପ୍ରତିଭାର ବିକାଶ ଏହା ଉପଯୁକ୍ତ ପ୍ଲାଟଫର୍ମ।

"ଓଡ଼ିଶା ଫୁଟବଲ ପାଇଁ ଆଜି ଏକ ସ୍ମରଣୀୟ ଦିବସ। ଫିଫା କୋଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଣିକି ଆମ ଫୁଟବଲରମାନେ ଉଚ୍ଚସ୍ତରର ଟ୍ରେନିଂ ପାଇପାରିବେ। ଆମ ନିକଟରେ ଥିବା ଭିତ୍ତିଭୂମୀ ଦେଶର ଅନ୍ୟତମ ଶ୍ରେଷ୍ଠ" ବୋଲି କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି। ସେ ଏହି ଅବସରରେ ଏକାଡେମୀପାଇଁ ମନୋନୀତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଫିଫାର ଟିଡିଏସ୍ ଟ୍ୟାଲେଣ୍ଟ କୋଚ୍ ସର୍ଗି ଅମେଜକୁଆ କହିଛନ୍ତି ଯେ, ସମସ୍ତ ସଦସ୍ୟ ଆସୋସିଏଶନଙ୍କ ସହଯୋଗରେ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ସ୍ତରକୁ ବଢ଼ାଇବା ଏହି ପ୍ରୋଗ୍ରାମ ଆରମ୍ଭର ମୁଖ୍ୟ ଉଦ୍ଦେଶ୍ୟ। ଏଆଇଏଫଏଫ ଏବଂ ଓଡ଼ିଶାକୁ ସପୋର୍ଟ କରିବା ପାଇଁ ଫିଫା ଏଠାରେ ଉପସ୍ଥିତ। ଏକାଡେମୀ ପାଇଁ ମନୋନୀତ ହୋଇଥିବା ୧୫ ଖେଳାଳି ଭାରତର ବିଭିନ୍ନ ଭାଗରୁ ମନୋନୀତ ୧୪ ବର୍ଷରୁ କମ୍ ୩୦ ଖେଳାଳିଙ୍କ ସହ ଟ୍ରେନିଂ ନେବେ। ଫିଫା ଦ୍ୱାରା ନିଯୁକ୍ତ କୋଚ୍‌ଙ୍କ ଦ୍ୱାରା ଏମାନେ ସମସ୍ତେ ମିଳିତଭାବେ ଅଭ୍ୟାସ କରିବେ। ଏଆଇଏଫଏଫ ଏବଂ ଓଡ଼ିଶା ସରକାର ସମର୍ଥନ ଯୋଗାଇଦେବ। ଏଠାରେ ଟ୍ରେନିଂ ନେଉଥିବା ଖେଳାଳିଙ୍କ ଅଗ୍ରଗତିକୁ ଫିଫା କୋଚ୍‌ମାନେ ବିଭିନ୍ନ ପ୍ରୋଗ୍ରାମ ଦ୍ୱାରା ଅତି ନିକଟରୁ ଅନୁଧ୍ୟାନ କରିବେ।



ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପାଇଁ ମନୋନୀତ ଓଡ଼ିଶା ଖେଳାଳିମାନେ ଅତିଥିଙ୍କ ଗହଣରେ।

# ନେଟ୍ସରେ ୫୦୦ ବଲ୍ ଖେଳୁଥିଲେ ସର୍ଫରାଜ

**ନୂଆଦିଲ୍ଲୀ, ୨୦।୨ (ପି.ଟି.)**




ରାଜକୋଟରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଭାରତ ପାଇଁ ପଦାର୍ପଣ କରିବା ସହ ନିଜ ପ୍ରଦର୍ଶନ ଜରିଆରେ ସଭିଙ୍କୁ ପ୍ରଭାବିତ କରିବାରେ ସମର୍ଥ ହୋଇଛନ୍ତି ସର୍ଫରାଜ ଖାଁ। ଦୀର୍ଘ ଦିନ ଧରି ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିବା ସହ ଶେଷରେ ଭାରତୀୟ ଦଳରେ ସୁଯୋଗ ପାଇଥିଲେ ୨୬ ବର୍ଷୀୟ ସର୍ଫରାଜ। ଉଭୟ ଇନିଂସରେ ଦୁଇଟି ଚମତ୍କାର ଅର୍ଦ୍ଧଶତକ ମଧ ହାସଲ କରିଥିଲେ। ତେବେ ଏହି ଇନିଂସର ହାଇଲାଇଟ୍ ରହିଥିଲା ସର୍ଫରାଜଙ୍କ ଆତ୍ମବିଶ୍ୱାସ। ଇଂଲଣ୍ଡ ୩ ସ୍ପିନରଙ୍କ ସହିତ ଓହ୍ଲାଇଥିବା ବେଳେ ସର୍ଫରାଜ ଯେଉଁଭଳି ସେମାନଙ୍କ ମୁକାବିଲା କଲେ ତାହା ସମସ୍ତଙ୍କୁ ପ୍ରଭାବିତ କରିଛି। ତେବେ ସ୍ପିନ୍‌କୁ ଏତେ ଭଲ ଖେଳିବା ପଛରେ ରହିଛି ଦୀର୍ଘ ବର୍ଷର ପରିଶ୍ରମ। ଘରୋଇ କ୍ରିକେଟରେ ଦୀର୍ଘ ୧୫ ବର୍ଷ ହେବ ଖେଳି ଆସୁଥିବା ବେଳେ ଏହାର ଫଳ ସର୍ଫରାଜଙ୍କୁ ମିଳିଛି। ପିତା ତଥା କୋଚ୍ ନୌସାଦ୍ ଖାଁଙ୍କ ଏକାଡେମୀ 'ମାଟୋ କ୍ରିକେଟ କ୍ଲବ'ରେ ସର୍ଫରାଜ ଅଭ୍ୟାସ କରିଥାନ୍ତି। ଏପରି କି ପିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ନେଟ୍ସରେ ଦୈନିକ ୫୦୦ ବଲ୍ ଖେଳିଥାନ୍ତି। ମୁମ୍ବାଇର ବିଭିନ୍ନ ମଇଦାନ, ଓଭାଲ ଓ କ୍ରସ୍‌ରେ ନୌସାଦ ତାଙ୍କୁ ଅଭ୍ୟାସ କରାଇଥାନ୍ତି। ଉଭୟ ଅଫ୍ ସ୍ପିନ୍, ଲେଗ୍ ସ୍ପିନ୍ ଓ ବାମହାତୀ ସ୍ପିନ୍ ବିପକ୍ଷରେ ଖେଳାଉଥିବା ବେଳେ ରାଜକୋଟରେ ଏହାର ଆକ୍ସନ ରିପ୍ଲେ ଦେଖିବାକୁ ମିଳିଥିଲା।

କ୍ରିକେଟ ପ୍ରତି ରହିଥିବା ସର୍ଫରାଜଙ୍କ ଭଲପାଇବାର ଆଉ ଏକ ପ୍ରମାଣ କୋଭିଡ୍ ସମୟରେ ଦେଖିବାକୁ ମିଳିଥିଲା। ସମଗ୍ର ଦେଶ ଲକ୍‌ଡାଉନ୍‌ରେ ରହିଥିବା ବେଳେ ସର୍ଫରାଜ ୧୬୦୦ କିମି ଯାତ୍ରା କରିବା ସହ କ୍ରିକେଟ ଅଭ୍ୟାସ କରିଥିଲେ। ମୁମ୍ବାଇରୁ ଅମରୋହା, ମୋରାଦାବାଦ, ମୀରଟ, କାନପୁର, ମଥୁରା ଓ ଡେରାଡୁନ ଭଳି ସହରକୁ ଯାତ୍ରା କରିଥିଲେ। ଯେଉଁଠାରେ ଅଭ୍ୟାସର ସୁଯୋଗ ମିଳୁଥିଲା ଏହାକୁ ଛାଡୁ ନ ଥିଲେ ସର୍ଫରାଜ। ଆଖଡ଼ା ଉଇକେଟରେ ମଧ ସେ ଅଭ୍ୟାସ କରୁଥିବା ନେଇ ନୌସାଦ କହିଛନ୍ତି। ଆଖଡା ଉଇକେଟରେ ବଲ ଅତ୍ୟଧିକ ସ୍ପିନ ହେଉଥିବା ବେଳେ ତଳୁଆ ମଧ ରହିଥାଏ। ତେବେ ସର୍ଫରାଜଙ୍କ ସଫଳତା ପଛରେ କେବଳ ନୌସାଦଙ୍କ ଭୂମିକା ନାହିଁ। ଭୁବନେଶ୍ୱର କୁମାରଙ୍କ କୋଚ୍ ସଞ୍ଜୟ ରସ୍ତୋଗୀ, ମହମ୍ମଦ ଶାମିଙ୍କ କୋଚ୍ ବଦ୍ରୁଦିନ୍ ଶେଖ, କୁଲଦୀପ ଯାଦବଙ୍କ କୋଚ୍ କପିଲ୍ ଦେଓ ପାଣ୍ଡେ, ଗୌତମ ଗମ୍ଭୀରଙ୍କ କୋଚ୍ ସଞ୍ଜୟ ଭରଦ୍ୱାଜ ଓ ଅଭିମନ୍ୟୁ ଈଶ୍ୱରନଙ୍କ ପିତା ଆର. ପି. ଈଶ୍ୱରନଙ୍କ ଭଳି କୋଚ୍‌ଙ୍କ ଭୂମିକା ସର୍ଫରାଜଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ବୋଲି ନୌସାଦ କହିଛନ୍ତି। ଏହି ସମସ୍ତ ବ୍ୟକ୍ତି ଲକ୍‌ଡାଉନ୍ ସମୟରେ ସର୍ଫରାଜଙ୍କ ଖେଳିବାର ସୁବନ୍ଦୋବସ୍ତ କରି ଦେଇଥିଲେ। କପିଳ ପାଣ୍ଡେ ଓ ନୌସାଦ ବନ୍ଧୁ ହୋଇଥିବା ବେଳେ ଲକ୍‌ଡାଉନ୍ ସମୟରେ ସର୍ଫରାଜଙ୍କୁ ଆଜମଗଡରେ ଅଭ୍ୟାସ କରିବାର ସୁଯୋଗ ମିଳିଥିଲା। ଏହି ସମୟରେ କପିଳଙ୍କ ଏକାଡେମୀରେ କୁଲଦୀପ ଯାଦବ ଓ ସର୍ଫରାଜ ଏକାଠି ଅଭ୍ୟାସ କରିଥିଲେ। ମୁମ୍ବାଇର ଲାଲ ମାଟିରେ ଖେଳୁଥିବାରୁ ସର୍ଫରାଜଙ୍କ ଫୁଟୱର୍କ ସ୍ପିନ ଖେଳିବା ପାଇଁ ସର୍ବୋତ୍କୃଷ୍ଟ ବୋଲି ସେ କହିଥିଲେ।

ମହମ୍ମଦ ଶାମିଙ୍କ କୋଚ୍ ବଦ୍ରୁଦିନ୍ ଶେଖ୍ ମଧ ସର୍ଫରାଜଙ୍କୁ ନେଇ ସମାନ ମତ ପୋଷଣ କରିଛନ୍ତି। ସର୍ଫରାଜଙ୍କ ପାଇଁ ମୋରାଦାବାଦରେ ଅଭ୍ୟାସ ବ୍ୟବସ୍ଥା କରାଇଥିବା ବେଳେ ଏକାଧିକ ମ୍ୟାଚ୍ ଖେଳିବାର ବ୍ୟବସ୍ଥା କରାଇଥିବା କହିଛନ୍ତି ବଦ୍ରୁଦିନ୍। ତେବେ ଉଭୟ ସର୍ଫରାଜ ଓ ନୌସାଦଙ୍କ କଠିନ ପରିଶ୍ରମ ବଳରେ ଏହି ସଫଳତା ମିଳିଥିବା ସେ କହିଛନ୍ତି। ଉଭୟ ସର୍ଫରାଜ ଓ ୧୯ ବର୍ଷରୁ କମ୍ ଦଳର ଖେଳାଳି ମୁଶିର୍ ଖାନ୍‌ଙ୍କ ଅଭ୍ୟାସକୁ ଆଉ ଜଣେ କୋଚ୍ ମଧ ପ୍ରଶଂସା କରିଛନ୍ତି। ଉଭୟ ଛୋଟ ବେଳରୁ ହିଁ ଦୈନିକ ଶହେରୁ ଅଧିକ ବଲ୍ ଅଭ୍ୟାସ କରିଥାନ୍ତି। ଯଦି ମୁମ୍ବାଇର ମ୍ୟାଚ୍ ନ ଥାଏ ତେବେ ଘରେ ଥିବା ଆଷ୍ଟ୍ରୋ ଟର୍ଫ ଉଇକେଟରେ ନିଜେ ଅଭ୍ୟାସ କରାଇଥାନ୍ତି ନୌସାଦ। ପେସ୍ ବୋଲରଙ୍କୁ ଖେଳିବା ପାଇଁ ନୌସାଦ ଘରେ ଅଭ୍ୟାସ କରାଉଥିବା ବେଳେ ସ୍ପିନ୍ ବୋଲରଙ୍କୁ ଖେଳିବାର ଅଭ୍ୟାସ ମୁମ୍ବାଇର ମଇଦାନରେ ହୋଇଥାଏ। ସେହିପରି ଭିନ୍ନ ଦଳ ପାଇଁ ସର୍ଫରାଜଙ୍କୁ ଭିନ୍ନ ଅଭ୍ୟାସ କରାଇଥାନ୍ତି ନୌସାଦ। ଏହି ସବୁ ଉଦ୍ୟମ ଫଳରେ ରାଜକୋଟରେ ଏକ ଚମତ୍କାର କ୍ରିକେଟିଂ ଯାତ୍ରାର ଆରମ୍ଭ ଦେଖିବାକୁ ମିଳିଥିଲା।

## ସ୍ୱର୍ଣ୍ଣ ହରାଇଲେ ଗୁଲବୀର

**ତେହେରାନ, ୨୦।୨ (ପି.ଟି.)**

ଭାରତର ଗୁଲବୀର ସିଂ ଏସିଆନ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପୁରୁଷ ୩୦୦୦ ମିଟର ସ୍ୱର୍ଣ୍ଣ ପଦକ ହରାଇଛନ୍ତି। ରେସ୍ ବେଳେ ଲେନ୍ ପରିବର୍ତ୍ତନ କରିଥିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ୩୦୦୦ ମିଟର ଦୌଡ଼ ଏକ ଅଣ ଅଲିମ୍ପିକ ଇଭେଣ୍ଟ। ଗୁଲବୀର ୮ ମିନିଟ ୦୭.୪୮ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୧/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, February 21/2024 Page 20 ₹ 7.00 | SAMBALPUR



ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୧/୨୦୨୪ Bhubaneswar, Wednesday, February 21/2024

DSPL-683

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



## ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

**କର୍ମଚାରୀ ରାଜ୍ୟ ବୀମା ଯୋଜନା ନିର୍ଦ୍ଦେଶାଳୟରେ**
୮୦ ଜଣ ଷ୍ଟାଫ୍ ନର୍ସ, ୪୦ ଜଣ ଫାର୍ମାସିଷ୍ଟ
୪୦ ଜଣ ଲାବୋରେଟୋରୀ ଟେକ୍ନିସିଆନ୍,
୮ ଜଣ ଏ.ଏନ୍.ଏମ୍.
୯ ଜଣ ଏକ୍ସ-ରେ ଟେକ୍ନିସିଆନ୍ ଏବଂ
୮ ଜଣ ଓ.ଟି. ଆସିଷ୍ଟାଣ୍ଟ ନିଯୁକ୍ତ

**ହସ୍ତଶିଳ୍ପ ନିର୍ଦ୍ଦେଶାଳୟରେ**
୪୮ ଜଣ ହସ୍ତଶିଳ୍ପ ବିକାଶ ଅଧିକାରୀ,
୭ ଜଣ ସମବାୟ ସମିତି ନିରୀକ୍ଷକ ଏବଂ
୩ ଜଣ ସମୀକ୍ଷକ
ନିଯୁକ୍ତ

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ**
୧୧ ଜଣ
କନିଷ୍ଠ ସହାୟକ ନିଯୁକ୍ତ

**କାରଖାନା ଓ ବାଷ୍ପୀତ୍ର ନିର୍ଦ୍ଦେଶାଳୟରେ**
୯ ଜଣ
ସହକାରୀ ନିର୍ଦ୍ଦେଶକ ନିଯୁକ୍ତ

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ**
୧୦୪ ଜଣ ଯୋଗାଣ ନିରୀକ୍ଷକ ନିଯୁକ୍ତ

ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୧ ଫେବୃଆରୀ ୨୦୨୪ | ସନ୍ଧ୍ୟା ୫ଟା
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

OIPR-17005/13/0027/2324

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୧/୨୦୨୪ | Bhubaneswar, Wednesday, February 21/2024 | ପୃଷ୍ଠା-୧



DSPL-682

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

ଗୁଜରାଟ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଓଡ଼ିଆ ଭାଷା ଶିକ୍ଷା ପାଇଁ ୬୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ପ୍ରଦାନ ।

ଆଗାମୀ ଶିକ୍ଷା ବର୍ଷରେ ୫ ଲକ୍ଷ ୪୬ ହଜାରରୁ ଊର୍ଦ୍ଧ୍ୱ ବେସରକାରୀ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ପୁସ୍ତକ ଯୋଗାଇବା ପାଇଁ ବ୍ୟବସ୍ଥା ।

ଓଡ଼ିଆ ଭାଷାରେ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା-୨୦୨୩ରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ୩୫୪୯ଜଣ ଛାତ୍ରଛାତ୍ରୀଙ୍କୁ ୧ କୋଟି ୭୭ ଲକ୍ଷ ୪୫ ହଜାର ଟଙ୍କାର 'ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପୁରସ୍କାର' ପ୍ରଦାନ ।



# ଅନ୍ତର୍ଜାତୀୟ ମାତୃଭାଷା ଦିବସ

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"
*ସ୍ୱଭାବ କବି ଗଙ୍ଗାଧର ମେହେର*

୨୧ ଫେବୃଆରୀ ୨୦୨୪

ରାଜ୍ୟ ବାହାରେ ଥିବା ଭାଷା ଶିକ୍ଷକଙ୍କ ପାରିତୋଷିକ ବୃଦ୍ଧି ।

ପର୍ଯ୍ୟାୟକ୍ରମେ ୧୫୦୦ ଓଡ଼ିଆ ଭାଷା ଶିକ୍ଷକଙ୍କୁ ନିଯୁକ୍ତି ପାଇଁ ଯୋଜନା ।

ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ୧୪୮୩ଟି ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ୨୧ଟି ଭାଷାରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ିତୋଳିବାକୁ 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ'ର ପ୍ରୟାସ ।

ଭାଷା ଭିତ୍ତିକ ଶିକ୍ଷାର୍ଥୀ କ୍ଲବ୍ 'ସାହିତ୍ୟ ସୃଜନୀ' ଅଧୀନରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା ।

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗିନିଜ୍‌ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ।

୪୩୦୪୩ ବିଦ୍ୟାଳୟରେ ଗପ ଶୁଣିବା ଓ ଗପ କହିବା କାର୍ଯ୍ୟକ୍ରମ ।

୪୭୬୬ ଆଞ୍ଚଳିକ ସାଧନ କେନ୍ଦ୍ରରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ।

'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ରେ ସରକାରୀ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରବକ୍ତାଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ରାଶି ।

OIPR-27068/13/0053/2324

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

# ପ୍ରଥମ ଦିନରେ ପରୀକ୍ଷା ଦେଲେ ୨୨, ୨୦୭ ଛାତ୍ରୀଛାତ୍ର


ଛାତ୍ରୀଛାତ୍ର ପରୀକ୍ଷା ଦେଇ କେନ୍ଦ୍ରରୁ ଫେରୁଛନ୍ତି।

**କଳାହାଣ୍ଡି ଜିଲାରେ ମାଟ୍ରିକ ପରୀକ୍ଷା**
- ଅନୁପସ୍ଥିତ ୫୭୫ ଛାତ୍ରୀଛାତ୍ର
- ୩ ମାଲପ୍ରାକ୍ଟିସ

ଭବାନୀପାଟଣା,୨୦।୨(ଉତ୍ତମ କୁମାର ଦାଶ)

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କଳାହାଣ୍ଡି ଜିଲାର ୩୪୨ଟି ହାଇସ୍କୁଲର ମୋଟ ୨୨ ହଜାର ୭୮୨ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ଏଥିରେ ରେଗୁଲାର, ଏକ୍ସ ରେଗୁଲାର ଓ କରସପଣ୍ଡେନ୍ସ ଛାତ୍ରୀଛାତ୍ର ରହିଥିଲେ। ପ୍ରଥମ ଦିନରେ ପରୀକ୍ଷାରେ ୨୨ ହଜାର ୨୦୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୫୭୫ଜଣ ଅନୁପସ୍ଥିତ ରହିଥିଲେ। ସେଥିମଧ୍ୟରୁ ୩ଜଣ କପି କରି ସ୍କ୍ୱାର୍ଡ ଦ୍ୱାରା ଧରା ପଡି ମାଲ ପ୍ରାକ୍ଟିସ ହୋଇଥିବା ଜଣାପଡିଛି। ଚଳିତବର୍ଷ ଜିଲାର ୧୩୪ଟି ପରୀକ୍ଷା କେନ୍ଦ୍ର ଓ ଗୋଟେ ଏସ ଓ ଏସ ସି ପରୀକ୍ଷା କେନ୍ଦ୍ର କରାଯାଇଛି। ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ କିଭଳି ଠିକ୍ ସମୟରେ ପହଞ୍ଚି ସୂଚାରୁ ଭାବେ ପରୀକ୍ଷା ଦେବେ ସେ ନେଇ ଶିକ୍ଷା ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ୧୩ଟି ନୋଡାଲ ସେଣ୍ଟର ଓ ୩୬ଟି ଡେସପାଚ୍ ଟିମ୍ ଗଠନ କରାଯାଇଛି। ଜିଲାପାଳଙ୍କ ସ୍ଥାନୀୟ ତହସିଲଦାରମାନଙ୍କୁ ସ୍କ୍ୱାଡ ଦାୟିତ୍ୱ ଦିଆଯାଇଥିବାବେଳେ ଡିଇଓଙ୍କ ତତ୍ତ୍ୱାବଧାନରେ ବିଇଓ, ଏବିଇଓମାନଙ୍କୁ ପର୍ଯ୍ୟବେକ୍ଷକ (ଓବଜାର୍ଭର) ଦାୟିତ୍ୱ ଦେଇଛନ୍ତି। ମାଟ୍ରିକ ପରୀକ୍ଷା ଯେପରି ସ୍ୱଚ୍ଛ, ନିର୍ମଳ ଓ ଅବାଧ ହେବ ସେ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## କୋକସରା ବ୍ଲକ: ୯ କେନ୍ଦ୍ରରେ ୧୫୧୩ ପରୀକ୍ଷାର୍ଥୀ, ୩୨ ଛାତ୍ରୀଛାତ୍ର ଅନୁପସ୍ଥିତ

କୋକସରା,୨୦।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)


ସ୍କୁଲ ଗେଟ ନିକଟରେ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି।

ଚଳିତବର୍ଷର ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କଳାହାଣ୍ଡି ଜିଲା କୋକସରା ବ୍ଲକରେ ମୋଟ ୯ଟି କେନ୍ଦ୍ରରେ ୧୫୪୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫୧୩ଜଣ ପରୀକ୍ଷା ଦେଇଥିବା ବେଳେ ୩୨ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ସକାଳ ୭ଟାରୁ ପରୀକ୍ଷା କେନ୍ଦ୍ର ଆଗରେ ପରୀକ୍ଷାର୍ଥୀ ପହଞ୍ଚି ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍କୁଲ ଗେଟରେ ପ୍ରବେଶ ପୂର୍ବରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ଯାଞ୍ଚ କରି ପରୀକ୍ଷା ହଲକୁ ଛାଡିଥିଲେ। ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ରହିଥିଲା। ପରୀକ୍ଷାକୁ ନିରପେକ୍ଷ ଓ କପି ମୁକ୍ତ କରିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା ଗ୍ରହଣ କରାଯାଇଛି। କୋକସରା ସରକାରୀ ଜବହାର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନ ପତ୍ର ରଖାଯାଇଛି। ଏଠାରୁ ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ନିୟୋଜିତ ଶିକ୍ଷକମାନେ ଡେସପାଚ ଟିମ୍ ଦ୍ୱାରା ବିଭିନ୍ନ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପହଞ୍ଚାଇ ଦେବା ସହ ପରୀକ୍ଷା ସରିବା ପରେ ପରୀକ୍ଷା କେନ୍ଦ୍ରରୁ କଡା ସୁରକ୍ଷା ମଧ୍ୟରେ ନୋଡାଲ କେନ୍ଦ୍ରକୁ ଉତ୍ତର ଖାତା ଅଣାଯାଇଛି। ଏ ନେଇ ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଲାଞ୍ଜିଗଡ଼ ବ୍ଲକ:ପରୀକ୍ଷା ଦେଲେ ୧୩୯୩ ପରୀକ୍ଷାର୍ଥୀ, ୫୨ ଅନୁପସ୍ଥିତ

ଲାଞ୍ଜିଗଡ଼,୨୦।୨(ରମେଶ ଚନ୍ଦ୍ର ନାୟକ)




କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ୮ଟି ପରୀକ୍ଷା କେନ୍ଦ୍ରରେ ମଙ୍ଗଳବାର ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ୧୪୪୫ଜଣ ମଧ୍ୟରୁ ୧୩୯୩ଜଣ ପରୀକ୍ଷା ଦେଇଥିଲେ। କୌଣସି କାରଣରୁ ୫୨ଜଣ ଅନୁପସ୍ଥିତ ଥିଲେ। କପି ରୋକିବାକୁ ନୂଆ ଫର୍ମୁଲା ସ୍ୱରୂପ, ଏଥର ଦେଢ ଘଣ୍ଟା ପୂର୍ବରୁ ପରୀକ୍ଷା ହଲକୁ ଯାଇଥିଲେ ପରୀକ୍ଷାର୍ଥୀ। ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ସାଢେ ୭ଟାରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀଙ୍କୁ ଛଡାଯାଇଥିଲା। ବ୍ଲକର ୮ଟି ପରୀକ୍ଷା କେନ୍ଦ୍ର ମଧ୍ୟରେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୨୪୫ଜଣ, ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟରେ ୧୫୮ଜଣ, ଲାଞ୍ଜିଗଡ ଏସଏସଡି ଉଚ୍ଚ ବିଦ୍ୟାଳୟରେ ୨୫୫ଜଣ, ଲାଞ୍ଜିଗଡ ରୋଡ ଉଚ୍ଚ ବିଦ୍ୟାଳୟରେ ୧୪୮ଜଣ, ଲାଖବାହାଲି ଉଚ୍ଚ ବିଦ୍ୟାଳୟରେ ୭୨ ଜଣ, ବେନଗାଁ ଉଚ୍ଚ ବିଦ୍ୟାଳୟରେ ୧୮୭ ଜଣ, ମଧୁପୁର ଉଚ୍ଚ ବିଦ୍ୟାଳୟରେ ୧୫୫ଜଣ ଏବଂ ଯୋଡ଼ାବନ୍ଧ ଉଚ୍ଚ ବିଦ୍ୟାଳୟରେ ୨୨୫ଜଣ ପରୀକ୍ଷାର୍ଥୀଙ୍କ ସମେତ ମୋଟ ୧୪୪୫ଜଣ ପରୀକ୍ଷା ଦେଇଥିଲେ। ବ୍ଲକର ୮ଟି ପରୀକ୍ଷା କେନ୍ଦ୍ରର ନୋଡାଲ ସେଣ୍ଟର ଭାବେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ କରାଯାଇଥିବା ବେଳେ କଡାସୁରକ୍ଷା ବଳୟ ମଧ୍ୟରେ ୨୪ ଘଣ୍ଟିଆ ପୋଲିସ ପହରା ଦେଉଥିବା ବ୍ଲକ ଶିକ୍ଷା ବିଭାଗ ଏବିଇଓ ସୁଢ଼ଳଦେବ ମୁଣ୍ଡଙ୍କଠାରୁ ସୂଚନା ମିଳିଛି। ପରୀକ୍ଷା କେନ୍ଦ୍ରଗୁଡିକର ସୁରକ୍ଷାକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ, ବିଶ୍ୱନାଥପୁର, ବିଜେପୁର ଏବଂ ସିକେରକୁପ ପୋଲିସ ମୃତୟନ କରାଯାଇଥିଲା।

## ମା' ମାଣିକେଶ୍ୱରୀ, ବାବା ଅଗ୍ନି ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ



ଥୁଆମୂଳ ରାମପୁର,୨୦।୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଗୁଣୁପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋକୋଲମା ବଙ୍ଗଳା ପଡ଼ାଠାରେ ମାଘ ଯାତ୍ରା ବା ମା' ମାଣିକେଶ୍ୱରୀ ଓ ବାବା ଅଗ୍ନି ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଛି। ପରମ୍ପରା ଅନୁସାରେ ମନ୍ଦିର ପୂଜକ ପ୍ରଥମ ଦିନରେ ୫ଟି ନୂଆ ଚାଙ୍ଗୁଡ଼ିରେ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, କାନ୍ଦୁଲ, ମୁଗ, ବିରି, ମାଣ୍ଡିଆ, ଭଳି ଇତ୍ୟାଦି ଶସ୍ୟ ଗଜା ଦେବା ପାଇଁ ଚାଙ୍ଗୁଡ଼ିରେ ଥିବା ବାଲିରେ ପକାଇ ଥାଆନ୍ତି ଓ ବେଳ କଣ୍ଟାରେ ଦୋଳି ତିଆରି କରିଥାନ୍ତି। ଗଜା ହୋଇଥିବା ବିହନ ଓ କଣ୍ଟା ଦୋଳିକୁ ୯ ଦିନ ବ୍ୟାପି ଶ୍ରଧ୍ୟା ଓ ନିଷ୍ଠାର ସହିତ ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଇଥିଲା । ପରେ ଭଗବାନ ନଗର ପରିକ୍ରମା କରି ସମସ୍ତଙ୍କୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଦିନ ବାବା ଅଗ୍ନି ଭୈରବ ଓ ମା' ମାଣିକେଶ୍ୱରୀଙ୍କ ନିମନ୍ତେ ପୂର୍ବରୁ ପ୍ରସ୍ତୁତ କଣ୍ଟା ଡୁମା ମାଠିଆ ଗାଦିରେ ବିଜେ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗାଁର ରୋହିତ ନାଏକଙ୍କ ଦେହରେ ଭଗବାନ କାଳିଶି ଲାଗି ଅର୍ବିଭାବ ହୋଇଥିଲେ। ଏହାପରେ ଭଗବାନଙ୍କ କାଳିଶି ମୁଖ୍ୟ ମନ୍ଦିରରୁ ବାହାରି ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମାନସିକ ଧାରି ଭକ୍ତ ଓ ଶ୍ରଦ୍ଧାଳୁ ନିଜ ମାନସିକ ପ୍ରାପ୍ତ ହୃଦୟଙ୍ଗମ କରି କୁକୁଡ଼ା, ବୋଦା, ପାରା, ନଡ଼ିଆ ଭଳି ଭୋଗ ଅର୍ପଣ କରିଥିଲେ। ଦେବତାଙ୍କ ଏହି ଯାତ୍ରାରେ ମନ୍ଦିର ମୁଖ୍ୟ ପୂଜକ ରୋହିତ ନାଏକ, ସୁମନ୍ତ ନାଏକ, ରାଜନ୍ ନାଏକ, ଗଙ୍ଗାରାମ ନାଏକ, କୁମାରୁ ନାଏକ, ରଜନୀକାନ୍ତ ନାଏକ, ମନୋଜ ନାଏକ, ରମେଶ ନାଏକ, ପ୍ରଦୀପ ନାଏକ, ଅକ୍ଷୟ ନାଏକ, ଶ୍ରୀକାନ୍ତ ନାଏକ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି।

## କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠା ଶିଳାନ୍ୟାସ


ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା,୨୦।୨(ମକାରୁ ବେମାଲ)

ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାଷୀ ମାଧ୍ୟମରେ ନୂତନ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ନୂଆପଡା କେନ୍ଦ୍ରୀୟ ବିଦ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପୌରହିତ୍ୟରେ ଖରିଆର ରୋଡ ଏନ୍ଏସି ଅଧ୍ୟକ୍ଷା ସୋନିଆ ଜୈନ ମୁଖ୍ୟଅତିଥି, ନୂଆପଡ଼ା ଉପଜିଲାପାଳ ଯୋଗେନ୍ଦ୍ର ମାଝି, କେନ୍ଦ୍ରୟ ବିଦ୍ୟାଳୟ ବଲାଙ୍ଗୀର ୨ର ଅଧ୍ୟକ୍ଷ ଦିଲୀପ ପ୍ରଧାନ, କଳାହାଣ୍ଡି ଏମପି ପ୍ରତିନିଧି ନଭିନନ୍ଦନ ପଣ୍ଡା, କେନ୍ଦ୍ରିୟ ବିଦ୍ୟାଳୟ ନୂଆପଡା ଅଧ୍ୟକ୍ଷ ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଜାମ୍ମୁକାଶ୍ମିର ମୌଳାନ ଅବଦୁଲ କଲାମ ଷ୍ଟାଡିୟମରେ ଅନ୍ୟୁନ ୧୩ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ଏହି ଅବସରରେ ନୂଆପଡା ସଦର ମହକୁମା ଓ ଖଡିଆଳଠାରେ ଅବସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟର ସ୍ଥାୟୀ ନୂତନ କୋଠା ନିର୍ମାଣ ଶିଳାନ୍ୟାସ କରିଥିଲେ। ପ୍ରକାଶଥାଉ କି ୨୦୧୦ରେ ନୂଆପଡା ସଦର ମହକୁମାଠାରେ କେନ୍ଦ୍ରିୟ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ସେହି ଦିନଠାରୁ ବିଦ୍ୟାଳୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ କୋଠାରେ ଅସ୍ଥାୟୀ ଭାବରେ ଚାଲି ଆସୁଥିଲା। ଶ୍ରେଣୀ ଗୃହ ଅଭାବରୁ ଯୁକ୍ତ ୨ ପର୍ଯ୍ୟନ୍ତ ଖୋଲା ଯାଇ ନ ଥିଲ। ଜିଲାବାସୀ ଅନେକ ଥର ଦାବି ମଧ୍ୟ କରିଥିଲେ। ଏପରିକି ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀ ଯାଇ ତତ୍କାଳିନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବି କରିଥିଲେ। ଦୀର୍ଘ ଦିନର ଅପେକ୍ଷା ପୂର୍ଣ୍ଣ ହୋଇଛି। କେନ୍ଦ୍ର ସରକାର ନୂତନ କୋଠା ନିର୍ମାଣ ପାଇଁ ୩୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ନୂତନ କୋଠା ନିର୍ମାଣ ପାଇଁ ପରେ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ଖୋଲି ପାରିବ ବୋଲି ଅଭିଭାବକ ମହଲରେ ଖୁସିର ଲହରି ଖେଳି ଯାଇଛି।

## ସଂକ୍ଷେପରେ

### ଭୀମ ଭୋଇ ସାମର୍ଥ୍ୟ ଅଭିଯାନ: ଦିବ୍ୟାଙ୍ଗ ପ୍ରମାଣ ପତ୍ର ପ୍ରଦାନ

ଖଡ଼ିଆଳ,୨୦।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହର କଲ୍ୟାଣ ମଣ୍ଡପ ୨ରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଭୀମ ଭୋଇ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବ୍ୟାଙ୍ଗ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ପ୍ରତ୍ୟେକ ମାସ ତୃତୀୟ ମଙ୍ଗଳବାର ଖଡିଆଳଠାରେ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ଖଡିଆଳ, ବୋଡ଼େନ, ସିନାପାଲି ଅଞ୍ଚଳରୁ ୧୫୩ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକୃତ କରିଥିବା ବେଳେ ତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କଲେ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ସହାୟକ ହୋଇଥାଏ।

### ମା' ବସ୍ତ୍ରାଣୀ କ୍ରିକେଟ କପ୍ ଉଦ୍ଯାପିତ

କୋମନା,୨୦।୨(ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ମା' ବସ୍ତ୍ରାଣୀ ଖେଳ ପଡିଆରେ ଚାଲିଥିବା ମା' ବସ୍ତ୍ରାଣୀ କ୍ରିକେଟ କପ ଉଦ୍ଯାପିତ ହୋଇଯାଇଛି। ଡେଡେଙ୍ଗା ଓ ବୁଦ୍ଧିକୋମନା ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ବୁଦ୍ଧିକୋମନା ଚାମ୍ପିୟନ ହୋଇଥିଲା। ବୁଦ୍ଧିକୋମନା ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଡେଡେଙ୍ଗା ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୮୬ରନ କରି ପରାଜିତ ହୋଇଥିଲା। ଚାମ୍ପିୟନ ଏବଂ ରନ୍‌ର ଅପ୍ ଦଳକୁ ନଗଦ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ କଣ୍ଡେତରା ଶେବାଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଦନ ସୁନ୍ଦର ହୋତା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବେକାନନ୍ଦ ମହାନ୍ତି, ଅବସରପ୍ରାପ୍ତ ଆର୍ମି ଭୁବନ ବାଗ ମଞ୍ଚାସୀନ ଥିଲେ। ନରେଶ ଶବର ଓ ଶିବଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିଲେ। ଅଭିଷେକ ଦାନସେନା ଓ ଯୋଦିରାମ ଶବର ସ୍କୋର ଦାୟିତ୍ୱ ତୁଲାଇ ଥିଲେ। ଭାବଗ୍ରାହୀ ପଣ୍ଡା, ମୁନା ଖମାରି, ରମେଶ ଶବର, କ୍ଷୀରାଶୀଷ ଶବର, ଗୋପାଳ ପଟେଲ, ବୁଟି ଶବର, ବାଦଲ ଶବର ପ୍ରମୁଖ ସହଯୋଗ କରିଥିଲେ।

## ମାର୍ଚ୍ଚ ୩ରୁ ପୋଲିଓ ଟିକାକରଣ

ଭବାନୀପାଟଣା,୨୦।୨(ଉତ୍ତମ କୁମାର ଦାଶ)


ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ।

କଳାହାଣ୍ଡି ଜିଲାରେ ଆସନ୍ତା ମାର୍ଚ୍ଚ ୩ ତାରିଖରେ ଆରମ୍ଭ ହେବାକୁ ଥିବା ପୋଲିଓ ଟିକାକରଣ ନିମନ୍ତେ ମଙ୍ଗଳବାର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଡିପିଏଚଓ ଡାକ୍ତର ରାକେଶ ସାହୁ, ଡିଏମଓ ଡାକ୍ତର ରଞ୍ଜନ କୁମାର ମିତ୍ର, ଏଡିପିଏଚଓ ଡାକ୍ତର ମୋନୋ ମାଝି, ଡିଆଇପିଆର୍ଓ ମନୋଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଭାରତ ବର୍ଷ ଆଜି ଏକ ପୋଲିଓ ମୁକ୍ତ ଦେଶ ଅଟେ କିନ୍ତୁ କେତେକ ଦେଶରେ ଏବେ ବି ପୋଲିଓ ରୋଗୀ ଜନ୍ମ ହେଉଛନ୍ତି ତାହା କେବେ ବି ଆମ ଦେଶରେ ଦେଖାଦେଇପାରେ। ସମ୍ପୂର୍ଣ୍ଣ ପୋଲିଓ ନିରାକରଣ ପାଇଁ ଜିଲାରେ ମାର୍ଚ୍ଚ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୦ ରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ସମସ୍ତ ବୁଥରେ ମାର୍ଚ୍ଚ ୩ ତାରିଖ ଏବଂ ମୋବାଇଲ ଟିମ ଓ ଘରକୁ ଘର ଯାଇ ଅଙ୍ଗନୱାଡ଼ି କର୍ମୀ ଓ ନିୟୋଜିତ କର୍ମଚାରୀ ପୋଲିଓ ବୁନ୍ଦା ଖୁଆଇବା ପାଇଁ ଗସ୍ତ କରିବେ। ପ୍ରତ୍ୟେକ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଟୀକା ଦିଆଯିବ। ଏହି ଅଭିଯାନ ବିଶେଷ ପ୍ରଚାର ପ୍ରସାର ପାଇଁ ଲିଫ୍ଲେଟ, ପୋଷ୍ଟର ସହ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା, ବୁଥରେ ସବିଶେଷ ବ୍ୟବସ୍ଥା, ଟିକା ପରିବହନ ବ୍ୟବସ୍ଥା, ମନିଟରିଂ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଡବ୍ଲୁଏଚଓ ମେଡ଼ିକାଲ ଅଧିକାରୀ ଡାକ୍ତର ଶ୍ୟାମ ଆଡପା ପିପିଟି ମାଧ୍ୟମରେ ଗୃହରେ ସମସ୍ତ ବିଷୟରେ ତଥ୍ୟ ରଖିଥିଲେ। ଜିଲାପାଳ ଏହି ଅଭିଯାନ ସଫଳ ପାଇଁ ସମସ୍ତଙ୍କ ଆନ୍ତରିକ ସହଯୋଗକୁ ଗୁରୁତ୍ୱ ଦେଇଥିଲେ। ବୈଠକରେ ଜିଲା ଓ ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟ କର୍ମୀ, ଶିକ୍ଷା ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ପରିବହନ ବିଭାଗ, ସମାଜ ମଙ୍ଗଳ ବିଭାଗ, ବିଦ୍ୟୁତ୍ ବିଭାଗ, ସମାଜସେବୀ ସଙ୍ଗଠନ କର୍ମୀମାନେ ଯୋଗଦେଇଥିଲେ।

## ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ଖଡ଼ିଆଳ,୨୦।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲାରେ ୨ଟି କେନ୍ଦ୍ରୀୟ ବିଦ୍ୟାଳୟ ନିଜସ୍ୱ ଗୃହ ନିର୍ମାଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଜମ୍ମୁ କାଶ୍ମୀରଠାରୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜମ୍ମୁ କାଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂ ପ୍ରମୁଖଯୋଗ ଦେଇଥିବା ବେଳେ ଭର୍ଚୁଆଲ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉପଲକ୍ଷେ ନୂଆପଡ଼ା ନ୍ୟାଶନାଲ ହାଇସ୍କୁଲ ଏବଂ ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଖଡିଆଳ ଅଞ୍ଚଳ ପାଇଁ ଏକ ମାଇଲ ଖୁଣ୍ଟ ଅଟେ ବୋଲି ପ୍ରକାଶ କରିଛନ୍ତି। ଜାତୀୟସ୍ତରୀୟ ଶିକ୍ଷା ନିଜ ଅଞ୍ଚଳରେ ପାଇବା ନେଇ ଉଭୟ କେନ୍ଦ୍ର ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଅତିରିକ୍ତ କମିଶନର ଅନିଲ କୁମାର, ଶିବାନନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏଲଇଡି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦଘାଟନ କାର୍ଯ୍ୟକ୍ରମ ସିଧାସଳଖ ଲୋକେ ଦେଖିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଫରେଷ୍ଟ ଅଫିସ୍ ସମ୍ମୁଖରେ ଶ୍ରମିକଙ୍କ ବିକ୍ଷୋଭ

**ପାରିଶ୍ରମିକ ଅର୍ଥ ପାଇବା ବିଳମ୍ବ ନେଇ ଅସନ୍ତୋଷ**

ଲାଞ୍ଜିଗଡ଼,୨୦।୨(ରମେଶ ଚନ୍ଦ୍ର ନାୟକ)


ଫରେଷ୍ଟ ଅଫିସ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ କରୁଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବନ ବିଭାଗର ତ୍ରିମୁହିଁ ବିଟ୍‌ରେ ଥିବା ଲଡାଙ୍ଗ ଗାଁର ଶ୍ରମିକମାନେ ଲାଞ୍ଜିଗଡ଼ ବନ ବିଭାଗ ଅଧୀନରେ ଗତ ୩ ମାସ ତଳେ କାମ କରିଥିଲେ। ନିଜ ପାରିଶ୍ରମିକ ଅର୍ଥ ପାଇବା ବିଳମ୍ବକୁ ନେଇ ମଙ୍ଗଳବାର ଲାଞ୍ଜିଗଡ଼ ଫରେଷ୍ଟ ଅଫିସ ସମ୍ମୁଖରେ ଏକତ୍ରିତ ହୋଇ ଆମ କାମ କରିବା ପାରିଶ୍ରମିକ ପଇସା ଆମକୁ ଦରକାର ବୋଲି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଲାଞ୍ଜିଗଡ଼ ବନ ବିଭାଗ ଏହି ଶ୍ରମିକମାନଙ୍କୁ ଆଜିକାଲି ଟଙ୍କା ମିଳିଯିବ ବୋଲି ଭୁଆଁ ବୁଲାଉଥିବା ବେଳେ ଲାଞ୍ଜିଗଡ଼ ଆସିଲେ ଅଧିକାଂଶ ସମୟରେ ଅଫିସ ବନ୍ଦ ରହୁଥିବା ବେଳେ ହଇରାଣ ହେଉଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ମଙ୍ଗଳବାର ପୁଣି ଶ୍ରମିକମାନେ ମଜୁରୀ ପାଇଁ ଲଡାଙ୍ଗ ଗାଁରକଡି ମାଝି, ଲାଛା ମାଝି, ଡିମା ମାଝି, ମାଳି ମାଝି, ଗାନି ମାଝି, ଇନ୍ଦ୍ର ମଝି, ସୁମିତ୍ରା ମାଝି, ଗପି ମାଝି, ଲାଣ୍ଡି ମାଝି, ବର୍ଷା ମାଝି, ଲିପ୍ସା ମାଝି, କଡଙ୍ଗୀ ମାଝି, ରୂପ ମାଝି, ପେଢି ମାଝି, ମାଲାଡି ମାଝି, ରୁଦମେ ମାଝି, ସୁକାନ୍ତି ମାଝିଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ରହି ଆମ ପାରିଶ୍ରମିକ ପଇସା ଆମକୁ ଦରକାର ବୋଲି ଲାଞ୍ଜିଗଡ଼ ଫରେଷ୍ଟ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ବିଷୟରେ ରେଞ୍ଜର ନରୋତ୍ତମ ମାଝିଙ୍କୁ ପଚାରିବାରୁ ମୁଁ ବର୍ତ୍ତମାନ ଛୁଟିରେ ଅଛି, ମୁଁ ଫେରିବା ପରେ ତଦନ୍ତ କରିବି ବୋଲି ପ୍ରକାଶ କରିଥଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ବ୍ୟବସାୟୀ ମୃତ

**ଅତାବିରା,୨୦।୨(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବୁଟୁବନ୍ଧ ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ଅତାବିରା ଶାନ୍ତିପଡ଼ା ନିବାସୀ ହରି ମହାରଣା(୫୮) ଏବଂ ସେ ସ୍ଥାନୀୟ ମହାରଣା ଫର୍ଣ୍ଣିଚର୍ସର ମାଲିକ ବୋଲି ଜଣାପଡ଼ିଛି। ହରି ଏକ ବାଇକ୍ (ନଂ.ଓଡ଼ି୧୭ଏଫ/୨୭୯୨) ଯୋଗେ ବରଗଡ଼ ପଟୁ ଘରକୁ ଫେରୁଥିଲେ। ଏହି ସମୟରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ସମଲେଶ୍ୱରୀ ମନ୍ଦିରରୁ ଚୋରି



**ଅତାବିରା,୨୦।୨(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ କତାବଗା ଗ୍ରାମରେ ନୂତନଭାବେ ପ୍ରତିଷ୍ଠା ହୋଇଥିବା ସମଲେଶ୍ୱରୀ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରରେ ଥିବା ଦେବୀଙ୍କ ସୁନା, ରୂପା ସାମଗ୍ରୀ, ଦାନବାକ୍ସ ଆଦି ନେଇ ଫେରାର ହୋଇ ଯାଇଛନ୍ତି । ଚୋରି ସାମଗ୍ରୀ ମଧ୍ୟରେ ୧କି.ଗ୍ରା ରୂପା ନିର୍ମିତ ଛତର, ଅଧ କି.ଗ୍ରା ରୂପା ନିର୍ମିତ ଛତର, ୩ସୁନାହାର, ରୂପା ମୁକୁଟ, ଦାନବାକ୍ସରେ ଥିବା ଦାନରାଶି, ସାମଗ୍ରୀ ଆଦି ରହିଛି। ରବିବାର ଉକ୍ତ ମନ୍ଦିର ପ୍ରତିଷ୍ଠା ସମାରୋହ ସମାପନ ହୋଇଥିଲା। ଏହାର ଦିନକ ପରେ ମନ୍ଦିରରୁ ଏଭଳି ଚୋରି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ ପ୍ରମୁଖ ସାଇଣ୍ଟିଫିକ ଟିମ, ଅନୁସନ୍ଧାନୀ କୁକୁର ସହିତ ଘଟଣାସ୍ଥଳକୁ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ସକାଳୁ ପୂଜକ ପୂଜାର୍ଚ୍ଚନା ପାଇଁ ମନ୍ଦିରକୁ ପ୍ରବେଶ କରିବାବେଳେ ଚୋରି ହୋଇଥିବା ଜାଣି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ପରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

### ବୌଦ୍ଧ ଜିଲା: ୬୫୬୭ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଲେ

**ବୌଦ୍ଧ,୨୦।୨( ଅଜିତ କୁମାର ବାରିକ):** ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ପରୀକ୍ଷା ମଙ୍ଗଳବାର ଦିନ ଆରମ୍ଭ ହୋଇଛି । ଜିଲାରେ ୩୨ଗୋଟି ପରୀକ୍ଷା କେନ୍ଦ୍ର ସ୍ଥାପନ ହୋଇଛି । ଚଳିତବର୍ଷ ବୌଦ୍ଧ ଜିଲାରେ ୬୭୪୬ ଜଣ ଛାତ୍ରୀଛାତ୍ର ଫର୍ମ ଫିଲପ କରିଥିବା ବେଳେ ପ୍ରଥମ ଦିନ ୬୫୬୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ୧୭୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ । ସେହିପରି ଜିଲାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଅଧୀନରେ ୫୯ ଜଣ ଫର୍ମ ଫିଲପ କରିଥିବା ବେଳେ ୪୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ଓ ୧୪ ଜଣ ଅନୁପସ୍ଥିତ ଥିଲେ ।



ନାଟକ ମହୋତ୍ସବର ଉଦ୍ୟାପନୀ ସମାରୋହରେ ଅତିଥି, ଆୟୋଜକବୃନ୍ଦ ।

# ନାଟକ ମହୋତ୍ସବ ଏକ ସାମାଜିକ ଆନ୍ଦୋଳନ

**ବରଗଡ଼,୨୦।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକ ତାଲପଦର ଖଗେଶ୍ୱର ମଣ୍ଡପରେ ଚାଲିଥିବା ଉତ୍ତାଲଗଡ଼ ନାଟକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଅନୁଷ୍ଠାନର ସଂଯୋଜକ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ରଙ୍କ ପରିଚାଳନା ଏବଂ ସଭାପତି ସର୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବିଜେପୁର ଜମିଦାର ସନତ ଗଡ଼ତିଆ, ଗାଇସିଲେଟ ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ବରପାଲିର ସାମାଜିକ କର୍ମୀ ସୁରେନ୍ଦ୍ର ପାତ୍ର, ସ୍ୱେଚ୍ଛାସେବୀ ଅଭିଷେକ ସେଠ, ସରପଞ୍ଚ କାମିନୀ ପ୍ରଧାନ, ସମିତିସଭ୍ୟା ସଞ୍ଜୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଉତ୍ତାଲଗଡ଼ ମହୋତ୍ସବ ଏକ ସାମାଜିକ, ସାଂସ୍କୃତିକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ସେମାନେ ମତପ୍ରକାଶ କରିଥିଲେ ।

ଅତିଥିମାନେ ଆହୁରି କହିଥିଲେ, ସମ୍ପ୍ରତି ସମ୍ବଲପୁରୀ/କୋଶଲି ଭାଷା, ସାହିତ୍ୟର ଆନ୍ଦୋଳନ ବ୍ୟାପକ ହୋଇଥିବାବେଳେ ହଜାର ହଜାର ଦର୍ଶକଙ୍କ ଗହଣରେ ନାଟକ ପାଇଁ ବିରଳ ପରିବେଶ ସୃଷ୍ଟି କରୁଥିବା ଉତ୍ତାଲଗଡ଼ ଉତ୍ସବ ପରିଚୟ ସୃଷ୍ଟି କରିଛି। ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରୁଥିବା ଏହି ମହୋତ୍ସବକୁ ନାଟ୍ୟପ୍ରେମୀ ତଥା ଗବେଷକମାନେ ଦୃଷ୍ଟିଦେବା ଆବଶ୍ୟକତା ରହିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ପୂର୍ବତନ ସଭାପତି ସୋମନାଥ ପ୍ରଧାନ, ହୃଦମଣି ସାହୁ, ବାସୁଦେବ ପଧାନ, କ୍ଷିତିପତି ରଣା, ଗଜାନନ ସାହୁ, ବିବେକାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଉମେଶ ଭୋଇ ବିବରଣୀ ଉପସ୍ଥାପନ କରିଥିବାବେଳେ ବରିଷ୍ଠ ସଦସ୍ୟ ସୁଶାନ୍ତ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ଏବଂ ସାହିତ୍ୟପ୍ରାଣ କବି ଖଗେଶ୍ୱର ସେଠ ତଥା ପୂର୍ବତନ ସଭାପତି ସ୍ୱର୍ଗତ ରାଜକିଶୋର ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀଙ୍କ କଣ୍ଠରୁ ସମଲେଇ ଭଜନ ଏବଂ ପୁରୀ ଜାଗୃତି ଯୁବ ସଙ୍ଗଠନ କଳାକାରଙ୍କ ସମ୍ବଲପୁରୀ, ଆଦିବାସୀ ନୃତ୍ୟରେ ଖଗେଶ୍ୱର ମଣ୍ଡପ ଦୁଲୁକି ଉଠିଥିଲା। ଏହାପରେ ନାଟ୍ୟକାର କେଶରଞ୍ଜନ ପଧାନଙ୍କ ନିର୍ଦ୍ଦେଶିତ ନାଟକ 'ଗାନ୍ଧୀଛକ'କୁ ପଦ୍ମପୁର ଲୁ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ। ଦ୍ୱିତୀୟରେ ବେଲପାହାଡ଼ ମିରର ଥିଏଟର୍ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସୁବାସ ପ୍ରଧାନଙ୍କ ରଚିତ, ନିର୍ଦ୍ଦେଶିତ ନାଟକ କାଠର ଚୌକି ମଞ୍ଚସ୍ଥ ହୋଇଥିଲା। ଶେଷରେ ବରଗଡ଼ର ସମର୍ପଣ ନାଟ୍ୟାନୁଷ୍ଠାନର କଳାକାରମାନେ ରାମାଶିଷ ତ୍ରିପାଠୀଙ୍କ ରଚିତ ଏବଂ ସଞ୍ଜୟ ବେହେରାଙ୍କ ନିର୍ଦ୍ଦେଶିତ ନାଟକ ମଉଲା ଭାର୍‌କୁ ପରିବେଷଣ କରିଥିଲେ।

# ମାଟ୍ରିକ୍ ପରୀକ୍ଷା, ୨୪୭ ଅନୁପସ୍ଥିତ

**ବରଗଡ଼,୨୦।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ମଙ୍ଗଳବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିବସ ପରୀକ୍ଷା ସୁରୁଖୁରୁରେ ସମାପନ ହୋଇଥିବାବେଳେ ୨୪୭ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨୪୦ଜଣ ଏଏଚଏସସି (ଆନୁଏଲ ହାଇସ୍କୁଲ ସାର୍ଟିଫିକେଟ୍) ଏବଂ ୭ଜଣ ଏସଓଏସସି (ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ୍) ପରୀକ୍ଷାର୍ଥୀ ଅଟନ୍ତି । ସାମଗ୍ରିକ ଭାବେ ସମୁଦାୟ ୧୮ହଜାର ୫୧୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮ହଜାର ୨୬୫ଜଣ ପରୀକ୍ଷା ଦେଇଛନ୍ତି। ସୂଚନା ଅନୁଯାୟୀ, ଏଥର ୧୮ହଜାର ୩୬୦ଜଣ ଏଏଚଏସସି ପରୀକ୍ଷାର୍ଥୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୮ହଜାର ୧୨୦ଜଣ ପରୀକ୍ଷା ଦେଇଛନ୍ତି । ସେହିପରି ୪୯ଜଣ ଏସଏଓଏସସି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୨ଜଣ ପରୀକ୍ଷା ଦେଇଥିବାବେଳେ ସମୁଦାୟ ୧୦୩ଜଣ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଜିଲାରେ ଏଥର ୯୬ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଚାଲିଛି। ସେଥିମଧ୍ୟରୁ ୩ ପରୀକ୍ଷା କେନ୍ଦ୍ରରେ ମଧ୍ୟମା ପରୀକ୍ଷା ଚାଲିଥିବାବେଳେ ଅନ୍ୟ ଏକ ପରୀକ୍ଷା କେନ୍ଦ୍ରରେ ଏସଓଏସସି ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି ।



ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି ।

# ବୈଷ୍ଣୋଦେବୀ ମନ୍ଦିରରେ ସମ୍ବର୍ଦ୍ଧନା

**ବରଗଡ଼,୨୦।୨(ପ୍ରେମାନନ୍ଦ ଖମାରୀ)**

ଗୋଆରେ ଅନୁଷ୍ଠିତ ନ୍ୟାଶନାଲ ମାଷ୍ଟର ଗେମ୍ସରେ କୃତିତ୍ୱ ଅର୍ଜନ କରିଥିବା ବରଗଡ଼ ସହରର ୨କୃତୀ ଭଉଣୀ ଅରୁଣା ଘିବିଲା ଏବଂ ଅନୁପମା ଘିବିଲାଙ୍କୁ ଡୁରୁଙ୍ଗାସ୍ଥିତ ବୈଷ୍ଣୋଦେବୀ ମନ୍ଦିର ପୀଠରେ ସମ୍ବର୍ଦ୍ଧିତ କରାଯାଇଛି । ମଙ୍ଗଳବାର ମନ୍ଦିର କମିଟି ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ଦିର ପୂଜକ ସଞ୍ଜୀବ ଦାଶ, ସୁଧାଂଶୁ ଗଡ଼ତିଆ, ପ୍ରମୋଦ ଦାଶ, ସନତ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ନବୀନ ଓଡ଼ିଶା ଆମ ଓଡ଼ିଶା କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ପୌରାଧକ୍ଷା କଳ୍ପନା ମାଝି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



ବୈଷ୍ଣୋଦେବୀ ମନ୍ଦିରରେ ସମ୍ବର୍ଦ୍ଧନା ଦିଆଯାଉଛି ।

# ୭ ଦଫା ଦାବିରେ କଳାବ୍ୟାଜ୍ ପରିଧାନ

**ପାଇକମାଲ,୨୦।୨(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ମଙ୍ଗଳବାର ୭ ଦଫା ଦାବି ନେଇ କଳାବ୍ୟାଜ୍ ପରିଧାନ କରିବା ସହ ପ୍ରତିବାଦ କରିଛନ୍ତି। ସେମାନଙ୍କର ଚାକିରି ସର୍ତ୍ତାବଳୀ, ଯୋଗ୍ୟତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଶିକ୍ଷକ ଓ କର୍ମଚାରୀମାନଙ୍କୁ ଯଥାକ୍ରମେ ୨୪ ଘଣ୍ଟା ଓ ୧୨ ଘଣ୍ଟା ନିୟୋଜନ ବନ୍ଦ, କର୍ତ୍ତୃପକ୍ଷଙ୍କ ଦ୍ୱାରା ସାମାଜିକ ସୁରକ୍ଷା ଓ ପାରିବାରିକ ଦାୟିତ୍ୱ ଗ୍ରହଣ, କର୍ମଚାରୀମାନଙ୍କ ପ୍ରତି ବୈମାତୃକ ମନୋଭାବ ବନ୍ଦ, ସମସ୍ତ କର୍ମଚାରୀଙ୍କୁ ଇପିଏଫ୍, ଇଏସ୍‌ଆଇ ପେନସନ ପ୍ରଦାନ ଏବଂ କାର୍ଯ୍ୟରତ ସମୟରେ ମୃତ୍ୟୁ ହେଲେ ସହାୟତା ରାଶି ପ୍ରଦାନ ଆଦି ଦାବି ରହିଛି। ଏସବୁ ଦାବିଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର କର୍ମକର୍ତ୍ତାଙ୍କ ସହ ଓଡ଼ିଶା ଏଲିମେଣ୍ଟାରୀ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ମିଳିତ ଭାବେ କଳାବ୍ୟାଜ୍ ପରିଧାନ କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜୟସ୍ମିତା ମହାନ୍ତି, ସସ୍ମିତା ରଣା, ଝରଣା ସାହୁ, ଜାମା ବରିହା, ତୁଷାରିକା ମହାନନ୍ଦ ପ୍ରମୁଖ ଶିକ୍ଷକ ଓ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।



ଶିକ୍ଷକ ଓ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

# ସମ୍ବଲପୁରୀ ପୁସ୍ତକ ବିଚିତ୍ରା ଉନ୍ମୋଚିତ

**ବୌଦ୍ଧ,୨୦।୨(ଅଜିତ କୁମାର ବାରିକ)**

ବୌଦ୍ଧର ସମାଜସେବୀ ସନ୍ତୋଷ କୁମାର ଅଗ୍ରୱାଲାଙ୍କ ଦ୍ୱାରା ରଚିତ ସମ୍ବଲପୁରୀ ପୁସ୍ତକ ବିଚିତ୍ରା ଉନ୍ମୋଚିତ ହୋଇଯାଇଛି। ମଙ୍ଗଳବାର ଦିନ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ଏହି ପୁସ୍ତକକୁ ଉନ୍ମୋଚନ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶିବ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ ଉତ୍ସବ ଅବସରରେ ଅତିଥି ଭାବରେ ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ, ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ମିଶ୍ର, ଅଚ୍ୟୁତାନନ୍ଦ ମିଶ୍ର, ନାଗରିକ ମଞ୍ଚର ସଂପାଦକ ଅକ୍ଷୟ କୁମାର ମହାନ୍ତି ଏବଂ ପୁସ୍ତକର ଲେଖକ ଓ ପ୍ରକାଶକ ସନ୍ତୋଷ କୁମାର ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ।





ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀବୃନ୍ଦ ।

# ଟେରାକୋଟା ଡିଜାଇନ ପ୍ରଶିକ୍ଷଣ

**ବରପାଲି,୨୦।୨(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ତେନ୍ତୁଲିପାଲି ଗ୍ରାମରେ ଭାରତ ସରକାରଙ୍କ ବିକାଶ ଆୟୋଗ, ହସ୍ତଶିଳ୍ପ ବିଭାଗ ତରଫରୁ ପ୍ରଯୋଜିତ ତଥା ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଆୟୋଜନରେ ଟେରାକୋଟା ଡିଜାଇନ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ମାଟିରେ ବିଭିନ୍ନ ପ୍ରକାର ଡିଜାଇନ୍ ଘର, ଅଫିସ ଆଦି ସଜାଇବା ଏବଂ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତିଆରି କରିବା ପାଇଁ ଶିବିରରେ ତାଲିମ ଦିଆଯାଇଥିଲା। ଏହି ଶିବିରରେ ବଜାର ଚାହିଦା ମୁତାବକ ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତ ପାଇଁ ପ୍ରୋତ୍ସାହନ ଯୋଗାଇବା ଲକ୍ଷ୍ୟରେ ହସ୍ତଶିଳ୍ପ ପୁଞ୍ଜି ଗୁଡ଼ିକର ନମୁନା ବିକାଶ କାର୍ଯ୍ୟକ୍ରମ ସ୍ୱନାମଧନ୍ୟ ଡିଜାଇନରମାନଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। ପଶ୍ଚିମବଙ୍ଗରୁ ଆସିଥିବା ଡିଜାଇନର ପ୍ରଶିକ୍ଷକ ଆଭିକ ଜ୍ଞାନ ଏବଂ ଟେରାକୋଟା ପ୍ରଶିକ୍ଷକ ଧୀରେନ ରଣା ତାଲିମ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ବରଗଡ଼ ଜିଲା ହସ୍ତଶିଳ୍ପ ଉପନିର୍ଦ୍ଦେଶିକା ଟ୍ୱିଙ୍କିଲ ସୋରେନ, ଜିଲା ହସ୍ତଶିଳ୍ପ ବିକାଶ ଅଧିକାରୀ ସଞ୍ଜୟ ମିର୍ଦ୍ଧା, କ୍ଷୀରୋଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୁଞ୍ଜି ସଂଯୋଜକ ରୁଦ୍ର ପ୍ରସାଦ ଗୁରୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଗ୍ରାମ ପଞ୍ଚାୟତ ଉନ୍ନୟନ ପ୍ରକ୍ରିୟାରେ ସହଯୋଗ କରିବ ପ୍ରଶାସନ : ଜିଲାପାଳ

**ବୀରମହାରାଜପୁର ବ୍ଲକ**
- ଜିଲାପାଳଙ୍କ ସହ ଆଲୋଚନା କଲା ବ୍ଲକ ସରପଞ୍ଚ ସଂଘ

**ଅମରପାଲି,୨୦।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ନେତୃତ୍ୱରେ ସରପଞ୍ଚମାନେ ଜିଲାପାଳ ଅନ୍ୟା ଦାସଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟ ମୂଳକ ସାକ୍ଷାତ କରି ଗ୍ରାମ ପଞ୍ଚାୟତ ଉନ୍ନୟନ ପ୍ରକ୍ରିୟାରେ ପ୍ରଶାସନର ସହଯୋଗ କାମନା କରି ଆଲୋଚନା କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ସରପଞ୍ଚ ମାନେ ଅଞ୍ଚଳର ଉନ୍ନୟନ କାମ ରୂପାୟନରେ ବାଧା ସୃଷ୍ଟି ହେଉଥିବାରୁ ଯନ୍ତ୍ରୀଙ୍କ ଡେପୁଟେସନ ପ୍ରତ୍ୟାହାର ଓ ଅଧିକ କନିଷ୍ଠ ଯନ୍ତ୍ରୀ ନିୟୋଜନ ପାଇଁ ଅନୁରୋଧ କରିଥିଲେ। ଗ୍ରାମାଞ୍ଚଳ ଲୋକଙ୍କ ଜୀବନ ଜୀବିକା ମାନ ବୃଦ୍ଧି ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସାମୂହିକ ଓ ବ୍ୟକ୍ତିଗତ ପ୍ରକଳ୍ପ ମଞ୍ଜୁରୀ ଓ କାର୍ଯ୍ୟ ପାଇଁ ଜିଲାପାଳଙ୍କ ସହଯୋଗ କାମନା କରିଥିଲେ। ଚମ୍ପାମାଳ ପଞ୍ଚାୟତ ଷ୍ଟଲ ମାଲିକାନା ତଥା ଗ୍ରାମ ପଞ୍ଚାୟତ ନିଜସ୍ୱ ପାଣ୍ଠି ବୃଦ୍ଧି ପାଇଁ ସହଯୋଗ ଲୋଡିଥିଲେ। ଜିଲାପାଳ ଅନ୍ୟା ଦାସ ଗ୍ରାମ ପଞ୍ଚାୟତର ଉନ୍ନୟନ ପ୍ରକ୍ରିୟାରେ ପ୍ରଶାସନର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ବରିଷ୍ଠ ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର,ମହେନ୍ଦ୍ର ଜଗଦଲା, ସୂର୍ଯ୍ୟ କୁମାର ନନ୍ଦ, ଜୟଶ୍ରୀ ଦେହୁରୀ, ନିରୁପମା ବଗର୍ତ୍ତି, ଅନୁସୂୟା ପଧାନ, ଆକସ୍ମିତା ବଡ଼ିଆ, ସସ୍ମିତା ଦୀପ, ବନିତା ସେଠୀ, ଅଳକା କର୍ମୀ, ବିଷ୍ଣୁପ୍ରିୟା କୁମ୍ଭାରଙ୍କ ସମେତ ସମସ୍ତ ସରପଞ୍ଚ ନିଜ ନିଜ ଅଞ୍ଚଳର ଅଭାବ ଅସୁବିଧା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଜିଲାପାଳଙ୍କ ସହିତ ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ସଦସ୍ୟା ।

# ଆଭିମୁଖ୍ୟ ପରିବର୍ତ୍ତନ ହେଲେ ଅଭିବୃଦ୍ଧି ହେବ

**ଚାଷୀ ଓ ଚାଷର ନୀତି ଶୀର୍ଷକ ଆଲୋଚନାଚକ୍ର**

**ବରଗଡ଼,୨୦।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକ ତାଲପଦର ଖଗେଶ୍ୱର ମଣ୍ଡପଠାରେ ଉତ୍ତାଲଗଡ଼ ଉଚ୍ଛବ ଅବସରରେ 'ଚାଷୀ ଓ ଚାଷର ନୀତି' ଉପରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ଜିଲାର ପ୍ରତ୍ୟେକ ବ୍ଲକରୁ ଚାଷୀ ପ୍ରତିନିଧିମାନେ ଅଂଶଗ୍ରହଣ କରରିଥିଲେ। ଚାଷ, ଚାଷୀର ବିକାଶ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ତାହା ଚାଷୀଙ୍କ ଆଶା, ଆକାଂକ୍ଷା ପୂରଣ କରି ପାରୁ ନ ଥିବା ସେମାନେ କହିଥିଲେ। ଏଭଳି ସ୍ଥିତିରେ ଚାଷ ଏବଂ ଚାଷୀର ଅଭିବୃଦ୍ଧି ପାଇଁ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଲୋଡ଼ା ବୋଲି ମତପ୍ରକାଶ ପାଇଥିଲା।

ବିଜେପୁର ବ୍ଲକ ଚାଷୀ ସଙ୍ଗଠନ ସଭାପତି ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଚାଷୀ ଯୋଗଦାନ କରିଥିଲେ। ଉତ୍ତାଲଗଡ଼ ନାଟ୍ୟ ସଂସଦର ବରିଷ୍ଠ ସଦସ୍ୟ ବିବେକାନନ୍ଦ ପଧାନ ଓ ଭଗବାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ତାଲଗଡ଼ ମହୋତ୍ସବର ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଲୋଚନାଚକ୍ରର ଆବାହକ ବିକ୍ରମାଦିତ୍ୟ ପ୍ରଧାନ ସ୍ୱାଗତ କରିଥିଲେ। ଚାଷୀ ଓ ଚାଷର ନୀତି ଶୀର୍ଷକ ଆଲୋଚନାଚକ୍ରରେ ଚାଷୀନେତା ଉପେନ୍ଦ୍ର ଭୋଇ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଚାଷର ଅଭିବୃଦ୍ଧି ପାଇଁ ବିଭିନ୍ନ ନୀତିର ସୂକ୍ଷ୍ମଦିଗଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲା କୃଷକ ସଙ୍ଗଠନ ସଭାପତି ଜୟକୃଷ୍ଣ ସାହୁ, ବର୍ଷିୟାନ ଚାଷୀ କ୍ଷୀରୋଦ୍ର ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂଯୁକ୍ତ କୃଷକ ସଙ୍ଗଠନ, ବରଗଡ଼ରୁ ଅଜିତ ଶତପଥୀ, ରମେଶ ମହାପାତ୍ର ଯୋଗଦେଇ ସରକାର କରୁଥିବା ଯୋଜନାଗୁଡ଼ିକ ଉଦ୍ଦେଶ୍ୟ ପ୍ରଣୋଦିତ, ଏହାର ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହାହେଲେ ଯାଇ ଚାଷର ଅଭିବୃଦ୍ଧି ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଜିଲା କୃଷକ ସଙ୍ଗଠନର ଆବାହକ କିଶୋର ଦେବତା, ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ପଞ୍ଚାନନ ସାହୁ, ପଦ୍ମପୁରରୁ ସୁବାସ ସାମନ୍ତରାୟ, ଅତାବିରାରୁ ରବିନ୍ଦ୍ର ବିଶି, ଟିକେଲାଲ ମିଶ୍ର, ଝାରବନ୍ଧରୁ ତ୍ରୈଲୋଚନ ଭୋଇ, ଗାଇସିଲେଟରୁ ଅରବିନ୍ଦ ପଣ୍ଡା, ବିଜେପୁରରୁ ଭଳଭଦ୍ର ପ୍ରଧାନ, ଭଟଲିରୁ ଥବିର ସାହୁ, ଅମ୍ଭାଭୋନାରୁ ଈଶାନ ଭୁଏ, ଭୁତିବାହାଲରୁ ଅନିତା ସାହୁ, ଘେଁସ ଆଞ୍ଚଳିକ କୃଷକ ସଙ୍ଗଠନରୁ କୁଞ୍ଜ ସାହୁ, ବରଗଡ଼ରୁ ବବ୍ରୁବାହନ ସାହୁ, ବରପାଲିରୁ କାରଣ ସା, ସୋହେଲାରୁ ମନ ମାଝି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରରିଥିଲେ। ମହେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।





ଆଲୋଚନାଚକ୍ରରେ ମଞ୍ଚାସୀନ ଚାଷୀ ପ୍ରତିନିଧିବୃନ୍ଦ ।

# ସଚେତନତା ସତ୍ତ୍ୱେ ଥମୁନି ବନାଗ୍ନି



ରାଉରକେଲା,୨୦।୨(ବିପ୍ଳବ ରଞ୍ଜନ ଦାଶ)

ଆଗକୁ ଗ୍ରୀଷ୍ମ ଋତୁ ଆସୁଛି। ଗ୍ରୀଷ୍ମ ସମୟରେ ବିଭିନ୍ନ କାରଣରୁ ବଣ ଜଙ୍ଗଲରେ ନିଆଁ ଲାଗି ଗଛଲତା ସବୁ ଜଳିଯାଏ। ଫଳରେ ଜଙ୍ଗଲ ବୃକ୍ଷଶୂନ୍ୟ ହୋଇପଡେ। ଏହି ପ୍ରାକୃତିକ କିମ୍ବା ମାନବକୃତ ଦୁର୍ବିପାକରୁ ଜଙ୍ଗଲକୁ ବଞ୍ଚାଇବାକୁ ବିଭାଗ ପକ୍ଷରୁ ଜନସଚେତନତା ସୃଷ୍ଟି କରାଯାଉଛି। ତେବେ ଜଙ୍ଗଲରେ ଅଗ୍ନିକାଣ୍ଡ ମାମଲା କମୁଥିଲେ ମଧ୍ୟ ଥମୁନାହିଁ। ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗି ହଜାର ହଜାର ମୂଲ୍ୟବାନ ଗଛ ଜଳିପୋଡ଼ି ନଷ୍ଟ ହେଉଥିବା ଜଣାପଡିଛି।

ସୂଚନା ଅନୁସାରେ, ରାଉରକେଲା ବନଖଣ୍ଡ ଅଧୀନରେ ବାଙ୍କି, ବିଶ୍ରା, ବୀରମିତ୍ରପୁର, କୁଆଁରମୁଣ୍ଡା, ପାନପୋଷ ଏବଂ ରାଜଗାଙ୍ଗପୁର ଆଦି ୬ଟି ଫରେଷ୍ଟ ରେଞ୍ଜ୍ ରହିଛି। ପ୍ରତିବର୍ଷ ଗ୍ରୀଷ୍ମ ସମୟରେ ଏହି ଫରେଷ୍ଟ ରେଞ୍ଜ୍ ଅଧୀନ ବିଭିନ୍ନ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟି ବ୍ୟାପକ ଗଛଲତା ସହ ପ୍ରାକୃତିକ ସମ୍ପଦ କ୍ଷତି ହେଉଛି। ସେହିପରି ବନ୍ୟଜନ୍ତୁଙ୍କ ଜୀବନଯାତ୍ରା ମଧ୍ୟ ପ୍ରଭାବିତ ହେଉଛି। ଅନ୍ୟପକ୍ଷେ ବନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ଆୟତ୍ତ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ଏଥିରେ ଅଙ୍କୁଶ ଲଗାଇ ପାରୁନାହିଁ। ୨୦୨୧ ଓ ୨୦୨୨ ତୁଳନାରେ ୨୦୨୩ ଆର୍ଥିକ ବର୍ଷରେ ରାଉରକେଲା ବନ ବିଭାଗ ଅଧୀନ ୬ଟି ଫରେଷ୍ଟ ରେଞ୍ଜ୍‌ରେ ଅଗ୍ନିକାଣ୍ଡ ଜନିତ ମାମଲା କମିଥିଲେ ମଧ୍ୟ ଜଙ୍ଗଲ ନିଆଁ ଜାରି ରହିଛି।

ରିପୋର୍ଟ ଅନୁସାରେ, ୨୦୨୧ରେ ବାଙ୍କି ଫରେଷ୍ଟ ରେଞ୍ଜ୍‌ର ମୋଟ ୨୮୧ଟି ବନ କ୍ଷେତ୍ରାଞ୍ଚଳରେ ନିଆଁ ଲାଗି ୨୯.୪୭ ହେକ୍ଟର ଜଙ୍ଗଲରେ ଗଛଲତା ଜଳିଯାଇଥିଲା। ଜୀବଜନ୍ତୁ ମଧ୍ୟ ପ୍ରଭାବିତ ହୋଇଥିଲେ। ୨୦୨୨ରେ ବାଙ୍କି ଫରେଷ୍ଟ ରେଞ୍ଜ୍ ଅଧୀନ ୩୯ବନ କ୍ଷେତ୍ରାଞ୍ଚଳର ୦.୬୩୧ ହେକ୍ଟର ଜଙ୍ଗଲରେ ଗଛଲତା ଜୀବଜନ୍ତୁ ପ୍ରଭାବିତ ହୋଇଥିଲେ। ସେହିପରି ୨୦୨୩ରେ ୧୦୧ ବନ କ୍ଷେତ୍ରାଞ୍ଚଳରେ ନିଆଁ ଲାଗି ୪.୮୬୩ ହେକ୍ଟର ବ୍ୟାପୀ ଗଛଲତା ନଷ୍ଟ ହୋଇଥିଲା। ବିଶ୍ରା ଫରେଷ୍ଟ ରେଞ୍ଜ୍‌ରେ ୨୦୨୧ରେ ୪.୧ ହେକ୍ଟର, ୨୦୨୨ରେ ୦.୧୮ ହେକ୍ଟର ଏବଂ ୨୦୨୩ରେ ୦.୨୩୬ ହେକ୍ଟର ଅଞ୍ଚଳରେ ଜଙ୍ଗଲ ନିଆଁ ଯୋଗୁ ଗଛଲତା, ଜୀବଜନ୍ତୁ ପ୍ରଭାବିତ ହୋଇଥିଲେ।

ସେହିପରି ବୀରମିତ୍ରପୁର, କୁଆଁରମୁଣ୍ଡା, ପାନପୋଷ ଏବଂ ରାଜଗାଙ୍ଗପୁର ଫରେଷ୍ଟ ରେଞ୍ଜ୍‌ରେ ଜଙ୍ଗଲ ନିଆଁ ଜନିତ କ୍ଷୟକ୍ଷତି ହୋଇଥିଲା। ତେବେ ଗତ ୩ ବର୍ଷରେ ହୋଇଥିବା ଅଗ୍ନିକାଣ୍ଡ ମାମଲାକୁ ଆକଳନ କଲେ ଜଙ୍ଗଲ ନିଆଁରେ ୨୦୨୧ରେ ୧୦୯ହେକ୍ଟର ପରିବ୍ୟାପ୍ତ ଜଙ୍ଗଲ ପ୍ରଭାବିତ ହୋଇଥିବା ବେଳେ ୨୦୨୨ରେ ୧୨.୫ ହେକ୍ଟର ଏବଂ ୨୦୨୩ରେ ୪୭.୭ ହେକ୍ଟର ଜଙ୍ଗଲ ସମ୍ପଦ ନଷ୍ଟ ହୋଇଛି। ଏ ନେଇ ବନ ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା ଅଭିଯାନ ସହ କମ୍ପାଉଣ୍ଡ ମନି ଆକାରରେ ୧୩ଲକ୍ଷ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବନାଗ୍ନି ସମ୍ପର୍କରେ ସୂଚନା ଦେଉଥିବା ବ୍ୟକ୍ତିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଉଛି। ତଥାପି ବନାଗ୍ନି ମାମଲା କମୁନାହିଁ। ଏ ନେଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ ସେ କହିଲେ, କ୍ରମଶଃ ବଣ ଜଙ୍ଗଲରେ ଅଗ୍ନିକାଣ୍ଡ ମାମଲା ହ୍ରାସ ପାଉଛି। ଏଥିପାଇଁ ତୃଣମୂଳ ସ୍ତରରେ ସଚେତନତା କରାଯାଉଛି। ଏଥିରେ ଅଙ୍କୁଶ ଲଗାଇବାକୁ ହେଲେ ଜନସଚେତନତା ନିହାତି ଆବଶ୍ୟକ ବୋଲି ସେଠୀ କହିଥିଲେ।

## ସଂକ୍ଷେପରେ

### ନିଜ ଗଳା କାଟି ଆତ୍ମହତ୍ୟା

**ରାଉରକେଲା,୨୦।୨(ସଙ୍ଗୀତା ଜେନା):** ବିଶ୍ରା ଥାନା ଅଧୀନ ଖଇରିଟୋଲା ଗ୍ରାମରେ ଆର୍‌ଏସ୍‌ପିର ଅବସରପ୍ରାପ୍ତ ଜଣେ କର୍ମଚାରୀ ମଙ୍ଗଳବାର ଛୁରିରେ ନିଜ ଗଳା କାଟି ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ କାଳିଆ ପ୍ରସାଦ ସିଂହ(୭୩)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୪) ରୁଜୁ କରି ତଦନ୍ତ କରୁଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁସାରେ, ପୂର୍ବରୁ କାଳିଆଙ୍କ ସ୍ତ୍ରୀଙ୍କ ବିୟୋଗ ହୋଇଥିବା ବେଳେ ସେ ୩ ପୁଅ ସହ ରହୁଥିଲେ। ମଙ୍ଗଳବାର ସକାଳେ ସେ ଏକ ଛୁରିରେ ନିଜ ଗଳା କାଟି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କଲେଜ ଛାତ୍ରୀଙ୍କ ମୋବାଇଲ ଲୁଟ୍

**ରାଉରକେଲା,୨୦।୨(ସଙ୍ଗୀତା ଜେନା):** ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ଅଞ୍ଚଳରେ ମଙ୍ଗଳବାର ଜଣେ କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ ହୋଇଛି। ଏ ନେଇ ସମ୍ପୃକ୍ତ ଛାତ୍ରୀ ଜଣଙ୍କ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୩୭/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ସେକ୍ଟର-୨ ସି ବ୍ଲକର ଛାତ୍ରୀ ଅର୍ପିତା ପଟେଲ ସକାଳେ ମାର୍କେଟରୁ ଘରକୁ ଫେରୁଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କଠାରୁ ମୋବାଇଲ ଛଡାଇ ନେଇ ପଳାଇଥିଲେ।

### ବ୍ୟାଗ୍ ମିଳିଲା, ଟଙ୍କା ମିଳିଲାନି

**ରାଉରକେଲା, ୨୦।୨(ସଙ୍ଗୀତା ଜେନା):** ରାଉରକେଲା ମହାନଗର ନିଗମର ୱାର୍ଡ ନଂ. ୫ ଅଧୀନ ଗଙ୍ଗାଧରପାଲିରେ ରାଜ୍ୟ ସରକାରଙ୍କ ଯୋଜନା ଅଧୀନରେ ବ୍ୟାଗ୍ ସହ ୧ ହଜାର ଟଙ୍କା ବଣ୍ଟନ ପାଇଁ ସୋମବାର ସୂଚନା ଦିଆଯାଇଥିଲା। ଏହି କ୍ରମରେ ବସ୍ତିର ରାଶନ କାର୍ଡଧାରୀମାନେ ମଙ୍ଗଳବାର ସକାଳ ୬ଟାରୁ ଡିଲର ପଏଣ୍ଟରେ ଧାଡିବାନ୍ଧି ଛିଡା ହୋଇଥିଲେ। ତେବେ ହିତାଧିକାରୀଙ୍କୁ ବ୍ୟାଗ ବଣ୍ଟନ କରାଯାଇଥିବା ବେଳେ ଟଙ୍କା ମିଳି ନ ଥିଲା। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ସମ୍ପୃକ୍ତ ଡିଲର ଭାଗୀରଥି ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ହିତାଧିକାରୀଙ୍କୁ ବ୍ୟାଗ୍ ବଣ୍ଟନ କରାଗଲା। ବ୍ୟାଙ୍କରୁ ଟଙ୍କା ଆସିପାରି ନ ଥିବାରୁ ସେମାନଙ୍କୁ ପ୍ରଦାନ କରାଯାଇପାରି ନ ଥିଲା। ଫଳରେ ଲୋକେ ପାଟିତୁଣ୍ଡ କରିଥିଲେ ବୋଲି ପ୍ରଧାନ କହିଛନ୍ତି। ଏ ନେଇ ଉପ ଯୋଗାଣ ଅଧିକାରୀ ସୋନାଲି କାରାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

### ଚକ୍ଷୁ ବିଶେଷଜ୍ଞ ସମ୍ମାନିତ



**ରାଉରକେଲା,୨୦।୨(ଦିନେଶ ମିଶ୍ର):** ରାଉରକେଲାର ଚକ୍ଷୁ ବିଶେଷଜ୍ଞ ଡାକ୍ତର ରାମଚନ୍ଦ୍ର ମେହେର ଇଣ୍ଡୋ-ବାଙ୍ଗଲାଦେଶ ଫ୍ରେଣ୍ଡଶିପ୍ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଡାକ୍ତର ମେହେର ଏହି ପୁରସ୍କାର ବାଙ୍ଗଲାଦେଶ ସ୍ଥିତ ଗୋପାଳଗଞ୍ଜରେ ଥିବା ଚକ୍ଷୁ ଚିକିତ୍ସାଳୟ ଓ ଅସ୍ତ୍ରୋପ୍ରଚାର ଗବେଷଣା କେନ୍ଦ୍ରରେ ଗତ ୧୭ ତାରିଖରେ ପାଇଥିଲେ। ରାଉରକେଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଡାକ୍ତର ମେହେର ଦୀର୍ଘ ୪୩ ବର୍ଷ ଧରି ୫ ହଜାରରୁ ଊର୍ଦ୍ଧ୍ୱ ଚକ୍ଷୁରୋଗୀଙ୍କୁ ମାଗଣା ଚିକିତ୍ସା ଓ ଅସ୍ତ୍ରୋପ୍ରଚାର କରି ଏହି କୃତିତ୍ୱ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ରାଉରକେଲାର ଆଇଆଇଏମ୍ ଡାକ୍ତର ଓ ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ରାଉରକେଲା ସହରରେ ଡାକ୍ତର ମେହେର ଆଗାମୀ ଦିନରେ ଜନସାଧାରଣଙ୍କ ପାଇଁ ମାଗଣା ଚକ୍ଷୁ ଡାକ୍ତରଖାନା କରି ସେମାନଙ୍କ ସେବା କରିବେ ବୋଲି ସୂଚନା ଦେଇଛନ୍ତି।

# ରାଉରକେଲାକୁ ସ୍ୱତନ୍ତ୍ର ରେଳ ଡିଭିଜନ ଦାବି



ରେଲୱେ ବୈଠକରେ ଉପସ୍ଥିତ ସଦସ୍ୟଗଣ।

ରାଉରକେଲା,୨୦।୨(ଦିନେଶ ମିଶ୍ର)

ରାଉରକେଲାକୁ ସ୍ୱତନ୍ତ୍ର ରେଳ ଡିଭିଜନ ଓ କଟକରୁ ରାଉରକେଲା ଭାୟା ଡଙ୍ଗାପୋସି ଯାଏ ଦୁଇଯୋଡା ଏକ୍ସପ୍ରେସ ଟ୍ରେନ ଚଳାଚଳ ଭଳି ଦାବି ହୋଇଛି। ରାଉରକେଲାର ରେଲୱେ ଅବଜର୍ଭର ଭାବେ କାର୍ଯ୍ୟରତ ସଦସ୍ୟ ପ୍ରଫେସର ଡକ୍ଟର ସୁବାସ ଚନ୍ଦ୍ର ଲେଙ୍କା ଡିଆରସିୟୁସି ବୈଠକରେ ଚକ୍ରଧରପୁର ରେଳ ପ୍ରବନ୍ଧକ ଅରୁଣ ରାଠୋରଙ୍କ ନିକଟରେ ଦାବି କରିଛନ୍ତି। ଚକ୍ରଧରପୁର ରେଳ ମଣ୍ଡଳ ଅଧୀନରେ ଥିବା ୮ଟି ରେଳ ଷ୍ଟେଶନର ୫୧ଟି ଦାବି ସହିତ ରାଉରକେଲାରୁ ଭଦ୍ରକ ପର୍ଯ୍ୟନ୍ତ ଦୁଇଯୋଡା ଇଣ୍ଟରସିଟି ତୁରନ୍ତ ଚଳାଇବା ପାଇଁ ପ୍ରଫେସର ଲେଙ୍କା ରେଲୱେ ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଉରକେଲା ଏକ ବୃହତଶିଳ୍ପ କ୍ଷେତ୍ର ସହିତ ସ୍ମାର୍ଟସିଟି ଓ ଜନବହୁଳ ଅଞ୍ଚଳ। ଏହାର ଭିତ୍ତିଭୂମି ଅତ୍ୟନ୍ତ ଉଚ୍ଚକୋଟୀର। ରାଉରକେଲାରୁ ରେଳବାଇ ପ୍ରତିବର୍ଷ କୋଟି କୋଟି ଟଙ୍କା ରାଜସ୍ୱ ମଧ୍ୟ ପାଉଛି। ଏହିପରି ସ୍ଥଳେ ରାଉରକେଲାକୁ ଏକ ରେଳ ମଣ୍ଡଳ ମାନ୍ୟତା ଦେବା ନିତାନ୍ତ ଜରୁରୀ ବୋଲି ଲେଙ୍କା ସୂଚିତ କରିଥିଲେ।

# ରାସ୍ତା ମରାମତି ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ



ବିଶ୍ରା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୨୦।୨(ଦିନେଶ ମିଶ୍ର)

ବନ୍ଧମୁଣ୍ଡା କୁକୁଡା ଗେଟ୍‌ଠାରୁ ବିଶ୍ରା ପର୍ଯ୍ୟନ୍ତ ରାସ୍ତାକୁ ପୁନଃ ମରାମତି ପାଇଁ ତୃଣମୂଳ କଂଗ୍ରେସ ଅଧ୍ୟକ୍ଷ ଜାହାଙ୍ଗୀର ହକ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ବିଶ୍ରା ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତା ଖୋଳି ହୋଇଯାଇଥିବାରୁ ଯାତାୟାତରେ ଅସୁବିଧା ହେଉଛି। ବିଭିନ୍ନ ସମୟରେ ଭାରିଯାନ ଯାତାୟାତ କରୁଥିବାବେଳେ ଦୁର୍ଘଟଣା ହେଉଛି। ଆଜିକୁ ବହୁ ବର୍ଷଧରି ରାସ୍ତାଟି ମରାମତି ହୋଇନାହିଁ। ତେଣୁ ଏହାକୁ ତୁରନ୍ତ ମରାମତି କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ତେବେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ ଶୀଘ୍ର ଏହି ରାସ୍ତା ମରାମତି କାମ ଆରମ୍ଭ ହେବ ବୋଲି ବିଡିଓ ଜଗନ୍ନାଥ ହନୁମାନ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଆର୍‌ଏସ୍‌ପି-ଅଷ୍ଟ୍ରିଆ ଜିଏମ୍‌ବିଏଚ୍ ବୁଝାମଣାପତ୍ର ସ୍ୱାକ୍ଷରିତ



ବୁଝାମଣା ସ୍ୱାକ୍ଷରିତ ପତ୍ର ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୦।୨(ବିପ୍ଳବ ରଞ୍ଜନ ଦାଶ)

**କାର୍ବନ ନିର୍ଗମନ ହ୍ରାସ ପ୍ରସଙ୍ଗ**

ଆର୍‌ଏସ୍‌ପି ନେଟ୍ କାର୍ବନ ନିରପେକ୍ଷ ହେବା ଏବଂ ପରିବେଶ ଅନୁକୂଳ ଇସ୍ପାତ ନିର୍ମାଣ କ୍ଷେତ୍ରରେ ପ୍ରଗତି ଆଣିବା ଉଦ୍ଦେଶ୍ୟରେ ମେସର୍ସ ପ୍ରାଇମେଟାଲ ଟେକ୍ନୋଲୋଜି, ଅଷ୍ଟ୍ରିଆ ସହ ଗୁରୁବାର ଆରଏସପି ବୁଝାମଣାପତ୍ର ସ୍ୱାକ୍ଷର କରିଛି। ପରିବେଶ ଅନୁକୂଳ ଇସ୍ପାତ ଶିଳ୍ପ ଗଠନରେ ଆବଶ୍ୟକ ଥିବା ଧାତବଶିଳ୍ପ ଜନିତ ଅନୁକୂଳ ପରିବେଶ ଏବଂ ନିପୁଣ ଶକ୍ତି ପ୍ରଦାନରେ ମେସର୍ସ ପ୍ରାଇମେଟାଲ ଟେକ୍ନୋଲୋଜି ବଜାରରେ ଖ୍ୟାତିଅର୍ଜନ କରିଥିବାରୁ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ସ୍କଟଲାଣ୍ଡ ଗ୍ଲାସଗୋ ସିଓପି-୨୬ ଶିଖର ସମ୍ମିଳନୀରେ ପ୍ରଦାନ କରାଯାଇଥିବା କାର୍ବନ ନିର୍ଗମନ ହ୍ରାସ ଲକ୍ଷ୍ୟ ସହିତ ଇସ୍ପାତ ନିର୍ମାଣ ପ୍ରକ୍ରିୟାର ଡିକାର୍ବୋନାଇଜେଶନ ପାଇଁ ରୂପରେଖ ପ୍ରସ୍ତୁତିରେ ଏହାର ପାରିଦର୍ଶିତା ଆରଏସ୍‌ପିକୁ ସହଯୋଗ କରିବ। ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ ଆରଏସ୍‌ପି ପକ୍ଷରୁ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ପ୍ରାଇମେଟାଲ ଟେକ୍ନୋଲୋଜି ଜିଏମ୍‌ବିଏଚ୍ କାର୍ଯ୍ୟ ନିର୍ବାହୀ ଭି.ପି. ନୋବର୍ଟ ପିଟର ମାୟର ଏବଂ ଇଡି ଓ ସିଇଓ ହିଟୋସୀ କାୱାନୋ ସ୍ୱାକ୍ଷର କରିଥିଲେ। ଇଡି ସମ୍ମିଳନୀ କକ୍ଷ ଠାରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟବଂଶୀ କହିଥିଲେ ଯେ, ଏହି ଲକ୍ଷ୍ୟ ହାସଲରେ ପ୍ରାଇମେଟାଲ ସହଭାଗୀ ଆରଏସ୍‌ପିକୁ ଅଗ୍ରସର କରାଇବ। ଏଥିସହ ସହଭାଗିତା ନେଇ ନବର୍ଟ ପିଟର ମାୟର ମଧ୍ୟ ଖୁସିବ୍ୟକ୍ତ କରିଥିଲେ। ଏହି ସମାରୋହରେ ପ୍ରାଇମେଟାଲ ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ଭିପି ଓ ଗ୍ରୀନ୍ ଷ୍ଟିଲ୍‌ର ମୁଖ୍ୟ ବିଶ୍ୱଦୀପ ଭଟ୍ଟାଚାର୍ଯ୍ୟ ଓ ଇନ୍ଦ୍ରନୀଲ ଚକ୍ରବର୍ତ୍ତୀ, ସିନିୟର ଭିପି ଏବଂ ଗ୍ରୀନ ଷ୍ଟିଲର ମୁଖ୍ୟ ଡକ୍ଟର ଆଲେକଜାଣ୍ଡେର ଫ୍ଲିସଚାଣ୍ଡର, ପ୍ରାଇମେଟାଲ ଟେକ୍ନୋଲୋଜିର ଆଞ୍ଚଳିକ ବିକ୍ରୟ ଅଧିକାରୀ ମାର୍କସ ବର୍ଗ ହୋଲଜର, ଭିପି ଏବଂ ସିଇଓ ଅରୁଣୋଭା ବାନାର୍ଜୀ ଭିଡିଓ କନଫରେନ୍ସ ମାଧ୍ୟମରେ ସାମିଲ ହୋଇଥିଲେ। ପ୍ରାରମ୍ଭରେ ସିଜିଏମ ଇନ୍‌ଚାର୍ଜ ସର୍ଭିସେସ ଏମ୍.ଏନ. ଭି.ଏସ. ପ୍ରଭାକର ସ୍ୱାଗତ କରିଥିବା ବେଳେ ପରିବେଶ ଇଞ୍ଜିନିୟରିଂ ବିଭାଗ ଜିଏମ୍ ଇନଚାର୍ଜ ପି. ସି ଦାଶ ଧନ୍ୟବାଦ ଦେଇଥିଲେ।

# ସାଇବର ଠକେଇ ମାମଲା: ଆଉ ଜଣେ ଅଭିଯୁକ୍ତ ଗିରଫ

ରାଉରକେଲା,୨୦।୨(ସଙ୍ଗୀତା ଜେନା)

୧୫ କୋଟି ଟଙ୍କା ସାଇବର ଠକେଇ ମାମଲାର ତଦନ୍ତ କରି ଗତ ଜାନୁଆରୀ ମାସରେ ରାଉରକେଲା ସାଇବର ଥାନା ପୋଲିସ ୬ ଜଣଙ୍କୁ ଗିରଫ କରିଥିବା ବେଳେ ମଙ୍ଗଳବାର ଆଉ ଜଣେ ଅଭିଯୁକ୍ତଙ୍କୁ ତାମିଲନାଡୁ କନ୍ୟାକୁମାରୀରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୁବେନ ଧୁରେଇ। ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୩୦ତାରିଖରେ ଜଣେ କେନ୍ଦ୍ରୀୟ ବରିଷ୍ଠ ଅଧିକାରୀଙ୍କ ଆକାଉଣ୍ଟରୁ ୬୭ ଲକ୍ଷ ୭୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ସେ ରାଉରକେଲା ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୯/୨୩) ରୁଜୁ କରି ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଏହା ଅନ୍ତର୍ଜାତୀୟ ଅପରାଧ ସହିତ ଜଡିତ ଓ ଏଥିରେ ବହୁ ସଂସ୍ଥା ସଂଶ୍ଳିଷ୍ଟ ଥିବା ଜଣାପଡିବା ପରେ ଭାରତୀୟ ସାଇବର୍ ଏକ୍ସପର୍ଟଙ୍କ ସହାୟତା ନିଆଯାଇଥିଲା ଏବଂ ରାଉରକେଲା ପୋଲିସ୍ ୬ଜଣଙ୍କୁ ଗିରଫ କରିଥିଲା।

# ରାଉରକେଲାରୁ ରାମଭକ୍ତ ଗଲେ ଅଯୋଧ୍ୟା



ରାଉରକେଲା ରେଳ ଷ୍ଟେଶନରେ ଯାତ୍ରୀମାନଙ୍କୁ ସ୍ୱାଗତ କରାଯାଉଛି।

ରାଉରକେଲା,୨୦।୨(ସଙ୍ଗୀତା ଜେନା)

ରାଉରକେଲା, ରଘୁନାଥପଲ୍ଲୀ, ବିରମିତ୍ରପୁର, ରାଜଗାଙ୍ଗପୁର, ବଣେଇ ଆଦି ୫ଟି ନିର୍ବାଚନ ମଣ୍ଡଳୀରୁ ପ୍ରାୟ ୪୨୦ ଜଣ ରାମଭକ୍ତ ମଙ୍ଗଳବାର ସକାଳେ ଯାତ୍ରା କରିଛନ୍ତି। ସେମାନେ ଅଯୋଧ୍ୟା ଯାତ୍ରା ପାଇଁ ରେଲୱେର 'ଆସ୍ଥା ସ୍ପେଶାଲ' ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ଅଯୋଧ୍ୟା ଅଭିଯାନର ଜିଲା ସଂଯୋଜକ ଗଙ୍ଗାଧର ଦାଶ ଏହାର ନେତୃତ୍ୱ ନେଇଛନ୍ତି। ତେବେ ଯାତ୍ରା ପୂର୍ବରୁ ବିରମିତ୍ରପୁର ବିଧାୟକ ଶଙ୍କର ଓରାମ, ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକ, ବରିଷ୍ଠ ନେତା ନିହାର ରାୟ, ଜଗବନ୍ଧୁ ବେହେରା, ରୋହିତ ତନ୍ତୀ, କେଦାର ପ୍ରିୟଦର୍ଶୀ, ଶଶାଙ୍କ ଜେନା, ଦିଲୀପ ପଟ୍ଟନାୟକ, ମନୋରଞ୍ଜନ ମୁନୀ, ମଳୟ ମହାପାତ୍ରଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚି ରାମଭକ୍ତମାନଙ୍କୁ ସ୍ୱାଗତ କରିଥିଲେ। ସେହିପରି ଝାରସୁଗୁଡ଼ା, ସମ୍ବଲପୁରର ବହୁ ଭକ୍ତ ଏହି ଟ୍ରେନରେ ଯାତ୍ରା କରିଥିବା ଜଣାପଡିଛି।

# ଯୁବସମାଜ ବହୁମୂଲ୍ୟ ମତକୁ ସଦ୍‌ବିନିଯୋଗ କରନ୍ତୁ

**ଯୁବଭୋଟର ସଚେତନତା ଶିବିର ଉଦ୍‌ଯାପିତ**

ରାଉରକେଲା,୨୦।୨(ବିପ୍ଳବ ରଞ୍ଜନ ଦାଶ)

ବେଦବ୍ୟାସ ସ୍ଥିତ ଗୁରୁକୁଳ ସଂସ୍କୃତ କଲେଜରେ ସୁନ୍ଦରଗଡ଼ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଚାଲିଥିବା ଯୁବଭୋଟର ସଚେତନତା ଶିବିର ଉଦ୍‌ଯାପିତ ହୋଇଯାଇଛି। ସଂସ୍କାର ଅନୁଷ୍ଠାନର ସମ୍ପାଦକ ଡାକ୍ତର ଅମୂଲ୍ୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ଡାକ୍ତର ଉମାକାନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବସମାଜ ନିଜ ବହୁମୂଲ୍ୟ ମତାମତକୁ ପ୍ରତ୍ୟେକ ନିର୍ବାଚନରେ ସଦ୍‌ବିନିଯୋଗ କରି ଗଣତନ୍ତ୍ରକୁ ସଶକ୍ତ କରିବା ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପିକା ଡ. ପରମେଶ୍ୱର ଶତପଥୀ, କାଳୀକିଙ୍କର ପଣ୍ଡା, କେଦାର ନାଥ ପାଢୀ, ଚନ୍ଦ୍ରଧ୍ୱଜ ମାଝୀ, ଶ୍ୟାମମାଳା ଦାସ, ସନ୍ତୋଷ କୁମାର ଲେଙ୍କା, ରବିନ୍ଦ୍ର କୁମାର ପୃଷ୍ଟି ଏବଂ ଶିବ ପ୍ରସାଦ ତ୍ରିପାଠୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ନୂତନ ପଞ୍ଜୀକରଣ, ନୂତନ ଭୋଟର ପରିଚୟପତ୍ର କରିବାର ନିୟମ ଏବଂ ପଦ୍ଧତି ଉପରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଏହାସହିତ ମତଦାନ ଅଧିକାର ଓ କର୍ତ୍ତବ୍ୟବୋଧ ଉପରେ ଆଲୋକପାତ କରିଥିଲେ। ପରେ ଡାକ୍ତର ଅମୂଲ୍ୟ କୁମାର ଜେନ ଛାତ୍ରୀଛାତ୍ରଙ୍କୁ ମତଦାତା ପ୍ରମାଣପତ୍ର ପଞ୍ଜୀକରଣ କୌଶଳ ଶିଖାଇଥିଲେ। ଶେଷରେ ଅଧ୍ୟାପିକା ଶ୍ୟାମାମାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ଶିବିରରେ ମଞ୍ଚାସୀନ ଅତିଥି।

# ୨୨ କେନ୍ଦ୍ରରେ ପରୀକ୍ଷା ଦେଲେ ୪୯୭୪ ଛାତ୍ରୀଛାତ୍ର



ରାଉରକେଲାର ମଧୁସୂଦନ ଶିକ୍ଷା ନିକେତନ କେନ୍ଦ୍ରରେ ବିଦ୍ୟାର୍ଥୀମାନେ ପରୀକ୍ଷା ଦେଉଛନ୍ତି।



ଉଦିତନଗର ସେଣ୍ଟରରେ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି।

ରାଉରକେଲା,୨୦।୨
(ଦିନେଶ ମିଶ୍ର/ସଙ୍ଗୀତା ଜେନା)

ଉଚ୍ଚ ମାଧ୍ୟମିକ ଶିକ୍ଷାବୋର୍ଡ ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବିଶ୍ରା ବ୍ଲକ ସମେତ ରାଉରକେଲା ସହରରେ ମୋଟ୍ ୨୨ଟି କେନ୍ଦ୍ରରେ ୫୦୯୨ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ପ୍ରଥମ ଦିନ ମାତୃଭାଷାରେ ୪୯୭୪ଜଣ ପରୀକ୍ଷା ଦେଇଥିବା ବେଳେ ୧୧୮ ଜଣ ଅନୁପସ୍ଥିତ ରହିଛନ୍ତି। ରାଉରକେଲାରେ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ରକୁ କଡା ସୁରକ୍ଷା

**ରାଉରକେଲା**

ବଳୟରେ ରଖିବା ପାଇଁ ଉଦିତନଗର ସରକାରୀ ହାଇସ୍କୁଲ, ସେକ୍ଟର-୨୦ ଏନ୍‌ଏସି (ଏସ୍‌ଟି) ହାଇସ୍କୁଲ ଓ ସେକ୍ଟର-୧୮ ବିବେକାନନ୍ଦ ହାଇସ୍କୁଲ ଆଦି ୩ଟି ନୋଡାଲ ସେଣ୍ଟରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଏହି ନୋଡାଲ ସେଣ୍ଟରଗୁଡିକରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ସକାଳ ସାଢେ ୭ଟାରେ ପ୍ରଶ୍ନପତ୍ର ପୋଲିସ ସୁରକ୍ଷାରେ ପହଞ୍ଚାଯାଇଥିଲା। ପରୀକ୍ଷାର ଘଣ୍ଟାଏ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରକୁ ଛଡାଯାଇଥିଲା। ୪୫ ମିନିଟ୍ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା ଏବଂ ସକାଳ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। ରାଉରକେଲାର ୭୦ଟି ହାଇସ୍କୁଲର ଛାତ୍ରୀଛାତ୍ର ୨୨ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଆଡମିଟ୍ କାର୍ଡ ଓ କମ୍ପାସ୍ ବକ୍ସ ବ୍ୟତୀତ ପରୀକ୍ଷା ହଲ୍‌କୁ କୌଣସି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ, ବ୍ୟାଗ୍ ଛଡାଯାଇ ନ ଥିଲା। ମାଟ୍ରିକ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ପୋଲିସ ପକ୍ଷରୁ କଡାକଡି ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ଦିନ ମାତୃଭାଷା ଓଡ଼ିଆ ବିଷୟ ଥିବାବେଳେ କୌଣସି ସ୍ଥାନରେ କପି କିମ୍ବା ଗଣ୍ଡଗୋଳ ହୋଇ ନ ଥିବା ବିଶ୍ରା ବିଇଓ ବେଣୁଧର ସ୍ୱାଇଁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ସୁନ୍ଦରଗଡ ଜିଲାରେ ୧୧୭ଟି କେନ୍ଦ୍ରରେ ମୋଟ ୨୪,୬୮୩ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାକୁ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୪,୬୩୦ ଛାତ୍ରୀଛାତ୍ର ରେଗୁଲାର ଏବଂ ୫୭ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଜିଲାର ମୋଟ ୪୦୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ମୋଟ ୨୦ଟି ନୋଡାଲ ସେଣ୍ଟର କରାଯାଇଛି। ଏବର୍ଷ ମାଟ୍ରିକ ପରୀକ୍ଷାରେ ଜିଲାରେ ବାଳକ ଅପେକ୍ଷା ବାଳିକାଙ୍କ ସଂଖ୍ୟା ଅଧିକ ରହିଛି ବୋଲି ଜଣାପଡିଛି।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା,୨୦ା୨(ବିରଞ୍ଚ ଦର୍ଜୀ):** କୁଚିଣ୍ଡା ଥାନା ଅନ୍ତର୍ଗତ ଡିମିରିମୁଣ୍ଡା ପଞ୍ଚାୟତ ସୁଇପଦର ଗ୍ରାମରେ ହୋଇଥିବା ଚୋରି ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରିଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁଇପଦର ଗ୍ରାମର ସୁରେଶ କିଷାନ (୩୧)। ଏ ନେଇ ପୋଲିସ ଆଇପିସି ଦଫା ୪୫୪/୩୮୦ରେ ମାମଲା (ନଂ.୮୦/୨୪) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ତାଙ୍କଠାରୁ ୩୮,୪୯୦ଟଙ୍କା ଜବତ କରି ଅଭିଯୋଗକାରୀଙ୍କୁ ଫେରସ୍ତ କରିଥିବା ଆଇଆଇସି ଦିଲୀପ ସ୍ୱାଇଁ କହିଛନ୍ତି। ସୂଚନା ଅନୁଯାୟୀ, ସୁଇପଦର ଗ୍ରାମର ଗଜିନ୍ଦ୍ର କିଷାନ ସପରିବାର ସୋମବାର ଘରେ ତାଲା ପକାଇ ଗ୍ରାମର ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ଅପରାହ୍ନରେ ସେ ଘରକୁ ଫେରି କେହି ଦୁର୍ବୃତ୍ତ ଘର କବାଟ ଭାଙ୍ଗି ୭୫ହଜାର ଟଙ୍କା ଚୋରିକରି ନେଇଥିବା ଦେଖିଥିଲେ। ଏ ସମ୍ପର୍କରେ ସେ କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ।


ଗିରଫ ଅଭିଯୁକ୍ତ।

### ଅଗ୍ନିକାଣ୍ଡରେ ୨ବଖରା ଭସ୍ମୀଭୂତ

**ନାକଟିଦେଉଳ,୨୦ା୨(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରା.ପ. ଅନ୍ତର୍ଗତ କେଲୋବେର୍ଣ୍ଣି ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଏକ ପରିବାରର ଦୁଇ ବଖରା ଭସ୍ମୀଭୂତ ହୋଇଯାଇଛି। ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ସାଢେ ତିନିଟା ସମୟରେ କେଲୋବେର୍ଣ୍ଣି ଗ୍ରାମ ହରିଜନ ସାହିର ଶତ୍ରୁ ନାଏକଙ୍କ ଘରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ନାକଟିଦେଉଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଘର ସହ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ବିଦ୍ୟୁତ୍ ଶର୍ଟ୍‌ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

### ବିଦେଶୀ ମଦ ଜବତ, ୨ ଗିରଫ

**କୁଚିଣ୍ଡା,୨୦ା୨(ବିରଞ୍ଚ ଦର୍ଜୀ):** କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୫ ବଡପଡ଼ାରେ କୁଚିଣ୍ଡା ପୋଲିସ ଚଢାଉ କରି ବିଭିନ୍ନ ବ୍ରାଣ୍ଡର ପ୍ରାୟ ୮ଲିଟର ବିଦେଶୀ ମଦ ଜବତ କରିଛି। ଏହାସହ ବେଆଇନ ଭାବେ ମଦରଖି ବିକ୍ରି କରୁଥିବା ବଡପଡାର ଧୀର କିଷାନ (୨୪)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ (ନଂ.୮୧/୨୪)ଏକ ଅବକାରୀ ମାମଲା ରୁଜୁ ହୋଇଛି। ସୋମବାର କୁଚିଣ୍ଡା ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ବିଶସ୍ତ ସୂତ୍ରରୁ ଖବରପାଇ ବଡପଡା ଅଞ୍ଚଳରେ ଚଢାଉ କରି ବିଦେଶୀ ମଦ ଜବତ କରିଥିଲା। ସେହିପରି ମହୁଲପାଲି ପୋଲିସ କେଶାଇବାହାଲଠାରେ ଚଢାଉ କରି ସାଢେ ୪ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଓ ୫ଲିଟର ଦେଶୀ ମଦ ଜବତ କରିଛି। ବେଆଇନ ମଦ ରଖି ବିକ୍ରି କରୁଥିବା ଅଭିଯୋଗରେ କେଶାଇବାହାଲ ଗ୍ରାମର ଦୁତିଆ କିଷାନ (୫୦)ଙ୍କୁ ଗିରଫ କରି ମହୁଲପାଲି ଥାନାରେ ଏକ ଅବକାରୀ ମାମଲା ରୁଜୁ କରିଛି। ପୋଲିସ ଏହି ଦୁଇ ମଦ ବେପାରୀଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

# ଓଡ଼ିଶାର ସଂସ୍କୃତି, ସ୍ୱାଭିମାନକୁ ଉଚିତ ସମ୍ମାନ ମିଳିଛି: କେନ୍ଦ୍ରମନ୍ତ୍ରୀ

- ଭୀମ ଭୋଇ, ଗଙ୍ଗାଧର ମେହେରଙ୍କ ଉପରେ ଡାକ ଟିକେଟ ଉନ୍ମୋଚନ
- ୫ ଜିଲାର ୪୨ ଡାକଘର ଉଦ୍‌ଘାଟିତ

ସମ୍ବଲପୁର,୨୦ା୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଥକବି ଭୀମ ଭୋଇ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ୮ ଗୋଟି ଡାକ ଟିକେଟକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉନ୍ମୋଚନ କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଓଡ଼ିଶାର ସଂସ୍କୃତି, ସଭ୍ୟତା ଓ ସ୍ୱାଭିମାନକୁ ମୋଦି ସରକାରରେ ଉଚିତ ସମ୍ମାନ ମିଳିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ପଶ୍ଚିମ ଓଡ଼ିଶାର ନୂଆଁଖାଇ, ଶୀତଳଷଷ୍ଠୀ, ସମ୍ବଲପୁରୀ ବାନ୍ଧ, ସମ୍ବଲପୁରୀ ନୃତ୍ୟ ଉପରେ ଗୋଟିଏ ଲେଖାଏ ଏବଂ ଧନୁଯାତ୍ରା ଉପରେ ଦୁଇଟି ଡାକ ଟିକେଟ ଉନ୍ମୋଚନ କରାଯାଇଥିଲା। ଏହାସହ ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଆଦି ୫ ଜିଲାର ୪୨ଟି ଡାକଘର ଉଦ୍‌ଘାଟନ କରାଯାଇଥିଲା।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଆଜି ଓଡ଼ିଶା ପାଇଁ ବଡ ସମ୍ମାନ ଓ ରାଜ୍ୟବାସୀଙ୍କ ପାଇଁ ଆନନ୍ଦ ଉଲ୍ଲାସର କ୍ଷଣ। ୨୦୩୬ ଏପ୍ରିଲ ୧ରେ ଓଡ଼ିଶା ପ୍ରଥମ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବ। ଓଡ଼ିଆ ଆଧୁନିକ କାବ୍ୟ ସାହିତ୍ୟର ମହାନ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀର ଶତବାର୍ଷିକୀ ମଧ୍ୟ ପାଳନ ହେବାକୁ ଆଉ ମାତ୍ର କିଛି ଦିନ ବାକି ଅଛି। ଏହି ସମୟରେ ଭାରତୀୟ ଡାକ ବିଭାଗ ପକ୍ଷରୁ ତାଙ୍କ ଉପରେ ଡାକ ଟିକେଟ ଉନ୍ମୋଚନ ହେବା ଗୌରବର ବିଷୟ। ସେହିପରି ସନ୍ଥକବି ଭୀମ ଭୋଇ ମହିମା ଧର୍ମର ମହାନ ପ୍ରଚାରକ ଥିଲେ। ତାଙ୍କ ଜୀବନୀ ଆମ ସମସ୍ତଙ୍କ ପାଇଁ ଆଦର୍ଶ। ତାଙ୍କ ଉପରେ ଡାକ ଟିକେଟ ଉନ୍ମୋଚନ କରି ଭୀମ ଭୋଇଙ୍କୁ ସମ୍ମାନିତ କରିଥିବାରୁ ଧର୍ମେନ୍ଦ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରଙ୍ଗବତୀ ଗୀତର ତିନି ଜଣ ସ୍ରଷ୍ଟାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରି ମୋଦି ସରକାର ସମ୍ବଲପୁରୀ ଲୋକକଳାକୁ ଜାତୀୟ ସ୍ୱୀକୃତି ଦେବା ସହ ସମ୍ବଲପୁର ତଥା ଓଡ଼ିଶାକୁ ସମ୍ମାନିତ କରିଛନ୍ତି। ଆଜି ସମ୍ବଲପୁର ସହ ଜଡ଼ିତ ପାରମ୍ପରିକ କଳା ଓ ଐତିହ୍ୟ ଉପରେ ଡାକ ଟିକେଟ ଉନ୍ମୋଚନ ହେବା ଦ୍ୱାରା ଆମର କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ହେବ। ସେହିପରି ବର୍ତ୍ତମାନ ସମୟରେ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ଦିଗରେ ଉଦ୍‌ଘାଟିତ ଅତ୍ୟାଧୁନିକ ଡାକଘରର ଅଗ୍ରଣୀ ଭୂମିକା ରହିବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସମ୍ବଲପୁର ବୀରଗାଥାର ପ୍ରତୀକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ। ୧୮୫୭ ମସିହା ବିଦ୍ରୋହରେ ସେ ଓ ତାଙ୍କ ସହଯୋଗୀମାନେ ଦେଶକୁ ସ୍ୱାଧୀନତା ଦେବା ପାଇଁ ଇଂରେଜମାନଙ୍କ ସହ ବୀରତ୍ୱର ସହ ଲଢ଼ି ବଳିଦାନ ଦେଇଥିଲେ। ବୀର ସୁରେନ୍ଦ୍ର ସାଏ ମଧ୍ୟପ୍ରଦେଶର ଆସିରଗଡ ଦୁର୍ଗରେ ଶେଷ ଜୀବନ କାଟିଥିଲେ। ଏହି ପରିପ୍ରେକ୍ଷୀରେ ସେ ମଧ୍ୟପ୍ରଦେଶର ଆସିରଗଡ ଦୁର୍ଗରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସହ ସ୍ମାରକୀ ସ୍ଥାପନା ପାଇଁ ପତ୍ର ଲେଖିଥିଲେ। ଅବିଳମ୍ବେ ଏ ଦିଗରେ ପଦକ୍ଷେପ ନେବା ପାଇଁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ସେହି ସ୍ଥାନରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ନିର୍ମାଣ ସହ ସ୍ମାରକୀ ସ୍ଥାପନା ହେଲେ ସମ୍ବଲପୁର ଅଞ୍ଚଳର ସ୍ୱାଭିମାନ ଓ ଆକାଂକ୍ଷା ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମିଲ ହୋଇ ନିଜର ଅଭିଭାଷଣ ରଖିଥିଲେ।


ଡାକ ଟିକେଟ ଉନ୍ମୋଚନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

### ବନ୍ଦୀମାନଙ୍କ ଅଧିକାର ଓ ଜେଲ ସଂସ୍କାର ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୨୦ା୨(ବି.ଶଙ୍କର)

ବିଶ୍ୱ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ମଙ୍ଗଳବାର ଲଜପତ ରାୟ ଆଇନ ମହାବିଦ୍ୟାଳୟ ସଭାକକ୍ଷଠାରେ ବନ୍ଦୀମାନଙ୍କ ଅଧିକାର ଓ ଜେଲ ସଂସ୍କାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ଏଥିରେ ପୌରୋହିତ୍ୟ କରିଥିଲେ। ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶ୍ରୀବନ୍ତ ଦାଶ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ଅଧ୍ୟାପିକା ଡ. ଦୀପ୍ତିରେଖା ମହାପାତ୍ର, ବରିଷ୍ଠ ସରକାରୀ ଓକିଲ ରାଜ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ଦୀମାନଙ୍କ ଅଧିକାର ଓ ବର୍ତ୍ତମାନ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସହକାରୀ ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ଚାନ୍ଦିନୀ ମିଶ୍ର, ନିଲୁ ଶର୍ମା, ତନିସ୍କା ସିଂହ, ଅମ୍ରିତା ଗଙ୍ଗଦେବ, କୋମଳ ଶର୍ମା ଓ ଛାତ୍ର ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସହକାରୀ ଅଧ୍ୟାପକ ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର ପ୍ରାଣୀ ଉଦ୍ୟାନକୁ ଆସିଲେ ୮ କୁଜି ହରିଣ


ସମ୍ବଲପୁର ବନ୍ୟପ୍ରାଣୀ ଉଦ୍ୟାନକୁ ଆସିଥିବା କୁଜି ହରିଣ।

ସମ୍ବଲପୁର,୨୦ା୨(ଭବାନୀ ଶଙ୍କର ଭୋଇ)

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ସମ୍ବଲପୁର ପ୍ରାଣୀ ଉଦ୍ୟାନକୁ ମଙ୍ଗଳବାର ନନ୍ଦନକାନ ପ୍ରାଣୀ ଉଦ୍ୟାନରୁ ୮ଟି କୁଜି ହରିଣ ଆସିଛନ୍ତି। ଏହା ମଧ୍ୟରୁ ୪ଟି ପୁରୁଷ ଓ ଅନ୍ୟ ଚାରୋଟି ମାଈ ହରିଣ ବୋଲି ଜଣାପଡିଛି। ଏହି କୁଜି ହରିଣ ପ୍ରାୟତଃ ଦକ୍ଷିଣପୂର୍ବ ଏସିଆ, ଆମେରିକା ଓ ଅଷ୍ଟ୍ରେଲିଆରେ ଦେଖାଯାଇଥାନ୍ତି। ଏମାନଙ୍କୁ ଇଣ୍ଡୋଚିନ ବୋଲି କୁହାଯାଏ। ଏହି ହରିଣମାନେ ସବୁବେଳେ ମୁଣ୍ଡ ତଳକରି ଚାଲୁଥିବାରୁ ଏମାନଙ୍କୁ ଉତ୍ତର ଭାରତରେ କୁଜି ହରିଣ ବୋଲି କୁହାଯାଇଥାଏ। ଏହି ଧରଣର ହରିଣମାନଙ୍କ ଶରୀର ଛୋଟ ଓ ଗୋଡ ବଡ ରହିଥାଏ, ଯାହା ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ଯଥେଷ୍ଟ ସମ୍ବର ରହିଛନ୍ତି। କୁଜି ହରିଣ ବଦଳରେ ସମ୍ବଲପୁର ପ୍ରାଣୀ ଉଦ୍ୟାନରୁ ୫ଟି ସମ୍ବର (୨ ପୁରୁଷ ଓ ୩ ମାଈ) ନନ୍ଦନକାନନ ପଠାଯିବ। ସମ୍ବଲପୁରରେ ପହଞ୍ଚିଥିବା କୁଜି ହରିଣମାନଙ୍କୁ ଏକମାସ ପାଇଁ କ୍ୱାରାଣ୍ଟିନରେ ରଖାଯିବ। ପରେ ସେମାନଙ୍କୁ ଦର୍ଶକ ଦେଖିବାର ସୁଯୋଗ ପାଇପାରିବେ। ବର୍ତ୍ତମାନ ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ୧୮ ପ୍ରକାରର ପ୍ରାଣୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ଚିତାବାଘ, ଭାଲୁ, ସମ୍ବର, ଚୌସିଙ୍ଗା, ହରିଣ, ପାଇଥନ୍, ମୟୂର ଓ ରଙ୍ଗୀନ ପକ୍ଷୀ ଆକର୍ଷଣର କେନ୍ଦ୍ର ପାଲଟିଛନ୍ତି। ଆଗାମୀ ବର୍ଷରେ ପ୍ରାଣୀ ଉଦ୍ୟାନକୁ ଆହୁରି ଆକର୍ଷିତ କରିବା ପାଇଁ ବାଘ, ନିଳଗାଇ, ଭାଲୁ, ୱାଇଲ୍ଡଡଗ୍ ଇତ୍ୟାଦି ପ୍ରାଣୀଙ୍କୁ ଅଣାଯିବାର ଯୋଜନା କରାଯାଉଥିବା ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

### ପୁରୁଣା ବସ୍‌ଷ୍ଟାଣ୍ଡ ବ୍ୟବସାୟୀଙ୍କ ସମସ୍ୟା ନେଇ ଆଲୋଚନା

ସମ୍ବଲପୁର,୨୦ା୨(ବି.ଶଙ୍କର)

ସମ୍ବଲପୁର ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସର ନବନିଯୁକ୍ତ ସଭାପତି ଜୟଶଙ୍କର ମିଶ୍ରଙ୍କୁ ସଂଘ କର୍ମକର୍ତ୍ତା ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ସେମାନେ ପୁରୁଣା ବସଷ୍ଟାଣ୍ଡର ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଥିଲେ। ପୁରୁଣା ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ସକାଶେ ଶୌଚାଳୟର ବ୍ୟବସ୍ଥା ନାହିଁ। ଏନେଇ ଜିଲା କଂଗ୍ରେସ କାର୍ଯ୍ୟକ୍ରମ ହାତକୁ ନେଉ ବୋଲି କର୍ମକର୍ତ୍ତାମାନେ ଆଲୋଚନା ସମୟରେ କହିଥିଲେ। ବ୍ୟବସାୟୀ ସଂଘର ପ୍ରତିନିଧି ଦଳରେ ଗୌରାଙ୍ଗ ମିତ୍ର, ଦଲଜିତ ସିଂ, ଦିନବନ୍ଧୁ ପ୍ରଧାନ, ସଞ୍ଜୟ ନାଏକ, ସୁରଜ ସ୍ୱାଇଁ, ଅଭିଷେକ ଦୋରା, ପ୍ରଦିପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଖଣ୍ଡୋକଟାରେ ୩୧ତମ ଧନୁଯାତ୍ରା ଉଦ୍‌ଘାଟିତ

### କଂସ ମହାରାଜଙ୍କ ରାଜ ଅଭିଷେକ

କୁଚିଣ୍ଡା,୨୦ା୨(ବିରଞ୍ଚ ଦର୍ଜୀ)

କୁଚିଣ୍ଡା ବ୍ଲକର ଖଣ୍ଡୋକଟାରେ ୩୧ତମ ଧନୁଯାତ୍ରା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟଅତିଥି, କୁଚିଣ୍ଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାଏକ, ସରପଞ୍ଚ କୁନି ସେଉଳ, ପୂର୍ବତନ ସରପଞ୍ଚ ମୀନା ନାଏକ, ପୂର୍ଣ୍ଣଚନ୍ଦ୍ର ପଟେଲ, ଧନିରାମ ନାୟକ, ଉପଦେଷ୍ଟା ସୁରେଶ ଚନ୍ଦ୍ର ପଟେଲ, ଅର୍ଜୁନ ଦ୍ୱିତୀୟାଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନରେ କଳସ ଶୋଭାଯାତ୍ରା କରାଯାଇ ଗୋପପୁରରେ କୃଷ୍ଣ ବଳରାମଙ୍କ ପ୍ରତିଷ୍ଠା ହୋମ ଯଜ୍ଞ ଆଦି କରାଯାଇଥିଲା। ସେହିପରି ମଥୁରା ନଗରୀରେ ଅତିଥିଙ୍କ ଦ୍ୱାରା ରାଜ ଦରବାର ଉଦ୍‌ଘାଟିତ ହୋଇଥିଲା। ପରେ ଉଗ୍ରସେନଙ୍କ ସିଂହାସନ ଆରୋହଣ, ଦେବକୀ ବସୁଦେବ ବିବାହ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସଙ୍କ ସିଂହାସନ ଆରୋହଣ, ଦୈବବାଣୀ, ଦେବକୀ ବସୁଦେବଙ୍କୁ ବନ୍ଦୀ ଆଦି ନାଟ୍ୟ ଅଭିନୟ ହୋଇଥିଲା। ଏହି ଧନୁଯାତ୍ରା ଆସନ୍ତା ୨୪ରେ ଉଦ୍‌ଯାପିତ ହେବ।


ସିଂହାସନରେ ମହାରାଜ କଂସ।

## ଗିରଫ ଦାବିରେ ମହିଳା ସଂଘର ଥାନା ଘେରାଉ


ବ୍ଲକ ପରିସରରେ ମିଶନଶକ୍ତି ମହିଳାସଂଘ ସଦସ୍ୟାମାନେ।

### ମିଶନଶକ୍ତି ବିପିଏମ୍‌ଙ୍କୁ ଗାଳିଗୁଲଜ, ହତ୍ୟା ଧମକ

ରେଢାଖୋଲ,୨୦ା୨(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ବ୍ଲକ ମିଶନଶକ୍ତି ବିପିଏମ୍ ସସ୍ମିତା ଦାସଙ୍କୁ ବିଡିଓଙ୍କ ଅଫିସ ପ୍ରକୋଷ୍ଠରେ ଏକ ରାଜନୈତିକ ଦଳର ଜଣେ ନେତା ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବ୍ଲକର ବିଭିନ୍ନ ମହିଳା ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ବିପିଏମ୍ ଦାସ ରେଢାଖୋଲ ଥାନାରେ ଅଭିଯୋଗ କରିଥିବା ବେଳେ ମଙ୍ଗଳବାର ମହିଳାସଂଘର ସଦସ୍ୟାମାନେ ସମ୍ପୃକ୍ତ ନେତାଙ୍କୁ ଗିରଫ ଦାବିରେ ଥାନା ଘେରାଉ କରିଥିଲେ। ଏହାସହ ବିଡିଓ ମନୋଜ ମେହେର ଓ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୪୩/୨୪) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସବିତାଲତା ସେଠୀ କହିଛନ୍ତି। ଏତାସହ ତଦନ୍ତ ପରେ ସମ୍ପୃକ୍ତ ନେତାଙ୍କୁ ଗିରଫ କରାଯିବ ବୋଲି ପ୍ରତଶ୍ରୁତି ଦେଇଛନ୍ତି।

## କୁଚିଣ୍ଡା ବ୍ଲକସ୍ତରୀୟ ସାଂସ୍କୃତିକ ମହୋତ୍ସବ

କୁଚିଣ୍ଡା,୨୦ା୨(ବିରଞ୍ଚ ଦର୍ଜୀ)

ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର କୁଚିଣ୍ଡା ବ୍ଲକସ୍ତରୀୟ ସାଂସ୍କୃତିକ ମହୋତ୍ସବ କୁଚିଣ୍ଡା କଲେଜ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ବିଡିଓ ନିରଞ୍ଜନ କୁମାର ସା, ଏବିଡିଓ ସହଦେବ ନନ୍ଦ, ଆକାଉଣ୍ଟ ଅଫିସର ଅଜୟ ବାଗେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କଳା ଓ ସଂସ୍କୃତିର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳରୁ ମୋଟ ୧୩ଟି ବିଭିନ୍ନ ଭାଷାଭାଷୀର ସାଂସ୍କୃତିକ ଦଳ ଯୋଗଦେଇ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ବରିଷ୍ଠ ଆକାଶବାଣୀ କଳାକାର ସୁରଥ ଚନ୍ଦ୍ର ନାୟକ, ପୂର୍ଣ୍ଣେନ୍ଦୁ ମହାନ୍ତି, ମଣିକର ଛତ୍ରିଆ, ବାଣେଶ୍ୱର ପ୍ରଧାନ ବିଚାରକ ଭାବେ ଯୋଗଦେଇ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦଳ ଚୟନ କରିଥିଲେ। ବିପିଏମ୍ ଟିପେନସନ ବେହେରା ଓ ସାମାଜିକ ସୁରକ୍ଷା ଅଧିକାରୀ ଇଯୁତି ଭୋଇ, ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


କଳା ପ୍ରଦର୍ଶନ କରୁଛନ୍ତି ସାଂସ୍କୃତିକ ଦଳ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ

ଜମନକିରା,୨୦ା୨(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ ମଙ୍ଗଳବାର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ରୀନା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅମ୍ବୁଡ୍‌ସମ୍ୟାନ ଅଧିକାରୀ ବ୍ରଜେନ୍ଦ୍ର କିଶୋର ପଣ୍ଡା, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ଏବିଡ଼ିଓ ରବୀନ୍ଦ୍ର ରଣା, ଯୋଗାଣ ଅଧିକାରୀ ପ୍ରଶାନ୍ତ ଶ୍ରୀଚନ୍ଦନ, ଏପିଓ ମନୋଜ ଭୋଇ ପ୍ରମୁଖ ଉପସ୍ଥିତ ରହି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନ ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ। ଏଥିରେ ମୋଟ ୭୮ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ବନ ବିଭାଗର ୬, ଗ୍ରାମପଞ୍ଚାୟତର ୫୦, ଉଦ୍ୟାନ ବିଭାଗର ୩, ଆଇଟିଡିଏର ୧୨ ଓ ମୃତ୍ତିକା ସଂରକ୍ଷଣ ବିଭାଗର ୭ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା। ହେଲେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ କେତେକ ଲାଇନ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନଙ୍କୁ କୈଫିୟତ ତଲବ କରିବା ପାଇଁ ଅଧିକାରୀ ନିର୍ଦ୍ଦେଶ କରିଥିଲେ। ଶେଷରେ ଏପିଓ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ପ୍ରଧାନମନ୍ତ୍ରୀଙ୍କ କରକମଳରେ ଶିକ୍ଷା ଓ ଦକ୍ଷତା ଭିତ୍ତିଭୂମି ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ

### ସମ୍ବଲପୁରରୁ ଯୋଡିହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ସମ୍ବଲପୁର,୨୦ା୨
(ଭବାନୀ ଶଙ୍କର ଭୋଇ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଦେଶର ଶିକ୍ଷା ଓ ଦକ୍ଷତା ବିକାଶ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ସମ୍ବଲପୁର ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରୁ ଭିଡିଓ କନଫରେନ୍ସିଂ ଜରିଆରେ ଯୋଡିହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଜମ୍ମୁ କଶ୍ମୀରରୁ ଭିସି ଜରିଆରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟର ମୋଟ ପ୍ରାୟ ୧୭,୦୦୦ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ। ଏହା ମଧ୍ୟରେ ଉଚ୍ଚଶିକ୍ଷା, ବିଦ୍ୟାଳୟ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ୧୩,୩୭୫ କୋଟି ଟଙ୍କାର ୮୬ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସହ ଉଷା ଅଧୀନରେ ୭୮ଟି ବିଶ୍ୱବିଦ୍ୟାଳୟକୁ ଭାରତ ସରକାରଙ୍କ ଦ୍ୱାରା ୩,୬୧୮ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସାଢେ ଚାରିକୋଟି ଟଙ୍କା ବ୍ୟୟରେ ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ, ସମ୍ବଲପୁରର ବହୁମୁଖୀ ସଭାଗୃହର ଶିଳାନ୍ୟାସ ଓ ଫୁଟବଲ ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏକବିଂଶ ଶତାବ୍ଦୀରେ ପିଲାମାନଙ୍କର ଦୃଷ୍ଟିକୋଣ, ବ୍ୟକ୍ତିତ୍ୱ ଓ ତାଙ୍କର ଜ୍ଞାନ ଆହରଣ ବ୍ୟବସ୍ଥାକୁ ଜାତୀୟ ସ୍ତରକୁ ନେବା ଦିଗରେ ସର୍ବଦା ପ୍ରୟାସ କରୁଥିବାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ, ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ, ସମ୍ବଲପୁରରେ ଶିଳାନ୍ୟାସ ହୋଇଥିବା ବହୁମୁଖୀ ସଭାଗୃହ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରତିଭା ବିକଶିତ କରିବା ଦିଗରେ ସହାୟକ ହେବ। ସମ୍ବଲପୁର ଜିଲାରେ ଛାତ୍ରଛାତ୍ରୀଙ୍କୁ କ୍ରୀଡା ସହ ଯୋଡିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଫୁଟବଲ ଫର୍ ସ୍କୁଲ ଅଧୀନରେ ମୋଟ ୧୪୦ ସ୍କୁଲରେ ୭୨୭ ଫୁଟବଲ ବିତରଣ କରାଯିବ ବୋଲି କହିଥିଲେ। ସମ୍ବଲପୁର ଭେଦିକ ଇଣ୍ଟରନ୍ୟାଶନାଲ ସ୍କୁଲରେ 'ରୋବଟିକ୍ସ ସେଣ୍ଟର'କୁ କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷାନୀତି ଅନୁସାରେ ଆଗାମୀ ଦିନରେ ଏହି ସ୍କୁଲରେ ମେଟାଭର୍ସ ଦୁନିଆ ଭଳି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଲ୍ୟାବ୍ ତିଆରି ପାଇଁ ଯୋଜନା କରିବାକୁ ସେ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ଏସ୍‌ଏସ୍‌ଡି ସ୍କୁଲ ସେଣ୍ଟର ଅଧୀକ୍ଷକ ଦାୟିତ୍ୱରୁ ଅନ୍ତର

ଟିଟିଲାଗଡ,୨୦।୨(ଶରତ ମିଶ୍ର)

ଟିଟିଲାଗଡ଼ ଦେଶୀଲ ଚାହାରଭଟା ସରକାରୀ ଏସଏସଡି ଆଶ୍ରମ ସ୍କୁଲରେ ମଙ୍ଗଳବାର ଦଶମଶ୍ରେଣୀ ବୋର୍ଡ ପରୀକ୍ଷା ଚାଲୁଥିବା ସମୟରେ ଅଚାନକ ଉପଜିଲାପାଳ ରେହାନ କ୍ଷେତ୍ରୀ ପରିଦର୍ଶନ କରିଥିଲେ। ସକାଳ ୭ଟା ୩୦ରେ ଛାତ୍ରୀଛାତ୍ରମାନେ ହଲକୁ ପ୍ରବେଶ କରିଥିଲେ। ୯ଟା ୩୦ରେ ପରୀକ୍ଷା ଆରମ୍ଭ ହୋଇଥିଲା। ଏଥିରେ ୨୯୪ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ସୂଚନା ଅନୁଯାଇ ଉପଜିଲାପାଳ କ୍ଷେତ୍ରୀ ଯିବା ସମୟରେ ପରୀକ୍ଷା ହଲରେ ଅବ୍ୟବସ୍ଥା ନେଇ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ମାଧ୍ୟମରେ ଜଣାଇଥିଲେ। ସନ୍ଧ୍ୟାରେ ଦାୟିତ୍ୱରେଥିବା ପ୍ରଭାସିନୀ ପୁରୋହିତଙ୍କୁ ଅନ୍ତର କରି ଉପ ଅଧିକ୍ଷକ ଆଲୋକ ମେହେରଙ୍କୁ ଦାୟିତ୍ୱ ଦିଆଯାଇଛି।

### ଆର୍‌ଆଇ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଲୋଇସିଂହା,୨୦।୨(ସୁଶାନ୍ତ ବାରିକ)

ରାଜ୍ୟ ସଂଘ ଆହ୍ୱାନକ୍ରମେ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ବଲାଙ୍ଗୀର ଜିଲା ଲୋଇସିଂହା ଶାଖା ପକ୍ଷରୁ ୬ଦଫା ଦାବି ନେଇ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଦାବି ପୂରଣ ନହେବା ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଓଡିଆରଏସ ନିୟମ ୧୯୮୩ ଅନୁଯାୟୀ ଅବଶ୍ୟକ ସଂଶୋଧନ ମାଧ୍ୟମରେ ରାଜସ୍ୱକ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ସଂରଚନାରେ ପରବର୍ତ୍ତୀ ସ୍ତରକୁ ଓଆରଏସପିସ୍ତର (ବି)କୁ ଉନ୍ନୀତ ଓ ୯୦ପ୍ରତିଶତ ରାଜସ୍ୱ ନିରୀକ୍ଷକ ପଦବୀ ପଦୋନ୍ନତି ଭାବେ ସ୍ଥିର କରାଯାଉଛି। ଓଆରଏସରେ ପଦୋନ୍ନତି ପାଇଁ ଅନ୍ୟୁନତମ ସିସିଆର ମାନଦଣ୍ଡକୁ ବିଲୋପ କରିବା ଏବଂ ଅମଲା କର୍ମଚାରୀଙ୍କ ପାଇଁ ରାଜସ୍ୱକ୍ଷେତ୍ର କର୍ମଚାରୀଙ୍କ ପାଇଁ ୪୦:୬୦ ଅନୁପାତର ସମୀକ୍ଷା, ପେ ମାଟ୍ରିକ୍ ଅନୁଯାୟି କୃତିତ୍ୱ ତଥା ବରିଷ୍ଠତା ଆଧାରରେ ଏକ ସାଧାରଣ ଗ୍ରେଡେସନ ତାଲିକା ଦ୍ୱାରା ବଦଳାଇବାକୁ ଦାବି ହୋଇଛି। ଏହାବ୍ୟତୀତ ୧ ଜାନୁୟାରୀ ୨୦୦୫ରୁ ଆରଆଇ, ଏଆରଆଇ ଏବଂ ଆରଏସଙ୍କ ବେତନ ବର୍ଦ୍ଧିତ ସ୍କେଲ ଧାର୍ଯ୍ୟ କରିବା ପରି ୬ ଦଫା ଦାବି ରହିଛି। ଏନେଇ ପୂର୍ବରୁ ଜିଲାପାଳଙ୍କୁ ଦାବିପତ୍ର ମଧ୍ୟ ସଂଘ ଦେଇଛି। ସଂଘର ଜିଲା ସଭାପତିଙ୍କ ନେତୃତ୍ୱରେ ସ୍ଥାନୀୟ କ୍ଷେତ୍ର ଅଧିକାରୀମାନେ ତହସିଲ ସମ୍ମୁଖରେ ଧାରଣା ବସିଛନ୍ତି।

### ଲୋଇସିଂହା ବ୍ଲକ: ୧୦୨୪ ପରୀକ୍ଷାର୍ଥୀ ଦେଲେ ପରୀକ୍ଷା, ୧୭ ଅନୁପସ୍ଥିତ

ଲୋଇସିଂହା,୨୦।୨(ସୁଶାନ୍ତ ବାରିକ)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ମଙ୍ଗଳବାର ଠୁ ଆରମ୍ଭ ହୋଇଛି । ପ୍ରଥମ ଦିବସରେ ମାତୃଭାଷା ଓଡ଼ିଆ ବିଷୟ ପରୀକ୍ଷା ରହିଥିଲା। ବ୍ଲକର ୧୦୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୨୪ ପରୀକ୍ଷାର୍ଥୀ କେନ୍ଦ୍ରରେ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ୧୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବିଭାଗ ସୂତ୍ରରୁ ଜଣାପଡିଛି। ବ୍ଲକର ୭ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେଉଛି । ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲ କେନ୍ଦ୍ରରେ ୧୩୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥାନ୍ତେ। ହେଲେ ସେଠାରେ ୧୩୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨ ଜଣ ଅନୁପସ୍ଥିତ ରହିଥିଲେ। ହରିହର ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୧୨୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୬ ଜଣ ଉପସ୍ଥିତ ଥିବାବେଳେ ୭ ଜଣ ଅନୁପସ୍ଥିତ ଥିଲେ। ହରେକୃଷ୍ଣ ମହତାବ ହାଇସ୍କୁଲରେ ୨୩୭ରୁ ୨୩୪ଜଣ ପରୀକ୍ଷା ଦେଇଥିଲେ । ୩ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। କୁରୁରାପାଲି କେନ୍ଦ୍ରରେ ୧୧୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିଲେ। କୁଶଙ୍ଗ ପଞ୍ଚାହୟତ ହାଇସ୍କୁଲ କେନ୍ଦ୍ରରେ ୧୩୨ ପରୀକ୍ଷାର୍ଥୀ ମଧ୍ୟରୁ ୧୨୯ ଜଣ ପରୀକ୍ଷା ଦେଇଥିଲେ। ସରଗାଡ ଲାଲବାହାଦୁର ହାଇସ୍କୁଲ କେନ୍ଦ୍ରରେ ୧୪୧ ଜଣଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ବ୍ଲକର ଏକମାତ୍ର କେନ୍ଦ୍ର ବାଳିକା ହାଇସ୍କୁଲରେ ପୂର୍ଣ୍ଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ । ଉକ୍ତ କେନ୍ଦ୍ରରେ ବୁର୍ଡା ଏବଂ ଯୋଗୀସର୍ଡା ହାଇସ୍କୁଲର ୧୫୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ଜଣାଯାଇଛି।

# ୧୨ଘଣ୍ଟା କଣ୍ଟାବାଞ୍ଜି ବନ୍ଦ

ବଲାଙ୍ଗୀର,୨୦।୨(ବୀରେନ୍ଦ୍ର କୁମାର ଝାଙ୍କର)



ନଗର କଂଗ୍ରେସ କର୍ମକର୍ତ୍ତା ଶୋଭାଯାତ୍ରାରେ ତହସିଲ ଅଫିସ ଅଭିମୁଖେ ଯାଉଛନ୍ତି।

କଣ୍ଟାବାଞ୍ଜି ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ ଦିଆଯାଇ କଣ୍ଟାବାଞ୍ଜି ସହରରେ ବ୍ୟାନର ଲଗା ଘଟଣା ପ୍ରତିବାଦରେ ନଗର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ସହରରେ ସକାଳ ୬ଟାରୁ ବନ୍ଦ ପ୍ରଭାବ ପରିଲକ୍ଷିତ ହୋଇଥିଲା। ନଗର କଂଗ୍ରେସ କର୍ମୀ, ସମର୍ଥକ ଓ ନେତାମାନେ ପିକେଟିଂ ଆରମ୍ଭ କରିଥିଲେ। ବନ୍ଦ ପ୍ରଭାବରେ କଣ୍ଟାବାଞ୍ଜିରେ ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ବୀମା ପ୍ରତିଷ୍ଠାନ, ଦୋକାନ ବଜାର ବନ୍ଦ ରହିଥିଲା। କଂଗ୍ରେସର ଶତାଧିକ କର୍ମୀ ଶୋଭାଯାତ୍ରାରେ ସହର ପରିକ୍ରମା କରି ତହସିଲ ଅଫିସକୁ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକ ସାଲୁଜାଙ୍କୁ ୧୫ ଦିନ ଭିତରେ ହତ୍ୟା କରିବାର ଧମକପୂର୍ଣ୍ଣ ବ୍ୟାନର ଲଗାଯିବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲିଥିବାରୁ କଂଗ୍ରେସ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ପୋଲିସ କ'ଣ ତଦନ୍ତ କରୁଛନ୍ତି ବୋଲି ପ୍ରଶ୍ନ କରାଯାଇଥିଲା।

ପୂର୍ବାହ୍ନରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଭାଇ ତଥା ନଗରପାଳ ବରିୟମ୍ ସିଂ ସାଲୁଜା ଉପନଗରପାଳ ମନୋରମା ରାଉତ, ବିଧାୟକଙ୍କ ପୁଅ ସେଜି ସିଂ, ନଗର କଂଗ୍ରେସ ସଭାପତି ଉମ୍ବରୁଧର ବେହେରା, କଂଗ୍ରେସର ସମସ୍ତ କାଉନସିଲର, ବଙ୍ଗୋମୁଣ୍ଡା ବ୍ଲକ୍ ଉପାଧକ୍ଷ ନାରାୟଣ ଜୈନ, ଭୋଲା ବେହେରା, ବିଭିନ୍ନ ଗ୍ରାମପଞ୍ଚାୟତ ସରପଞ୍ଚ ଶୋଭାଯାତ୍ରାରେ ସହର ପରିକ୍ରମା କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ବିଧାୟକଙ୍କୁ ହତ୍ୟା ଧମକ ଦେଇ ବ୍ୟାନର ଲଗା ଘଟଣାରୁ ଆଇନଶୃଙ୍ଖଳା ପରିସ୍ଥିତି କେତେ ଭୟାବହ ହୋଇପଡିଛି ବୋଲି କହିଥିଲେ। ଏବେ ସାଧାରଣ ଲୋକେ କିଭଳି ସୁରକ୍ଷିତ ରହିବେ ବୋଲି ପ୍ରଶ୍ନ କରିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ଦୋଷୀ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବ କରିଥିଲେ। ବନ୍ଦ ଯୋଗୁ କଣ୍ଟାବାଞ୍ଜି ସହରବାସୀଙ୍କ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା।

ସୋମବାର ସକାଳେ କଣ୍ଟାବାଞ୍ଜି ଗୋରୁବଜାର ନିକଟରେ ଏବଂ ସରକାରୀ ବାଳିକା ହାଇସ୍କୁଲ ସମ୍ମୁଖ ଦୋକାନରେ ଦୁଇଟି ଧମକପୂର୍ଣ୍ଣ ବ୍ୟାନର ଲଗାଯାଇଥିବା ଦେଖାଯାଇଥିଲା। ଉକ୍ତ ବ୍ୟାନରରେ ଏମ୍‌ଏଲଏ ସନ୍ତୋଷ ସିଂ ସଲୁଜା କେ ମୁଇଁ ୧୫ ଦିନ ଭିତରେ ମାରିଦେମିଁ ବୋଲି ଲେଖାଯାଇଥିଲା। ଏଭଳି ଏକ ଧମକପୂର୍ଣ୍ଣ ବ୍ୟାନର ଲଗାଯିବା ଘଟଣା ପରେ ଜନସାଧାରଣରେ ଆତଙ୍କ ଓ ଭୟ ପ୍ରକାଶ ପାଇଥିଲା। ଅନ୍ୟପଟେ ସବୁଦିଗରୁ ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ କହିଛନ୍ତି।

**କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ହତ୍ୟା ଧମକ ଘଟଣା**

- ସରକାରୀ ଅଫିସ, ଦୋକାନ ବଜାର ବନ୍ଦ
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ୨୪ ଘଣ୍ଟା ପରେ ବି ପୋଲିସର ହାତ ଖାଲି

## କୋଭିଡ୍ ମୃତକଙ୍କୁ ମିଳିନି ସହାୟତା ରାଶି

ଲାଠୋର,୨୦।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମ ଆଦର୍ଶ ପଡ଼ାର ବିନୋଦ ଛତ୍ରିଆ। କୋଭିଡରେ ଆକ୍ରାନ୍ତ ହୋଇ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ୨୦୨୧ ଏପ୍ରିଲ ୩୦ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ପରିବାର ବର୍ଗ ବେସାହାରା ହୋଇପଡିଲେ। ସରକାରଙ୍କ ଘୋଷଣା ଅନୁସାରେ ମୃତକଙ୍କ ପରିବାରକୁ ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା କଥା। ହେଲେ ଏହି ରାଶି ଅଦ୍ୟାବଧି ତାଙ୍କ ପରିବାରକୁ ପ୍ରଦାନ କରାଯାଇ ନ ଥିବା ବିନୋଦଙ୍କ ଭାଇ ଗଣେଶ ଛତ୍ରିଆ କହିଛନ୍ତି। ଗତ ଫେବୃଆରୀ ୧୮ତାରିଖରେ ଲାଠୋରରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅବସରରେ ପାଟଣାଗଡ ବିଧାୟକ ସରୋଜ ମେହେରଙ୍କୁ ଗଣେଶ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିବା ପରିବାର ବର୍ଗ କହିଛନ୍ତି।

ବିନୋଦଙ୍କ ପରିବାର କହିଲେ ସ୍ତ୍ରୀ ମଧୁ(୩୫) ଏବଂ ଦୁଇ ପୁଅ ଅନିକେତ(୯) ଓ ଅଙ୍କିତ(୭)। ସମ୍ପତି ବାଡି କିଛି ନାହିଁ, ମାଟି ଛପର ଘର। ମଜୁରି କରି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। କୋଭିଡରେ ବିନୋଦଙ୍କ ମୃତ୍ୟୁ ପରେ ସବୁକିଛି ଯେମିତି ବଦଳି ଯାଇଛି। ସରକାରୀ ସହାୟତା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୧୫କେଜି ଚାଉଳ ଏବଂ ମଧୁଙ୍କୁ ବିଧବା ଭତ୍ତା ବାବଦ ୫ ଶହ ଟଙ୍କା। ଦୁଇ ପିଲାଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରି ଜୁଲାଇ ୨୦୨୧ରେ ମାସକୁ ୧୫ଶହ ଲେଖାଏ ଟଙ୍କା ହିସାବରେ ଥରେ ମାତ୍ର ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହା ପରଠାରୁ ଗତ ୩୦ମାସ ହେବ ଆଉ ସହାୟତା ମିଳିନାହିଁ । ୧୫ କେଜି ଚାଉଳ ଏବଂ ୫ ଶହ ଟଙ୍କାରେ ପରିବାର ଚଳାଇବା କଠିନ ହେବାରୁ ମଧୁ ପର ଘରେ ମଜୁରିକରି ଦୁଇ ପିଲାଙ୍କୁ ପ୍ରତିପୋଷଣ କରୁଛନ୍ତି। ୬ ମାସ ପୂର୍ବେ ଖପ୍ରାଖୋଲରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ତାଙ୍କ ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ପ୍ରକାର ଉପକାର ମିଳି ନ ଥିବା ମଧୁ ଅଭିଯୋଗ କରିଛନ୍ତି ।

**ବିଧାୟକଙ୍କୁ ଫେରାଦ ହେଲେ ମୃତକଙ୍କ ଭାଇ**

## ୨୪ରେ ଥାନା ଘେରିବ ଆଦିବାସୀ କଲ୍ୟାଣ ସଂଘ

ପାଟଣାଗଡ,୨୦।୨(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ବ୍ଲକ ଲରମ୍ବା ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗାଁର ଗୋପିନାଥ ସାହୁଙ୍କ ଘର ପଛପଟେ ଥିବା ଏକ କୂଅରୁ ଗତ ୧୦ ତାରିଖ ଉଜ୍ଜ୍ୱଳ ବରିହାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଗତ ୭ ତାରିଖ ସନ୍ଧ୍ୟାରେ ଖୁଣ୍ଟସମଲେଇ ଗାଁକୁ ଭୋଜି ଖାଇଯାଇଥିବା ଯବକମାନେ ପୁର୍ବ ଶତୃତାକୁ ନେଇ ମୋ ସ୍ୱାମୀଙ୍କୁ ହତ୍ୟା କରିବା ପରେ କୂଅରେ ଫିଙ୍ଗିଦେଇଥିବା ମୃତକଙ୍କ ସ୍ତ୍ରୀ ମୋହିନୀ ବରିହା ସେହି ଦିନ ଥାନାରେ ଅଭିଯୋଗ କରିଥିଲେ। ଏପରିକି ଗତ ୧୨ ତାରିଖ ଜିଲା ଆଦିବାସୀ ସଂଘ ପାଟଣାଗଡର କର୍ମକର୍ତ୍ତାମାନେ ମୃତକଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ପରେ ଥାନା ଅଧିକାରୀ ମନୋଜ ପଧାନଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୨ ଦିନ ମଧ୍ୟରେ ହତ୍ୟାକାରୀମାନଙ୍କୁ ଗିରଫ ନକଲେ ଥାନା ଘେରାଉ କରିବେ ବୋଲି ଚେତାବନୀ ଦେଇଥିଲେ। ତେବେ ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ହତ୍ୟାକାରୀମାନଙ୍କ ପାଖରେ ପହଞ୍ଚି ପାରିନାହିଁ ବୋଲି ଜିଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ ଶାଖାର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ ଅଭିଯୋଗ କରିଛନ୍ତି । ଏନେଇ ମଙ୍ଗଳବାର ଫଟାମୁଣ୍ଡା ଗାଁରେ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ବସିଥିଲା। ହତ୍ୟାକାରୀମାନଙ୍କୁ ଅବିଳମ୍ବେ ଗିରଫ ନକରେ ଆସନ୍ତା ୨୪ ତାରିଖରେ ଜଲା ଆଦିବାସୀ କଲ୍ୟାଣ ସଂଘ ଥାନା ଘେରାଉ କରିବ ବୋଲି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିବା ଯୁଗ୍ମ ସମ୍ପାଦକ ଭୋଇ କହିଛନ୍ତି।

**କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା**

## ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

ଖପ୍ରାଖୋଲ, ୨୦।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ବ୍ଲକ ସଭାଗୃହରେ ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଲଏମ ଇକୋର ବିଶେଷଜ୍ଞମାନେ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ଉପକରଣ ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଏହି ଅବସରରେ ୩୫ଜଣଙ୍କୁ ଆଶାବାଡ଼ି, ଶ୍ରବଣ ଯନ୍ତ୍ର, ହ୍ୱିଲ ଚେୟାର, ଚଷମା ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଚିହ୍ନଟମାନଙ୍କୁ ଆଗାମୀ ଦିନରେ ସମସ୍ତ ଉପକରଣ ବଣ୍ଟନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଭାର କହିଛନ୍ତି।

## ୨୮ରେ ଗୁଗୁଡ଼ିଖାଲରେ ଚାଷୀଙ୍କ ରାସ୍ତାରୋକୋ

ଲୋଇସିଂହା,୨୦।୨(ସୁଶାନ୍ତ ବାରିକ)

ଲୋୟର ସୁକତେଲ ପ୍ରକଳ୍ପରୁ ବାଦ୍ ପଡିବା ଏବଂ ଆଉ କେତେକ ଦାବି ନେଇ ଆଗଲପୁର ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଚାଷୀ ଆସନ୍ତା ୨୮ ଫେବୃୟାରୀରେ ରାସ୍ତାରୋକୋ କରିବେ। ଲୋଇସିଂହା ଥାନା ଅନ୍ତର୍ଗତ ଗୁଗୁଡ଼ିଖାଲରେ ସେମାନେ ବଲାଙ୍ଗୀର ବରଗଡ଼ ୨୬ନଂ ଜାତୀୟ ରାଜପଥ ଅବରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଚାଷୀ ନେତା କ୍ଷମାନିଧି ଦଳପତି, ଅଶୋକ ପଟେଲ, ଶ୍ୟାମସୁନ୍ଦର ବିଶ୍ୱାଳ ପ୍ରମୁଖ ଏକ ପ୍ରତିନିଧି ଜିଲା ଆରକ୍ଷୀ ଅଧିକ୍ଷକଙ୍କ ସାକ୍ଷାତ କରି ମଙ୍ଗଳବାର ଫେରାଦ ହେଉଛନ୍ତି। ସୂଚନା ଅନୁଯାୟୀ, ବଡଟିକୋ, ନଅଗାଁ(ଖ), ବେନ୍ଦ୍ରା, ଝରଣୀପାଲି, ଭରସୁଜା ଆଦି ପଞ୍ଚାୟତ ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନରୁ ବାଦ୍ ପଡିଛନ୍ତି। ଏହାବ୍ୟତୀତ ୨୦୨୩-୨୩ ଫସଲ ବୀମା, ୨୦୨୧ ଆର୍ଥିକ ବର୍ଷର ଇନପୁଟ ସବ୍‌ସିଡି , ୨୦୨୩-୨୪ ଅଦିନିଆ ବର୍ଷା କ୍ଷତିପୂରଣ, ୨୮ ଫେବୃୟାରୀ ସୁଦ୍ଧା କ୍ରପ କଟିଂ ରିପୋର୍ଟ ସାର୍ବଜନୀନ କରିବା ଏବଂ ଚାଷୀଙ୍କୁ ସବ୍‌ସିଡିରେ କୃଷି ଯନ୍ତ୍ରପାତି ଯୋଗାଇବା ଦାବି ରହିଥିବା ଜଣାଇଛନ୍ତିଆନ୍ଦୋଳନକାରୀ।

**ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୩ ତାରିଖ: ୧୯।୦୨।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ୍‌ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲଆର/ଏଲଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୩ | ୦୪।୦୩।୨୦୨୪ | ୧୨.୦୦ ଘ. | ୧୫.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1152) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ୍‌ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

## ଟ୍ରାନ୍ସଫର୍ମର ଚାପରେ ଡ୍ରାଇଭର ମୃତ


କ୍ଷତିପୂରଣ ଦାବିରେ ଲୋକେ ଡୁଙ୍ଗୁରା ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି।

ଗୁଡଭେଲା,୨୦।୨(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଡୁଙ୍ଗୁରା ବିଦ୍ୟୁତ୍ ଗ୍ରୀଡଠାରେ ମଙ୍ଗଳବାର ଗାଡିରୁ ଟ୍ରାନ୍ସଫର୍ମର ଓହ୍ଲାଉ ଥିବା ବେଳେ ଚାପି ହୋଇଯିବାରେ ଡ୍ରାଇଭର ଗିଲୁ କଲାସେଙ୍କ ମୃତ୍ୟୁ ଘଟିଛି। ମୃତକଙ୍କୁ କ୍ଷତିପୂରଣ ଦାବିରେ ସମରା ଗ୍ରାମବାସୀ ଓ ଡୁଙ୍ଗୁରା ଯୁଥ ଏକ୍ସନ କମିଟି ପକ୍ଷରୁ ଡୁଙ୍ଗୁରା-ବଲାଙ୍ଗୀର ମୁଖ୍ୟ ରାସ୍ତା ସ୍ଥିତ ମିଳନ ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ଘଟଣାସ୍ଥଳକୁ ଡୁଙ୍ଗୁରା ତହସିଲଦାର କର୍ଣ୍ଣ ମଲ୍ଲିକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ହେଁ କୌଣସି ସୁଫଳ ମିଳି ନଥିଲା। ପ୍ରାପ୍ତ ସୂଚନା ମୁତାବକ ଗୁଡଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମର ମୁଣ୍ଡରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲି ଡୁଙ୍ଗୁରା ବିଦ୍ୟୁତ୍ ଗ୍ରୀଡକୁ ଗାଡିରେ ଅଣାଯାଇଥିଲା। ଗ୍ରୀଡରେ ଓହ୍ଲାଇ ସମୟରେ ଟ୍ରାନ୍ସଫର୍ମର ଚାପରେ ଗାଡି ଡ୍ରାଇଭର ଆସିଯାଇଥିଲା। ମୁଣ୍ଡରେ ଆହତ ଲାଗିବାରୁ ତାଙ୍କୁ ଡୁଙ୍ଗୁରା ଚିକିତ୍ସାଳୟ ଅଣାଯାଇଥିଲା। ହେଲେ ଡାକ୍ତର ଡ୍ରାଇଭର ଗିଲୁଙ୍କୁ ମୃତ ଘୋଷଣା କରିଥିଲେ।

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ପାଟଣାଗଡ,୨୦।୨(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ବ୍ଲକ ବାଲିପଟା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନୀଳକାନ୍ତ ବାଗ, ୧୫ ନଂ ଜୋନ ଜିଲା ପରିଷଦ ସଭ୍ୟ କସ୍ତୁରୀ ସେଠ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ, ଜିପିଓ ନୀଳକଣ୍ଠ କାଳସାଏ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡସଭ୍ୟମାନେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରାଶନ କାଡ ହିତାଧିକାରୀଙ୍କୁ ବ୍ୟାଗ ଓ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ବଲାଙ୍ଗୀର,୨୦।୨
(ବୀରେନ୍ଦ୍ର କୁମାର ଝାଙ୍କର)


ମୃତ ଛାତ୍ର ବିନାୟକ ପଧାନ

ମାଟ୍ରିକ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ମଙ୍ଗଳବାର ସକାଳୁ ବଲାଙ୍ଗୀରରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ହଷ୍ଟେଲ ବାଥ୍‌ରୁମ୍‌ରୁ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ବଲାଙ୍ଗୀର ସହର ନିକଟ ଖୁଜେନପାଲି ସ୍ଥିତ ବିଶ୍ରାମ୍ ବିଦ୍ୟା ମନ୍ଦିର ହଷ୍ଟେଲରେ ରହୁଥିବା ଦଶମ ଶ୍ରେଣୀ ଛାତ୍ର ବିନାୟକ ପ୍ରଧାନ (୧୫)। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ମାଟ୍ରିକ ବୋର୍ଡ ପରୀକ୍ଷା ଚାପକୁ ନେଇ ସେ ଆତ୍ମହତ୍ୟା କରିଥିବା କୁହାଯାଇଛି। ଅନ୍ୟପକ୍ଷେ ମୃତ ଛାତ୍ରଙ୍କ ପିତା ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ବଲାଙ୍ଗୀର ସଦର ଥାନା ପୋଲିସ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ମୁତାବକ ମଙ୍ଗଳବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିବାରୁ ଦଶମ ଶ୍ରେଣୀ ଛାତ୍ରମାନେ ପରୀକ୍ଷା କେନ୍ଦ୍ରକୁ ଯିବାକୁ ପ୍ରସ୍ତୁତ ହେବା ପାଇଁ ଭୋର ୫ଟାରୁ ଗାଧୋଇବାକୁ ଯାଇଥିଲେ। ସ୍କୁଲ ହଷ୍ଟେଲରେ ରହୁଥିବା ଛାତ୍ର ବିନାୟକ ମଧ୍ୟ ଗାଧେଇବା ପାଇଁ ଗାମୁଛା ନେଇ ବାଥରୁମ ଯାଇଥିଲେ। ତେବେ ସେଠାରୁ ସେ ଫେରି ନ ଥିଲେ। ସେ ନ ଫେରିବାରୁ ଅନ୍ୟ ଛାତ୍ରମାନେବାଥରୁମ୍ ଭିତରକୁ ଦେଖିବାରୁ ସେ ଗାମୁଛାରେ ଝୁଲୁଥିବା ଦେଖି ସ୍କୁଲ ଷ୍ଟାଫଙ୍କୁ କହିଥିଲେ। ଏହାପରେ ସେଠାରୁ ତାଙ୍କୁ ଉଦ୍ଧାର କରି ସ୍କୁଲ କର୍ତ୍ତୃପକ୍ଷ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମୃତ ଛାତ୍ରଙ୍କ ମାତାପିତା, ପରିବାର ଅନ୍ୟ ସଦସ୍ୟ ଓ ଗାଁ ଲୋକେ ହସ୍ପିଟାଲରେ ପହଞ୍ଚିଥିଲେ। ପରୀକ୍ଷା ଦେବା ପୂର୍ବରୁ ପୁଅର ଅସ୍ୱାଭାବିକ ମୃତ୍ୟୁକୁ ନେଇ ମାତାପିତା ଦୁଃଖରେ ଭାଙ୍ଗି ପଡିଥିଲେ। ମୃତ ଛାତ୍ରଙ୍କ ପିତା ଲୋଇସିଂହା ଥାନା ଅନ୍ତର୍ଗତ ତଳିଉଡାର ଗାଁର ରାତ୍ର ପ୍ରଧାନ ତାଙ୍କ ପୁଅକୁ ହତ୍ୟା କରିଥିବା ଅଭିଯୋଗ କରିବା ସହ ଘଟଣାର ତଦନ୍ତ ଦାବି କରିଥିଲେ। ହସ୍ପିଟାଲ ପରିସରରେ ଗାଁ ଲୋକେ ସ୍କୁଲ ଷ୍ଟାଫ୍‌ଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହି ଘଟଣାକୁ ନେଇ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରଙ୍କ ମୃତଦେହ ଧରି କେତେକ ଲୋକ ରାସ୍ତାରୋକୋ କରିବାକୁ ଯିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ଥିଲା। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ଆଡିଶନାଲ ଆଇଆଇସି ଅନିତା ପଟନିଆ, ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳ ଲୋକଙ୍କୁ ବୁଝାଶୁଝା କରିଥିଲେ। ଉପଜିଲାପାଳ ପ୍ରଭାସ ଦଣ୍ଡସେନା ହସ୍ପିଟାଲ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ ହେବ ବୋଲି କହିଥିଲେ। ସାଇଣ୍ଟିଫିକ୍ ଟିମ୍ ସ୍କୁଲ ହଷ୍ଟେଲ ଯାଇ ତଦନ୍ତ ଆରମ୍ଭ କରିଥିବା ସୂଚନା ଦିଆଯାଇଥିଲା। ପରେ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ତଳିଉଡାର ଗାଁରେ ମୃତ ଛାତ୍ରଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

- ପରୀକ୍ଷା ଚାପରେ ଝୁଲି ପଡିଥିବା ଚର୍ଚ୍ଚା
- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
- ମୃତଦେହ ବ୍ୟବଚ୍ଛେଦ ପୂର୍ବରୁ ଉତ୍ତେଜନା

**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**
**(ଦେବୋତ୍ତର ବିଭାଗ)**

ନିଲାମ ଇସ୍ତାହାର ସଂଖ୍ୟା ୫୫୦ / ତାରିଖ ତା୧୬।୦୨।୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକମାତ୍ର ଭୋଗ ଦୋକାନକୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୦।୦୩।୨୦୨୪ରିଖ ଦିବା ଘ.୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ୪୮,୮୪,୨୦୦/- (ଅଠଚାଳିଶ ଲକ୍ଷ ଚଉରାଅଶୀ ହଜାର ଦୁଇଶହ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ଟ୪,୮୮,୪୨୦/- (ଚାରିଲକ୍ଷ ଅଠାଅଶୀ ହଜାର ଚାରିଶହ କୋଡ଼ିଏ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲକରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୦।୦୩।୨୦୨୪ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ ତା୨୦।୦୩।୨୦୨୪ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇପାରିବେ।

ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ

# ମାନସିକ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ

**ସୋନପୁର,୨୦।୨(ମୃତ୍ୟୁଞ୍ଜୟ ଶତପଥୀ)**



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଓ ଆଲୋଚକବୃନ୍ଦ।

**ଇଙ୍କ୍‌ଫେଷ୍ଟ୍‌ର ସପ୍ତମ ସନ୍ଧ୍ୟା**

**■ସାମ୍ପ୍ରତିକ ଜୀବନଶୈଳୀ ଓ ମାନସିକ ସ୍ୱାସ୍ଥ୍ୟ**

ସୁବର୍ଣ୍ଣପୁରର ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ୍‌ର ସପ୍ତମ ସନ୍ଧ୍ୟାରେ ମଙ୍ଗଳବାର 'ସାମ୍ପ୍ରତିକ ଜୀବନଶୈଳୀ ଓ ମାନସିକ ସ୍ୱାସ୍ଥ୍ୟ' ଉପରେ ଏକ ଆଲୋଚନାଚକ୍ର ରୟାଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ମାନସିକ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ। ବିଭିନ୍ନ ଜଟିଳ ତଥା ସାଧାରଣ କାରଣ ଯୋଗୁ ବ୍ୟକ୍ତିର ମାନସିକ ସ୍ଥିତି ବିଗିଡି ଯିବାର ସମ୍ଭାବନା ଥାଏ। ଏଣୁ ସମସ୍ତ ବ୍ୟକ୍ତି ଏ ସମ୍ପର୍କରେ ସଚେତନ ହେବା ଉଚିତ୍ ବୋଲି ଅତିଥି ଓ ଆଲୋଚକମାନେ ମତପୋଷଣ କରିଛନ୍ତି। ମାନସିକ ସ୍ୱାସ୍ଥ୍ୟ ଉପରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ଗୌରୀଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ତ୍ରିବିକ୍ରମ ପାଣ୍ଡିଆ ଅତିଥି ଭାବେ ଯୋଗଦେଇ ମଣିଷର ସ୍ୱାଭାବିକ କାର୍ଯ୍ୟ ବ୍ୟତିକ୍ରମ ହେଲେ ତାହା ମାନସିକ ରୋଗ। ଶାରୀରିକ, ମାନସିକ ଓ ସାମାଜିକ ଚାପରୁ ଏହା ହୋଇଥାଏ। ଜୀବନଶୈଳୀରେ ପରିବର୍ତ୍ତନ, ନିଶା ଓ ମଦ୍ୟପାନ ମଧ୍ୟ ମାନସିକ ସ୍ୱାସ୍ଥ୍ୟର କାରଣ। ଆମ ଦେଶର ଜନସଂଖ୍ୟାର ୧୦ ପ୍ରତିଶତ ରୋଗୀ ଓ ସେଥିରୁ ୧ ପ୍ରତିଶତ ଭୟଙ୍କର ମାନସିକ ରୋଗୀ। ନିୟମିତ ଔଷଧ ନେଲେ ରୋଗ ଆରୋଗ୍ୟ ସାଧ୍ୟ । ସୁବର୍ଣ୍ଣପୁର ଜିଲାରେ ୧୨୦୦ ରୋଗୀ ଚିକିତ୍ସାଧୀନ ଥିବା ଡାକ୍ତର ପାଣ୍ଡିଆ କହିଥିଲେ। ବେସିକ୍ ନିଡ୍ସର ରାଜ୍ୟ ସଂଯୋଜକ ତଥା ମନୋଚିକିତ୍ସା ସାମାଜିକ ପରାମର୍ଶଦାତା ରାଜୀବ କର୍ମୀ କହିଥିଲେ ମାନସିକ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଆବଶ୍ୟକ। ମାନସିକ ଚାପରୁ ମୁକ୍ତ ରହିବା ସର୍ବଦା ଜରୁରୀ। କୌଣସି ପ୍ରସଙ୍ଗରେ ଭାବର ଆଦାନ ପ୍ରଦାନ କରି ଚାପମୁକ୍ତ ହେବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ଗତିକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦିଲୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସଭାପତି ସ୍ୱାଧୀନ ମେହେର, ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ, ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ପାଣ୍ଡିଆ, ପ୍ରଭୁଦତ୍ତ ରଥ, ବେଣୁଧର ପ୍ରଧାନ, ରଘୁମଣି ଦେହୁରୀ, ଶିବ ନାରାୟଣ ମହାକୁଡ, ଡ. ଇତିଶ୍ରୀ ଦାସ, ଦେବଦାସ ମହାପାତ୍ର, ବ୍ୟୋମକେଶ ଦାଶ, ଗଦାଧର ବାରିକ, ଆର୍ତ୍ତତ୍ରାଣ ବାବୁ, ଜଗନ୍ନାଥ ଧରୁଆ ଓ ରାଜୀବ ନାୟକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି, କବି, ସାହିତ୍ୟିକ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ଅଭିଯୁକ୍ତ ବାପପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବୌଦ୍ଧ,୨୦।୨(ଅଜିତ କୁମାର ବାରିକ)**

**ଝରିଆ ବାରିକ ହତ୍ୟା ମାମଲା**

ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ମଙ୍ଗଳବାର ଦିନ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ବାପ ପୁଅଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ପୁରୁଣାକଟକ ଥାନା ଅନ୍ତର୍ଗତ ଯୁବରାଜପୁର ଗ୍ରାମର ଝରିଆ ବାରିକ ଓ ଅଭିଯୁକ୍ତ ସୁବାସ ବାରିକ ଦୁହେଁ ସଂପର୍କୀୟ ଭାଇ । ଦୀର୍ଘ ଦିନ ହେବ ଦୁଇ ପରିବାର ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ଶତ୍ରୁତା ଲାଗି ରହିଥିଲା । ଗତ ତା୧୧।୮।୨୨ରିଖରେ ଝରିଆ ବାରିକ ଜିନିଷ ବିକ୍ରୟ କରିବାକୁ ଲୁଣିବାହାଲ ବଜାରକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତ ସୁବାସ (୫୬) ଓ ତାଙ୍କ ପୁଅ ଅସିତ ବାରିକ(୨୫) ପୂର୍ବ ଶତ୍ରୁତାକୁ ନେଇ ଏକ କାଠଫାଳିଆରେ ଝରିଆଙ୍କ ମୁଣ୍ଡକୁ ମାଡ ମାରିବା ସହ ଏକ କଇଁଚି ସାହାଯ୍ୟରେ ଦେହ ସାରା କ୍ଷତବିକ୍ଷତ କରି ଲୁଣିବାହାଲ ବଜାରର ଜାତୀୟ ରାଜପଥ ଉପରେ ପକାଇ ଦେଇ ପଳାଇଥିଲେ । ଏହି ଖବର ପାଇ ଝରିଆଙ୍କ ପୁଅ ସୁବ୍ରତ ଘଟଣାସ୍ଥଳକୁ ଆସି ବାପାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୁରୁଣାକଟକ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୁବ୍ରତ ପୁରୁଣାକଟକ ଥାନାରେ ବାପାଙ୍କୁ ପୂର୍ବଶତ୍ରୁତାରୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁରୁଣାକଟକ ଥାନା ପକ୍ଷରୁ ଥାନା କେସ ନଂ ୧୦୧/୨୨ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା ।

ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସୁବାସ ଓ ତାଙ୍କ ପୁଅ ଅସିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା ଜିଲା ଦୌରାଜଜ୍‌ଙ୍କ ଅଦାଲତ (ଏସଟି ୧୦୨/୨୨) ରେ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଥିବା ନେଇ ଅଦାଲତ ଅଭିଯୁକ୍ତ ବାପ ସୁବାସ ଓ ପୁଅ ଅସିତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୬ ମାସ ଅଧିକ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ ।

# ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ



ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି, ଜିଲା ପରିଷଦ ଅଧ୍ୟକ୍ଷ ଓ ଜିଲାପାଳ ପ୍ରମୁଖ ମଞ୍ଚାସୀନ ଅଛନ୍ତି।

**ସୋନପୁର,୨୦।୨(ମୃତ୍ୟୁଞ୍ଜୟ ଶତପଥୀ)**

**ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୋନପୁର କେଭିର ନୂତନ କୋଠା ଉଦ୍‌ଘାଟିତ**

ସୋନପୁର ବ୍ଲକର ପାଣସିଆଲିସ୍ଥିତ ନୂତନ କ୍ୟାମ୍ପସ୍‌ରେ ପ୍ରତିଷ୍ଠା ହୋଇଛି କେନ୍ଦ୍ରୀୟ ବିଦ୍ୟାଳୟ(କେ.ଭି)ର ନୂତନ କୋଠା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁରୁ ଭର୍ଚୁଆଲ ମାଧ୍ୟମରେ ଦେଶର ବିଭିନ୍ନ ପ୍ରକଳ୍ପ ସହିତ ସୋନପୁର କେ.ଭି ବିଦ୍ୟାଳୟର ନୂତନ କୋଠାକୁ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଶିକ୍ଷାର ଆଧୁନିକୀକରଣ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ୧୫ କୋଟି ୫୦ଲକ୍ଷ ବ୍ୟୟରେ ୩ ମହଲା ବିଶିଷ୍ଟ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ହୋଇଛି। ଏଥିରେ ଅତ୍ୟାଧୁନିକ ବିଜ୍ଞାନ ପରୀକ୍ଷାଗାର, ମଲ୍ଟି ପରପଜ ହଲ, ଲାଇବ୍ରେରୀ, ମେଡିକାଲ ରୁମ୍, ସ୍ପୋର୍ଟ୍ସ ରୁମ୍, ଆକ୍ଟିଭିଟିଜ୍ ହଲ ଅଛି। ପ୍ରାୟ ୧ହଜାର ଛାତ୍ରୀଛାତ୍ର ପାଠ ପଢିବା ପାଇଁ ବ୍ୟବସ୍ଥା ରହିଛି। ପ୍ରାୟ ୧୦ ଏକର ପରିମିତ ଅଞ୍ଚଳରେ ବିଦ୍ୟାଳୟ କୋଠା, ଖେଳପଡିଆ, ଅଧ୍ୟକ୍ଷ ଓ ଷ୍ଟାଫ୍ କ୍ୱାଟର୍ସ ନିର୍ମାଣ ହୋଇଛି। ଏହି ଅବସରରେ ବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ, ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲାପାଳ ଅନ୍ୟା ଦାସ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କମିଶନର ଏମ୍ ସ୍ୱାମୀନାଥନ ଓ ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିକ୍ଷାନୁଷ୍ଠାନ ଜିଲାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ଓ ଏଥିପାଇଁ ନୂତନ ଶିକ୍ଷାନୀତି ପ୍ରଣୟନ କରାଯାଇଥିବା ଏମ୍‌ପି ସିଂହଦେଓ କହିଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଳକା ମହାନ୍ତ ଓ ଅଶୋକ ସରଭଙ୍ଗ ସଭା ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

# ଜଳସେଚନ ଡାକବଙ୍ଗଳା କୋଠାର ଶିଳାନ୍ୟାସ

**ସୋନପୁର,୨୦।୨(ମୃତ୍ୟୁଞ୍ଜୟ ଶତପଥୀ)**



ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଶିଳାନ୍ୟାସ କରୁଛନ୍ତି।

ସୁବର୍ଣ୍ଣପୁର ଜଳସେଚନ କଲୋନୀରେ ଏକ ଅତ୍ୟାଧୁନିକ ଡାକ ବଙ୍ଗଳା ନିର୍ମାଣ ହେବ। ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସୋମବାର ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପ୍ରାୟ ୧ କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ୨ ମହଲା ବିଶିଷ୍ଟ ଏହି ଡାକ ବଙ୍ଗଳାରେ ୩ଟି ସୁଟ୍, ୨ଟି ଲନ ଓ ସମ୍ମିଳନୀ କକ୍ଷର ସୁବିଧା ରହିବ ବୋଲି ସୂଚନା ଦିଆଯାଇଛି। ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ତେଲ ଅବବାହିକାର ମୁଖ୍ୟ ଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶାନ୍ତ କୁମାର ବେହେରା, ବଲାଙ୍ଗୀର ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସଞ୍ଜିବ କୁମାର ତ୍ରିପାଠୀ ଓ ସୁବର୍ଣ୍ଣପୁର ତେଲ ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପାଢୀ ଯୋଗଦାନ କରିଥିଲେ। ସୁବର୍ଣ୍ଣପୁର ଜିଲାରେ ଏବେ ଜଳସେଚନ ବିଭାଗ ପକ୍ଷରୁ ଅନେକ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି । ଆଗାମୀ ଦିନରେ ମହାନଦୀର ଗୋଧନେଶ୍ୱର ଓ ଖଇରମାଳରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର ଭଳି ବୃହତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ଖୁବ୍‌ଶୀଘ୍ର ଜିଲାରେ ଜଳସେଚନ ବିଭାଗର ଆଉ ଏକ ନୂଆ ଡିଭିଜନ ପ୍ରତିଷ୍ଠା ହେବାକୁ ଯାଉଛି। ତେଣୁ ବିଭାଗର ବରିଷ୍ଠ ଅଧିକାରୀଙ୍କ ରହଣିର ସୁବିଧା ପାଇଁ ଏହି ଡାକବଙ୍ଗଳା ନିର୍ମାଣ କରାଯିବ ବୋଲି ଜଣାପଡିଛି। ପରେ ସର୍ବୋଚ୍ଚ ଯନ୍ତ୍ରୀ ମହାନ୍ତି କଲୋନୀ ପରିସରରେ ସୌର ଆଲୋକ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଖଗେଶ୍ୱର ରାଉତ, ଇଂ କରେନ୍ଦ୍ର ମାଝୀ, ଇଂ ସଯୋଶ ନାୟକ, ସହକାରୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ପ୍ରଧାନ, ଅନନ୍ତ କୁମାର ନାୟକ, ସମୀର କାନ୍ତ ସିଂ, ମଳୟ ଭୋଇ ଓ ସମ୍ପୂର୍ଣ୍ଣା ସାବତ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀ ନେତା ଦାମୋଦର ଭୋଇଙ୍କ ପରଲୋକ

**ଘଣ୍ଟାପଡ଼ା,୨୦।୨(ପ୍ରଭାତ କୁମାର ସାହୁ)**



ଦାମୋଦର ଭୋଇ(ଫାଇଲ ଫଟୋ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ କୁରୁକୁପା ଗ୍ରାମର ଜଣାଶୁଣା ଆଦିବାସୀ ନେତା ଦାମୋଦର ଭୋଇ(୬୩)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି । ସୋମବାର ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ଗ୍ରାମର ଗୁରୁଦେବ ସା ଓ ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ମେଡ଼ିକାଲକୁ ନେଇଥିଲେ। ପରୀକ୍ଷା ପରେ ବ୍ରେନଷ୍ଟ୍ରୋକ୍ ହୋଇଥିବା ଡାକ୍ତର କହିଥିଲେ। ସ୍ୱର୍ଗତ ଭୋଇ ଛାତ୍ର ଜୀବନରୁ ଜଣେ ଫୁଟବଲ ଖେଳାଳି ଥିଲେ। ମିଷ୍ଟଭାଷୀ, ପରୋପକାରୀ ଥିଲେ। ବିଶ୍ୱ ହିନ୍ଦୁ ପରିଷଦରୁ ନିଜ କ୍ୟାରିୟର ଆରମ୍ଭ କରି ବାଲିଗୁଡ଼ା ନିର୍ବାଚନମଣ୍ଡଳୀରୁ ଭାଜପା ଟିକେଟରୁ ବିଧାୟକ ଭାବେ ଲଢି ପରାଜିତ ହୋଇଥିଲେ। ବର୍ତ୍ତମାନ ସେ ବିଜେଡିର ଆଗଧାଡିର ନେତା ଭାବେ ଜଣାଶୁଣା ଥିଲେ। ଦେଢ଼େନମାଳ ଆଦିବାସୀ ଉନ୍ନୟନ ପରିଷଦର ଉପଦେଷ୍ଟା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କଣ୍ଟାମାଳ ବିଧାୟକ ମହିଧର ରଣା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଶିକ୍ଷାବିତ୍ ନୀଳାଚଳ ଭୋଇ, ସାମାଜିକ କର୍ମୀ ଅଜିତ ସାହୁ, ସୁଶାନ୍ତ ମାଝୀ, ପ୍ରଶାନ୍ତ ରଣା, ନିରଞ୍ଜନ ମଲିକ, ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ଗାଁ ମଶାଣିରେ ଅନ୍ତିମ ସଂସ୍କାର କରାଯାଇଥିଲା । କନିଷ୍ଠ ପୁତ୍ର ମେଘନାଦ ଭୋଇ ମୁଖାଗ୍ନି ଦେଇଥିଲେ।

# ଘଣ୍ଟାପଡ଼ା ଅଞ୍ଚଳର ତିନି କେନ୍ଦ୍ରରେ ୮୦୫ ଜଣ ପରୀକ୍ଷାର୍ଥୀ

**ଘଣ୍ଟାପଡ଼ା,୨୦।୨(ପ୍ରଭାତ କୁମାର ସାହୁ)**




ଘଣ୍ଟାପଡା ହାଇସ୍କୁଲ ପରୀକ୍ଷା କେନ୍ଦ୍ର ।

**■ମାଟ୍ରିକ୍ ପରୀକ୍ଷା ଆରମ୍ଭ**

**■୨୦ ଅନୁପସ୍ଥିତ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ୧ନଂ ଜୋନ ଅଧୀନସ୍ଥ ୩ଟି କେନ୍ଦ୍ରରେ ମଙ୍ଗଳବାର ମୋଟ ୮୨୫ ଜଣ ମାଟ୍ରିକ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୦୫ ପରୀକ୍ଷା ଦେଇଛନ୍ତି। ତିନି କେନ୍ଦ୍ରରେ ମୋଟ ୨୦ ଜଣ ଛାତ୍ରୀଛାତ୍ର କୌଣସି କାରଣ ବଶତଃ ଅନୁପସ୍ଥିତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଘଣ୍ଟାପଡ଼ା ସମଲେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ନୂଆପାଲି ଆଦିବାସୀ ହାଇସ୍କୁଲ ଓ ରିଙ୍ଗାପଡ଼ା ସଦାନନ୍ଦ ହାଇସ୍କୁଲର ମୋଟ ୩୦୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪ ଜଣ, ଆମ୍ବଗାଁ ଜନତା ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ଘଣ୍ଟାପଡ଼ା ହାଇସ୍କୁଲ ଓ ଦିଗୁନମାଲ ହାଇସ୍କୁଲର ମୋଟ ୨୮୧ ଜଣଙ୍କ ମଧ୍ୟରୁ ୫ଜଣ ଏବଂ ନୂଆପାଲି ଆଦିବାସୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଆମ୍ବଗାଁ, ଉମା ଓ ଖୁଣ୍ଟିଗୋରା ହାଇସ୍କୁଲର ମୋଟ ୨୩୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣଙ୍କୁ ମିଶାଇ ମୋଟ ୨୦ ଜଣ ଅନୁପସ୍ଥିତ ରହିଥିଲେ । ଏନେଇ ଘଣ୍ଟାପଡ଼ା ହାଇସ୍କୁଲ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ପୀତବାସ ପଣ୍ଡା, ଆମ୍ବଗାଁ ହାଇସ୍କୁଲ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଶୁକଦେବ ପଣ୍ଡା ଓ ନୂଆପାଲି ହାଇସ୍କୁଲ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଅନନ୍ତ କ୍ଷେତିଙ୍କଠାରୁ ସୂଚନା ମିଳିଛି।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୩ ତାରିଖ: ୧୯।୦୨।୨୦୨୪**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ–ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍–କେଜିପି–୨୦୨୪–୦୩ | ୦୪।୦୩।୨୦୨୪ | ୧୨.୦୦ ଘ. | ୧୫.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1152) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**
**(ଦେବୋତ୍ତର ବିଭାଗ)**

**ନିଲାମ ଇସ୍ତାହାର ସଂଖ୍ୟା ୫୫୦ / ତାରିଖ ତା୧୬।୦୨।୨୦୨୪**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକମାତ୍ର ଭୋଗ ଦୋକାନକୁ ୨୦୨୪–୨୫ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୦।୦୩।୨୦୨୪ରିଖ ଦିବା ଘ.୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ୪୮,୮୪,୨୦୦/– (ଅଠଚାଳିଶ ଲକ୍ଷ ଚଉରାଅଶୀ ହଜାର ଦୁଇଶହ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ଟ୪,୮୮,୪୨୦/– (ଚାରିଲକ୍ଷ ଅଠାଅଶୀ ହଜାର ଚାରିଶହ କୋଡ଼ିଏ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲକରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୦।୦୩।୨୦୨୪ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ ତା୨୦।୦୩।୨୦୨୪ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/– (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇପାରିବେ।

**ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ**
**ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ**

# ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର




ସଚେତନତା ଶିବିରରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ଓ ଅନ୍ୟମାନେ ।

**ବୌଦ୍ଧ,୨୦।୨ (ଅଜିତ କୁମାର ବାରିକ)**

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ମଙ୍ଗଳବାର ଦିନ ହରଭଙ୍ଗା କୋର୍ଟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା ହରଭଙ୍ଗା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷା, ମୋଟର ଦୁର୍ଘଟଣା ଆଇନ, ଏହାର କ୍ଷତିପୂରଣ ଦାବି ଉପରେ ଥିବା ଆଇନର ଦିଗ ଉପରେ ଆଲୋକପାତ କରିଥିଲେ । ଏହାସହ ସଡକ ସୁରକ୍ଷାର ବିଭିନ୍ନ ନିୟମାବଳୀ ଉପରେ ସଚେତନ କରାଯାଇଥିଲା। ଏହି ସଚେତନତା ଶିବିରରେ ହରଭଙ୍ଗା ଓକିଲ ସଂଘର ସଭାପତି ଅକ୍ଷୟ କୁମାର ସାହୁଙ୍କ ସମେତ ଆଇନଜୀବୀମାନେ ଯୋଗ ଦେଇଥିଲେ। କୋର୍ଟ କର୍ମଚାରୀ ପ୍ରଭୁଦତ୍ତ ଛତ୍ରିଆ, ପ୍ରବୀଣ କୁମାର ସାହୁ, ,ରମାକାନ୍ତ ମିର୍ଦ୍ଧା, ସୁମନ୍ତ ପ୍ରଧାନ, ଡେଭଲିନ ପ୍ରିୟଦର୍ଶନୀ, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

**ଅମରପାଲି,୨୦।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସ୍ଥାନୀୟ କଲ୍ୟାଣମଣ୍ଡପରେ ବ୍ଲକସ୍ତରୀୟ ଏମଜିଏନଆରଇଜିଏସ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ । ବୀରମହାରାଜପୁର ବ୍ଲକର ୨୪ ଗୋଟି ପ୍ରକଳ୍ପର ବିଭିନ୍ନ ଦିଗ ଉପରେ ସାମାଜିକ ସମୀକ୍ଷା କରି ରିପୋର୍ଟ ପ୍ରଦାନ କରାଯାଇଥିବା ବେଳେ ଏହାର ଅଗ୍ରଗତି ଓ କାର୍ଯ୍ୟକାରିତା ଉପରେ ସମସ୍ତ ଗ୍ରାମ ପଞ୍ଚାୟତର ଗ୍ରାମପଞ୍ଚାୟତ ଅଧିକାରୀ, ଜେ.ଇ, ଜିଆରଏସ ବିବରଣୀ ପ୍ରଦାନ କରିଥିଲେ । ବୀରମହାରାଜପୁର ବିଡିଓ ରଘୁନାଥ ପାଣିଗ୍ରାହୀ, ସାମାଜିକ ସମୀକ୍ଷା ସଦସ୍ୟ କିଶୋର ହୋତା, ପ୍ରଭଞ୍ଜନ କର୍ମୀ, ଏସସିଏଫ ଅବିନାଶ ବରିହା, ହିଲୁଙ୍ଗ ସମିତି ସଭ୍ୟ ଶୈଳ ରଞ୍ଜନ ବାଦୀ, ସହକାରୀ ଯନ୍ତ୍ରୀ ସନ୍ତୋଷ ପାଲ ମଞ୍ଚାସୀନ ଥିଲେ । ବ୍ଲକ ଅଧିକାରୀ ଚୈତନ୍ୟ ମଲ୍ଲିକ ବିବରଣୀ ପାଠ କରିଥିବା ବେଳେ ବୀରମହାରାଜପୁର ବ୍ଲକ ଅଧିକାରୀ ସୁମିତ ମହାକୁର ସଭା ପରିଚଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ, ବନବିଭାଗ ସମେତ ସମସ୍ତ ଜିଆରଏସ, ଜେଇ, ପିଇଓ, ଭିଆରପି, ଏମ. ବି.କେ, ସିଆରପି, ଶ୍ରମିକ ଯୋଗଦାନ କରିଥିଲେ । ଚମ୍ପାମାଳ ଗ୍ରାମର ବାଞ୍ଛାନିଧି ସେଠୀଙ୍କୁ ଶହେ ଦିନର କାମ ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ମହାଶିବରାତ୍ରି ଉପଲକ୍ଷେ ପ୍ରାକ୍ ପ୍ରସ୍ତୁତି ବୈଠକ

କୁଆଁରମୁଣ୍ଡା,୨୦।୨ (ମହେନ୍ଦ୍ର କୁମାର ସାହୁ)

ଆସନ୍ତା ମାର୍ଚ୍ଚ ୮ରେ ମହାଶିବରାତ୍ରି ପାଳନ କରାଯିବ। ଏନେଇ ସୋମବାର କୁଆଁରମୁଣ୍ଡା ବ୍ଲକ ଚନ୍ଦ୍ରଚୁଡ ମହାଦେବ ସମିତି ପକ୍ଷରୁ ବ୍ଲକ ମିଟିଂ ହଲରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୂର୍ବ ବର୍ଷର ଖର୍ଚ୍ଚ ସମ୍ପର୍କରେ ବିଶଦଭାବେ ଆଲୋଚନା ହୋଇଥିଲା। ପରେ ଚଳିତବର୍ଷ ଶିବରାତ୍ରି ପାଳନ ଓ ଅଷ୍ଟମ ପ୍ରହର ନାମଯଜ୍ଞ ଇତ୍ୟାଦିକୁ କିଭଳି ସୂଚାରୁରୂପେ ସଞ୍ଚାଳନ କରାଯିବ ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇ ସମିତିର ସଦସ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଏହି ବୈଠକ ବିଡ଼ିଓ ଗଙ୍ଗାରାମ ବୁଡେକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର୍, ସରପଞ୍ଚ ରାଜେଶ ହାସଦା,ଏଇଇ ଚୈତନ୍ୟ ହେମ୍ବ୍ରମ,ଏପିଓ ଶ୍ରବଣ ସାହୁଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ,କୁଆଁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଶୁବନରୟାନ ସାହୁ, ମହେଶ୍ୱର ମିଶ୍ର, ଅଜୟ ସାହୁ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିବା ପାଇଁ ସହମତି ପ୍ରଦାନ କରିଥିଲେ।

### ଗ୍ରାମୀଣ ଉପଡାକଘର ଉଦ୍‌ଘାଟନ

ରାଜଗାଙ୍ଗପୁର, ୨୦।୨ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ମୁଖ୍ୟ ଡାକଘର ଅନ୍ତର୍ଗତ କୁଞ୍ଜାମ ଓ ଗୁଠେନବେରନାଠାରେ ମଙ୍ଗଳବାର ଗ୍ରାମୀଣ ଉପ ଡାକଘର ଉଦଘାଟନ କରାଯାଇଛି। ସମ୍ବଲପୁରରୁ ଭରଚୁଆଲ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫିତାକାଟି ଉଦ୍‌ଘାଟନ କରିଥିଲେ। ରାଜଗାଙ୍ଗପୁର ମୁଖ୍ୟଡାକଘର କାର୍ଯ୍ୟରତ ଅଧିକାରୀ ଧ୍ରୁବ ଚରଣ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ଦାସ, ସୁଧରି ପଟେଲ, ଅମିତ ପୂରସେଟଙ୍କ ସମେତ ସମସ୍ତ ଡାକଘର କର୍ମଚାରୀ ଉପସ୍ଥିତ ଥିଲେ।

# ‘କେନ୍ଦ୍ରୀୟ ବିଦ୍ୟାଳୟ ସମୂହର ଭୂମିକା ଅତୁଳନୀୟ’

**କୁତ୍ରା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ**

କୁତ୍ରା, ୨୦।୨ (ଦେବାଶିଷ ସାହୁ)



କୁତ୍ରାଠାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମଞ୍ଚାସୀନ ଅତିଥି।

ସୁନ୍ଦରଗଡ ଜିଲା କୁତ୍ରାଠାରେ ଅବସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ନିମନ୍ତେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଅସ୍ଥାୟୀ ଭାବେ ପରିଚାଳିତ ହେଉଥିବା କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଶେଷ ଅତିଥି ଭାବେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ,ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ। ଏହି ଅବସରରେ ଏମ୍‌ପି ଓରାମ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ମାନର ଶିକ୍ଷା ପ୍ରଦାନରେ ତଥା ସ୍ୱଳ୍ପ ଖର୍ଚ୍ଚରେ ପାଠପଢା ନିମନ୍ତେ କେନ୍ଦ୍ରୀୟ ବିଦ୍ୟାଳୟ ସମୂହର ଭୂମିକା ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ପୂର୍ବତନ ମନ୍ତ୍ରୀ କିଶାନ ଶିକ୍ଷାର ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ସମ୍ଭବପର ହେବ ବୋଲି ପ୍ରକାଶ କରିବା ସହ କେନ୍ଦ୍ର ସରକାର ଓଡିଶାର ସମସ୍ତ ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, ସରପଞ୍ଚ ଭୂବନ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୦ରେ ଏଠାକାର ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ୨୦୧୫ରେ ଏହାର ନିଜସ୍ୱ କ୍ୟାମ୍ପସ କୁତ୍ରା ନିକଟସ୍ଥ ବୁଡାକଟା ଛକ ନିକଟରେ ନିର୍ମାଣ ପାଇଁ ସଙ୍ଗଠନ ପକ୍ଷରୁ ମଞ୍ଜୁରୀ ପାଇଥିବାବେଳେ ବିଭିନ୍ନ କାରଣ ନେଇ ଏହାର ନିର୍ମାଣ ପ୍ରକ୍ରିୟା ଆରମ୍ଭ ବିଳମ୍ବିତ ହୋଇଥିଲା। ଶେଷରେ ୨୦୨୨ରେ ନୂତନ ଭାବେ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇ ୨୫ କୋଟି ଟଙ୍କାରେ ଏହାର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ସହ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଜିର ଏହି ଉତ୍ସବରେ ରାଉରକେଲା କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ସୁଜିତ ରୟ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଉପରେ ସୂଚନା ଦେଇଥିଲେ। କୁତ୍ରା କେ.ଭି ଅଧ୍ୟକ୍ଷ ସିଦ୍ଧାର୍ଥ ଚନ୍ଦନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରିୟବ୍ରତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସୁନ୍ଦରଗଡ଼ କେନ୍ଦ୍ରିୟ ବିଦ୍ୟାଳୟ ଅଧ୍ୟକ୍ଷ ନଭନିତ ଆମଖେରେ ସମେତ ଶିକ୍ଷକ ରାହୁଲ ବର୍ମା, ତ୍ରିଭୁବନ ପାଣିଗ୍ରାହୀ, ଦୀପକ ସାହୁ, ବିପିନ ପ୍ରଧାନ, ଜ୍ୟୋତି କୁମାରୀ ଧୁମା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ବସ୍ତିବାସିନ୍ଦା, ଅଧିକାରୀ ଓ ଜନପ୍ରତିନିଧି।

# ବସ୍ତିବାସିନ୍ଦାଙ୍କ ବିକାଶ ପାଇଁ ସଚେତନତା କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୨୦।୨ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରପରିଷଦ ଦ୍ୱାରା ମଙ୍ଗଳବାର ସହରରେ ଥିବା ୬ ନଂ. ୱାର୍ଡର ବଗିଚାପଡା ଓ ୧୮ ନଂ. ୱାର୍ଡର ଝୋପଡିପଡା ବସ୍ତିବାସିନ୍ଦାଙ୍କୁ ନେଇ ସେମାନଙ୍କ ବିକାଶ ଲାଗି ଏକ ସଚେତନତା ଶିବିର ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପୌରପରିଷଦ ଅଧିକାରୀ ଭିକ୍ଟର ସରେଙ୍ଗ, ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ ପ୍ରମୁଖ ଯୋଗ ଦେଇଥିଲେ। ବସ୍ତିବାସିନ୍ଦାଙ୍କ ବିକାଶ ପାଇଁ ତଥା ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଝୋଟି, ଚିତ୍ରାଙ୍କନ, ନାଚଗୀତ ଇତ୍ୟାଦିର ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା।

## ବନ୍ଧମୁଣ୍ଡା-ରାଉରକେଲା ମୁଖ୍ୟ ରାସ୍ତାର ମରାମତି ପାଇଁ ୨୧ ଲକ୍ଷ ଅନୁଦାନ

ବନ୍ଧମୁଣ୍ଡା,୨୦।୨ (ସୁବ୍ରତ ଦେ)

ବନ୍ଧମୁଣ୍ଡା-ରାଉରକେଲା ମୁଖ୍ୟ ରାସ୍ତାର ଖରାପ ଅବସ୍ଥା ବର୍ତ୍ତମାନ ଅଞ୍ଚଳର ଲୋକଙ୍କ ପାଇଁ ଅଭିଶାପଠାରୁ କମ ନୁହେଁ। ପ୍ରତ୍ୟେକ ଦିନ ଏହି ବିପଜ୍ଜନକ ରାସ୍ତାରେ ଲୋକମାନେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେବା ସହିତ ଆହତ ମଧ୍ୟ ହେଉଛନ୍ତି। ଏଭଳି ପରିସ୍ଥିତିରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଭଙ୍ଗା ରାସ୍ତାର ମରାମତି କାର୍ଯ୍ୟ ପାଇଁ ୨୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହି ଖବର ପାଇବା ପରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି। ଲୋକଙ୍କ ଏକ ପ୍ରମୁଖ ସମସ୍ୟାକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ଅଞ୍ଚଳର ଲୋକେ ବିଜେଡି ଯୁବକର୍ମୀ ରାଉଲକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହିତ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଏହା ପୂର୍ବରୁ ମଧ୍ୟ ଏହି ରାସ୍ତା ପାଇଁ ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ।

## ସୁନ୍ଦରଗଡ଼ ସହରରେ କୋଶଳ ରଥ ପରିକ୍ରମା



କୋଶଳ ରଥ ପରିକ୍ରମା ଉଦ୍‌ଯାପନୀରେ ଉପସ୍ଥିତ କର୍ମକର୍ତ୍ତା।

ସୁନ୍ଦରଗଡ଼,୨୦।୨ (ଜୟନାରାୟଣ ମେଣ୍ଢୁଲି)

କୋଶଳ ରାଜ୍ୟ ଦାବିରେ ଗତ ୨୩ ଜାନୁଆରୀ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ସ୍ଥାନ ଖିଣ୍ଡାରୁ ଆରମ୍ଭ ହୋଇଥିବା କୋଶଳ ରଥ ପରିକ୍ରମା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ରଥ ମଙ୍ଗଳବାର ସୁନ୍ଦରଗଡ଼ ସହର ପରିକ୍ରମା କରିଥିଲା। ଏହି ଅବସରରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଛକରେ କୋଶଳ ସମାଜର ମହାସଚିବ ଦିଲୀପ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କୋଶଳ ସେନା ଉପସଭାପତି ଗଣେଶ ମଶାରୀ, ତରଣୀ ଭୋଇ, ଅନୀଲ ସିଂ, ପାଉଲ ମେହେର ପ୍ରମୁଖ ଏହି କୋଶଳ ରଥ ପରିକ୍ରମାର ଉଦ୍ଦେଶ୍ୟ ଓ ଜନସାଧାରଣଙ୍କ ସମର୍ଥନ ନେଇ ଧନ୍ୟବାଦ ଜଣାଇଥିଲେ। ସେହିପରି ରଙ୍ଗାଢ଼ିପା ଛକ, ରିଜେଣ୍ଟ ମାର୍କେଟ ଛକ, ବସଷ୍ଟାଣ୍ଡ, ଡିଆରଡିଏ ଛକ ଓ ଶଙ୍କରାଠାରେ ସାଧାରଣ ସଭା ହୋଇଥିଲା। କୋଶଳ ଅଞ୍ଚଳ ଧନଶାଳୀ ହୋଇଥିଲେ ମଧ୍ୟ ପ୍ରତ୍ୟେକ ସ୍ତରରେ ଅବହେଳିତ କରାଯାଉଛି। କୋଶଳ ଅଞ୍ଚଳରୁ ସଂଗୃହିତ ରାଜସ୍ୱକୁ ଆଧାର କରି ଅଲଗା କୋଶଳ ବଜେଟ୍ ସାଙ୍ଗକୁ ଶୋଷଣ ମୁକ୍ତ, ଦୁର୍ନୀତି ମୁକ୍ତ, ବେରୋଜଗାର ମୁକ୍ତ, ଗରିବୀ ମୁକ୍ତ, ନିଶା ମୁକ୍ତ ,ପ୍ରଦୂଷଣ ମୁକ୍ତ କୋଶଳ ରାଜ୍ୟ ଗଠନ କରାଯିବ। ଏଥିପାଇଁ ସମସ୍ତେ କୋଶଳ ଆନ୍ଦୋଳନରେ ସାମିଲ ହେବା ପାଇଁ କୋଶଳ ସମାଜ ମହାସଚିବ ଆହ୍ୱାନ ଦେଇଥିଲେ।

## ତହସିଲ ସମ୍ମୁଖରେ ଧାରଣା ଜାରି




କୁଆଁରମୁଣ୍ଡା,୨୦।୨ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକର ସମସ୍ତ ରାଜସ୍ୱ ନୀରିକ୍ଷକ ଓ ପରିଦର୍ଶକଙ୍କ ୬ ଦଫା ଦାବି ପୂରଣ ନେଇ ତହସିଲ ସମ୍ମୁଖରେ ଚାଲିଥିବା ଧାରଣା ଜାରି ରଖିଛନ୍ତି। ରାଜ୍ୟ ରାଜସ୍ୱ ସଂଘ ଡାକରାରେ ସୋମବାରଠାରୁ ରାଜ୍ୟର ବିଭିନ୍ନ ତହସିଲରେ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରି ଏହି ଆନ୍ଦୋଳନରେ ବସିଛନ୍ତି। କୁଆଁରମୁଣ୍ଡା ତହସିଲରେ ରାଜସ୍ୱ ପରିଦର୍ଶକ ବେଣୁଧର ବେହେରା, ରାଜସ୍ୱ ନୀରିକ୍ଷକ ମାନସୀ ସାହୁ, ସସ୍ମିତା ନାୟକ, ଶୁଭକାନ୍ତ ମିଶ୍ର, ଯୋଶୀ ଜସ୍ମିନ ଜେନା, ଗୌତମ ଓରାମ, ଲକ୍ଷ୍ମୀଧର ଦାସ, ରଜତ ଖାଲଖୋଙ୍କ ସହ ସହକାରୀ ରାଜସ୍ୱ ନିରୀକ୍ଷକ ନିର୍ମଳ କୁମାର ପଟେଲ, ଅକ୍ରୁର ମକର, ସୁମିତ୍ରା ମୁଣ୍ଡା, କଲ୍ୟାଣୀ ଶତପଥୀ ପ୍ରମୁଖ ଏହି ଧାରଣାରେ ବସି ଅନଶନ ଜାରି ରଖିଛନ୍ତି।

# ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଆରମ୍ଭ

ସୁନ୍ଦରଗଡ,୨୦।୨ (ଜୟ ନାରାୟଣ ମେଣ୍ଢୁଲି)

**ପ୍ରଥମ ଦିନରେ ୩୬୫ ପରୀକ୍ଷାର୍ଥୀ ଅନୁପସ୍ଥିତ**

ଚଳିତବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଜିଲାରେ ଏହି ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଆ ରହିଥିଲା। ନିର୍ଦ୍ଧାରିତ ସମୟରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ପହଞ୍ଚିବା ପରେ କଡା ଯାଞ୍ଚ ପରେ ଭିତରକୁ ଯାଇଥିଲେ। ମୋଟ ୨୪୭୦୪ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ହେଲେ ପ୍ରଥମ ଦିବସରେ ୨୪୩୩୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୩୬୫ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ମଧ୍ୟମାରେ ୧୪ଜଣ ପରୀକ୍ଷା ଦେଇଥିବାବେଳେ ଏସଓଏସସି ୩୧୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭୭ ଜଣ ପରୀକ୍ଷା ଦେଇଛନ୍ତି। ଏଥିରେ ୩୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି।



ସୁନ୍ଦରଗଡ଼ ଭବାନୀଶଙ୍କର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ପରୀକ୍ଷାର୍ଥୀମାନେ ବାହାରୁଛନ୍ତି।

# ବାବା ଆଖଣ୍ଡଳମଣି ମନ୍ଦିରର ବାର୍ଷିକ ଉତ୍ସବ

ଲହୁଣୀପଡ଼ା,୨୦।୨ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲୋନୀ ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିରର ୨୨ତମ ଜନ୍ମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଘଟ ଉତ୍ତୋଳନ ଅଧିବାସ ଯଜ୍ଞ କରାଯାଇଥିଲା। ମଙ୍ଗଳବାର ସକାଳୁ ପୂଜାର୍ଚ୍ଚନା କରିବା ସହିତ ରୁଦ୍ରଯଜ୍ଞ, ଅଖଣ୍ଡ ଯଜ୍ଞ, ରୁଦ୍ରାଭିଷେକ, ଦଶଭୁଜା ଦୁର୍ଗାଦେବୀ ଓ ରାମଲାଲା, ମା' ତାରିଣୀ, ଜଗନ୍ନାଥ, ଶନିଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବରେ ହୃଦାନନ୍ଦ ସାହୁ ଓ ତାଙ୍କ ସ୍ତ୍ରୀ ସୁଜାତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୁଣନିଧି ମିଶ୍ର, କମଳେସ ମିଶ୍ର, ପିଣ୍ଟୁ ନନ୍ଦ, କରୁଣାକର ପଣ୍ଡା, ଅକ୍ଷୟ କୁମାର ପଣ୍ଡା ଯଜ୍ଞ ସଞ୍ଚାଳନ କରିଥିଲେ। ଚତୁର୍ଥ ପ୍ରହର ନାମଯଜ୍ଞରେ କେନାପଲି, ଥେଣ୍ଟେଇପୋଷ, କପଣ୍ଡ, ଲହୁଣୀପଡ଼ା ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ସନ୍ଧ୍ୟାରେ



କୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରୁଛନ୍ତି।

ପୂର୍ଣ୍ଣାହୁତି ଯଜ୍ଞ ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଦିନ ତମାମ ଅନ୍ନଭୋଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିମଳେନ୍ଦୁ ଦଳ ବେହେରା, ସନ୍ତୋଷ ଭୂୟାଁ, ବିନୋଦ ସା,ଦୁର୍ଯ୍ୟୋଧନ ବେହେରା, କୃଷ୍ଣଚନ୍ଦ୍ର ଜେନା, ପ୍ରଦୀପ ଜୟସ୍ୱାଲ, ବାପି ଖଟୁଆ, ମଣ୍ଟୁ ଜୟସ୍ୱାଲ, ପ୍ରଶାନ୍ତ କୁମାର ସାହୁ, ରାଜେଶ ଜୟସ୍ୱାଲ, ଜୟ କୁମାର ମହାପାତ୍ର, ଗୌତମ ସୋନାର, ଟୁକୁ ଜୟସ୍ୱାଲ, ଚୈତନ୍ୟ ମାରାଣ୍ଡି, ନୃସିଂହ ଚରଣ ବରାଳଙ୍କ ସମେତ କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୩ ତାରିଖ: ୧୯।୦୨।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼୍‌ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୩ | ୦୪।୦୩।୨୦୨୪ | ୧୨.୦୦ ଘ. | ୧୫.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-1152) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼୍‌ଗପୁର

ଦକ୍ଷିଣ ପୂର୍ବ ରେଳପଥ

ହର୍ଷର ସହିତ ଆମେ ସେବାରତ

**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**

**(ଦେବୋତ୍ତର ବିଭାଗ)**

ନିଲାମ ଇସ୍ତାହାର ସଂଖ୍ୟା ୫୫୦ / ତାରିଖ ତା୧୬।୦୨।୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକମାତ୍ର ଭୋଗ ଦୋକାନକୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୦।୦୩।୨୦୨୪ରିଖ ଦିବା ଘ.୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ୪୮,୮୪,୨୦୦/- (ଅଠଚାଳିଶ ଲକ୍ଷ ଚଉରାଅଶୀ ହଜାର ଦୁଇଶହ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ଟ୪,୮୮,୪୨୦/- (ଚାରିଲକ୍ଷ ଅଠାଅଶୀ ହଜାର ଚାରିଶହ କୋଡ଼ିଏ ଟଙ୍କା) ମାତ୍ର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲକରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୦।୦୩।୨୦୨୪ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ ତା୨୦।୦୩।୨୦୨୪ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇପାରିବେ।

ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ

ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ

# ରତନପୁର ପଞ୍ଚାୟତରେ ବଢୁଛି ଉତ୍ତେଜନା

ସୁନ୍ଦରଗଡ଼,୨୦।୨ (ଜୟନାରାୟଣ ମେଣ୍ଢୁଲି)



**ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଲେ ଗ୍ରାମବାସୀ**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ରତନପୁର ପଞ୍ଚାୟତର ରତନପୁର, ବାଲିଝୁରି ଓ ଲେମଲେମା ଗ୍ରାମର ଚାଷ ଉପଯୋଗୀ ପ୍ରାୟ ୮୪ ଏକର ଜମି ଗତ୨୦୦୪ମସିହାରେ ଏକ କମ୍ପାନୀ ଆଇରନ ସ୍ପଞ୍ଜ କାରଖାନା ପାଇଁ ଗ୍ରାମବାସୀଙ୍କ ଠାରୁ କିଣିଥିଲା।

ଏହି ଜମି କିଣିବା ସମୟରେ ଏହି କମ୍ପାନୀ ପକ୍ଷରୁ ଗ୍ରାମବାସୀଙ୍କ ସହିତ ଏକ ଚୁକ୍ତି ହୋଇଥିଲା। ଯେଉଁ ଥିରେ ପ୍ରତ୍ୟେକ ପରିବାରରୁ ପିଲାଙ୍କୁ ଚାକିରି ସହିତ ପ୍ରଦୂଷଣ ଯେପରି ନ ହେବ ସେହି ଦିଗରେ କାମ କରିବ। କିନ୍ତୁ ୨୦୨୪ ଜାନୁଆରୀ ପର୍ଯ୍ୟନ୍ତ କମ୍ପାନୀ ସେହି ଜମିଗୁଡିକ ନିଜ ଅଧୀନରେ ନେଇ ଥିଲା ନା କୌଣସି କାରଖାନା ତିଆରି କରି ଲୋକଙ୍କୁ ଚାକିରି ଦେଇଥିଲା। କିନ୍ତୁ ଗତ ସପ୍ତାହରେ ଯୋର୍ ଜବରଦସ୍ତି ଗ୍ରାମକୁ ଆସି ଜମିକୁ ନିଜ ଅଧୀନରେ ନେବାକୁ ଚେଷ୍ଟା କରିବାରୁ ଗ୍ରାମବାସୀ ଓ କମ୍ପାନୀ ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ଗ୍ରାମବାସୀ ଏହାକୁ ନେଇ ସଦରଥାନା ଓ ଟାଙ୍ଗରପାଲି ତହସିଲରେ ପ୍ରଥମେ ଅଭିଯୋଗ ଦେଇଥିଲେ ଓ ୧୭ତାରିଖରେ ସଦର ଉପଜିଲାପାଳଙ୍କ ପାଖକୁ ଯାଇ ଯୁବ ନେତା ଡାକ୍ତର ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଗ୍ରାମବାସୀ ଏକ ଅଭିଯୋଗପତ୍ର ଦେଇଥିଲେ।

ଏହାକୁ ନେଇ ମଙ୍ଗଳବାର ପୁଣି ଡାକ୍ତର ଷଡ଼ଙ୍ଗୀ ଗ୍ରାମବାସୀଙ୍କ ସହିତ ଜିଲାପାଳ ଡାକ୍ତର ଗାଭାଲି ପରାଗ ହର୍ଷଦଙ୍କୁ ସାକ୍ଷାତ କରି କହିଥିଲେ। କମ୍ପାନୀ ନିଜ ଚୁକ୍ତି ମୁତାବକ କାମ କରି ନ ଥିବାରୁ ଜମିର ମାଲିକାନା ହରାଇଛି। ଯେହେତୁ କମ୍ପାନୀ ୨୦ ବର୍ଷ ଧରି ଜମି ନିଜ ଅଧୀନରେ ନେଇ ନ ଥିଲା ଓ ଲୋକେ ଏହି ଜମିରେ ଶାନ୍ତିପୂର୍ବକ ଓ କୌଣସି ବିରୋଧାଭାସ ନ ଥାଇ ଦଖଲରେ ଥିଲେ। ଏମାନେ ସେହି ଜମିର ମାଲିକ ଆଗ ଭଳିଆ ଅଛନ୍ତି ସେମାନେ ହିଁ ପ୍ରକୃତ ମାଲିକ। କମ୍ପାନୀ ଚୁକ୍ତିରୁ ଓହରି ଯାଇଥିବାରୁ ଓ ଏବେ ଅନ୍ୟ କିଛି ବ୍ୟକ୍ତିଙ୍କୁ ଓ ଇବ ନଦୀ କୂଳରେ ହେବାକୁ ଥିବା ରିଙ୍ଗ ରୋଡ ଜମି ଅଧିଗ୍ରହଣରେ ବେଶୀ ମୂଲ୍ୟରେ ଜମି ବିକ୍ରି କରିବାକୁ ଚେଷ୍ଟାକରି ଗୁଣ୍ଡା ପଠାଇ ଲୋକଙ୍କୁ ଭୟଭୀତ କରୁଥିବାରୁ ଯଦି କିଛି ଦୁର୍ଘଟଣା ହୁଏ ତାହେଲେ ସଦର ତହସିଲ ଓ କମ୍ପାନୀ ମାଲିକ ଦାୟୀ ହେବେ ବୋଲି ଡାକ୍ତର ଷଡଙ୍ଗୀ କହିଥିଲେ ଓ ଶୀଘ୍ର ଲୋକଙ୍କ ନାଁରେ ଜମି ପଟ୍ଟା ଫେରସ୍ତ ପାଇଁ ଦାବି କରିଥିଲେ।

## ଜମେରାରେ ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜା

ବ୍ରଜରାଜନଗର,୨୦।୨ (ବିଜୟ ବରାଡ଼)

ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ଗଣ୍ଡଘୋରା ଗୁଡି ଆୟୋଜକ ସମିତିର ସଂଯୋଜନାରେ ଜମେରାଠାରେ ଦୁଇଦିନ ଧରି ଗୋଁଣ୍ଡମାନଙ୍କ ଆରାଧ୍ୟ ଦେବତା ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଲଖନପୁର ବ୍ଲକ ଜୟବୁଡିଆଠାରୁ ଜଙ୍ଘା ବଡଦେଓ ବିଜେ କରି ଗ୍ରାମ ପରିକ୍ରମା କରିଥିଲେ। ଏହି ପୂଜାରେ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲା ସଭାପତି ଡମ୍ବରୁଧର ନାଏକ, ମହାସଚିବ ଶ୍ୟାମଲାଲ ନାଏକ, ଗଣ୍ଡଘୋରା ଗୁଡି ସଭାପତି ଲଳିତ ମୋହନ ଭୋଇ, ସମ୍ପାଦକ ବଳରାମ ମାଝି, ଲଖନପୁର ବ୍ଲକ ସମ୍ପାଦକ ଅଭିନ ଚନ୍ଦ୍ର ମାଝି, ଅଶୋକ ମାଝି, ସମଡା ଗୁଡି ସମ୍ପାଦକ ଯଦୁମଣୀ ଧୁରୁଆ, ଲୋଇସିଂହ ଗୁଡି ସମ୍ପାଦକ ହେମନ୍ତ ଧୁରୁଆ, ଲପଙ୍ଗା ଗୁଡି ସଭାପତି ପଦ୍ମନ ନେଟି ଯୋଗଦେଇଥିଲେ।

## ସଂକ୍ଷେପରେ

### ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଦେବଗଡ଼, ୨୦।୨(ଶଶାଙ୍କ ଶେଖର ଝାଙ୍କର): ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ (ଓଡିଆର୍‌ଏସ)ମାନଙ୍କର କ୍ୟାଡର ପୁନର୍ଗଠନ ସମେତ ବିଭିନ୍ନ ଦାବିରେ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ(କଲମଛାଡ)ଆନ୍ଦୋଳନ ଆରମ୍ଭ ହୋଇଛି। ମଙ୍ଗଳବାର ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, ଦେବଗଡ ଜିଲା ଶାଖା ସଭାପତି ହିମାଂଶୁ ଗୁରୁଙ୍କ ନେତୃତ୍ୱରେ ଦେବଗଡ଼ ତହସିଲ ଅଧିନସ୍ଥ କ୍ଷେତ୍ର ଅଧିକାରୀ ମାନେ କାର୍ଯ୍ୟବନ୍ଦ କରିବାସହ ଦେବଗଡ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ସମୟରେ ଦାବି କରାଯାଉଥିଲେ ହେଁ ଦାବି ପୂରଣ ନେଇ ସରକାରଙ୍କ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସଂଘର ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଅବିଳମ୍ବେ ଦାବି ପୂରଣ ନିମନ୍ତେ ସଂଘ ପକ୍ଷରୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ନିକଟରେ ଦାବି କରାଯିବାସହ ଦାବି ପୂରଣ ନ ହେଲେ କଲମ ଛାଡ ଆନ୍ଦୋଳନ ପାଇଁ ଲିଖିତ ଚେତାବନୀ ଦିଆଯାଇଥିଲା । ଅନୁରୂପ ଭାବେ ଏନେଇ ଦେବଗଡ ଜିଲାପାଳଙ୍କୁ ମଧ୍ୟ ସୂଚନା ଦିଆଯାଇଥିଲା । ମାତ୍ର ଦାବି ପୂରଣ ନ ହେବାରୁ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ନିଷ୍ପତି ଅନୁଯାୟୀ ସଂଘର ଦେବଗଡ ଶାଖା ପକ୍ଷରୁ ମଧ୍ୟ କଲମ ଛାଡ ଆନ୍ଦୋଳନ କରାଯିବାସହ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା ଓ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

### ଗ୍ରାମୀଣ ଉପଡାକଘର ଉଦଘାଟନ

ରାଜଗାଙ୍ଗପୁର, ୨୦।୨(ଅଶୋକ ପାଣି): ରାଜଗାଙ୍ଗପୁର ମୁଖ୍ୟ ଡାକଘର ଅନ୍ତର୍ଗତ କୁଞ୍ଜାମ ଓ ଗୁଟେନେବେରନାଠାରେ ମଙ୍ଗଳବାର ଗ୍ରାମୀଣ ଉପ ଡାକଘର ଉଦଘାଟନ କରାଯାଇଛି। ସମ୍ବଲପୁରରୁ ଭରଚୁଆଲ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫିତାକାଟି ଉଦ୍‌ଘାଟନ କରିଥିଲେ।

# ‘କେନ୍ଦ୍ରୀୟ ବିଦ୍ୟାଳୟ ସମୂହର ଭୂମିକା ଅତୁଳନୀୟ’

**କୁତ୍ରା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ**

କୁତ୍ରା, ୨୦।୨(ଦେବାଶିଷ ସାହୁ)



କୁତ୍ରାଠାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମଞ୍ଚାସୀନ ଅତିଥି।

ସୁନ୍ଦରଗଡ ଜିଲା କୁତ୍ରାଠାରେ ଅବସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ନିମନ୍ତେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଅସ୍ଥାୟୀ ଭାବେ ପରିଚାଳିତ ହେଉଥିବା କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଶେଷ ଅତିଥି ଭାବେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ,ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ। ଏହି ଅବସରରେ ଏମ୍‌ପି ଓରାମ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ମାନର ଶିକ୍ଷା ପ୍ରଦାନରେ ତଥା ସ୍ୱଳ୍ପ ଖର୍ଚ୍ଚରେ ପାଠପଢା ନିମନ୍ତେ କେନ୍ଦ୍ରୀୟ ବିଦ୍ୟାଳୟ ସମୂହର ଭୂମିକା ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ପୂର୍ବତନ ମନ୍ତ୍ରୀ କିଶାନ ଶିକ୍ଷାର ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ସମ୍ଭବପର ହେବ ବୋଲି ପ୍ରକାଶ କରିବା ସହ କେନ୍ଦ୍ର ସରକାର ଓଡିଶାର ସମସ୍ତ ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, ସରପଞ୍ଚ ଭୁବନ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୦ରେ ଏଠାକାର ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ୨୦୧୫ରେ ଏହାର ନିଜସ୍ୱ କ୍ୟାମ୍ପସ କୁତ୍ରା ନିକଟସ୍ଥ ବୁଡାକଟା ଛକ ନିକଟରେ ନିର୍ମାଣ ପାଇଁ ସଙ୍ଗଠନ ପକ୍ଷରୁ ମଞ୍ଜୁରୀ ପାଇଥିବାବେଳେ ବିଭିନ୍ନ କାରଣ ନେଇ ଏହାର ନିର୍ମାଣ ପ୍ରକ୍ରିୟା ଆରମ୍ଭ ବିଳମ୍ବିତ ହୋଇଥିଲା। ଶେଷରେ ୨୦୨୨ରେ ନୂତନ ଭାବେ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇ ୨୫ କୋଟି ଟଙ୍କାରେ ଏହାର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ସହ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଜିର ଏହି ଉତ୍ସବରେ ରାଉରକେଲା କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ସୁଜିତ ରୟ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଉପରେ ସୂଚନା ଦେଇଥିଲେ। କୁତ୍ରା କେ.ଭି ଅଧ୍ୟକ୍ଷ ସିଦ୍ଧାର୍ଥ ଚନ୍ଦନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରିୟବ୍ରତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସୁନ୍ଦରଗଡ଼ କେନ୍ଦ୍ରିୟ ବିଦ୍ୟାଳୟ ଅଧ୍ୟକ୍ଷ ନଭନିତ ଆମଖରେ ସମେତ ଶିକ୍ଷକ ରାହୁଲ ବର୍ମା, ତ୍ରିଭୁବନ ପାଣିଗ୍ରାହୀ, ଦୀପକ ସାହୁ, ବିପିନ ପ୍ରଧାନ, ଜ୍ୟୋତି କୁମାରୀ ଧୁମା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଦେବଗଡ଼, ୨୦।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଟାପାଲି ଗ୍ରାମ ପଞ୍ଚାୟତ ଡ଼ିମିରପୋଷି ଆଶ୍ରମ ସ୍କୁଲର ୭୫ବର୍ଷ ପୂର୍ତ୍ତି ଅବସରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ଡୋମନ ଏକ୍କା, କାଳିଆପାଳ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ ବେହେରା, କଣ୍ଟାପାଲି କ୍ଲଷ୍ଟରର ସିଆରସିସି ପ୍ରଦୀପ କୁମାର ପ୍ରଧାନ, ସ୍କୁଲ ପରିଚାଳନା ସମିତି ସଭାନେତ୍ରୀ ସୁମିତା ମୁଣ୍ଡା ଓ ପୂର୍ବତନ ସଭାପତି ରାଜେଶ କୁମାର ପ୍ରଧାନ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ଚୁନା ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦେହୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ଶିକ୍ଷକ କ୍ଷୀରୋଦ ବିହାରୀ ପ୍ରଧାନ, ରଞ୍ଜିତ କୁମାର ପ୍ରଧାନ ଓ ଶିକ୍ଷୟିତ୍ରୀ ମମତା ବେହେରା ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ବସ୍ତିବାସିନ୍ଦା, ଅଧିକାରୀ ଓ ଜନପ୍ରତିନିଧି।

## ବନ୍ଧମୁଣ୍ଡା-ରାଉରକେଲା ମୁଖ୍ୟ ରାସ୍ତାର ମରାମତି ପାଇଁ ୨୧ ଲକ୍ଷ ଅନୁଦାନ

ବନ୍ଧମୁଣ୍ଡା,୨୦।୨(ସୁବ୍ରତ ଦେ)

ବନ୍ଧମୁଣ୍ଡା-ରାଉରକେଲା ମୁଖ୍ୟ ରାସ୍ତାର ଖରାପ ଅବସ୍ଥା ବର୍ତ୍ତମାନ ଅଞ୍ଚଳର ଲୋକଙ୍କ ପାଇଁ ଅଭିଶାପଠାରୁ କମ ନୁହେଁ। ପ୍ରତ୍ୟେକ ଦିନ ଏହି ବିପଜ୍ଜନକ ରାସ୍ତାରେ ଲୋକମାନେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେବା ସହିତ ଆହତ ମଧ୍ୟ ହେଉଛନ୍ତି। ଏଭଳି ପରିସ୍ଥିତିରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଭଙ୍ଗା ରାସ୍ତାର ମରାମତି କାର୍ଯ୍ୟ ପାଇଁ ୨୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହି ଖବର ପାଇବା ପରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି। ଲୋକଙ୍କ ଏକ ପ୍ରମୁଖ ସମସ୍ୟାକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ଅଞ୍ଚଳର ଲୋକେ ବିଜେଡି ଯୁବକର୍ମୀ ରାଉଲକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହିତ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଏହା ପୂର୍ବରୁ ମଧ୍ୟ ଏହି ରାସ୍ତା ପାଇଁ ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ।

## ନୂତନ ଡାକଘର ଉଦ୍‌ଘାଟିତ



ଦେବଗଡ଼, ୨୦।୨(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅନ୍ତର୍ଗତ ଟୁସୁଳା ଓ ଔତଳ ଗ୍ରାମରେ ୨ଗୋଟି ନୂତନ ଡାକଘର ଉଦଘାଟିତ ହୋଇଯାଇଛି। ଦେବଗଡ଼ ମୁଖ୍ୟ ଡାକଘରଠାରେ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ମଜଭୁତ କରିବା ଦିଗରେ ଡାକଘରଗୁଡ଼ିକର ଅଗ୍ରଣୀ ଭୂମିକା ରହିବ ବୋଲି ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ନୂତନ ଡାକଘର ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଲୋକେ ଘର ପାଖରେ ଡାକ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ପାଇ ପାରିବେ। ପ୍ରତି ୫ କିଲୋମିଟର ଭିତରେ ଡାକ ସେବା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଦେବଗଡ ଜିଲାରେ ଏହି ଦୁଇଟି ଡାକଘର ଆରମ୍ଭ କରାଯାଇଛି।

## ବସ୍ତିବାସିନ୍ଦାଙ୍କ ବିକାଶ ପାଇଁ ସଚେତନତା କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୨୦।୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରପରିଷଦ ଦ୍ୱାରା ମଙ୍ଗଳବାର ସହରରେ ଥିବା ୬ ନଂ. ୱାର୍ଡର ବଗିଚାପଡା ଓ ୧୮ ନଂ. ୱାର୍ଡର ଝୋପଡିପଡା ବସ୍ତିବାସିନ୍ଦାଙ୍କୁ ନେଇ ସେମାନଙ୍କ ବିକାଶ ଲାଗି ଏକ ସଚେତନତା ଶିବିର ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପୌରପରିଷଦ ଅଧିକାରୀ ଭିକ୍ଟର ସରେଙ୍ଗ, ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ ପ୍ରମୁଖ ଯୋଗ ଦେଇଥିଲେ। ବସ୍ତିବାସିନ୍ଦାଙ୍କ ବିକାଶ ପାଇଁ ତଥା ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଝୋଟି, ଚିତ୍ରାଙ୍କନ, ନାଚଗୀତ ଇତ୍ୟାଦିର ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା।

## ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଆରମ୍ଭ

ସୁନ୍ଦରଗଡ,୨୦।୨(ଜୟ ନାରାୟଣ ମେଣ୍ଟୁଲି)

**ପ୍ରଥମ ଦିନରେ ୩୬୫ ପରୀକ୍ଷାର୍ଥୀ ଅନୁପସ୍ଥିତ**

ଚଳିତବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଜିଲାରେ ଏହି ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଆ ରହିଥିଲା। ନିର୍ଦ୍ଧାରିତ ସମୟରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ପହଞ୍ଚିବା ପରେ କଡା ଯାଞ୍ଚ ପରେ ଭିତରକୁ ଯାଇଥିଲେ। ମୋଟ ୨୪୭୦୪ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ହେଲେ ପ୍ରଥମ ଦିବସରେ ୨୪୩୩୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୩୬୫ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ମଧ୍ୟମାରେ ୧୪ଜଣ ପରୀକ୍ଷା ଦେଇଥିବାବେଳେ ଏସଓଏସସି ୩୧୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭୭ ଜଣ ପରୀକ୍ଷା ଦେଇଛନ୍ତି। ଏଥିରେ ୩୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି।



ସୁନ୍ଦରଗଡ଼ ଭବାନୀଶଙ୍କର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ପରୀକ୍ଷା ଦେଇ ସାରି ପରୀକ୍ଷାର୍ଥୀମାନେ ବାହାରୁଛନ୍ତି।

## ବାବା ଆଖଣ୍ଡଳମଣି ମନ୍ଦିରର ବାର୍ଷିକ ଉତ୍ସବ

ଲହୁଣୀପଡ଼ା,୨୦।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲୋନୀ ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିରର ୨୨ତମ ଜନ୍ମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଘଟ ଉତ୍ତୋଳନ ଅଧିବାସ ଯଜ୍ଞ କରାଯାଇଥିଲା। ମଙ୍ଗଳବାର ସକାଳୁ ପୂଜାର୍ଚ୍ଚନା କରିବା ସହିତ ରୁଦ୍ରଯଜ୍ଞ, ଅଖଣ୍ଡ ଯଜ୍ଞ, ରୁଦ୍ରାଭିଷେକ, ଦଶଭୁଜା ଦୁର୍ଗାଦେବୀ ଓ ରାମଲାଲା, ମା' ତାରିଣୀ, ଜଗନ୍ନାଥ, ଶନିଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବରେ ହୃଦାନନ୍ଦ ସାହୁ ଓ ତାଙ୍କ ସ୍ତ୍ରୀ ସୁଜାତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୁଣନିଧି ମିଶ୍ର, କମଳେସ ମିଶ୍ର, ପିଣ୍ଟୁ ନନ୍ଦ, କରୁଣାକର ପଣ୍ଡା, ଅକ୍ଷୟ କୁମାର ପଣ୍ଡା ଯଜ୍ଞ ସଞ୍ଚାଳନ କରିଥିଲେ। ଚତୁର୍ଥ ପ୍ରହର ନାମଯଜ୍ଞରେ କେନାପଲି, ଥେଣ୍ଟେଇପୋଷ, କପଣ୍ଡ, ଲହୁଣୀପଡ଼ା ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ସନ୍ଧ୍ୟାରେ



କୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରୁଛନ୍ତି।

ପୂର୍ଣ୍ଣାହୁତି ଯଜ୍ଞ ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଦିନ ତମାମ ଅନ୍ନଭୋଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିମଳେନ୍ଦୁ ଦଳ ବେହେରା, ସନ୍ତୋଷ ଭୂୟାଁ, ବିନୋଦ ସା,ଦୁର୍ଯ୍ୟୋଧନ ବେହେରା, କୃଷ୍ଣଚନ୍ଦ୍ର ଜେନା, ପ୍ରଦୀପ ଜୟସ୍ୱାଲ, ବାପି ଖଟୁଆ, ମଣ୍ଟୁ ଜୟସ୍ୱାଲ, ପ୍ରଶାନ୍ତ କୁମାର ସାହୁ, ରାଜେଶ ଜୟସ୍ୱାଲ, ଜୟ କୁମାର ମହାପାତ୍ର, ଗୌତମ ସୋନାର, ଟୁକୁ ଜୟସ୍ୱାଲ, ଚୈତନ୍ୟ ମାରାଣ୍ଡି, ନୃସିଂହ ଚରଣ ବରାଳଙ୍କ ସମେତ କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୩ ତାରିଖ: ୧୯।୦୨।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୩ | ୦୪।୦୩।୨୦୨୪ | ୧୨.୦୦ ଘ. | ୧୫.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1152) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**
**(ଦେବୋତ୍ତର ବିଭାଗ)**

ନିଲାମ ଇସ୍ତାହାର ସଂଖ୍ୟା ୫୫୦ / ତାରିଖ ତା୧୬।୦୨।୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକମାତ୍ର ଭୋଗ ଦୋକାନକୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୦।୦୩।୨୦୨୪ରିଖ ଦିବା ଘ.୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ୪୮,୮୪,୨୦୦/- (ଅଠଚାଳିଶ ଲକ୍ଷ ଚଉରାଅଶୀ ହଜାର ଦୁଇଶହ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ଟ୪,୮୮,୪୨୦/- (ଚାରିଲକ୍ଷ ଅଠାଅଶୀ ହଜାର ଚାରିଶହ କୋଡ଼ିଏ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲକରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୦।୦୩।୨୦୨୪ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ ତା୨୦।୦୩।୨୦୨୪ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇପାରିବେ।

ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ

# ରତନପୁର ପଞ୍ଚାୟତରେ ବଢୁଛି ଉତ୍ତେଜନା

ସୁନ୍ଦରଗଡ଼,୨୦।୨(ଜୟନାରାୟଣ ମେଣ୍ଟୁଲି)



**ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଲେ ଗ୍ରାମବାସୀ**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ରତନପୁର ପଞ୍ଚାୟତର ରତନପୁର, ବାଲିଝୁରି ଓ ଲେମଲେମା ଗ୍ରାମର ଚାଷ ଉପଯୋଗୀ ପ୍ରାୟ ୮୪ ଏକର ଜମି ଗତ୨୦୦୪ମସିହାରେ ଏକ କମ୍ପାନୀ ଆଇରନ ସ୍ପଞ୍ଜ କାରଖାନା ପାଇଁ ଗ୍ରାମବାସୀଙ୍କ ଠାରୁ କିଣିଥିଲା।

ଏହି ଜମି କିଣିବା ସମୟରେ ଏହି କମ୍ପାନୀ ପକ୍ଷରୁ ଗ୍ରାମବାସୀଙ୍କ ସହିତ ଏକ ଚୁକ୍ତି ହୋଇଥିଲା। ଯେଉଁ ଥିରେ ପ୍ରତ୍ୟେକ ପରିବାରରୁ ପିଲାଙ୍କୁ ଚାକିରି ସହିତ ପ୍ରଦୂଷଣ ଯେପରି ନ ହେବ ସେହି ଦିଗରେ କାମ କରିବ। କିନ୍ତୁ ୨୦୨୪ ଜାନୁଆରୀ ପର୍ଯ୍ୟନ୍ତ କମ୍ପାନୀ ସେହି ଜମିଗୁଡିକ ନିଜ ଅଧୀନରେ ନେଇ ଥିଲା ନା କୌଣସି କାରଖାନା ତିଆରି କରି ଲୋକଙ୍କୁ ଚାକିରି ଦେଇଥିଲା। କିନ୍ତୁ ଗତ ସପ୍ତାହରେ ଯୋର୍ ଜବରଦସ୍ତି ଗ୍ରାମକୁ ଆସି ଜମିକୁ ନିଜ ଅଧୀନରେ ନେବାକୁ ଚେଷ୍ଟା କରିବାରୁ ଗ୍ରାମବାସୀ ଓ କମ୍ପାନୀ ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ଗ୍ରାମବାସୀ ଏହାକୁ ନେଇ ସଦରଥାନା ଓ ଟାଙ୍ଗରପାଲି ତହସିଲରେ ପ୍ରଥମେ ଅଭିଯୋଗ ଦେଇଥିଲେ ଓ ୧୭ତାରିଖରେ ସଦର ଉପଜିଲାପାଳଙ୍କ ପାଖକୁ ଯାଇ ଯୁବ ନେତା ଡାକ୍ତର ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଗ୍ରାମବାସୀ ଏକ ଅଭିଯୋଗପତ୍ର ଦେଇଥିଲେ ।

ଏହାକୁ ନେଇ ମଙ୍ଗଳବାର ପୁଣି ଡାକ୍ତର ଷଡ଼ଙ୍ଗୀ ଗ୍ରାମବାସୀଙ୍କ ସହିତ ଜିଲାପାଳ ଡାକ୍ତର ଗାଭାଲି ପରାଗ ହର୍ଷଦଙ୍କୁ ସାକ୍ଷାତ କରି କହିଥିଲେ। କମ୍ପାନୀ ନିଜ ଚୁକ୍ତି ମୁତାବକ କାମ କରି ନ ଥିବାରୁ ଜମିର ମାଲିକାନା ହରାଇଛି। ଯେହେତୁ କମ୍ପାନୀ ୨୦ ବର୍ଷ ଧରି ଜମି ନିଜ ଅଧୀନରେ ନେଇ ନ ଥିଲା ଓ ଲୋକେ ଏହି ଜମିରେ ଶାନ୍ତିପୂର୍ବକ ଓ କୌଣସି ବିରୋଧାଭାସ ନ ଥାଇ ଦଖଲରେ ଥିଲେ। ଏମାନେ ସେହି ଜମିର ମାଲିକ ଆଗ ଭଳିଆ ଅଛନ୍ତି ସେମାନେ ହିଁ ପ୍ରକୃତ ମାଲିକ। କମ୍ପାନୀ ଚୁକ୍ତିରୁ ଓହରି ଯାଇଥିବାରୁ ଓ ଏବେ ଅନ୍ୟ କିଛି ବ୍ୟକ୍ତିଙ୍କୁ ଓ ଇବ ନଦୀ କୂଳରେ ହେବାକୁ ଥିବା ରିଙ୍ଗ ରୋଡ ଜମି ଅଧିଗ୍ରହଣରେ ବେଶୀ ମୂଲ୍ୟରେ ଜମି ବିକ୍ରି କରିବାକୁ ଚେଷ୍ଟାକରି ଗୁଣ୍ଡା ପଠାଇ ଲୋକଙ୍କୁ ଭୟଭୀତ କରୁଥିବାରୁ ଯଦି କିଛି ଦୁର୍ଘଟଣା ହୁଏ ତାହେଲେ ସଦର ତହସିଲ ଓ କମ୍ପାନୀ ମାଲିକ ଦାୟୀ ହେବେ ବୋଲି ଡାକ୍ତର ଷଡଙ୍ଗୀ କହିଥିଲେ ଓ ଶୀଘ୍ର ଲୋକଙ୍କ ନାଁରେ ଜମି ପଟ୍ଟା ଫେରସ୍ତ ପାଇଁ ଦାବି କରିଥିଲେ।

## ଜମେରାରେ ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜା

ବ୍ରଜରାଜନଗର,୨୦।୨(ବିଜୟ ବରାଡ଼)

ଅଖିଳ ଭାରତୀୟ ଗୋଁଣ୍ଡଓନା ଗୋଁଣ୍ଡ ମହାସଭା ଗଣ୍ଡଘୋରା ଗୁଡି ଆୟୋଜକ ସମିତିର ସଂଯୋଜନାରେ ଜମେରାଠାରେ ଦୁଇଦିନ ଧରି ଗୋଁଣ୍ଡମାନଙ୍କ ଆରାଧ ଦେବତା ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଲଖନପୁର ବ୍ଲକ ଜୟବୁଡିଆଠାରୁ ଜଙ୍ଘା ବଡଦେଓ ବିଜେ କରି ଗ୍ରାମ ପରିକ୍ରମା କରିଥିଲେ। ଏହି ପୂଜାରେ ଅଖିଳ ଭାରତୀୟ ଗୋଁଣ୍ଡଓନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲା ସଭାପତି ଡମ୍ବରୁଧର ନାଏକ, ମହାସଚିବ ଶ୍ୟାମଲାଲ ନାଏକ, ଗଣ୍ଡଘୋରା ଗୁଡି ସଭାପତି ଲଳିତ ମୋହନ ଭୋଇ, ସମ୍ପାଦକ ବଳରାମ ମାଝି, ଲଖନପୁର ବ୍ଲକ ସମ୍ପାଦକ ଅଭିନ ଚନ୍ଦ୍ର ମାଝି, ଅଶୋକ ମାଝି, ସମଡା ଗୁଡି ସମ୍ପାଦକ ଯଦୁମଣୀ ଧୁରୁଆ, ଲୋଇସିଂହ ଗୁଡି ସମ୍ପାଦକ ହେମନ୍ତ ଧୁରୁଆ, ଲପଙ୍ଗା ଗୁଡି ସଭାପତି ପଦ୍ମନ ନେଟି ଯୋଗଦେଇଥିଲେ।





# ସବୁଠି 'ଲକ୍ଷ୍ମୀ'

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସୋମବାର ସୁବର୍ଣ୍ଣପୁର, କଟକ, ଝାରସୁଗୁଡା, କନ୍ଧମାଳ ଏବଂ ସମ୍ବଲପୁର ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହାକୁ ମିଶାଇ ମୋଟ ୨୫ଜିଲାରେ ଲକ୍ଷ୍ମୀ ବସ୍ ଗଡ଼ିଥିବାବେଳେ ବୁଧବାର ଆଉ ୫ଜିଲାରେ ଗଡ଼ିବା ପରେ ସାରା ରାଜ୍ୟରେ ଲକ୍ଷ୍ମୀ ଏହାର ପଦଚିହ୍ନ ଛାଡ଼ିବ। ଏହି ବସ୍ କେବଳ ଗ୍ରାମାଞ୍ଚଳ ଲୋକମାନଙ୍କୁ ସହର ସହିତ ଯୋଡ଼ି ନାହିଁ, ବରଂ ଏହା ଲୋକମାନଙ୍କ ଜୀବନଶୈଳୀରେ ବେଶ୍ ପରିବର୍ତ୍ତନ ଆଣିପାରିଛି। ପୂର୍ବରୁ ଉତ୍ତମ ଗମନାଗମନର ସୁବିଧା ନ ଥିବାରୁ ଗୋଟିଏ ଗ୍ରାମାଞ୍ଚଳରୁ ବ୍ଲକ ମୁଖ୍ୟାଳୟ ଏବଂ ଜିଲା ସଦରମହକୁମାକୁ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରି କି ଘରୋଇ ଗାଡ଼ି କରି ଯିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନ ଥିଲା। ମାତ୍ର ଲକ୍ଷ୍ମୀ ବସ୍ ଗଡ଼ିବା ଦ୍ୱାରା ଘର ପାଖରୁ ଲୋକମାନେ ସ୍ୱଳ୍ପମୂଲ୍ୟରେ ବସ୍ ଯାତ୍ରା କରି ନିଜର ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରିପାରୁଛନ୍ତି। ମହିଳା ଓ ଛାତ୍ରୀଛାତ୍ରମାନେ ମାତ୍ର ୫ଟଙ୍କାରେ ଯାତ୍ରା କରିପାରୁଥିବାବେଳେ ଅନ୍ୟମାନେ ୧୦ଟଙ୍କାରେ ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରୁଛନ୍ତି। ଲକ୍ଷ୍ମୀ ବସ୍ ଆମ ଜୀବନ ଯାତ୍ରାକୁ ସହଜ କରିବା ସହ ଘରେ ଘରେ ସମୃଦ୍ଧି ଆଣିପାରିଛି। ଲୋକଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦିଏ, ମୋ ସରକାରର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ। ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।





ଲୋକଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦିଏ, ମୋ ସରକାରର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ। ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇପାରିଛି।
- ନବୀନ ପଟ୍ଟନାୟକ,
ମୁଖ୍ୟମନ୍ତ୍ରୀ





## ଯୁଗାନ୍ତକାରୀ ପଦକ୍ଷେପ

ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ଯୋଜନା ଏକ ବୈପ୍ଳବିକ ଓ ଯୁଗାନ୍ତକାରୀ ପଦକ୍ଷେପ। ଆମ ରାଜ୍ୟର ପ୍ରଗତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହାଦ୍ୱାରା ଆମ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, କୃଷିକ୍ଷେତ୍ର, ଆର୍ଥିକ ତଥା ଅନ୍ୟାନ୍ୟ କ୍ଷେତ୍ରରେ ପ୍ରଗତି ଆଣିପାରିଛି। ଲକ୍ଷ୍ମୀ ବସ୍ ଯୋଜନା କେବଳ ପରିବହନ କ୍ଷେତ୍ର ନୁହେଁ ବରଂ ଏକାଧିକ କ୍ଷେତ୍ରରେ ଏହାର ଅବଦାନ ରହିବ। ବସ୍‌ର ପରିଚାଳନା କାର୍ଯ୍ୟ ସ୍ୱୟଂସହାୟକ ଗୋଷ୍ଠୀକୁ ଦିଆଯାଇ ମହିଳା ସଶକ୍ତୀକରଣକୁ ପ୍ରାଧାନ୍ୟ ଦିଆଯାଇଛି।



## ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇଲା 'ଲକ୍ଷ୍ମୀ'

ଲକ୍ଷ୍ମୀ ବସ୍ ସେବା ସବୁ ବର୍ଗର ଲୋକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଶେଷକରି ପରୀକ୍ଷା ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିଛି। ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକର ପର୍ଲିମାଲ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପୂର୍ବରୁ ବିଦ୍ୟାଳୟକୁ ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରି କି ବସ୍ ସୁବିଧା ନ ଥିବାରୁ ଠିକ୍ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପାରୁ ନ ଥିଲେ। ଲକ୍ଷ୍ମୀ ବସ୍ ଚଳାଚଳ ହେବାରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ସହଜରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପାରି ପରୀକ୍ଷା ଦେଇପାରିଛନ୍ତି।

**ସୁବର୍ଣ୍ଣପୁର ଜିଲା**
ପଞ୍ଚାୟତ- ୧୦୨
ବସ୍ ଚଳାଚଳ- ୫୮
ଉପକୃତ ହେବେ- ୫.୭୩ଲକ୍ଷ ଲୋକ

**କଟକ ଜିଲା**
ପଞ୍ଚାୟତ- ୨୬୧
ବସ୍ ଚଳାଚଳ- ୪୮
ଉପକୃତ ହେବେ- ୧୮.୩୭ଲକ୍ଷ ଲୋକ

**ଝାରସୁଗୁଡ଼ା ଜିଲା**
ପଞ୍ଚାୟତ- ୭୬
ବସ୍ ଚଳାଚଳ- ୧୬
ଉପକୃତ ହେବେ- ୫.୬୨ଲକ୍ଷ ଲୋକ

**କନ୍ଧମାଳ ଜିଲା**
ପଞ୍ଚାୟତ- ୧୬୪
ବସ୍ ଚଳାଚଳ- ୫୨
ଉପକୃତ ହେବେ- ୭.୦୩ଲକ୍ଷ ଲୋକ

**ସମ୍ବଲପୁର ଜିଲା**
ପଞ୍ଚାୟତ- ୯୭
ବସ୍ ଚଳାଚଳ- ୩୧
ଉପକୃତ ହେବେ- ୭.୨୮ଲକ୍ଷ ଲୋକ



## ବିକାଶର ଅନ୍ୟ ନାମ 'ଲକ୍ଷ୍ମୀ'

ରାଜ୍ୟର ବିକାଶ ତଥା ଗ୍ରାମାଞ୍ଚଳ ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଲକ୍ଷ୍ମୀ ବସ୍। ଏହା ଗ୍ରାମାଞ୍ଚଳକୁ ସହର ସହିତ ଯୋଡ଼ି ଗମନାଗମନ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିଶେଷକରି ଆର୍ଥିକ ବିକାଶ ସହିତ ପର୍ଯ୍ୟଟନ ବିକାଶରେ ଏହା ବେଶ୍ ସହାୟକ ହୋଇପାରିଛି। ଇତିମଧ୍ୟରେ ୨୫ଜିଲାରେ ଏହି ବସ୍ ଗଡ଼ିଥିବାବେଳେ ବୁଧବାର ଫେବୃଆରୀ ୨୧ତାରିଖରେ ବାକି ୫ ଜିଲା ଯଥା ବାଲେଶ୍ୱର, ନୂଆପଡ଼ା, ବୌଦ୍ଧ, ଗଞ୍ଜାମ ଏବଂ ଜଗତ୍‌ସିଂହପୁରରେ ଶୁଭାରମ୍ଭ ହେବ। ଲକ୍ଷ୍ମୀ ବସ୍ ବିଶେଷକରି ମହିଳା, ସ୍କୁଲ, କଲେଜ ଛାତ୍ରୀଛାତ୍ର, ଚାଷୀ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଯାତାୟାତର ପ୍ରମୁଖ ମାଧ୍ୟମ ପାଲଟିଛି। ୫–ଟି କେବଳ ଗମନାଗମନ ନୁହେଁ, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି – ସବୁ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆଣିପାରିଛି। ଏକ ମନ୍ତ୍ର ନୁହେଁ, ମ୍ୟାଜିକ ଭାବରେ ଓଡ଼ିଶାର ରୂପାନ୍ତରରେ କାମ କରିଛି।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୧/୨୦୨୪ Bhubaneswar, Wednesday, February 21/ 2024

# ମାର୍ଚ୍ଚ ୨୨ରୁ ଆଇପିଏଲ୍

## ନିର୍ବାଚନ ସତ୍ତ୍ୱେ ଭାରତରେ ହେବ ଟୁର୍ନାମେଣ୍ଟ

ନୂଆଦିଲ୍ଲୀ,୨୦।୨(ପି.ଟି.)

ବିଶ୍ୱ କ୍ରିକେଟର ଧନଶାଳୀ ଟି୨୦ ଲିଗ୍ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ)ର ୧୬ ତମ ସଂସ୍କରଣ ଆସନ୍ତା ମାର୍ଚ୍ଚ ୨୨ ତାରିଖରୁ ଆରମ୍ଭ ହେବ। ମଙ୍ଗଳବାର ଆଇପିଏଲ୍ ଲିଗ୍ ଚେୟାରମ୍ୟାନ୍ ଅରୁଣ କୁମାର ଧୂମଲ ଏହି ସୂଚନା ଦେଇଛନ୍ତି। ସମାନ ସମୟରେ ଦେଶବ୍ୟାପୀ ଲୋକ ସଭା ନିର୍ବାଚନ ହେବାକୁ ଥିବାବେଳେ ଆଇପିଏଲ ଏହାର ପୂର୍ବ ଫର୍ମାଟ(ହୋମ ଓ ଆୱେ)ରେ ଖେଳାଯିବ। ସେହିପରି ଆରମ୍ଭରୁ କେବଳ ପ୍ରଥମ ୧୫ ଦିନର କାର୍ଯ୍ୟସୂଚୀ ପ୍ରକାଶ ପାଇବ। ପରେ ନିର୍ବାଚନକୁ ଦୃଷ୍ଟିରେ ରଖି ପରବର୍ତ୍ତୀ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବ ବୋଲି ଧୂମଲ କହିଛନ୍ତି। ସାଧାରଣ ନିର୍ବାଚନ ସତ୍ତ୍ୱେ ଭାରତରେ ହିଁ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଖେଳାଯିବ ବୋଲି ସେ କହିଛନ୍ତି। ବିଭିନ୍ନ ସରକାରୀ ଏଜେନ୍ସିମାନଙ୍କ ସହିତ ଆଲୋଚନା ପରେ ମାର୍ଚ୍ଚ



ଅରୁଣ କୁମାର ଧୂମଲ

୨୨ ତାରିଖରେ ଟୁର୍ନାମେଣ୍ଟ ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଥିବା ଧୂମଲ କହିଛନ୍ତି। ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ମଧ୍ୟରେ ହିଁ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଆଇପିଏଲର ୧୬ତମ ସଂସ୍କରଣ ହୋଇଥିବା ବେଳେ ପୂର୍ବରୁ ୨ ଥର ନିର୍ବାଚନ ପାଇଁ ଆଇପିଏଲ ଭାରତ ବାହାରେ ଅନୁଷ୍ଠିତ ହୋଇଛି। ୨୦୦୯ ସାଧାରଣ ନିର୍ବାଚନ ସମୟରେ ସମୁଦାୟ ଆଇପିଏଲ ଦକ୍ଷିଣ ଆଫ୍ରିକାରେ ଖେଳା ଯାଇଥିବା ବେଳେ ୨୦୧୪ ସାଧାରଣ ନିର୍ବାଚନ ସମୟରେ ଟୁର୍ନାମେଣ୍ଟର ପ୍ରଥମ ଚରଣ ୟୁଏଇରେ ଖେଳାଯାଇଥିଲା ଓ ଦ୍ୱିତୀୟ ଚରଣ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହା ବ୍ୟତୀତ କୋଭିଡ୍ କାରଣରୁ ୨୦୨୦ ସଂସ୍କରଣର ଆଇପିଏଲ ମଧ୍ୟ ୟୁଏଇରେ ଅନୁଷ୍ଠିତ ହୋଇଥିଲା। ତେବେ ୨୦୧୯ରେ ମଧ୍ୟ ସାଧାରଣ ନିର୍ବାଚନ ସହ ସମାନ ସମୟରେ ଆଇପିଏଲ୍ ଆୟୋଜିତ ହୋଇଥିଲା। ଆଇପିଏଲ୍ ପରେ ଟି୨୦ ବିଶ୍ୱକପ ରହିଥିବା ବେଳେ ମେ' ୨୬ରେ କିମ୍ବା ପୂର୍ବରୁ ହିଁ ଆଇପିଏଲ୍ ଫାଇନାଲ ମ୍ୟାଚ୍ ଖେଳାଯିବ। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତ ଜୁନ୍ ୫ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବ। ସେହିପରି ଆଇପିଏଲ୍‌ର ଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟ ଦଳ ଚେନ୍ନାଇ ସୁପର କିଙ୍ଗ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଡିସେମ୍ବର ୨୦୨୩ରେ ହୋଇଥିବା ମିନି ଅକ୍ସନ୍‌ରେ ଆଇପିଏଲ୍ ଇତିହାସର ମହଙ୍ଗା ଖେଳାଳି ଭାବରେ ମିଚେଲ୍ ଷ୍ଟାର୍କଙ୍କୁ ୨୪.୭୫ କୋଟି ଟଙ୍କାରେ କିଣିଥିଲା କୋଲକାତା ନାଇଟ ରାଇଡର୍ସ।

## ସ୍ନେହା ସୋରେନଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର, ୨୦।୨
(ତପନ ସ୍ୱାଇଁ)

ଅରୁଣାଚଳ ପ୍ରଦେଶର ଇଟାନଗରସ୍ଥିତ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଇନ୍‌ଡୋର ହଲ୍‌ରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଭାରୋତ୍ତୋଳନ ଇଭେଣ୍ଟରେ ଓଡ଼ିଶାର ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସ୍ନେହା ଏହି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ମହିଳା ୫୫ କେଜି ବର୍ଗରେ ଏହି ସଫଳତା ପାଇଛନ୍ତି। ସେ ମୋଟ ୧୭୨ (ସ୍ନାଚ୍-୭୫, କ୍ଲିନ୍ ଆଣ୍ଡ ଜର୍କ-୯୭) କେଜି ଉତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ କିଟ୍ ପକ୍ଷରୁ ପଦକ ଖାତା ଖୋଲିଛନ୍ତି। ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟରୁ ମୋଟ ୫୧ ଆଥଲେଟ ଓ ୧୧ ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିଛନ୍ତି।

# ପ୍ରତ୍ୟାଶା ରାୟଙ୍କୁ ୪ ପଦକ

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ



ପଦକ ସହ ପ୍ରତ୍ୟାଶା ରାୟ।

ଭୁବନେଶ୍ୱର,୨୦।୨(ସରୋଜ ଜେନା)

ଆସାମର ଗୁଆହାଟୀରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ପ୍ରତ୍ୟାଶା ରାୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ମଙ୍ଗଳବାର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବରୁ ପ୍ରତ୍ୟାଶା ସୋମବାର ଦୁଇଟି ସ୍ୱର୍ଣ୍ଣ ଜିତିଥିଲେ। ମଙ୍ଗଳବାର ସେ ୨୦୦ ମିଟର ବ୍ୟାକ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୪x-୧୦୦ ମିଟର ମେଡଲି ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୦ ମିଟର ବ୍ୟାକ ଷ୍ଟ୍ରୋକ୍‌ରେ ସେ ୨:୩୦.୯୫ ସେକେଣ୍ଡର ସମୟ ନେଇଥିଲେ। ଅନ୍ୟପକ୍ଷରେ ମେଡଲେ ଇଭେଣ୍ଟରେ ୫:୨୮.୮୦ ସେକେଣ୍ଡର ସମୟ ନେଇଥିଲେ। ପୂର୍ବରୁ ସେ ୪୦୦ ମିଟର ଫ୍ରିଷ୍ଟାଇଲ ଏବଂ ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣପଦକ ଜିତିଥିଲେ।


ପଞ୍ଚକୁଲାରେ ଚାଲିଥିବା ପ୍ରୋ କବାଡ଼ି ଲିଗ୍‌ରେ ମଙ୍ଗଳବାର ତେଲୁଗୁ ଟାଇଟନ୍ସ ଓ ୟୁ ମୁମ୍ବା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ତେଲୁଗୁ ଟାଇଟନ୍ସ-ୟୁ ମୁମ୍ବା ମ୍ୟାଚ ଡ୍ର'

## ପ୍ରୋ-କବାଡ଼ି ଲିଗ୍

ପଞ୍ଚକୁଲା, ୨୦।୨ (ପି.ଟି.)

ଚଳିତ ପ୍ରୋ-କବାଡ଼ି ସିଜନ ୧୦ରେ ମଙ୍ଗଳବାର ୟୁ ମୁମ୍ବା ଓ ତେଲୁଗୁ ଟାଇଟନ୍ସ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ ୪୫-୪୫ରେ ରୋମାଞ୍ଚକ ଡ୍ର ଭାବେ ଶେଷ ହୋଇଛି। ତେଲୁଗୁ ଟାଇଟନ୍ସ ଅଧିନାୟକ ପୱନ ଶେରାୱତ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ୨୪ ରେଡ୍ ପଏଣ୍ଟ ଅର୍ଜନ କରିଥିବା ବେଳେ ୟୁ. ମୁମ୍ବାର ଆମିରମହମ୍ମଦ ଜାଫରଦାନେଶ ଦଳ ପାଇଁ ୧୧ ପଏଣ୍ଟ ଆଣି ଦେଇଛନ୍ତି। ଶିବାଂଶଙ୍କୁ ପଛରେ ପକାଇ ପୱନ ତୃତୀୟ ଖେଳାଳି ଭାବେ ୨୦୦ ରେଡ୍ ପଏଣ୍ଟ ମାଇଲଖୁଣ୍ଟ ଅତିକ୍ରମ କରିବାର ଗୌରବ ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ପ୍ରୋ-କବାଡ଼ି ଲିଗ୍‌ରେ ଶ୍ରେଷ୍ଠ ୬ଟି ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଛନ୍ତି। ସେଗୁଡ଼ିକ ହେଲା ପୁନେରୀ ପଲ୍‌ଟନ, ଜୟପୁର ପିଙ୍କ ପାନ୍ଥର୍ସ, ଦବଙ୍ଗ ଦିଲ୍ଲୀ କେ.ସି, ଗୁଜରାଟ ଜାଏଣ୍ଟସ୍, ହରିୟାଣା ଷ୍ଟିଲର୍ସ ଓ ପାଟ୍‌ନା ପାଇରେଟ୍ସ।

# ନାନ୍ଦାଲ ଜିତିଲେ ୪ର୍ଥ ରାକେଟ୍‌ଲନ ଓପନ

ନୂଆଦିଲ୍ଲୀ, ୨୦।୨ (ପି.ଟି.)

ବିକ୍ରମାଦିତ୍ୟ ଚୌଫ୍ଲାଙ୍କ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ବିଜୟ ପରେ ସିଦ୍ଧାର୍ଥ ନାନ୍ଦାଲ ମୁମ୍ବାଇରେ ଅନୁଷ୍ଠିତ ଚତୁର୍ଥ ରାକେଟ୍‌ଲନ ଓପନ ଏଲିଟ ସିଙ୍ଗଲ୍ସ ଇଭେଣ୍ଟ ଜିତିଛନ୍ତି। ନାନ୍ଦାଲ ଓ ଚୌଫ୍ଲା ମଧ୍ୟରେ 'ଏ' କାଟେଗୋରି ଫାଇନାଲ ୱିଲିଂଡନ୍ କ୍ୟାଥୋଲିକ୍ ଜିମ୍‌ଖାନାରେ ଖେଳାଯାଇଥିଲା। ଏଥିରେ ନାନ୍ଦାଲ ୨୧-୨୩, ୨୧-୧୬, ୨୧-୯, ୭-୩ରେ ବିଜୟୀ ହୋଇଥିଲେ। ଉଭୟ ନାନ୍ଦାଲ ଓ ଚୌଫ୍ଲା ଏକାଧିକ ଥର ୱାର୍ଲ୍ଡ ରାକେଟ୍‌ଲନ ଚାମ୍ପିୟନଶିପ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିଛନ୍ତି। ଚୌଫ୍ଲା ହେଉଛନ୍ତି ଜଣେ ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳି। ୱାର୍ଲ୍ଡ ୟୁନିଭର୍ସିଟି ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ଭାରତରୁ ପ୍ରତିନିଧିତ୍ୱ କରିଛନ୍ତି। ରାକେଟ୍‌ଲନ ହେଉଛି ଏକ କମ୍ବିନେଶନ ସ୍ପୋର୍ଟ୍ସ।




Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors, Ph- 6372753989.
WT.5683.2024ODI


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ